
୬୪ତମ ବର୍ଷ ୨୪ ଏପ୍ରିଲ ୨୦୨୧ ଦ୍ୱିତୀୟ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨



1952

O Lord, Thou hast decided to test the quality of our faith and to pass our sincerity on Thy touch stone. Grant that we come out greater and purer from the ordeal.

1952

O Lord, Thou hast decided to test the quality of our faith and to pass our sincerity on Thy touch stone. Grant that we come out greater and purer from the ordeal.

The Mother

୬୪ତମ ବର୍ଷ ୨୪ ଏପ୍ରିଲ ୨୦୨୧ ଦ୍ୱିତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

## ସୂଚୀପତ୍ର

[ନବଜ୍ୟୋତି • ଏପ୍ରିଲ, ୨୦୨୧]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୫ |
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | ... | ୬ |
| ମଣିଷ ଶୁଦ୍ଧ ସୁବର୍ଣ୍ଣ ହେବ କେବେ ? | ... | ଶ୍ରୀଅରବିନ୍ଦ | ... | ୯ |
| ନୂତନ ଚେତନାର ଆବଶ୍ୟକତା | ... | ଶ୍ରୀମା | ... | ୧୧ |
| ଶାରୀରିକ ଅସୁସ୍ଥତା ଓ ଆରୋଗ୍ୟର ବାଟ (ଶ୍ରୀମା'ଙ୍କ ସଙ୍ଗେ ପ୍ରଶ୍ନୋତ୍ତର) | ... | ... | ... | ୧୩ |
| ନିୟତି ଓ ରହସ୍ୟୋଦ୍‌ଘାଟନ | ... | ଶ୍ରୀମା | ... | ୧୫ |
| ଆଧ୍ୟାତ୍ମିକ ଶକ୍ତି | ... | ଶ୍ରୀଅରବିନ୍ଦ | ... | ୧୬ |
| ଶ୍ରୀମା'ଙ୍କ ପାଇଁ କର୍ମ ମାଧ୍ୟମରେ ସାଧନା | ... | ଶ୍ରୀଅରବିନ୍ଦ | ... | ୧୯ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୨ |
| ଏହି ମହତୀ ପୃଥିବୀ ଆମ୍ଭମାନଙ୍କର ମାତା (''ମାତା ପୃଥିବୀ ମହୀୟମ୍'' – ଋଗ୍‌ବେଦ) | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୨୬ |
| ଅତ୍ରିଋଷିଗଣଙ୍କ ସୂକ୍ତମାଳା (ପ୍ରାକ୍‌କଥନ - ୧) | ... | ଶ୍ରୀଅରବିନ୍ଦ | ... | ୩୦ |
| ଚତୁର୍ଥ ଭୂମି | ... | ଶ୍ରୀ ପ୍ରପତ୍ତି | ... | ୩୨ |
| ଧର୍ମର ବିସ୍ମୃତ ଉତ୍ସ : ଆଧ୍ୟାତ୍ମିକତା | ... | ଶ୍ରୀ ମନୋଜ ଦାସ | ... | ୩୬ |
| ଏକ ମହାନ୍ ବ୍ୟକ୍ତିତ୍ୱଙ୍କ ସ୍ମରଣେ ... | ... | ଶ୍ରୀ ଗଦାଧର ମିଶ୍ର | ... | ୩୯ |
| ମନୋଜ ଦାସଙ୍କ ସହ କିଛି ଅନ୍ତରଙ୍ଗ ପ୍ରଶ୍ନୋତ୍ତର | ... | ଶ୍ରୀମତୀ ମମତା ଦାଶ | ... | ୪୧ |
| ଶାଶ୍ୱତ ସୃଷ୍ଟି ''ଅମୃତଫଳ'' | ... | ଶ୍ରୀ ବିମଳ ପ୍ରସନ୍ନ ଦାସ | ... | ୪୫ |
| ମରମୀ ସାଧକ ମନୋଜ ଦାସ | ... | ଜୟନ୍ତୀ ତ୍ରିପାଠୀ | ... | ୪୯ |

**ସାଧନା-ପରମ୍ପରା**

| | | | | |
|---|---|---|---|---|
| ଅଶ୍ୱଘୋଷଙ୍କ ବୁଦ୍ଧଚରିତ (୭) | ... | ... | ... | ୫୧ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ମା'ଙ୍କ ଗୁହ୍ୟବିଦ୍ୟା ଶିକ୍ଷା ଓ ତେଓଁ ଦମ୍ପତି | ... | ଶ୍ରୀମତୀ ମମତା ଦାଶ | ... | ୫୫ |
| ସଂପାଦକୀୟ | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୬୦ |


❖

# ପ୍ରାର୍ଥନା

WHEN physical conditions are a little difficult and some discomfort follows, if one knows how to surrender completely before Thy will, caring little for life or death, health or illness, the integral being enters immediately into harmony with Thy law of love and life, and all physical indisposition ceases giving place to a calm well-being, deep and peaceful. ...

But the supreme science, O Lord, is to unite with Thee, to trust in Thee, to live in Thee, to be Thyself; and then nothing is any longer impossible to a man who manifests Thy omnipotence. ...

(MCW, Vol. 1, P. 101) – The Mother

ଯେଉଁ ମୁହୂର୍ତ୍ତରେ ଶାରୀରିକ ଅବସ୍ଥା କିଛି କଷ୍ଟକର ବୋଧହୁଏ ଏବଂ ପରିଣାମରେ ଅସ୍ୱସ୍ତି ଦେଖାଦିଏ, ଯଦି ସେହି ମୁହୂର୍ତ୍ତରେ ଜୀବନ ବା ମୃତ୍ୟୁ, ସ୍ୱାସ୍ଥ୍ୟ ବା ବ୍ୟାଧିକୁ ଅଗ୍ରାହ୍ୟ କରି ଆମ୍ଭେମାନେ ତୁମ ଇଚ୍ଛା ନିକଟରେ ପୂର୍ଣ୍ଣରୂପେ ଆତ୍ମସମର୍ପଣ କରୁ, ତତ୍‌କ୍ଷଣାତ୍ ହିଁ ଆମ୍ଭମାନଙ୍କ ସମସ୍ତ ସତ୍ତା ତୁମ ପ୍ରେମ ଏବଂ ଜୀବନର ଦିବ୍ୟଛନ୍ଦରେ ଏକ ହୋଇଯାଏ ଏବଂ ସକଳ ଶାରୀରିକ ଅସୁସ୍ଥତା ବିଦୂରିତ ହୁଏ ଓ ତାହାର ସ୍ଥାନରେ ଦେଖାଦିଏ ସ୍ଥିର, ଗଭୀର ଓ ଶାନ୍ତିପୂର୍ଣ୍ଣ ସ୍ୱାସ୍ଥ୍ୟ ।...

ହେ ପ୍ରଭୁ, ପରାବିଦ୍ୟା ହେଲା ତୁମ ସଙ୍ଗେ ଏକୀଭୂତ ହେବା, ତୁମ ଉପରେ ନିର୍ଭର ରଖିବା, ତୁମ ମଧ୍ୟରେ ବାସ କରିବା, ତୁମେ ହିଁ ହୋଇଯିବା, ସେତେବେଳେ ଆଉ ଅସମ୍ଭବ ବୋଲି କିଛି ରହିବ ନାହିଁ, କାରଣ ସେହି ମନୁଷ୍ୟ ସେତେବେଳେ ପ୍ରକାଶ କରିବ ତୁମର ସର୍ବଶକ୍ତିମତ୍ତା ।...

(ଧ୍ୟାନ ଓ ପ୍ରାର୍ଥନା; ପୃଷ୍ଠା : ୬୪ - ୬୫) – ଶ୍ରୀମା

# ଶ୍ରୀଅରବିନ୍ଦଙ୍କ ବାଣୀ

Do not fear or be sad, but let the Mother do quietly her work in you and through you.

Her love is always there and the imperfections of the human nature do not count against that love. The only thing is that you must become aware of it always there.

For that it is necessary for the psychic to come in front.

(The Mother with Letters on the Mother) – Sri Aurobindo

ଭୟ କର ନାହିଁ ବା ବିମର୍ଷ ହୁଅ ନାହିଁ, ତୁମ ଭିତରେ ଓ ତୁମ ଭିତର ଦେଇ ନୀରବରେ ତାଙ୍କ କାମ କରିଯିବା ପାଇଁ ମା'ଙ୍କୁ ଛାଡ଼ି ଦିଅ ।

ତାଙ୍କର ପ୍ରେମ ନିରନ୍ତର ବିଦ୍ୟମାନ ରହିଛି ଏବଂ ସେହି ପ୍ରେମ ବିରୋଧରେ ମାନୁଷୀ ପ୍ରକୃତିର ଅପୂର୍ଣ୍ଣତା ଆଦୌ ଗଣ୍ୟ ନୁହେଁ । ଏକମାତ୍ର କଥା ହେଉଛି ତୁମେ ଯେପରି ତାହା ସବୁ ସମୟରେ ବିଦ୍ୟମାନ ରହିଛି ବୋଲି ସଚେତ ହୁଅ ।

ସେଥିପାଇଁ ଚୈତ୍ୟସତ୍ତା ସମ୍ମୁଖ ଭାଗକୁ ଆସିବା ଏକାନ୍ତ ଆବଶ୍ୟକ ।

— ଶ୍ରୀଅରବିନ୍ଦ



# ମଣିଷ ଶୁଦ୍ଧ ସୁବର୍ଣ୍ଣ ହେବ କେବେ ?

## [ଶ୍ରୀଅରବିନ୍ଦଙ୍କର ଏକ ଉକ୍ତି ଉପରେ ମା'ଙ୍କର ଏକ ବ୍ୟାଖ୍ୟା]

''ଯଦି କେବେ ଦେଖ ଏକ ମହତୀ ପରିସମାପ୍ତି, ନିଶ୍ଚିତ ରୂପେ ଜାଣିବ ଯେ ଏକ ମହାନ୍ ଆରବ୍ଧି ଆସନ୍ନ । ଏକ ବିଭୀଷଣ ଓ ଯନ୍ତ୍ରଣାକର ବିପର୍ଯ୍ୟୟ ଯେବେ ତୁମର ମନକୁ ଭୟ-ବିମୂଢ଼ କରିଦିଏ ତେବେ ତାକୁ ଏହି ସାନ୍ତ୍ୱନା ଦିଅ ଯେ, ଏକ ବିଶାଳ ଓ ମହାନ୍ ସୃଷ୍ଟି ଅବଧାରିତ । ଭଗବାନ୍ କେବଳ ସ୍ଥିର ଅନୁଚ୍ଚ କଣ୍ଠରେ ମାତ୍ର ନୁହେଁ, ଅଗ୍ନି ଓ ଘୂର୍ଣ୍ଣି ମଧ୍ୟରେ ବି ମୂର୍ତ୍ତ ହୁଅନ୍ତି ।

''ଧ୍ୱଂସ ଯେତିକି ବ୍ୟାପକ, ସୃଷ୍ଟିର ସମ୍ଭାବନା ସେତିକି ଅବାଧ; କିନ୍ତୁ ବେଳେବେଳେ ବିନାଶର କ୍ରିୟା ହୁଏ ଦୀର୍ଘ, ମନ୍ଥର ଏବଂ ପୀଡ଼ାଦାୟକ, ସୃଷ୍ଟି ଆସେ ଶିଥିଳ ଗତି ନେଇ କିଂବା ବିଜୟ ତା'ର ହେଉଥାଏ ପ୍ରତିହତ । ବାରଂବାର ଲେଉଟି ଆସୁଥାଏ ରାତ୍ରି ଏବଂ ଦିନଟି ରହିଥାଏ ଦୀର୍ଘାୟିତ କିଂବା ମନେ ହେଉଥାଏ ଏକ ଛଳ-ପ୍ରତ୍ୟୁଷ ବୋଲି । ଅତଏବ ହତାଶ ହୁଅ ନାହିଁ; ବରଂ ଜାଗି ରୁହ ଓ କର୍ତ୍ତବ୍ୟ କରିଯାଅ । ଯେଉଁମାନଙ୍କର ଆଶା ପ୍ରଚଣ୍ଡ, ସେମାନେ ଶୀଘ୍ର ହତାଶ ହୋଇ ପଡ଼ନ୍ତି । ଆଶା ରଖନା କି ଭୟ କରନା; ମାତ୍ର ଭଗବାନଙ୍କ ଉଦ୍ଦେଶ୍ୟ ତଥା ତୁମର ସଂକଳ୍ପକୁ ନିଶ୍ଚିତ ଭାବେ ଧରି ରଖ ।

''ବେଳେବେଳେ ଭାଗବତ ଶିଳ୍ପୀଙ୍କର ହସ୍ତ ଏପରି କ୍ରିୟା କରେ, ମନେ ହେବ ତାହା ଯେପରି ସ୍ୱୀୟ ପ୍ରତିଭା ଏବଂ ସ୍ୱୀୟ ଉପକରଣ ସମ୍ବନ୍ଧରେ ଅସନ୍ଦିଗ୍ଧ ନୁହେଁ । ମନେ ହେବ ଛୁଇଁ ପରଖି ଛାଡ଼ି ଯାଉଛି, ତୋଳି ନେଇ ଫିଙ୍ଗି ଦେଉଛି ଏବଂ ଆଉ ଥରେ ତୋଳି ନେଉଛି, ଖଟୁଛି ମାତ୍ର ବିଫଳ ହେଉଛି ଆଉ ତାଳି ପକାଇ ସବୁଯାକ ଯୋଡ଼ିଯାଡ଼ି ରଖୁଛି । ସବୁଯାକ ସଜ ହେବା ଆଗରୁ ତାଙ୍କର କାର୍ଯ୍ୟଟି ଧାରାବାହିକ ଭାବେ ବିସ୍ମୟ ଓ ନୈରାଶ୍ୟ ମଧ୍ୟ ଦେଇ ଗତି କରୁଛି । ଥରେ ଯାହା ବଛା ଯାଇଥିଲା, ତାକୁ ଆବର୍ଜନାର ଖାତ ଭିତରକୁ ଫିଙ୍ଗି ଦିଆ ଯାଉଛି; ଯାହା ବର୍ଜନ କରାଯାଇଥିଲା, ତାକୁଇ କରାଯାଉଛି ଏକ ବିଶାଳ ଇମାରତର ପ୍ରତିଷ୍ଠା-ଶିଳା । ମାତ୍ର ଏସବୁର ପଶ୍ଚାତରେ ରହିଛି ଏପରି ଜ୍ଞାନର ଅଭ୍ରାନ୍ତ ଦୃଷ୍ଟି ଯାହା ଆମର ବିଚାର-ବୁଦ୍ଧିର ଅତୀତ ଏବଂ ରହିଛି ଏକ ଅପରିମେୟ ସାମର୍ଥ୍ୟର ମୃଦୁ ସ୍ମିତି ।

''ସମଗ୍ର ସମୟ ପଡ଼ି ରହିଛି ଭଗବାନଙ୍କ ଆଗରେ, ଆଉ ସବୁ ସମୟରେ ତାଙ୍କର ତରବର ହେବା ଦରକାର ହୁଏ ନାହିଁ । ତାଙ୍କର ଲକ୍ଷ୍ୟ ଓ ସାଫଲ୍ୟ ସମ୍ବନ୍ଧରେ ସେ ସୁନିଶ୍ଚିତ ଏବଂ କାର୍ଯ୍ୟଟିକୁ ପୂର୍ଣ୍ଣତାର ପାଖାପାଖି ଆଣିବା ଲାଗି ଯଦି ତାଙ୍କୁ ଶହେ ଥର ସେସବୁକୁ ଭାଙ୍ଗିବାକୁ ପଡ଼େ, ସେଥିପାଇଁ ସେ ତିଳେ ଖାତିର କରନ୍ତି ନାହିଁ । ଆମର ପ୍ରଥମ ଶିକ୍ଷଣୀୟ ବିଷୟ ହେଲା ଧୈର୍ଯ୍ୟ; ମାତ୍ର ତାହା ଆତ୍ମବିଶ୍ୱାସହୀନ, ସଂଶୟୀ, ଶ୍ରାନ୍ତ, ଦୁରାଗ୍ରହୀ, ଆଶାହୀନ ବା ଦୁର୍ବଳଚିତ୍ତ ବ୍ୟକ୍ତିର ଜଡ଼ ମନ୍ଥରତା ନୁହେଁ; ଅବିଚଳିତ ଓ ସଂକଳିତ ସାମର୍ଥ୍ୟରେ ପରିପୂର୍ଣ୍ଣ ସେ ଧୈର୍ଯ୍ୟ, ଯାହା କ୍ଷିପ୍ର ପ୍ରଚଣ୍ଡ ଆଘାତ ହାଣିବାର ଲଗ୍ନକୁ ଜଗି ବସିଥାଏ ଓ ସେଥିଲାଗି ସଜ ହୋଇ ରହିଥାଏ; ସଂଖ୍ୟାରେ ସାମାନ୍ୟ ହେଲେ ମଧ୍ୟ ସେହି ଆଘାତ ଭବିତବ୍ୟକୁ ବଦଳାଇ ଦେବା ପାଇଁ ଯଥେଷ୍ଟ ।

''ଭଗବାନ୍ କାହିଁକି ତାଙ୍କର ଜଗତକୁ ଏପରି ତୀବ୍ର ଭାବେ ହାତୁଡ଼ିରେ ପିଟନ୍ତି, ପିଣ୍ଡୁଳାଟାଏ ଭଳି ପାଦରେ ଦଳନ୍ତି ଓ ଚିପୁଡ଼ନ୍ତି, ଏପରି ଥରକୁ ଥର ରକ୍ତ-ସ୍ନାନ କରାନ୍ତି ଓ ଆରକ୍ତ ଅଗ୍ନିକୁଣ୍ଡର ନାରକୀୟ ଉତ୍ତାପ ମଧ୍ୟକୁ ନିକ୍ଷେପ କରନ୍ତି ? କାରଣ ମୋଟାମୋଟି ଭାବେ ମାନବଜାତି ଏବେ ମଧ୍ୟ କଠିନ, ସ୍ଥୂଳ ଏବଂ ନିକୃଷ୍ଟ ଧାତୁ ମାତ୍ର, ଯାହାକୁ ଅନ୍ୟ କୌଣସି ଭାବେ ତରଳାଇ ହେବ ନାହିଁ କି ଆକାର ଦେଇ ହେବ ନାହିଁ । ତାଙ୍କର ଉପାଦାନଟି ଯେମିତି, ପ୍ରକ୍ରିୟାଟି ମଧ୍ୟ ତାଙ୍କର ସେମିତି । ଯଦି ତାହା ଆପଣାଛାଏଁ ସୁମନ୍ତ ଓ ଶୁଦ୍ଧତର ଧାତୁରେ ପରିବର୍ତ୍ତିତ ହେବ, ତେବେ ତା' ସହିତ ଭଗବାନଙ୍କର ଆଚରଣ ମଧ୍ୟ ହେବ ତଦନୁରୂପ ମୃଦୁ ଓ ମଧୁର; ତା'ର ଉପଯୋଗ ମଧ୍ୟ ହେବ ତତୋଽଧିକ ମହତ୍ତର ଓ ସୌମ୍ୟତର ।

''କାହିଁକି ସେ ଏଭଳି ଉପାଦାନ ବାଛିଲେ ବା ଗଢ଼ିଲେ, ଯେତେବେଳେ ବାଛିବା ଲାଗି ତାଙ୍କ ସମ୍ମୁଖରେ ରହିଥିଲା ଅନନ୍ତ ସମ୍ଭାବନା ? ତାଙ୍କର ଦିବ୍ୟ ମହାଭାବ ହିଁ ଏହାର ହେତୁ, ଯାହା ତା'ର ସମ୍ମୁଖରେ ଦେଖିଥିଲା, ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ଓ ବିଶୁଦ୍ଧତା ମାତ୍ର ନୁହେଁ; ଦେଖିଥିଲା ମଧ୍ୟ ଶକ୍ତିମତ୍ତା ଏବଂ ସଂକଳ୍ପ ଏବଂ ମହିମା । ଶକ୍ତିମତ୍ତାକୁ ତାଚ୍ଛଲ୍ୟ କର ନାହିଁ କିଂବା ତା'ର

କେତେକ ରୂପର ବୀଭତ୍ସତାକୁ ଘୃଣା କର ନାହିଁ; ଅଥବା ଭାବ ନାହିଁ ଯେ ପ୍ରେମ ହିଁ ଏକମାତ୍ର ଭଗବାନ୍ । ଯାବତୀୟ ନିଟୋଳ ପୂର୍ଣ୍ଣତାର ଉପାଦାନ ମଧ୍ୟରେ ନିଶ୍ଚିତ ଭାବେ ରହିଥିବ କିଛି ମାତ୍ରାରେ ବୀରୋଚିତ ଏବଂ ଏପରିକି ଆସୁରିକ ଉପାଦାନ । ପରନ୍ତୁ ପ୍ରଚଣ୍ଡତମ ପ୍ରତିକୂଳତା ମଧ୍ୟରୁ ହିଁ ଜନ୍ମ ନିଏ ମହତ୍ତମ ଶକ୍ତିମତ୍ତା ।''

[*Thoughts and Glimpses*, — ଶ୍ରୀଅରବିନ୍ଦ
SABCL, Vol.16, pp. 392 - 93]

**ଶ୍ରୀମା :** ମୋଟ ଉପରେ ଅସଲ ସମସ୍ୟାଟି ହେଲା ମଣିଷଜାତି ଶୁଦ୍ଧ ସୁବର୍ଣ୍ଣର ଅବସ୍ଥାରେ ପହଞ୍ଚିଛି ନା ନାହିଁ; କିଂବା ଏହାର ଏବେ ମଧ୍ୟ ଅଗ୍ନିକୁଣ୍ଡରେ ପଡ଼ି ପରଖ ହେବାର ଆବଶ୍ୟକତା ରହିଛି ।

ଗୋଟିଏ ବିଷୟ ସ୍ପଷ୍ଟ ଯେ ମଣିଷ ଶୁଦ୍ଧ ସୁବର୍ଣ୍ଣ ପାଲଟି ନାହିଁ; ଏଇଟା ଦେଖା ଯାଉଛି ଏବଂ ନିଶ୍ଚିତ ।

କିନ୍ତୁ ଜଗତର ଇତିହାସରେ ଏମିତି କିଛି ଘଟିଯାଇଛି ଯାହା ଯୋଗୁଁ ଆମେ ଆଶା କରୁଛୁ ଯେ ମାନବଜାତି ମଧ୍ୟରୁ ସୁନିର୍ବାଚିତ କେତେ ଜଣ, ଅଳ୍ପ ସଂଖ୍ୟାରେ କେତେକ ଲୋକ, ସମ୍ଭବତଃ, ଶୁଦ୍ଧ ସୁବର୍ଣ୍ଣରେ ରୂପାନ୍ତରିତ ହେବା ପାଇଁ ପ୍ରସ୍ତୁତ ଅଛନ୍ତି ଏବଂ ସେହିମାନେ ହିଁ ପ୍ରକାଶ କରିବାକୁ ସମର୍ଥ ହେବେ ହିଂସାବିହୀନ ସାମର୍ଥ୍ୟ, ଧ୍ୱଂସ ନ ଘଟାଇ ବୀରତ୍ୱ ଏବଂ ସଙ୍କଟ ନ ଥାଇ ସାହସିକତା ।

ମାତ୍ର ତା'ର ଠିକ୍ ପରବର୍ତ୍ତୀ ଅନୁଚ୍ଛେଦରେ ଶ୍ରୀଅରବିନ୍ଦ ଉତ୍ତର ଦେଇଛନ୍ତି : ''ଯଦି କେବଳ ମଣିଷ ଥରେ ହେଲେ ଆଧ୍ୟାତ୍ମିକ ରୂପାନ୍ତର ପାଇଁ ସମ୍ମତ ହୋଇ ପାରନ୍ତା ।'' ଯଦି କେବଳ ବ୍ୟକ୍ତି ବିଶେଷ ଆଧ୍ୟାତ୍ମିକ ରୂପାନ୍ତର ପାଇଁ **ସମ୍ମତ** ହୋଇ ପାରନ୍ତା...ସମ୍ମତ ହୋଇ ପାରନ୍ତା ।[୧]

ତା' ଭିତରର କିଛି ଅଂଶ ଏହା ହିଁ ଚାହୁଁଛି, ଆସ୍ପୃହା କରୁଛି; ଆଉ ଅବଶିଷ୍ଟ ଅଂଶସବୁ ତାହା ହେବାକୁ ଅସ୍ୱୀକାର କରୁଛି; ସେ ଏବେ ଯେମିତି ଅଛି ସେହିଭଳି ମିଶ୍ରଧାତୁ ହୋଇ ରହିବାକୁ ଚାହୁଁଛି, ଯାହାକୁ ଅଗ୍ନିକୁଣ୍ଡ ମଧ୍ୟକୁ ନିକ୍ଷେପ କରିବା ଆବଶ୍ୟକ ।

ଏହି ମୁହୂର୍ତ୍ତରେ ଆମେ ପୃଥିବୀ ଇତିହାସର ଏକ ପରିଣତିମୁଖୀ ଦିକ୍-ପରିବର୍ତ୍ତନର ଲଗ୍ନରେ ପହଞ୍ଚିଛୁ । ଚାରିଆଡୁ ମୋତେ ପଚରା ଯାଉଛି, ''କ'ଣ ଘଟିବାକୁ ଯାଉଛି ?'' ପ୍ରତ୍ୟେକ କ୍ଷେତ୍ରରେ ଦୁର୍ବିଷହ ପୀଡ଼ା, ଆସନ୍ନର ପ୍ରତୀକ୍ଷା, ଭୟ । ''କ'ଣ ଘଟିବାକୁ ଯାଉଛି ?...'' ଉତ୍ତର ମାତ୍ର ଗୋଟିଏ : ''ଯଦି କେବଳ ମଣିଷ ଆଧ୍ୟାତ୍ମିକ ରୂପାନ୍ତର ପାଇଁ ସମ୍ମତ ହୋଇ ପାରନ୍ତା ।''

ଏବଂ କେତେଜଣ ବ୍ୟକ୍ତି ଶୁଦ୍ଧ ସୁବର୍ଣ୍ଣରେ ପରିଣତ ହେଲେ, ତାହା ବୋଧହୁଏ ଯଥେଷ୍ଟ ହେବ, କାରଣ ଘଟଣାର ଗତି ବଦଳାଇବା ପାଇଁ ସେତିକି ଯଥେଷ୍ଟ ହେବ ।... ଆମେ ଖୁବ୍ ଜରୁରୀ ଭାବେ ଏହି ପ୍ରୟୋଜନୀୟତାର ସମ୍ମୁଖୀନ ହୋଇଛୁ ।

ଭଗବାନ୍ ଆମଠାରୁ ଚାହାନ୍ତି ଏହି ସାହସ, ଏହି ବୀରତ୍ୱ; ତାକୁ ଆମେ କାହିଁକି ନିଜର ଅନ୍ତରାୟଗୁଡ଼ିକ ବିରୋଧରେ, ନିଜର ଅପୂର୍ଣ୍ଣତା, ନିଜର ମାଳିନ୍ୟ ବିରୋଧରେ ଲଢ଼ିବାରେ ନିୟୋଗ ନ କରିବା ? ବୀର ଭଳି ଆନ୍ତର ବିଶୋଧନ ଲାଗି ଅଗ୍ନିକୁଣ୍ଡର ସମ୍ମୁଖୀନ ନ ହେବା କାହିଁକି ? ତା'ହେଲେ ତ ପୁଣିଥରେ ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ବୁଡାଇ ଦେବା ଭଳି ଭୟଙ୍କର ଓ ବ୍ୟାପକ ବିପର୍ଯ୍ୟୟ ମଧ୍ୟ ଦେଇ ଗତି କରିବା ଦରକାର ହେବ ନାହିଁ !

ଆମ ଆଗରେ ଏହା ହିଁ ସମସ୍ୟା । ଏହାର ସମାଧାନ ଆମକୁ ପ୍ରତ୍ୟେକଙ୍କୁ ହିଁ ନିଜ ନିଜ ବାଟରେ କରିବାକୁ ପଡ଼ିବ ।

ମୋତେ ଯେଉଁସବୁ ପ୍ରଶ୍ନ ପଚରା ଯାଇଥିଲା, ଆଜି ସନ୍ଧ୍ୟାରେ ମୁଁ ସେସବୁର ଉତ୍ତର ଦେଉଛି । ମୋର ଉତ୍ତର, ଶ୍ରୀଅରବିନ୍ଦ ଯାହା କହିଛନ୍ତି : ମଣିଷ ଯଦି ଥରଟିଏ ସମ୍ମତ ହୋଇ ପାରନ୍ତା ଆଧ୍ୟାତ୍ମିକ ରୂପାନ୍ତର ପାଇଁ ।...

ଆଉ ତା' ସହିତ ମୁଁ ଯୋଗ କରୁଛି : ମାନବୀୟ ଦୃଷ୍ଟିକୋଣରୁ... ସମୟ ଚାପ ଦେଉଛି ।

(CWM Vol. 9, pp. 73 - 75) ❖

(୧) ମଣିଷ ଯଦି ଥରଟିଏ ଆଧ୍ୟାତ୍ମିକ ରୂପାନ୍ତର ପାଇଁ ସମ୍ମତ ହୋଇ ପାରନ୍ତା ତେବେ ସବୁ ବଦଳି ଯାଆନ୍ତା; କିନ୍ତୁ ମଣିଷର ମାନସିକ, ପ୍ରାଣିକ ଓ ଦୈହିକ ପ୍ରକୃତି ଉଚ୍ଚତର ଶୃଙ୍ଖଳା ପ୍ରତି ବିଦ୍ରୋହୀ । ସେ ତା'ର ଅପୂର୍ଣ୍ଣତାକୁ ଭଲପାଏ ।

# ନୂତନ ଚେତନାର ଆବଶ୍ୟକତା

## ଶ୍ରୀମା

ଏହା ସ୍ପଷ୍ଟ ମନେହୁଏ ଯେ ମଣିଷସମାଜ ସାଧାରଣ ଚାପ (tension) ର ଏକ ନିର୍ଦ୍ଦିଷ୍ଟ ଅବସ୍ଥାରେ ଆସି ପହଞ୍ଚିଛି – ପ୍ରଚେଷ୍ଟାରେ ଚାପ, କାର୍ଯ୍ୟରେ ଚାପ, ଏପରିକି ଦୈନନ୍ଦିନ ଜୀବନରେ ବି ଚାପ – ଏପ୍ରକାର ଅତ୍ୟଧିକ ଅପରିମିତ କାର୍ଯ୍ୟକଳାପ, ଏମିତି ଏକ ବହୁବ୍ୟାପକ ବିଦ୍ରୋହ ଦେଖି ମନେହୁଏ ଯେ ସମଗ୍ର ମାନବଜାତି ଏପରି ଏକ ସ୍ଥାନରେ ଆସି ପହଞ୍ଚିଛି ଯେଉଁଠାରେ ହୁଏତ ତାକୁ ଏହି ପ୍ରତିବନ୍ଧକକୁ ଭାଙ୍ଗି ନୂତନ ଚେତନା ଭିତରେ ପ୍ରବେଶ କରିବାକୁ ପଡ଼ିବ ଅଥବା ଅନ୍ଧକାର ଓ ତାମସିକତାର ଗହ୍ୱର ମଧ୍ୟରେ ନିପତିତ ହେବାକୁ ହେବ ।

ଏହି ଚାପ ଏତେ ସମ୍ପୂର୍ଣ୍ଣ ଓ ଏତେ ବହୁବ୍ୟାପକ ଯେ କିଛି ଗୋଟିକୁ ସ୍ପଷ୍ଟଭାବେ ଭାଙ୍ଗିବାକୁ ହେବ । ଏହା ଆଉ ଏପରିଭାବେ ବେଶୀ ବାଟ ଆଗେଇ ଯାଇ ପାରିବ ନାହିଁ । ବସ୍ତୁ ମଧ୍ୟରେ ଶକ୍ତି, ଚେତନା ଓ କ୍ଷମତାର ଏକ ନୂତନ ମୂଳତତ୍ତ୍ୱର ଅନୁପ୍ରବେଶ ହେଉଛି ବୋଲି ଏହାକୁ ଆମେ ନିଃସଂଶୟ ସଂକେତ ରୂପେ ଗ୍ରହଣ କରିପାରୁ ଯାହାକି ତା'ର ପ୍ରଭାବରେ ହିଁ ଶଙ୍କାଜନକ ପରିସ୍ଥିତି ଉଦ୍ରେକ କରୁଛି । ବାହ୍ୟତଃ, ପ୍ରକୃତି ଯେତେବେଳେ ବୈପ୍ଳବିକ ପରିବର୍ତ୍ତନ ଘଟାଇବା ଲାଗି ଇଚ୍ଛା କରେ ସେତେବେଳେ ଆମେମାନେ ଆଶା କରିପାରୁ ଯେ ତାହା ପୁରାତନ ପଦ୍ଧତିଗୁଡ଼ିକୁ ଉପଯୋଗ କରନ୍ତା; କିନ୍ତୁ ଏଠାରେ ଏକ ନୂତନ ଲକ୍ଷଣ ଦେଖା ଯାଉଛି, ଯାହା ପ୍ରକୃତରେ କେବଳ ସମାଜର ପ୍ରକୃଷ୍ଟ ବ୍ୟକ୍ତି (elite)ମାନଙ୍କ ମଧ୍ୟରେ ପରିଲକ୍ଷିତ । ଅଥଚ ଏମିତିକି ଏହି ଶ୍ରେଷ୍ଠବ୍ୟକ୍ତିଗଣ ଚାରିଆଡ଼େ ବ୍ୟାପି ଯାଇଛନ୍ତି – ଏମାନେ କୌଣସି ଗୋଟିଏ ସ୍ଥାନରେ, ପୃଥିବୀର ଗୋଟିଏ କୋଣରେ ରହି ନାହାନ୍ତି; ସବୁ ଦେଶରେ, ପୃଥିବୀର ସବୁ ଜାଗାରେ ଏହାର ଆଭାସ ଆମେମାନେ ଦେଖୁ : ଏକ ନୂତନ, ଉଚ୍ଚତର, ପ୍ରଗତିଶୀଳ ସମାଧାନ ଲାଗି ଇଚ୍ଛା, ଏକ ବିଶାଳତର, ଅଧିକ ହୃଦ୍‌ବୋଧକାରୀ ପୂର୍ଣ୍ଣତାକୁ ଉନ୍ନୀତ ହେବା ଦିଗରେ ଏକ ପ୍ରଚେଷ୍ଟା ।...

### ଶକ୍ତିରାଜିର ସଂଘର୍ଷ

ଏକ ପୂର୍ଣ୍ଣତର ଓ ଦିବ୍ୟ-ଉପଲବ୍ଧି ଲାଗି ଊର୍ଦ୍ଧ୍ୱଗାମୀ କ୍ରମବିକାଶର ନିର୍ମାଣକାରୀ ଶକ୍ତି ଏବଂ ନିୟନ୍ତ୍ରଣାତୀତ ପ୍ରମତ୍ତ, ପ୍ରବଳ ଧ୍ୱଂସକାରୀ ଶକ୍ତି ମଧ୍ୟରେ ଲାଗି ରହିଥିବା ସଂଘର୍ଷ ଅଧିକରୁ ଅଧିକ ସ୍ପଷ୍ଟ, ଚିହ୍ନଟ ଓ ଦୃଷ୍ଟିଗୋଚର ହୋଇ ଉଠିଛି । ଏବଂ କେଉଁ ଶକ୍ତି ଯେ ପ୍ରଥମେ ଯାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିବ, ତାହା ଦେଖିବାକୁ ଗଲେ ଏକ ପ୍ରକାର ଦୌଡ଼ ପ୍ରତିଦ୍ୱନ୍ଦ୍ୱିତା ବା ବିବାଦ ହୋଇଯାଇଛି । ମନେହେବ ଯେପରି ସକଳ ବିରୋଧୀ, ଆସୁରିକ, ପ୍ରାଣିକ ଶକ୍ତିରାଜି ପୃଥିବୀ ଉପରେ ଅବତରଣ କରିଛନ୍ତି, ଏଇ ଜଗତକୁ ସେମାନଙ୍କର କର୍ମକ୍ଷେତ୍ର ଭାବେ ଉପଯୋଗ କରୁଛନ୍ତି ଏବଂ ଠିକ୍ ସେହି ସମୟରେ ଏକ ନୂତନ, ଉଚ୍ଚତର, ଅଧିକ ଶକ୍ତିଶାଳୀ ଆଧ୍ୟାତ୍ମିକ ଶକ୍ତି ମଧ୍ୟ ପୃଥିବୀ ବକ୍ଷରେ ନବଜୀବନ ବହନ କରି ଆଣିବା ଲାଗି ଉତରି ଆସିଛି । ଏହା ହିଁ ସଂଘର୍ଷକୁ ଅଧିକ ତୀବ୍ର, ଅଧିକ ପ୍ରବଳ ଓ ଅଧିକ ସୁଦୃଷ୍ଟ କରିଛି । କିନ୍ତୁ ଏକଥା ବି ମନେହୁଏ ଯେ ଏହି ସଂଘର୍ଷ ହେଉଛି ଚୂଡ଼ାନ୍ତ ଏବଂ ସେଥିପାଇଁ ଏହାର ଏକ ତୁରନ୍ତ ନିଷ୍ପତ୍ତିରେ ପହଞ୍ଚିବାକୁ ଆମେମାନେ ଆଶା କରିପାରୁ ।

### ପୁରାତନ ଓ ନୂତନ ଆଧ୍ୟାତ୍ମିକତା

ଏତେ ବେଶୀ ପୁରୁଣା ନୁହେଁ, ଗୋଟିଏ ସମୟ ଥିଲା, ଯେତେବେଳେ ଜୀବନ କ୍ଷେତ୍ରରୁ ପଳାୟନ କରି, ସଂକ୍ଷେପରେ କହିଲେ ଜୀବନ-ଯୁଦ୍ଧକୁ ଆଡ଼େଇ ଦେଇ, ସଂଘର୍ଷର ଊର୍ଦ୍ଧ୍ୱକୁ ଉଠି, ସମସ୍ତ ପ୍ରଚେଷ୍ଟାରୁ ନିଜକୁ ମୁକ୍ତ କରି, ମାନବର ଆଧ୍ୟାତ୍ମିକ ଆସ୍ପୃହା ଏକ ନିଃଶବ୍ଦ, ନିଷ୍କ୍ରିୟ ଶାନ୍ତି ଦିଗରେ ଉନ୍ମୁଖ ଥିଲା, ଯାହାକି ସମସ୍ତ ସାଂସାରିକ ବସ୍ତୁର ଆସକ୍ତିରୁ ମୁକ୍ତ । ଏହି ଆଧ୍ୟାତ୍ମିକ ଶାନ୍ତି ଭିତରେ ସମସ୍ତ ଚାପ, ସଂଘର୍ଷ ଓ ପ୍ରଚେଷ୍ଟାର ନିବୃତ୍ତି ସହିତ ସବୁ ପ୍ରକାର ଦୁଃଖ ଯନ୍ତ୍ରଣାର ଅବସାନ ଘଟୁଥିଲା । ଏହା ହିଁ କେବଳ ଆଧ୍ୟାତ୍ମିକ ଦିବ୍ୟ- ଜୀବନର ପ୍ରକୃତ ଓ ଏକାନ୍ତ ପରିପ୍ରକାଶ ଭାବେ ବିବେଚିତ ହେଉଥିଲା । ଏହାକୁ ହିଁ ଭଗବତ୍ କରୁଣାର ସହାୟତା ଓ ହସ୍ତକ୍ଷେପ ବୋଲି ବିଚାର କରା ଯାଉଥିଲା । ଏପରିକି ବର୍ତ୍ତମାନ ଦୁଃସହ ଯାତନା, ମାନସିକ ଚାପ, ଅତ୍ୟନ୍ତ ଆବେଗପୂର୍ଣ୍ଣ ଚାପର ଯୁଗରେ ମଧ୍ୟ ଏହି ଏକଚ୍ଛତ୍ର ଶାନ୍ତି ସର୍ବୋତ୍ତମ ସହାୟ ଭାବେ ଆଦୃତ, ସର୍ବାଧିକ ସ୍ୱାଗତଯୋଗ୍ୟ ।

ମନୁଷ୍ୟମାନେ ଚାହୁଁଥିବା ଓ ଆଶା କରୁଥିବା ସାନ୍ତ୍ୱନା ହେଉଛି ଏହା । ଅନେକଙ୍କ ଲାଗି ଏହା ଅଦ୍ୟାପି ଦିବ୍ୟ ହସ୍ତକ୍ଷେପର ଏବଂ ଦିବ୍ୟ କରୁଣାର ସଂକେତ ।

ବାସ୍ତବିକ ଜଣେ ଯାହାକିଛି ଉପଲବ୍ଧି କରିବା ଲାଗି ଇଚ୍ଛା କରୁ ନା କାହିଁକି, ତାକୁ ପ୍ରାରମ୍ଭରେ ଏହି ସମ୍ପୂର୍ଣ୍ଣ ଅବିଚଳ ଶାନ୍ତିକୁ ନିଜ ଭିତରେ ପ୍ରତିଷ୍ଠା କରିବାକୁ ପଡ଼ିବ; ଏହା ହିଁ ହେଉଛି ଭିତ୍ତି ଯେଉଁଠାରୁ କାମ କରାଯିବା ଉଚିତ । କିନ୍ତୁ ଯଦି ଜଣେ ଏକ ବ୍ୟକ୍ତିଗତ, ଏକଚାଟିଆ ଓ ସ୍ୱାର୍ଥପର ମୁକ୍ତିର ସ୍ୱପ୍ନ ନ ଦେଖେ, ସେ ସେହି ସ୍ଥାନରେ ଅଟକିଯିବ ନାହିଁ । ଦିବ୍ୟ କରୁଣାର ଅନ୍ୟ ଏକ ଦିଗ ଅଛି । ଏହା ହେଉଛି ପ୍ରଗତିର ଦିଗ ଯାହା ସମସ୍ତ ପ୍ରତିବନ୍ଧକ ଉପରେ ବିଜୟୀ ହେବ, ଯାହା ମନୁଷ୍ୟ-ସମାଜକୁ ଏକ ନୂତନ ଉପଲବ୍ଧି ଦିଗରେ ଆଗେଇ ନେବ, ଯାହା ଏକ ନୂତନ ଜଗତର ଦ୍ୱାର ଉନ୍ମୁକ୍ତ କରିବ – କେବଳ ମନୋନୀତ ଅଳ୍ପ କେତେଜଣଙ୍କ ସକାଶେ ଏହି ଦିବ୍ୟ-ଉପଲବ୍ଧି ଦ୍ୱାରା ଉପକୃତ ହେବା ସମ୍ଭବପର ତା' ନୁହେଁ, କିନ୍ତୁ ସେମାନଙ୍କ ପ୍ରଭାବ, ଉଦାହରଣ ଓ ଶକ୍ତି ଦ୍ୱାରା ଅବଶିଷ୍ଟ ମାନବସମାଜ ଲାଗି ନୂତନ ଓ ମହତ୍ତର ଅବସ୍ଥା ଆଣିବା ସମ୍ଭବ ହେବ ।

(CWM Vol. 9, pp. 296 - 298) ❖

**ଶାଶ୍ୱତର ଜ୍ଞାନ**

ଆତ୍ମାକୁ ଲାଭ କରିବାକୁ ହେଲେ ତୁମକୁ ଏହିଭାବେ ଯିବାକୁ ହେବ (ବୁଡ଼ିଯିବାର ଇଙ୍ଗିତ) ଏହିପରି, ଉପରିଭାଗରୁ ଓହରି ଯାଅ, ଗଭୀରତା ମଧ୍ୟରେ ବୁଡ଼ିଯାଅ ଓ ପ୍ରବେଶ କର, ପ୍ରବେଶ କର, ତଳକୁ ଯାଅ, ତଳକୁ, ଗଭୀର ଗର୍ତ୍ତ ମଧ୍ୟକୁ, ଖୁବ୍ ଗଭୀର, ନିସ୍ତବ୍ଧ, ସ୍ଥିର ଭିତରକୁ; ଏବଂ ସେଠାରେ, ସେଠାରେ ଏକ ପ୍ରକାର... କିଛି ସୌହାର୍ଦ୍ଦ୍ୟପୂର୍ଣ୍ଣ, ଶାନ୍ତ, ସାରଭାଗରେ ମୂଲ୍ୟବାନ୍ ଏବଂ ଖୁବ୍ ନିସ୍ତବ୍ଧ, ନିଶ୍ଚଳ, ସମ୍ପୂର୍ଣ୍ଣ ଏକ ମଧୁରତାର ଅନୁଭବ ସଦୃଶ କିଛି ରହିଛି – ତାହା ହିଁ ଆତ୍ମା ।

ତୁମେ ଯଦି ଲାଗିରୁହ ଏବଂ ସଚେତନ ଥାଅ, ତା'ହେଲେ ଏକ ପ୍ରକାର ପ୍ରାଚୁର୍ଯ୍ୟ ଆସିବ ଯାହାକି ସମ୍ପୂର୍ଣ୍ଣ ଓ ଅତଳସ୍ପର୍ଶୀ ଗଭୀରତା ବିଶିଷ୍ଟ ଅନୁଭୂତି କିଛି ଆଣିଦେବ... ଏହା ମଧ୍ୟରେ ଯଦି ତୁମେ ପ୍ରବେଶ କର ତେବେ ମନେହେବ ଅନେକ ରହସ୍ୟ ନିଜକୁ ପ୍ରକାଶିତ କରି ଦେଉଛନ୍ତି... କିଛି ଶାଶ୍ୱତର ପ୍ରତିବିମ୍ବ ଯେପରି ପ୍ରଶାନ୍ତ ଜଳ ଉପରେ ପଡୁଛି । ଏବଂ ତୁମେ ଆଉ କାଳ ମଧ୍ୟରେ ସୀମିତ ହେବାର ଅନୁଭବ କରିବ ନାହିଁ ।

ତୁମର ଧାରଣା ହେବ ଯେ ତୁମେ ସର୍ବଦା ରହିଆସିଛ ଏବଂ ଅନନ୍ତ କାଳ ପର୍ଯ୍ୟନ୍ତ ରହିଥିବ ।

ତୁମେ ଯେତେବେଳେ ଆତ୍ମାର ମର୍ମସ୍ଥଳକୁ ସ୍ପର୍ଶକର ସେତେବେଳେ ଏହା ହୁଏ ।

ଏବଂ ଏହି ସଂଯୋଗ ଯଦି ଯଥେଷ୍ଟ ଭାବେ ସଚେତନ ଓ ସମ୍ପୂର୍ଣ୍ଣ ହୋଇଥାଏ, ତେବେ ଏହା ତୁମକୁ ବାହ୍ୟ ଆକୃତିର ବନ୍ଧନରୁ ମୁକ୍ତ କରେ; ତୁମେ ଆଉ ଅନୁଭବ କର ନାହିଁ ଯେ ତୁମର କେବଳ ଏକ ଶରୀର ଅଛି ବୋଲି ତୁମେ ବଞ୍ଚି ରହିଛ । ସାଧାରଣତଃ ଏହା ହିଁ ହେଉଛି ମନୁଷ୍ୟର ଇନ୍ଦ୍ରିୟାନୁଭୂତି, ବାହ୍ୟ ଆକୃତି ସହିତ ତାହା ଏତେ ବାନ୍ଧି ହୋଇଛି ଯେ ନିଜେ ଯେତେବେଳେ ''ମୁଁ'' ବୋଲି ଭାବେ, ଶରୀର କଥା ହିଁ ଭାବେ । ଏହା ସ୍ୱାଭାବିକ । ବ୍ୟକ୍ତିର ବାସ୍ତବତା ହେଉଛି ଶରୀରର ବାସ୍ତବତା । ଜଣେ ଯେତେବେଳେ କେବଳ ଆନ୍ତର ଉନ୍ନତି ପାଇଁ ଏବଂ ନିଜର ସତ୍ତା ମଧ୍ୟରେ ଏକ ସାମାନ୍ୟ ଅଧିକ ସ୍ଥାୟୀ କିଛି ପାଇବା ଲାଗି ଚେଷ୍ଟା କରେ, ସେ ଅନୁଭବ କରିବାକୁ ଆରମ୍ଭ କରିପାରିବ ଯେ ଏହି ''କିଛି'', ଯାହା ଯୁଗ ଯୁଗ ଧରି, ସମସ୍ତ ପରିବର୍ତ୍ତନ ମଧ୍ୟରେ ସ୍ଥାୟୀ ଭାବରେ ସଚେତନ ତାହା ହିଁ ନିଶ୍ଚିତଭାବେ ''ମୁଁ'' ।

(CWM, Vol. 9 : p. - 310) – **ଶ୍ରୀମା**

# ଶାରୀରିକ ଅସୁସ୍ଥତା ଓ ଆରୋଗ୍ୟର ବାଟ
## (ଶ୍ରୀମା'ଙ୍କ ସଙ୍ଗେ ପ୍ରଶ୍ନୋତ୍ତର)

*ପ୍ରଶ୍ନ : ଶରୀର ମଧ୍ୟରେ ଯେତେବେଳେ ସ୍ପଷ୍ଟଭାବେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ବ୍ୟାଧିଟିଏ ଥାଏ, ସେତେବେଳେ ତାହାର ଆରୋଗ୍ୟ ପାଇଁ ଶାରୀରିକ ଚେତନାକୁ ଉପଶମକାରୀ ଶକ୍ତି ପ୍ରତି ଉନ୍ମୁକ୍ତ କରି ଗ୍ରହଣ କରିବାର ପ୍ରକୃଷ୍ଟ ଉପାୟ କ'ଣ ?*

**ଶ୍ରୀମା :** ଅନ୍ୟାନ୍ୟ ସମସ୍ତ ଗୁହ୍ୟ ବିଦ୍ୟାର କ୍ଷେତ୍ର ପରି ଗୁହ୍ୟବିଦ୍ୟାର ପରିସର-ସଂଲଗ୍ନ ଏହି କ୍ଷେତ୍ରରେ ମଧ୍ୟ ପ୍ରତ୍ୟେକ ଲୋକକୁ ତା' ନିଜର ଉପାୟ ଓ ଗତିବୃତ୍ତି ଖୋଜି ବାହାର କରିବାକୁ ହେବ । କାରଣ ପ୍ରତ୍ୟେକ ଲୋକ ପାଇଁ ଯାହା ସବୁଠୁ ଫଳପ୍ରଦ ଉପାୟ ତା' ହେଉଛି ସେ ଯେଉଁ ଉପାୟ ବା ପଦ୍ଧତି ପାଇଁ ଊଣା ଅଧିକେ ପ୍ରସ୍ତୁତ ହୋଇ ସାରିଛି ଏବଂ ଯେଉଁଗୁଡ଼ିକ ତାହାର ବେଶ୍ ପରିଚିତ । ତେଣୁ ଏ ସମ୍ପର୍କରେ କୌଣସି ସାଧାରଣ ନିୟମ ସ୍ଥିର କରିବା ଖୁବ୍ କଷ୍ଟକର ।

କିନ୍ତୁ ଗୋଟିଏ ପ୍ରକାର ପ୍ରସ୍ତୁତି ଅଛି ଯାହାକି ସାଧାରଣ ଓ ସାର୍ବଜନୀନ ବୋଲି କୁହାଯାଇ ପାରେ । ତା' ହେଉଛି ପ୍ରଣାଳୀଗତ ଭାବେ ଶରୀରକୁ ଏହି କଥାଟି ବୁଝିବା ପାଇଁ ଅଭ୍ୟସ୍ତ କରାଇବା ଯେ ଶରୀରଟି ହେଉଛି ଏକ ସତ୍ୟତର ଓ ଗଭୀରତର ବାସ୍ତବତାର କେବଳ ଏକ ବାହ୍ୟ ପ୍ରକାଶ ମାତ୍ର ଏବଂ ଏହି ସତ୍ୟତର ଓ ଗଭୀରତର ବାସ୍ତବତାହିଁ ତାହାର ଭାଗ୍ୟନିୟନ୍ତ୍ରଣ କରିଥାଏ । କିନ୍ତୁ ସାଧାରଣତଃ ଏହା ସେ ସମ୍ପର୍କରେ ସଚେତ ନ ଥାଏ ।

ଶରୀରକୁ ଏହି ଭାବରେ ପ୍ରସ୍ତୁତ କରିବା ପାଇଁ ତାହାକୁ ଅନେକଗୁଡ଼ିଏ ପର୍ଯ୍ୟବେକ୍ଷଣ, ଅଧ୍ୟୟନ ଓ ବୁଝିବା ଏବଂ ଜାଣିବା ଭିତର ଦେଇ ଆଗେଇ ନେବାକୁ ହେବ । ଛୋଟ ପିଲାକୁ ଆମେ ଯେପରି ବୁଝାଇଥାଉ ସେହିପରି ନାନା ଦୃଷ୍ଟାନ୍ତ ଓ ଉଦାହରଣ ଦେଇ ତାହାକୁ ଏଗୁଡ଼ିକୁ ବୁଝାଇବାକୁ ପଡ଼ିବ । ହୁଏତ ନିଜ ଭିତରର ଗତିବିଧିଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବା ଦ୍ୱାରା, ଯଦିଓ ଏସମ୍ପର୍କରେ ସେ ଅପେକ୍ଷାକୃତ ଅନ୍ଧ ରହିଥାଏ – କିଂବା ଅନ୍ୟର ଗତିବୃତ୍ତିଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବା ଦ୍ୱାରା ସେ ଏ ସମ୍ପର୍କରେ ଅଧିକ ଜ୍ଞାନ ଲାଭ କରେ । ଏବଂ ଅଧିକତର ସାଧାରଣ ଭାବରେ ଏହି ପ୍ରସ୍ତୁତିର ଭିତ୍ତି ହେବ ଅଧ୍ୟୟନର ନାନା ସ୍ୱୀକୃତ ଧାରା ଏବଂ ସ୍ପଷ୍ଟ ପରିଷ୍କାର ତଥ୍ୟାବଳୀସବୁ । ଉଦାହରଣସ୍ୱରୂପ ପୂରାପୂରି ସମାନ ପରିସ୍ଥିତିରେ, ସମାନ ଅନୁଭୂତି ଭିତରେ କେତେକ ଲୋକଙ୍କୁ ରଖାଯିବ, କିନ୍ତୁ ଦେଖାଯିବ ଯେ, ପ୍ରତ୍ୟେକ ଲୋକ ଉପରେ ସେହି ପରିସ୍ଥିତି ବା ଅନୁଭୂତିର ଫଳ ସମ୍ପୂର୍ଣ୍ଣ ଭିନ୍ନ ଭିନ୍ନ ହୋଇ ପଡ଼ିବ । ଆଉ ଟିକେ ଆଗକୁ ଯାଇ ମଧ୍ୟ ଆମେ ଦେଖି ପାରିବା ଯେ, ନିର୍ଦ୍ଦିଷ୍ଟ କେତେକ ପରିସ୍ଥିତିରେ, ନିର୍ଦ୍ଦିଷ୍ଟ କେତେକ ଲୋକ ରହିଛନ୍ତି; କିନ୍ତୁ ଆପାତତଃ ସେହି ସମାନ ଅବସ୍ଥା ଓ ପରିସ୍ଥିତି କେତେକ ଲୋକଙ୍କ ପାଇଁ ଭୟଙ୍କର ବିପଦ ଓ ବିପର୍ଯ୍ୟୟ ସୃଷ୍ଟି କଲା ବେଳେ, ଅନ୍ୟ କେତେକ ତହିଁରୁ ନିରାପଦ ଭାବରେ ରକ୍ଷା ପାଇ ଯାଉଛନ୍ତି ।

ଯୁଦ୍ଧ ସମୟରେ ଏହି ଧରଣର ଅନେକ ଉଦାହରଣକୁ ଅଧ୍ୟୟନ କରାଯାଇ ପାରେ । ମହାମାରୀ ସମୟରେ ବା ବନ୍ୟା-ବ୍ୟାପ୍ତ, ଭୂମିକମ୍ପ ବା ଝଡ଼ ଓ ଘୂର୍ଣ୍ଣିବାତ୍ୟା (Tidal Waves) ଆଦି ସମୟରେ ଏହି ଧରଣର ଅନେକ ଉଦାହରଣ ମିଳିବ ।

ଶରୀର ଏହି ଜିନିଷସବୁକୁ ଠିକ୍ ବୁଝିପାରିବ । ଯଦି ଛୋଟ ପିଲାକୁ ବୁଝାଇବା ପରି ତାହାକୁ ଏଗୁଡ଼ିକୁ ଦେଖାଇ ବୁଝାଇ ଦିଆଯିବ ଯେ, ''ଦେଖ, ଏହିସବୁ ପରିସ୍ଥିତିରେ କେବଳ ନିରୋଳା ଜଡ଼ ଜଗତର ଘଟନା ନୁହେଁ, ଅନ୍ୟକିଛି ଶକ୍ତି ମଧ୍ୟ କ୍ରିୟା କରୁଥିଲା ।'' କୌଣସି ଅସଦିଚ୍ଛା ନ ଥିଲେ ଶରୀର ଏହାକୁ ଠିକ୍ ବୁଝିପାରିବ ।

ଏହା ଏକ ପ୍ରସ୍ତୁତି ।...

### ସକଳ ବିଶୃଙ୍ଖଳାକୁ ନିରାମୟ କରିବାର ତ୍ରିବିଧ ସୋପାନ

ଯଦି ତୁମେ ଏହି ବୋଧର ଯଥାର୍ଥ ଉପଯୋଗ କର, ତା'ହେଲେ କ୍ରମଶଃ ଧୀରେ ଧୀରେ ନାନା ପ୍ରଣାଳୀବଦ୍ଧ କ୍ରିୟା ଦ୍ୱାରା ଦେହ-କୋଷଗୁଡ଼ିକ ଭିତରକୁ ଏହି ଚେତନାର ଅନୁପ୍ରବେଶ କରାଇ ଦେଇପାର ଏବଂ ତହିଁ ସଙ୍ଗେ ସଙ୍ଗେ ଦିବ୍ୟ ଭଗବତ୍ ଉପସ୍ଥିତିର ସତ୍ୟକୁ ମଧ୍ୟ ସେଗୁଡ଼ିକ ଭିତରେ

ଅନୁପ୍ରବେଶ କରାଇ ଦେଇପାର । ଏହି କାମ ପାଇଁ ଦୀର୍ଘ ଦିନ ଲାଗିଯାଇ ପାରେ । କିନ୍ତୁ ପ୍ରଣାଳୀବଦ୍ଧ ଭାବରେ ଓ ନିୟତ ନିରନ୍ତର ଭାବରେ ଏହି କାମରେ ଲାଗି ରହିଲେ ତହିଁରୁ ନିଶ୍ଚୟ ଫଳ ଲାଭ ହେବ ।

ଏହି ଭାବରେ ତୁମେ ଭିତ୍ତିଭୂମିଟି ପ୍ରସ୍ତୁତ କରିଥାଅ ।

ଧରାଯାଉ କୌଣସି ରୋଗ ବା ଶାରୀରିକ ଅସୁସ୍ଥତା ଯୋଗୁଁ ଦେହର କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ତୁମେ କିଛି ଯନ୍ତ୍ରଣା ଅନୁଭବ କଲ । ସେହି ସମୟରେ ସବୁକିଛି ନିର୍ଭର କରେ, ମୁଁ ଆଗରୁ ଯାହା କହିଛି, ତୁମର ପ୍ରତିକ୍ରିୟା ଓ ମନୋଭାବ ଉପରେ, ଯେଉଁଗୁଡ଼ିକ ସହ ତୁମେ ସବୁଠୁ ବେଶୀ ପରିଚିତ ଓ ଅଭ୍ୟସ୍ତ । ଆମେ ଏକ ଉଦାହରଣ ଦେଇପାରୁ । ତୁମେ କଷ୍ଟ ଅନୁଭବ କରୁଛ, ଖୁବ୍ ଯନ୍ତ୍ରଣା ହେଉଛି, ଖୁବ୍ କଷ୍ଟ ହେଉଛି ଓ ତୁମକୁ ଖୁବ୍ ଭୋଗିବାକୁ ପଡୁଛି ।

ପ୍ରଥମ କଥା ହେଉଛି ଏହି ଯନ୍ତ୍ରଣା ଉପରେ ଖୁବ୍ ବେଶୀ ଗୁରୁତ୍ୱ ଦେଇ ନିଜକୁ କୁହ ନାହିଁ ଯେ, ‘‘ଓଃ, ଏହା କେତେ ଯନ୍ତ୍ରଣାଦାୟକ, ଓଃ ଏହି ଯନ୍ତ୍ରଣା ଏକେବାରେ ଅସହ୍ୟ, ଏହା ଆହୁରି ବଢ଼ି ବଢ଼ି ଚାଲିଛି, ମୁଁ କେବେହେଲେ ଏହାକୁ ଆଉ ସହ୍ୟ କରିପାରିବି ନାହିଁ... ଇତ୍ୟାଦି । ତୁମେ ଏହି ଧରଣର ଭାବନାକୁ ଯେତେ ଅଧିକ ପ୍ରଶ୍ରୟ ଦେବ, ଏହିଭଳି ଯେତେ ଅନୁଭବ କରିବ ଏବଂ ତୁମର ସମସ୍ତ ମନୋଯୋଗ ଏହି ଯନ୍ତ୍ରଣା ଉପରେ ଯେତେ ଅଧିକ କେନ୍ଦ୍ରୀଭୂତ ହେବ, ସେହି ଯନ୍ତ୍ରଣା ସେତିକି ଅଧିକ ଭୟଙ୍କର ଭାବରେ ବୃଦ୍ଧି ପାଇବ ।

ତେଣୁ ପ୍ରଥମ କାମ ହେଲା ନିଜ ଉପରେ ଯଥେଷ୍ଟ କର୍ତ୍ତୃତ୍ୱ ଓ ସଂଯମ ପ୍ରୟୋଗ କରି ଏପରି ନ କରିବା ।

ତା’ପରେ, ଦ୍ୱିତୀୟରେ, ମୁଁ ଆଗରୁ ଯାହା କହିଛି, ତୁମର ଚିରାଚରିତ ଅଭ୍ୟାସ ଉପରେ ଏହା ନିର୍ଭର କରେ । ତୁମେ ଯଦି ଜାଣ କିପରି ଏକାଗ୍ର ହେବାକୁ ହୁଏ, କିପରି ଚୁପ୍‌ଚାପ୍ ରହି ସ୍ଥିର ହେବାକୁ ହୁଏ, ତା’ହେଲେ ତୁମେ ନିଜ ଭିତରେ ଏକ ଧରଣର ଶାନ୍ତି ଆଣି ଦେଇପାର, ତାହା ମାନସିକ ଶାନ୍ତି ହେଉ ବା ପ୍ରାଣିକ ଶାନ୍ତି ହେଉ ବା ଚୈତ୍ୟ ଶାନ୍ତି ହେଉ । ଏହି ବିଭିନ୍ନ ଶାନ୍ତିର ଭିନ୍ନ ଭିନ୍ନ ମୂଲ୍ୟ ଓ ଗୁଣ ରହିଛି, ଏହା ଏକ ବ୍ୟକ୍ତି ମୂଳକ ପ୍ରଶ୍ନ – ତୁମେ ନିଜ ଭିତରେ ଏକ ଶାନ୍ତିର ଅବସ୍ଥା ଅନୁଭବ କର କିଂବା ଶାନ୍ତିର ଏକ ଶକ୍ତି ସହ ସଚେତ ସଂଯୋଗ ସ୍ଥାପନ କରିବାକୁ ବା ତହିଁ ଭିତରେ ପ୍ରବେଶ କରିବାକୁ ସଚେଷ୍ଟ ହୁଅ... ଧର ତୁମେ ଏହି ଉଦ୍ୟମରେ ଊଣା ଅଧିକେ ସଫଳ ହେଲ । ତା’ହେଲେ ତୁମେ ଯଦି ସେହି ଶାନ୍ତିକୁ ନିଜ ଭିତରକୁ ପ୍ରବେଶ କରାଇ ଆଣିପାର ଏବଂ ନାଭିକେନ୍ଦ୍ର ଭିତରକୁ ନେଇ ଆସିପାର – ଏଠାରେ ଆମେ ଆନ୍ତର ଚେତନା କଥା କହୁ ନାହୁଁ, କିନ୍ତୁ ତୁମର ସ୍ଥୂଳ ଶରୀର କଥା ହିଁ କହୁଛୁ – ଏବଂ ସେହି ନାଭିକ୍ଷେତ୍ର(Solar plexus)ରୁ ଖୁବ୍ ଧୀର ସ୍ଥିର ଭାବରେ, ଚୁପ୍‌ଚାପ୍ ଓ ନୀରବ, ପ୍ରଶାନ୍ତ ରହି ଖୁବ୍ ଲଗାତାର ଭାବରେ ଯେଉଁ ଜାଗାରେ ଯନ୍ତ୍ରଣା ହେଉଥାଏ ସେହି ସ୍ଥାନକୁ ପ୍ରେରଣ କର ଓ ସେଠାରେ ତାହାକୁ ଆରୋପିତ କରି ସ୍ଥିର ଓ ଦୃଢ଼ ରଖ, ତାହାହେଲେ ଏହା ଅତି ଉତ୍ତମ ।

କିନ୍ତୁ ସବୁବେଳେ ଏତିକି ଯଥେଷ୍ଟ ହୁଏ ନାହିଁ । ଏହି ଗତିବୃତ୍ତିକୁ ଯଦି ଆହୁରି ପ୍ରସାରିତ କରି ଏଥିସହ ଏକ ମାନସିକ ଜୀବନ୍ତ ଗଠନକୁ ଯୋଗ କର – ଏହି ଗଠନ ନିଷ୍ପ୍ରାଣ ନ ହୋଇ ତହିଁରେ ଟିକେ ଜୀବନ୍ତ ଭାବଥିବା ଦରକାର – ଯେ, ଭଗବତ୍ ସତ୍ୟ ହିଁ ଏକମାତ୍ର ସତ୍ୟ ଓ ବାସ୍ତବତା ଏବଂ ଶରୀରର ସମସ୍ତ ଦେହକୋଷଗୁଡ଼ିକ ଊଣାଅଧିକେ ବିକୃତ ହେଲେ ମଧ୍ୟ ସେହି ଭଗବତ୍ ସତ୍ୟର ହିଁ ଅଭିବ୍ୟକ୍ତି । କେବଳ ଗୋଟିଏ ମାତ୍ର ବାସ୍ତବତା ରହିଛି ଏବଂ ତାହା ହେଉଛି ଭଗବତ୍ ବାସ୍ତବତା ଏବଂ ଆମର ଶରୀର ଊଣା ଅଧିକେ ବିକୃତ ହେଲେ ମଧ୍ୟ ସେହି ଦିବ୍ୟ ବାସ୍ତବତାର ହିଁ ପ୍ରକାଶ ଓ ଅଭିବ୍ୟକ୍ତି – ଏବଂ ମୁଁ ଯଦି ମୋର ଅଭୀପ୍ସା ଓ ଏକାଗ୍ରତା ଦ୍ୱାରା ସେହି ଏକମାତ୍ର ଦିବ୍ୟ ବାସ୍ତବତାର ଚେତନାକୁ ଶରୀରର ଦେହକୋଷଗୁଡ଼ିକ ଭିତରକୁ ନେଇ ଆଣି ପାରିବି, ତା’ହେଲେ ନିର୍ଶ୍ଚିତ ଭାବରେ ସମସ୍ତ ରୋଗବ୍ୟାଧି ଆରୋଗ୍ୟ ହୋଇଯିବ ।

ଏବଂ ଏହା ସହିତ ଯଦି ତୁମେ ଭଗବତ୍ କୃପା ନିକଟରେ ଏକ ସମ୍ପୂର୍ଣ୍ଣ ଭରସା ଓ ସମର୍ପଣର ଭାବକୁ ଯୋଗ କର, ତେବେ ମୁଁ ନିଶ୍ଚୟ କରି କହିପାରେ ଯେ ପାଞ୍ଚ ମିନିଟ୍ ଭିତରେ ତୁମର ଯନ୍ତ୍ରଣା ପୂରା ଦୂର ହୋଇଯିବ । ଏହା କିପରି କରିବାକୁ ହୁଏ ତାହା ଜାଣିବା ଦରକାର ।

ତୁମେ ଚେଷ୍ଟା କରି ହୁଏତ ସଙ୍ଗେ ସଙ୍ଗେ ସଫଳ ହୋଇ ନପାର । କିନ୍ତୁ ସଫଳ ହେବା ପର୍ଯ୍ୟନ୍ତ କିପରି ବାରଂବାର ଚେଷ୍ଟା କରିବାକୁ ହୁଏ ତାହା ତୁମକୁ ଜାଣିବାକୁ ହେବ । କିନ୍ତୁ ତୁମେ ଯଦି ପୂର୍ବୋକ୍ତ ଏହି ତିନୋଟି ଜିନିଷକୁ ଏକ ସଙ୍ଗେ କରିପାର, ତା’ହେଲେ ଏପରି କୌଣସି ଯନ୍ତ୍ରଣା ନାହିଁ ଯାହା ଏହାର ପ୍ରତିରୋଧ କରିପାରିବ ।

(CWM Vol. 8, pp. 211 - 213)

# ନିୟତି ଓ ରହସ୍ୟୋଦ୍‌ଘାଟନ

## ଶ୍ରୀମା

*ପ୍ରଶ୍ନ : ଆମେ ଆମର ନିୟତିକୁ ବାଛି ନେଇ ପାରୁ ନା ଆମେ ହିଁ ବଛା ହୋଇଥାଉ ?*

ଶ୍ରୀମା : ବାହ୍ୟ ସତ୍ତାଟିକୁ ଯଦି ତା' ନିଜ ହାତରେ ଛାଡ଼ି ଦିଆଯାଏ ତେବେ ତାହାର ବିଶେଷ ଦାୟିତ୍ୱଜ୍ଞାନ ନ ଥାଏ । ଅଧିକାଂଶ ସମୟରେ ଏହା ବିଶ୍ୱ-ପ୍ରକୃତିର ଶକ୍ତିମାନଙ୍କ ହାତରେ ଏକ ଖେଳଣା ପରି ହୋଇଥାଏ । କିନ୍ତୁ ଅନ୍ତର୍ସତ୍ତା ବା ଉଚ୍ଚତର ସତ୍ତା, ଗଭୀରତର ଚେତନା ହିଁ ହୋଇଥାଏ ଆମ ନିୟତିର ପ୍ରଭୁ ଓ ନିର୍ମାତା । ସେଇଥିପାଇଁ ଏହି ସାର୍ବଭୌମ ଚେତନାକୁ ଆବିଷ୍କାର କରିବା ଓ ତାହା ସହ ଏକ ହୋଇଯିବା ଏତେ ଗୁରୁତ୍ୱପୂର୍ଣ୍ଣ । କାରଣ କେବଳ ତାହା ଫଳରେ ହିଁ ଆମେ ଜୀବନର ସମସ୍ତ ଅସଂଗତି ଓ ପ୍ରକୃତିର ସମସ୍ତ ସଂଘର୍ଷର ସମାପ୍ତି ଘଟାଇ ପାରିବୁ ।

(*ଆଶ୍ରମ ଆସିଥିବା ଜଣେ ଦର୍ଶନାର୍ଥୀଙ୍କୁ ଏହି ଲିଖିତ ଉତ୍ତର ଦେଇ ମା ମନ୍ତବ୍ୟ ଦେଇଥିଲେ ''ଏହା ଏକ ଆଗ୍ରହଜନକ ପ୍ରଶ୍ନ'' ଏବଂ ନିମ୍ନୋକ୍ତ ଟିପ୍ପଣୀଟି ଦେଇଥିଲେ ।*)

ଆରମ୍ଭ କରିବା ପାଇଁ ଏହା ହେଉଛି ପ୍ରଥମ ଛୋଟ ସୂଚନାଟିଏ । ଥରେ ତୁମେ ଆରମ୍ଭ କରିଦେଲେ ତେଣିକି ଜିନିଷଗୁଡ଼ିକ ସେମାନଙ୍କ ନିଜ ନିଜ ମାର୍ଗରେ ଆଗେଇ ଯିବେ ଓ ତୁମେ ଅଧିକରୁ ଅଧିକ ବୁଝି ପାରିବାକୁ ସକ୍ଷମ ହେବ । ଏହା ହିଁ ହେଉଛି ଆରମ୍ଭ ବିନ୍ଦୁ ।

*ପ୍ରଶ୍ନ : ଆମ ଊର୍ଦ୍ଧ୍ୱରେ ଯାହା ରହିଛି ତାହାର ରହସ୍ୟ କିପରି ଆମ ନିକଟରେ ଉଦ୍‌ଘାଟିତ ହୁଏ ?*

ଶ୍ରୀମା : ଓଃ ! ପ୍ରତ୍ୟେକ ଲୋକ ପାଇଁ ଏହା ଭିନ୍ନ ଭିନ୍ନ ହୁଏ । – ପ୍ରତ୍ୟେକ ଲୋକ ପାଇଁ । ସେହି ଏକା ଜିନିଷ ଦୁଇ ଥର ହୁଏ ନାହିଁ । ସାଧାରଣତଃ ତୁମେ ଯେତେବେଳେ ଏହା ଆଶା କରି ନ ଥାଅ ଏବଂ ଯେତେବେଳେ ଅଧିକରୁ ଅଧିକ... । ଯେତେବେଳେ ତୁମେ ତୁମର ତଥାକଥିତ ସମସ୍ତ ଜ୍ଞାନ, ତୁମର ନିଶ୍ଚିତତା ଏବଂ ପ୍ରାୟ ତୁମର ଆଶାଗୁଡ଼ିକୁ ସମର୍ପଣ କରିଦିଅ ସେତେବେଳେ ତୁମେ ଏପରି ଏକ ଅବସ୍ଥାରେ ରୁହ ଯେଉଁଠି ତୁମେ ସେହି ଉପଲବ୍ଧିକୁ ଲାଭ କରିପାର, ଯାହା ସଦାସର୍ବଦା ବିଦ୍ୟମାନ ହୋଇ ରହିଥାଏ । ଏହା ସଦାସର୍ବଦା ରହିଛି । ଆମେମାନେ ହିଁ ତାହାକୁ ଗ୍ରହଣ କରିପାରୁ ନାହୁଁ । ଜ୍ଞାନ ସଦାସର୍ବଦା ରହିଛି । ଜ୍ଞାନାଲୋକ ସଦାସର୍ବଦା ରହିଛି, ସଦାସର୍ବଦା, ଯେପରିକି ଏହା ସବୁକିଛି ଉପରେ ଭାସମାନ ହୋଇ ରହିଛି, କେହି ତାହାକୁ ଗ୍ରହଣ କରୁ ବୋଲି ସଦା ପ୍ରସ୍ତୁତ ହୋଇ ରହିଛି । କିନ୍ତୁ ଆମେ ଯାହା ଜାଣୁ ବୋଲି ଭାବୁ ଏବଂ ଯାହା କରିବୁ ବୋଲି ଚାହୁଁ, ତାହା ଦ୍ୱାରା ଏପରି ଅନ୍ଧ ହୋଇ ରହିଛୁ ଯେ ଆମେ ସେହି ଆଲୋକକୁ ଗ୍ରହଣ କରି ପାରୁ ନାହୁଁ । କିନ୍ତୁ କୌଣସି ନା କୌଣସି କାରଣରୁ ଆମେ ଯଦି ନିଜକୁ ସମର୍ପଣ କରୁ, ଅର୍ଥାତ୍ ଯଦି ଆମେ ଟିକେ ନିଶ୍ଚେଷ୍ଟ ଓ ଗୌଣ ହୋଇଯାଇ ନିଜକୁ ଖୋଲିଧରୁ ତା'ହେଲେ ଆମେ ଏହାକୁ ଗ୍ରହଣ କରିଥାଉ ।

ଅବଶ୍ୟ ଏକ ସକ୍ରିୟ ବାଟ ରହିଛି । ଏହି ସକ୍ରିୟ ବାଟଟି ହେଉଛି ଏକ ନିବିଡ଼ ଅଭୀପ୍ସା, ଯେତେବେଳେ ଏହା ଏକ ଆବଶ୍ୟକତା, ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇଉଠେ ସେତେବେଳେ ଆମ ଭିତରେ କିଛିଟା ଖୋଲିଯାଏ ଏବଂ ଆମେ ଗ୍ରହଣ କରୁ । ଆମେ ଏହି ଧାରଣା ରଖିବା ପାଇଁ ବାଧ୍ୟ ହେଉ ଯେ ଏହା ଆମ ଊର୍ଦ୍ଧ୍ୱରେ ରହିଛି, କାରଣ ଆମେ ଆମ ସତ୍ତାର ସେହି ଅଂଶରେ ଏହାକୁ ଗ୍ରହଣ କରୁ (ମା ତାଙ୍କର ମସ୍ତକର ଶୀର୍ଷ ଭାଗକୁ ସୂଚିତ କଲେ ।) ଏହା ସେଠାରେ ରହିଛି, ସେଠାରେ ରହିଛି, ସେଇ ସାମର୍ଥ୍ୟ ଏପରି କିଛି ସହ ସଂଯୋଗ ସ୍ଥାପନ କରିବା ପାଇଁ ରହିଛି ଯାହା ଆଉ ନିରୋଳା ମାନବୀୟ ନୁହେଁ ।

ଏହା ପାଇବା ପାଇଁ ତୁମକୁ ଏକ ବିରାଟ ପ୍ରୟୋଜନୀୟତା ଅନୁଭବ କରିବାକୁ ହେବ । ଅନୁଭବ କରିବାକୁ ହେବ ଯେ ଏହା ହିଁ ହେଉଛି ଆମ ଅସ୍ତିତ୍ୱ ଓ ଜୀବନର ଏକମାତ୍ର ଉଦ୍ଦେଶ୍ୟ, ଏଇଥିପାଇଁ ହିଁ ମାନବସମାଜ ଜୀବନ ଧାରଣ କରି ରହିଛି, ଯାହାଫଳରେ ଏହାର ରହସ୍ୟୋଦ୍‌ଘାଟନ ଓ ପ୍ରକାଶ ରୂପାୟିତ ହେବ ।

(*ଅବଶିଷ୍ଟାଂଶ ୧୮ ପୃଷ୍ଠାରେ ଦେଖନ୍ତୁ*)

# ଆଧ୍ୟାତ୍ମିକ ଶକ୍ତି

## ଶ୍ରୀଅରବିନ୍ଦ

ଏକ ଶକ୍ତି ଅଛି ଯାହା ନୂତନ ଚେତନାର ବୃଦ୍ଧି ସଙ୍ଗେ ରହିଥାଏ ଏବଂ ଏହା ସହିତ ତତ୍‌କ୍ଷଣାତ୍ ବୃଦ୍ଧିପାଏ, ଆଉ ଏହି ନୂତନ ଚେତନାର ସଂଘଟନରେ ଓ ତାହାର ପୂର୍ଣ୍ଣତା ପ୍ରାପ୍ତିରେ ସାହାଯ୍ୟ କରେ । ଏହି ଶକ୍ତି ହେଉଛି ଯୋଗ ଶକ୍ତି । ଏହା ଆମ ଆନ୍ତର ସତ୍ତାର ସମସ୍ତ କେନ୍ଦ୍ରରେ ଅର୍ଥାତ୍ ସକଳ ଚକ୍ରରେ କୁଣ୍ଡଳିତ ହୋଇ ସୁପ୍ତ ଅବସ୍ଥାରେ ରହିଛି, ଏବଂ ମୂଳାଧାରରେ ଥିବା ଏହି ଶକ୍ତିକୁ ତନ୍ତ୍ର ଶାସ୍ତ୍ରରେ କୁଣ୍ଡଳିନୀ ଶକ୍ତି ବୋଲି କୁହାଯାଏ । କିନ୍ତୁ ଏହା ଆମର ଊର୍ଦ୍ଧ୍ୱରେ ମଧ୍ୟ ରହିଛି, ଆମମାନଙ୍କର ମସ୍ତକର ଊର୍ଦ୍ଧ୍ୱରେ ଭଗବତ୍ ଶକ୍ତିଭାବେ ବିଦ୍ୟମାନ – ସେଠାରେ କିନ୍ତୁ ଏହା କୁଣ୍ଡଳାକାର, ଜଡ଼ିତ, ସୁପ୍ତ ନ ହୋଇ ଜାଗ୍ରତ୍, ଜ୍ଞାନଯୁକ୍ତ, ସାମର୍ଥ୍ୟଯୁକ୍ତ, ପ୍ରସାରିତ ଓ ପ୍ରଶସ୍ତ ହୋଇ ରହିଛି, ଏହା ପରିପ୍ରକାଶ ଲାଗି ଅପେକ୍ଷା କରି ରହିଛି ଏବଂ ଏହି ଶକ୍ତି ପ୍ରତି ଆମ ନିଜକୁ ଉନ୍ମୁକ୍ତ କରିବାକୁ ହେବ, ଅର୍ଥାତ୍ ଭଗବତ୍ ଜନନୀଙ୍କର ଶକ୍ତି ପ୍ରତି ନିଜକୁ ଉନ୍ମୁକ୍ତ କରିବାକୁ ହେବ ।

(SABCL, 24 : 1150)

*

*କଷ୍ଟ ଓ ରୋଗରୁ ମୁକ୍ତି ପାଇବା ଲାଗି ଯୌଗିକ ପ୍ରଣାଳୀ କ'ଣ ?*

ସେଥିରୁ ନିଜକୁ ପୃଥକ୍ କରି ରହିବାକୁ ହେବ ଏବଂ ଆରୋଗ୍ୟ ଲାଗି ମା'ଙ୍କ ଶକ୍ତିକୁ ଆବାହନ କରିବାକୁ ହେବ – ଅଥବା ତୁମ ପଛରେ ରହିଥିବା ମା'ଙ୍କ ଶକ୍ତିର ସାହାଯ୍ୟ ନେଇ ଆରୋଗ୍ୟକାରୀ ଶକ୍ତି ଉପରେ ତୁମର ଇଚ୍ଛା ଶକ୍ତିକୁ ପ୍ରୟୋଗ କର । ଏହା ଭିତରୁ କୌଣସି ଏକ ପ୍ରଣାଳୀକୁ ଯଦି ତୁମେ ପ୍ରୟୋଗ କରିପାରୁ ନାହଁ, ତେବେ ତୁମକୁ ଔଷଧର କାର୍ଯ୍ୟ ଉପରେ ଅବଶ୍ୟ ଭରସା କରିବାକୁ ହେବ ।

(Guidance from Sri Aurobindo, Vol. 1 : p 189)

*

ସମଗ୍ର ଜୀବନ ହେଉଛି ବିଶ୍ୱ ଶକ୍ତିରାଜିର ଲୀଳାଖେଳା । ବ୍ୟକ୍ତି ଏହି ଜାଗତିକ ଶକ୍ତିରାଜିକୁ ଏକ ବ୍ୟକ୍ତିଗତ ରୂପ ଦିଏ । କିନ୍ତୁ ଏକ ନିର୍ଦ୍ଦିଷ୍ଟ ଶକ୍ତିର କାର୍ଯ୍ୟକୁ ବ୍ୟକ୍ତି ପ୍ରତ୍ୟୁତ୍ତର ଦେବ କି ନ ଦେବ ତାହା ସେ ନିଜେ ବାଛି ପାରିବ । ମାତ୍ର ଅଧିକାଂଶ ଲୋକ ପ୍ରକୃତରେ ବାଛନ୍ତି ନାହିଁ – ସେମାନେ କେବଳ ଶକ୍ତିରାଜିର ଲୀଳାଖେଳାରେ ଅସଂଯତ ଭାବେ ପ୍ରବୃତ୍ତ ହୁଅନ୍ତି । ତୁମର ରୋଗ, ଅବସାଦ ଇତ୍ୟାଦି ଏହି ପ୍ରକାର ଶକ୍ତିରାଜିଙ୍କର ଖେଳାର ପୁନରାବୃତ୍ତି । କେବଳ ଯେତେବେଳେ ବ୍ୟକ୍ତି ନିଜକୁ ଏଥିରୁ ମୁକ୍ତ କରିପାରିବ, ସେତେବେଳେ ସେ ପ୍ରକୃତ ମନୁଷ୍ୟ ହୋଇପାରିବ ଏବଂ ପ୍ରକୃତ ଜୀବନ ଯାପନ କରିବ – କିନ୍ତୁ କେବଳ ଭଗବାନଙ୍କ ମଧ୍ୟରେ ବାସ କଲେହିଁ ବ୍ୟକ୍ତି ମୁକ୍ତ ହୋଇ ପାରିବ ।

(SABCL, 22 : 318)

### ରୋଗମୁକ୍ତ ହେବା ଲାଗି ଦିବ୍ୟଶକ୍ତିର ସକ୍ଷମତା

ଏହା ସ୍ପଷ୍ଟ ଯେ ଯଦି ଆଧ୍ୟାତ୍ମିକ ଶକ୍ତି ବିଦ୍ୟମାନ, ତେବେ ତାହା ଆଧ୍ୟାତ୍ମିକ ଫଳାଫଳ ଆଣିବା ଲାଗି ନିଶ୍ଚିତଭାବେ ସକ୍ଷମ ହେବ ... ଅଧିକନ୍ତୁ ଏହା ଯଦି ସତ୍ୟ ଯେ ଆଧ୍ୟାତ୍ମିକ ଶକ୍ତି ହେଉଛି ମୂଳଉତ୍ସ ଏବଂ ଅନ୍ୟସବୁ ଏହା ମଧ୍ୟରୁ ଉଦ୍ଭବ ହୋଇଛି, ତା'ହେଲେ ଆଧ୍ୟାତ୍ମିକ ଶକ୍ତି ମାନସିକ ପରିଣାମ, ପ୍ରାଣିକ ପରିଣାମ ଓ ଶାରୀରିକ ପରିଣାମ ଉପସ୍ଥାପିତ କରିଥାଏ ବୋଲି ଭାବିବା ଅଯୌକ୍ତିକ ହେବ ନାହିଁ । ଏହା ମାନସିକ, ପ୍ରାଣିକ ଓ ଶାରୀରିକ ଶକ୍ତିରାଜି ମାଧ୍ୟମରେ ଏବଂ ଏହି ଶକ୍ତିଗୁଡ଼ିକ ଯେଉଁ ଉପାୟ ବିନିଯୋଗ କରନ୍ତି, ତାହା ମାଧ୍ୟମରେ କାର୍ଯ୍ୟ କରିପାରେ ଅଥବା ଏହା ନିଜର ସ୍ୱତନ୍ତ୍ର ଓ ତାତ୍‌କ୍ଷଣିକ କାର୍ଯ୍ୟର କ୍ଷେତ୍ର ରୂପେ, ପ୍ରତ୍ୟକ୍ଷ ଭାବେ ମନ, ପ୍ରାଣ କିଂବା ଜଡ଼ ଉପରେ କାର୍ଯ୍ୟ କରିପାରେ । ଏ ଦୁଇଟି ମଧ୍ୟରୁ ଗୋଟିଏ ବି **ଆପାତତଃ** ସମ୍ଭବପର । ରୋଗ ଆରୋଗ୍ୟ କରିବା କଥା ଧରାଯାଉ, ଜଣେ ଦୁଇଦିନ ଧରି ଅସୁସ୍ଥ ହୋଇଛି, ଦୁର୍ବଳ ଅଛି, ଯନ୍ତ୍ରଣା ଓ ଜ୍ୱରରେ ପୀଡ଼ିତ ହୋଇଛି; ସେ କିଛି ବି ଔଷଧ ଖାଏ ନାହିଁ, ପରିଶେଷରେ ଗୁରୁଙ୍କୁ ନିବେଦନ କରେ ତାକୁ ରୋଗମୁକ୍ତ କରିବା ସକାଶେ, ତା' ପରଦିନ ସକାଳେ ସେ

ଭଲଭାବେ ସୁସ୍ଥସବଳ ଓ ସ୍ଫୂର୍ତ୍ତିଯୁକ୍ତ ହୋଇ ନିଦରୁ ଉଠେ । ଅତିକମ୍‌ରେ ତା'ର ଭାବିବାର ଯଥାର୍ଥତା ଅଛି ଯେ ତା' ଉପରେ ଏକ ଶକ୍ତି ପ୍ରୟୋଗ କରା ହୋଇଛି, ତା' ମଧ୍ୟକୁ ତାହା ସନ୍ନିବିଷ୍ଟ କରା ଯାଇଛି ଏବଂ ତାହା ହିଁ ହେଉଛି ଏକ ଆଧ୍ୟାତ୍ମିକ ଶକ୍ତି ଯାହା କ୍ରିୟାଶୀଳ ହେଲା ।...

ଏଥିରୁ ବୁଝାଯାଉ ନାହିଁ ଯେ ଏକ ଆଧ୍ୟାତ୍ମିକ ଶକ୍ତି ସମସ୍ତ କ୍ଷେତ୍ରରେ ଅବଶ୍ୟ ସଫଳ ହେବ ନଚେତ୍ ଏହା ଯଦି ଫଳବତୀ ନ ହୁଏ, ତେବେ ଏହା ପ୍ରମାଣ କରେ ନାହିଁ ଯେ ସେହି ଶକ୍ତିର ଅସ୍ତିତ୍ୱ ନାହିଁ । କୌଣସି ଏକ ଶକ୍ତି ବିଷୟରେ ବି ତାହା କୁହାଯାଇ ପାରିବ ନାହିଁ । ଅଗ୍ନିର ଶକ୍ତି ହେଉଛି ଦହନ କରିବା କିନ୍ତୁ କିଛି ଜିନିଷ ଅଛି ଯାହାକୁ ଏହା ଦଗ୍‌ଧୀଭୂତ କରିପାରେ ନାହିଁ; ଏମିତି କିଛି ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଲାଲ ହୋଇ ଯାଇଥିବା ଅତ୍ୟୁତ୍ତାପ କୋଇଲା ଉପରେ ଚାଲୁଥିବା ମନୁଷ୍ୟର ଖାଲି ପାଦକୁ ମଧ୍ୟ ଏହା ଦଗ୍ଧ କରେ ନାହିଁ । ଏହା ପ୍ରମାଣ କରୁ ନାହିଁ ଯେ ଅଗ୍ନି ଦହନ କରେ ନାହିଁ କି ଅଗ୍ନିଶକ୍ତି ବୋଲି ଏପରି କିଛି ବସ୍ତୁ ନାହିଁ ।

(SABCL, 22 : 216-18)

*

*ଦିବ୍ୟଶକ୍ତି ଯେଉଁଠାରେ ଅସଫଳ ହୁଅନ୍ତି ସେହି ଉଦାହରଣଗୁଡ଼ିକ ବିଷୟରେ କ'ଣ କୁହାଯିବ ? ଏହି ଶକ୍ତି କେତେକ କ୍ଷେତ୍ରରେ ସଫଳ ହୁଅନ୍ତି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସଫଳ ହୁଅନ୍ତି ନାହିଁ କାହିଁକି ?*

ଏହା ଭାବିବା ଭୁଲ୍ ଯେ ଏହି ଶକ୍ତି (ଦିବ୍ୟଶକ୍ତି) ନିଶ୍ଚିତ ଭାବେ ଏକ ଅଲୌକିକ ଶକ୍ତି ନଚେତ୍ ତାହା କିଛି ବି ଶକ୍ତି ନୁହେଁ । ଅଲୌକିକ ଶକ୍ତି ବୋଲି କିଛି ନାହିଁ ଏବଂ ମୁଁ ଅଲୌକିକତା ସହ କାର୍ଯ୍ୟ କରେ ନାହିଁ । ଦିବ୍ୟ ଶବ୍ଦଟିର ଅର୍ଥ ଯଦି ହୁଏ ସର୍ବଦା ସର୍ବଶକ୍ତିମତ୍ତା ଭାବେ କ୍ରିୟାରତ ଶକ୍ତି, ତେବେ ଏଠାରେ ଏହି ଶବ୍ଦଟି ପ୍ରଯୁଜ୍ୟ ନୁହେଁ । ତା'ହେଲେ ଯୌଗିକ ଶକ୍ତି ଅର୍ଥରେ ଏହାକୁ ନେବା ମହତ୍ତର; ଏହାର ସରଳ ଅର୍ଥ ହେଉଛି ଏକ ଉଚ୍ଚତର ଚେତନା ଯାହାକି ନିଜର ଶକ୍ତି ପ୍ରୟୋଗ କରୁଛି, ଏକ ଆଧ୍ୟାତ୍ମିକ ଓ ଶରୀରୋତ୍ତର ଶକ୍ତି ଯାହାକି ପ୍ରତ୍ୟକ୍ଷଭାବେ ଭୌତିକ ଜଗତ୍ ଉପରେ କାର୍ଯ୍ୟ କରୁଛି । ବ୍ୟକ୍ତିକୁ ଏହି ଶକ୍ତିର ମାଧ୍ୟମ ହେବା ଲାଗି ତା' ନିଜ କରଣକୁ ତାଲିମ ଦେବାକୁ ହେବ; ଏହା ମଧ୍ୟ ନିର୍ଦ୍ଦିଷ୍ଟ ଏକ ନିୟମ ଅନୁଯାୟୀ ଓ ନିର୍ଦ୍ଦିଷ୍ଟ ସର୍ତ୍ତରାଜି ମଧ୍ୟଦେଇ କାର୍ଯ୍ୟ କରେ । ଭଗବାନ୍ ସ୍ୱେଚ୍ଛାଚାରୀ ଭାବେ କିଂବା ଯାଦୁକର ଭାବେ କାର୍ଯ୍ୟ କରନ୍ତି ନାହିଁ; ସେ କାର୍ଯ୍ୟ କରନ୍ତି ଆମେମାନେ ଯେଉଁ ଜଗତରେ ବାସ କରୁଛୁ ତାହାର ପ୍ରକୃତି ଓ ଉଦ୍ଦେଶ୍ୟ ଦ୍ୱାରା ସ୍ଥିରୀକୃତ ହୋଇଥିବା ଧାରା ଅନୁଯାୟୀ – ଯାହା ପ୍ରକାଶ ହେବାକୁ ଯାଉଛି ତାହାକୁ ଅଧିକ ଭାବେ ପ୍ରକାଶ କରି ଭଗବାନ୍ ଜଗତ୍ ଉପରେ କାର୍ଯ୍ୟ କରନ୍ତି, ହଠାତ୍ ଏକ ପରିବର୍ତ୍ତନ ଦ୍ୱାରା ନୁହେଁ କି ଯେଉଁ କାର୍ଯ୍ୟ ହେବାକୁ ଯାଉଛି ତାହାର ସମସ୍ତ ସର୍ତ୍ତକୁ ଉପେକ୍ଷା କରି ସେ କାର୍ଯ୍ୟ କରନ୍ତି ନାହିଁ । ଏହା ଯଦି ସେପରି ନ ହୋଇଥା'ନ୍ତା ତେବେ ଯୋଗ, ସମୟ, ମାନବୀୟ କାର୍ଯ୍ୟ, ଆଧାର, ଗୁରୁ ଓ ଶିଷ୍ୟ କିଂବା ଅବତରଣ ଓ ଅନ୍ୟ କିଛିର ଆବଶ୍ୟକତା ନ ଥା'ନ୍ତା । ଏହା କେବଳ ଏକ 'ତଥାସ୍ତୁ'ର ବିଷୟ ହୋଇ ରହିଥା'ନ୍ତା ଆଉ ଅଧିକ କିଛି ନ ହୋଇ । କିନ୍ତୁ ତାହା (ତଥାସ୍ତୁବାଦ) ଅଯୌକ୍ତିକ କିଂବା ଅଯୌକ୍ତିକ ଠାରୁ ଆହୁରି ମନ୍ଦ – ଅର୍ଥାତ୍ ''ତୁଚ୍ଛା ପିଲାଳିଆମି'' ହୋଇଯିବ । ଏହାର ଅର୍ଥ ନୁହେଁ ଯେ ହସ୍ତକ୍ଷେପ ହୁଏ ନାହିଁ ଓ ଅଲୌକିକ ମନେ ହେଉଥିବା ଘଟଣାଗୁଡ଼ିକ ଘଟେ ନାହିଁ – ତାହାସବୁ ଘଟିଥାଏ । କିନ୍ତୁ ସମସ୍ତ ଘଟଣା ତ ସେହିପରି ହୋଇ ପାରିବ ନାହିଁ ।...

ଏହା ଯଦି ରୋଗର ଅଳ୍ପ କିଛି ଘଟଣା ଉପରେ ନିର୍ଭର କରୁ ଥାଆନ୍ତା, ତେବେ ଏହା କୌଣସି ନିଶ୍ଚୟତା ନ ଥିବା କିଂବା ଗୁରୁତ୍ୱ ନ ଥିବାର କଥାଟିଏ ହୋଇ ଥାଆନ୍ତା । ଦିବ୍ୟଶକ୍ତି ଯଦି ଖାଲି ଆକସ୍ମିକ କଳ୍ପନା କିଂବା ଅଲୌକିକ ଘଟଣା ହୋଇଥା'ନ୍ତା ତେବେ ତାହା ସତ୍ୟ ବୋଲି ଯେତେ ସୁସମର୍ଥିତ ହୋଇଥାଉ ପଛକେ, ତାହା ସମାନ ଭାବରେ ତୁଚ୍ଛ ଓ ଗୁରୁତ୍ୱହୀନ ହୋଇ ଥାଆନ୍ତା । ଏହା କେବଳ ଗୁରୁତ୍ୱପୂର୍ଣ୍ଣ ଯଦି ଏହା ଚେତନା ଓ ଜୀବନର ଏକ ଅଂଶ ହୋଇଥାଏ ଏବଂ କେବଳ ରୋଗ ପାଇଁ ବ୍ୟବହୃତ ନ ହୋଇ ବ୍ୟକ୍ତିକୁ ଯାହା କିଛି କରିବାକୁ ହେବ, ତାହା ପାଇଁ ସର୍ବଦା ମଧ୍ୟ ବ୍ୟବହୃତ ହୋଇଥାଏ । ଏହା ବିଭିନ୍ନ ଭାବେ ପ୍ରକାଶିତ ହୁଏ – ଚେତନାର ସାମର୍ଥ୍ୟ ରୂପେ ସମାନ ଭାବେ ଜୀବନ ଓ କାର୍ଯ୍ୟକୁ ସହାୟତା ଦେଇ ଏବଂ ବାହ୍ୟ ଜୀବନର ଏକଥା କି ସେକଥା ସକାଶେ ସାମର୍ଥ୍ୟ ପ୍ରଦାନ କରିବା ଲାଗି, ଆଉ ଉର୍ଦ୍ଧ୍ୱରୁ ବିଶେଷ ଦିବ୍ୟ

ଶକ୍ତିକୁ ଟାଣିଆଣି ଚେତନାକୁ ଉତ୍ତୋଳିତ କରି ଓ ତାହାର ପରିସରକୁ ଓ ଉଚ୍ଚତାକୁ ବୃଦ୍ଧି କରି ଏବଂ ଅଲୌକିକ କାର୍ଯ୍ୟ ଦ୍ୱାରା ନ କରି ନିର୍ଦ୍ଦିଷ୍ଟ ଧାରା ଅନୁସରଣ କରି ଏକ ଗୁରୁତ୍ୱପୂର୍ଣ୍ଣ, ଅଟଳ, ସଂଗଠିତ କାର୍ଯ୍ୟ ଦ୍ୱାରା ରୂପାନ୍ତରିତ କରେ । ଏହାର ଫଳପ୍ରଦତା ଓ କର୍ମକୁଶଳତା ପ୍ରଥମେ ଏହାର ମହାନତା ଓ ତୀବ୍ରତା ଦ୍ୱାରା କିଂବା ଏହା ଯେଉଁ ସ୍ତରରୁ ଆସୁଛି ତାହା ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ (ଏହି ସ୍ତର ଉଚ୍ଚତର ମନରୁ ଆରମ୍ଭ କରି ଅଧିମାନସ ସ୍ତର ପର୍ଯ୍ୟନ୍ତ ବିସ୍ତୃତ ହୋଇପାରେ), ଏହା ଯେଉଁ ବସ୍ତୁ ଓ କ୍ଷେତ୍ର ଉପରେ କାର୍ଯ୍ୟ କରେ ତାହାର ଅବସ୍ଥା ଉପରେ ଆଂଶିକ ଭାବେ ଏବଂ ସାଧାରଣ ଓ ନିର୍ଦ୍ଦିଷ୍ଟ ଯେଉଁ ଗତିବୃତ୍ତିକୁ ଏହା ଫଳପ୍ରଦ କରିବ, ତା' ଉପରେ ଆଂଶିକ ଭାବେ ନିର୍ଭର କରେ । ଏହା ଯାଦୁକରର ଛଡ଼ି କିଂବା ଶିଶୁର ଚକମକିଆ ଖେଳନା ନୁହେଁ, କିନ୍ତୁ ଏପରି କିଛି ବ୍ୟକ୍ତିକୁ ଠିକ୍ ଭାବରେ ବ୍ୟବହାର କରିବା ପୂର୍ବରୁ ତାହାକୁ ନିରୀକ୍ଷଣ କରିବାକୁ ହେବ, ହୃଦୟଙ୍ଗମ କରିବାକୁ ହେବ, ସମୃଦ୍ଧ କରିବାକୁ ହେବ ଓ ତା' ଉପରେ କର୍ତ୍ତୃତ୍ୱ ହାସଲ କରିବାକୁ ହେବ ନଚେତ୍ — ସୀମିତଭାବେ ଏହାର ଉପଯୋଗ କରିବା ବ୍ୟତୀତ କେହି ବି ଏହାର ଯନ୍ତ୍ର ହୋଇ ପାରିବେ ନାହିଁ ।

(*Correspondence with Sri Aurobindo* : p. 128 - 30)

---

(*ପୃଷ୍ଠା ୧୫ ର ଅବଶିଷ୍ଟାଂଶ*)

ମାନବଜାତି ହେଉଛି ପୃଥିବୀରେ ମାନସିକ ଉପଲବ୍ଧିର ରୂପାୟନ, ଏବଂ ମନର ଅସ୍ତିତ୍ୱର ଉଦ୍ଦେଶ୍ୟ ହେଲା ସବୁକିଛିକୁ ସୂତ୍ରାୟିତ କରିବା, ପ୍ରକାଶ କରିବା, ଏକ ବୁଦ୍ଧିଗତ ମୂର୍ତ୍ତ ରୂପ ଦେବା । ତେଣୁ ଯଦି ଆମେ ଅନୁଭବ କରୁ ଯେ ଏହା ହିଁ ହେଉଛି ସେହି ଦିବ୍ୟ ସତ୍ୟ ଯାହାର ରହସ୍ୟ ଉଦ୍‌ଘାଟନ କରିବାକୁ ଆମେ ଇଚ୍ଛୁକ, ତା'ହେଲେ ବୁଝିବାକୁ ହେବ ଯେ ଆମେ ତାହାକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ — ସେତେବେଳେ ହିଁ ଆମେ ବାସ୍ତବରେ ଏହା ଜାଣିବା ପାଇଁ ଆବଶ୍ୟକତା ଅନୁଭବ କରୁ ଯେ ଆମେ କାହିଁକି ଜୀବନ ଧାରଣ କରି ରହିଛୁ । ମଣିଷମାନେ କାହିଁକି ନିଜର ଅସ୍ତିତ୍ୱ ନେଇ ରହିଛନ୍ତି, ଏବଂ ତହିଁ ସଙ୍ଗେ ସଙ୍ଗେ ମଧ୍ୟ ଆସେ ଆମ ନିଜର ଅପୂର୍ଣ୍ଣତାର ଅନୁଭୂତି; ଆମେ ଅନୁଭବ କରୁ ଯେ ଆମେ ନିଜେ ଯାହା, ତାହା ବ୍ୟତୀତ ଆଉ ଅଧିକ କିଛି ମଧ୍ୟ ରହିଛି । ସର୍ବୋପରି ଆମେ ଯାହା ଜାଣୁ ତା'ଠାରୁ ଆଉ ଅଧିକ କିଛି ମଧ୍ୟ ରହିଛି । ଏପରି ଆଉ କିଛି ରହିଛି ଯାହା ଆମକୁ ଆବିଷ୍କାର କରିବାକୁ ହେବ ଏବଂ ପ୍ରକାଶ କରିବାକୁ ହେବ । ସେତେବେଳେ ଆମେ ସେଥିପାଇଁ ଅଭୀପ୍ସା କରୁ, ତାହା ପାଇବା ପାଇଁ ଆକୁଳିତ ହେଉ ଏବଂ ଅନୁଭବ କରୁ ଯେ ତାହା ସଂପର୍କରେ ଜ୍ଞାନ ଲାଭ କରିବାକୁ ହେବ । ସେତେବେଳେ ଜଣେ ପ୍ରସ୍ତୁତ ହୋଇଛି ବୋଲି ବୁଝିବାକୁ ହେବ । କିନ୍ତୁ ଏଥିପାଇଁ ଅନେକ, ଅଗଣିତ ପଥ ରହିଛି । ପ୍ରତ୍ୟେକ ଲୋକ ପାଇଁ ପଥ ଭିନ୍ନ ଭିନ୍ନ । କେବଳ ପ୍ରତ୍ୟେକ ଲୋକ ପାଇଁ ସେହି ଅନୁଭବଟି ସମାନ ହୋଇଥାଏ ଯେ ଆମେ ଯାହା, ତାହା ଅପେକ୍ଷା ଅଧିକ କିଛି ମଧ୍ୟ ରହିଛି, ଆମେ ଯାହା ଜାଣୁ ଓ ଯାହା କରିବା ପାଇଁ ସମର୍ଥ ତାହା ଛଡ଼ା ଆଉ ଅନ୍ୟ କିଛି ମଧ୍ୟ ରହିଛି । ତାହା ଏପରି କିଛି ଯାହା ଆମକୁ ଅତିକ୍ରମ କରି ଆମର ବହୁ ଊର୍ଦ୍ଧ୍ୱରେ ରହିଛି । ତା'ହେଲେ ଏହା ହିଁ ହେଉଛି ଆବଶ୍ୟକ ଅବସ୍ଥା ।

ତୁମେ ଚାଲିଯାଉଛ । ଏହି କଥାଗୁଡ଼ିକ ମନେ ରଖିବ । (ଦର୍ଶନାର୍ଥୀ ଜଣକ ପ୍ରକୋଷ୍ଠରୁ ଚାଲିଗଲା ପରେ) ମା କହିଲେ : ହଁ, ସେ ଫେରି ଆସିବ । ଯେଉଁମାନେ ଜାଣିବାକୁ ଚାହାନ୍ତି, ଏଥିପାଇଁ ପ୍ରୟୋଜନୀୟତା ଯେଉଁମାନଙ୍କ ଭିତରେ ଅଛି, ସେମାନେ ବରାବର ଫେରି ଆସନ୍ତି । ଏଠାରେ ଭାରତରେ ଆମେ ନିଃଶ୍ୱାସ, ପ୍ରଶ୍ୱାସରେ ଏହା ଗ୍ରହଣ କରୁଛୁ । ଆମେ ଯେତେବେଳେ ନିଃଶ୍ୱାସ ନେଉ ଆପେ ଆପେ ଏହା ଆମ ଭିତରେ ପ୍ରବେଶ କରେ, ସମଗ୍ର ବାତାବରଣ ଏହା ଦ୍ୱାରା ହିଁ ପରିପୂର୍ଣ୍ଣ । ତେଣୁ ବୋଧହୁଏ ଯେଉଁଟା ଅନ୍ୟତ୍ର କଷ୍ଟସାଧ୍ୟ, ଏଠାରେ ତାହା ଅଧିକ ସହଜ ।

(Bulletin, Nov. 2005, pp.35 - 37)

# ଶ୍ରୀମା'ଙ୍କ ପାଇଁ କର୍ମ ମାଧ୍ୟମରେ ସାଧନା

## ଶ୍ରୀଅରବିନ୍ଦ

### ମା'ଙ୍କ କର୍ମ ମାଧ୍ୟମରେ ସାଧନା

(୧)

ଯଥାର୍ଥ ଭାବରେ ମା'ଙ୍କ ଉପରେ ଏକାଗ୍ର ହୋଇ ମା'ଙ୍କ ସକାଶେ କାର୍ଯ୍ୟ କରିବା ହେଲା ଧ୍ୟାନ ଓ ଆନ୍ତର ଅନୁଭୂତି ତୁଲ୍ୟ ଗୋଟିଏ ସାଧନା ।

(୨)

ଯେଉଁମାନେ ପୂର୍ଣ୍ଣ ଐକାନ୍ତିକତା ସହିତ ମା'ଙ୍କ ନିମିତ୍ତ କାର୍ଯ୍ୟ କରନ୍ତି ସେମାନେ ଯଦି ଧ୍ୟାନ କରନ୍ତି ନାହିଁ ଅଥବା ଯୋଗର କୌଣସି ନିର୍ଦ୍ଦିଷ୍ଟ ସାଧନା କରନ୍ତି ନାହିଁ, ସେହି କାର୍ଯ୍ୟ ଦ୍ୱାରା ହିଁ ସେମାନେ ଯଥାର୍ଥ ଚେତନା ଲାଭ ନିମିତ୍ତ ପ୍ରସ୍ତୁତ ହୁଅନ୍ତି । କିପରି ଧ୍ୟାନ କରିବାକୁ ହେବ ତାହା ତୁମକୁ କହିବାର ପ୍ରୟୋଜନ ନାହିଁ, ଯଦି ତୁମେ ତୁମ କାର୍ଯ୍ୟରେ ସର୍ବଦା ଆନ୍ତରିକ ହୁଅ ଏବଂ ମା'ଙ୍କ ପାଖେ ନିଜକୁ ଖୋଲି ରଖ, ତାହାହେଲେ ଯାହା ପ୍ରୟୋଜନ ତାହା ଆପେ ଆପେ ଆସିବ ।

### ପୂର୍ଣ୍ଣଯୋଗରେ କର୍ମର ଆବଶ୍ୟକତା

(୧)

କର୍ମ ଓ ବାହ୍ୟ ଚେତନାକୁ ଉପେକ୍ଷା କରି ଅନୁଭୂତି ଲାଭ ନିମିତ୍ତ ପୂର୍ଣ୍ଣରୂପେ ନିଜ ମଧ୍ୟରେ ନିମଗ୍ନ ହେବା ଅର୍ଥ ଭାରସାମ୍ୟ ହରାଇବା ଓ ସାଧନାରେ ଏକପାଖିଆ ହୋଇଯିବା – କାରଣ ଆମ ଯୋଗ ହେଲା ପୂର୍ଣ୍ଣଯୋଗ, ସେହିପରି ଯଦି କେହି କେବଳ ବାହ୍ୟ କାର୍ଯ୍ୟରେ ଲିପ୍ତ ରହେ ଏବଂ କେବଳ ମାତ୍ର ବାହ୍ୟ ସତ୍ତାରେ ବାସ କରେ ତେବେ ବି ଭାରସାମ୍ୟ ହରାଇବ ଏବଂ ତାହାର ମଧ୍ୟ ସାଧନା ଏକପାଖିଆ ହୋଇଯିବ । ଆନ୍ତର ଅନୁଭୂତି ଏବଂ ବାହ୍ୟ କାର୍ଯ୍ୟରେ ଏକ ହିଁ ଚେତନା ଲାଭ କରିବାକୁ ହେବ ଏବଂ ଉଭୟଙ୍କୁ ଶ୍ରୀମା'ଙ୍କ ଶକ୍ତି ଦ୍ୱାରା ପୂର୍ଣ୍ଣ କରିବାକୁ ହେବ ।

(୨)

ମାନସିକ ଭାବରେ ଖୁବ୍ ଶକ୍ତିଶାଳୀ ହୋଇ ନ ଥିଲେ ସମସ୍ତ ସମୟ ବା ଅଧିକାଂଶ ସମୟ ଧ୍ୟାନରେ ଦେବା ଭଲ ନୁହେଁ – କାରଣ ତଦ୍ଦ୍ୱାରା ସେ ଆନ୍ତର ଜଗତରେ ବାସ କରିବାରେ ଅଭ୍ୟସ୍ତ ହୋଇଯିବ ଏବଂ ବାହ୍ୟ ସତ୍ୟ ସହିତ ଏକେବାରେ ସମ୍ପର୍କ ରହିବ ନାହିଁ – ଫଳରେ ଦେଖାଦେବ ଏକପାଖିଆ ଅସଂହତ ଗତିବୃତ୍ତି ଯାହାର ପରିଣାମରେ ହୁଏତ ଭାରସାମ୍ୟରେ ବିଭ୍ରାଟ ଘଟିପାରେ । ସର୍ବୋତ୍ତମ ହେଲା ଉଭୟ ଧ୍ୟାନ ଓ କର୍ମ କରିବା ଏବଂ ଉଭୟକୁ ମା'ଙ୍କୁ ସମର୍ପଣ କରିବା ।

(୦୬-୦୮-୧୯୩୩)

(୩)

ଏହା ଆମର ଅଭିଜ୍ଞତା ନୁହେଁ ଯେ କେବଳ ଧ୍ୟାନ ଦ୍ୱାରା ପ୍ରକୃତିର ପରିବର୍ତ୍ତନ ସମ୍ଭବ କିଂବା ଯେଉଁମାନେ ବାହ୍ୟ କ୍ରିୟା ଓ କର୍ମରୁ ଅବସର ନେବାକୁ ଚେଷ୍ଟା କରିଛନ୍ତି ସେମାନଙ୍କ ପକ୍ଷେ ତାହା ଖୁବ୍ ଲାଭଜନକ ହୋଇଛି । ବହୁ କ୍ଷେତ୍ରରେ ଏହା କ୍ଷତିକାରକ ହୋଇଛି । ଆବଶ୍ୟକ ହେଉଛି କିଛି ପରିମାଣରେ ଏକାଗ୍ରତା, ହୃଦୟରେ ଆନ୍ତର ଅଭୀପ୍ସା ଏବଂ ସେହିଠାରେ ମା'ଙ୍କ ଉପସ୍ଥିତି ଏବଂ ଉର୍ଦ୍ଧ୍ୱରୁ ଏକ ଅବତରଣ ପ୍ରତି ଚେତନାର ଏକ ଉନ୍ମୀଳନ । କିନ୍ତୁ କାର୍ଯ୍ୟ ବିନା, କର୍ମ ବିନା, ବାସ୍ତବରେ ପ୍ରକୃତିର ପରିବର୍ତ୍ତନ ହୁଏ ନାହିଁ । ଏହା ସେହିପରି ହିଁ ରହିଥାଏ ଏବଂ ଲୋକମାନଙ୍କ ସଂସ୍ପର୍ଶରେ ଆସିବା ଦ୍ୱାରା ହିଁ ପ୍ରକୃତରେ ପରିବର୍ତ୍ତନ ହୋଇଛି କି ନାହିଁ ତାହାର ପରୀକ୍ଷା ହୁଏ । କର୍ମ ସମ୍ପର୍କରେ କୌଣସି ଶ୍ରେଷ୍ଠତା ବା ନ୍ୟୂନତା ନାହିଁ । ଯଦି ଶ୍ରୀମା'ଙ୍କୁ ଅର୍ପଣ କରା ଯାଇଥାଏ ଓ ତାଙ୍କରି ପାଇଁ କରା ଯାଇଥାଏ ଓ ତାଙ୍କରି ଶକ୍ତିରେ କରା ଯାଇଥାଏ, ତେବେ ସମସ୍ତ କର୍ମ ହିଁ ଏକ ।

(୦୬-୧୦-୧୯୩୪)

(୪)

ସବୁକାମ ଛାଡ଼ି କେବଳ ପଢ଼ିବା ଓ ଧ୍ୟାନ କରିବାକୁ ଭଲବୋଲି ଶ୍ରୀମା ଭାବନ୍ତି ନାହିଁ । କର୍ମ ହେଲା ଯୋଗର ଗୋଟିଏ ଅଙ୍ଗ । ଦିବ୍ୟ ଉପସ୍ଥିତିକୁ ତଥା ଦିବ୍ୟ ଆଲୋକ ଏବଂ

ଦିବ୍ୟ ଶକ୍ତିକୁ ପ୍ରାଣ ଓ ତାହାର କ୍ରିୟା ମଧ୍ୟକୁ ଆବାହନ କରି ଉତାରି ଆଣିବାର ସର୍ବୋତ୍କୃଷ୍ଟ ସୁଯୋଗ କର୍ମ ହିଁ ଦିଏ; ଏହା ଆତ୍ମ-ସମର୍ପଣର କ୍ଷେତ୍ର ଏବଂ ସୁଯୋଗକୁ ପରିବର୍ଦ୍ଧିତ କରେ ।

କର୍ମ ମା'ଙ୍କର ଏବଂ କର୍ମର ଫଳ ମଧ୍ୟ ମା'ଙ୍କର, ଏତିକି ମନେ ରଖିବା ଯଥେଷ୍ଟ ନୁହେଁ । ତୁମ ପଶ୍ଚାତରେ ମା'ଙ୍କର ଯେଉଁ ଶକ୍ତି ରହିଛି ତାହା ଅନୁଭବ କରିବାକୁ ଏବଂ ତାହାର ପ୍ରେରଣା ଓ ଚାଳନା ପ୍ରତି ନିଜକୁ ଖୋଲି ଧରିବା ପାଇଁ ତୁମକୁ ଶିଖିବାକୁ ହେବ । ମନର ଚେଷ୍ଟା ଦ୍ୱାରା ସର୍ବଦା ସ୍ମରଣ ରଖିବା ଅତ୍ୟନ୍ତ କଠିନ । କିନ୍ତୁ ତୁମେ ଯଦି ଏଭଳି ଚେତନା ଭିତରକୁ ଯାଇପାର ଯେଉଁଠାରେ ରହି ତୁମେ ତୁମ ଭିତରେ ଥିବା ମା'ଙ୍କ ଶକ୍ତିକୁ ଅନୁଭବ କରିପାରିବ କିଂବା ତାହା ତୁମକୁ ଧାରଣ କରି ରଖିଛି ବୋଲି ବୁଝି ପାରିବ, ତେବେ ତାହାହିଁ ଯଥାର୍ଥ ଅବସ୍ଥା ।... ...

(୧୮-୦୮-୧୯୩୨)

## (୪)

*ପ୍ରଶ୍ନ : ଯେଉଁମାନେ ଶାନ୍ତି ଓ ସମତାରେ ରହିଥା'ନ୍ତି କିନ୍ତୁ ମା'ଙ୍କ କୌଣସି କର୍ମ କରନ୍ତି ନାହିଁ ବା ନିହାତି ଅଳ୍ପ କର୍ମ କରନ୍ତି ସେମାନଙ୍କର କ'ଣ ରୂପାନ୍ତର ହେବ ?*

ଉତ୍ତର : ନା, ସେମାନଙ୍କର କଦାପି ରୂପାନ୍ତର ହେବ ନାହିଁ ।

(୦୭-୦୫-୧୯୩୩)

## ମା'ଙ୍କ ଶକ୍ତି ସହିତ ମିଳିତ ହେବାର ଦୁଇଟି ପର୍ଯ୍ୟାୟ

## (୧)

ଜଣେ ଯାହାକିଛି କରେ ତାହା ଭଗବାନଙ୍କଠାରୁ ଆସୁଛି ଏବଂ ସମସ୍ତ କ୍ରିୟା ମା'ଙ୍କର, ଏହି ବୋଧ ହେଲା ଅଭିଜ୍ଞତାର ଗୋଟାଏ ଆବଶ୍ୟକ ସୋପାନ । କିନ୍ତୁ ଏହିଠାରେ ଅଟକିଯିବା ଉଚିତ ନୁହେଁ, ଅଗ୍ରସର ହେବାକୁ ପଡ଼ିବ । ଯେଉଁମାନେ ପ୍ରକୃତିର ପରିବର୍ତ୍ତନ ଚାହାନ୍ତି ନାହିଁ, କିନ୍ତୁ କେବଳ ଏହାର ପଶ୍ଚାତ୍‌ରେ ଥିବା ଦିବ୍ୟ ସତ୍ୟ ଟିକକର ଅନୁଭୂତି ଲାଭ କରିବାକୁ ଚାହାନ୍ତି ସେମାନେ କେବଳ ଏହି ଅବସ୍ଥାରେ ଅଟକି ରହିଯାଇ ପାରନ୍ତି । ତୁମେ କାର୍ଯ୍ୟକର ସାର୍ବଜନୀନ ପ୍ରକୃତି ଏବଂ ତାହା ମଧ୍ୟରେ ଅବସ୍ଥିତ ତୁମର ବ୍ୟକ୍ତିଗତ ପ୍ରକୃତି ଅନୁସାରେ ଏବଂ ସମଗ୍ର ପ୍ରକୃତି ହିଁ ବିଶ୍ୱକ୍ରିୟା ନିମିତ୍ତ ଦିବ୍ୟ ଜନନୀଙ୍କର ଗୋଟିଏ ଶକ୍ତି । କିନ୍ତୁ ବର୍ତ୍ତମାନ ଅବସ୍ଥା ଯେଉଁ ଭାବରେ ଅଛି ସେଥିରେ ଏହା ଅଜ୍ଞାନ ଓ ଅହଂକାରର କ୍ରିୟା; ଆମେ ଯାହା ଚାହୁଁ ତାହା ଅଜ୍ଞାନ ଓ ଅହଂକାର ଦ୍ୱାରା ବିକୃତ ନ ହୋଇଥିବା ଅନାବୃତ ଦିବ୍ୟସତ୍ୟର କ୍ରିୟା ।

ସୁତରାଂ ତୁମେ ଯଦି ଅନୁଭବ କର ଯେ ତୁମର ସମସ୍ତ କ୍ରିୟା ମା'ଙ୍କ ଶକ୍ତି ଦ୍ୱାରା ହେଉଛି ତେବେ ତାହା ଯଥାର୍ଥ ଅନୁଭୂତି । କିନ୍ତୁ ମା'ଙ୍କର ଇଚ୍ଛା ଏହି ଯେ ତୁମେ ଯାହା କରୁଛ, ତାହା ବର୍ତ୍ତମାନ ଭଳି ପ୍ରକୃତିରେ ନିହିତ ତାଙ୍କରି ଶକ୍ତି ଦ୍ୱାରା କରିବା ପରିବର୍ତ୍ତେ ତାଙ୍କ ପ୍ରକୃତିର ସତ୍ୟ ଭିତରେ, ଉଚ୍ଚତର ଦିବ୍ୟଶକ୍ତି ଭିତରେ ତାଙ୍କର ପ୍ରତ୍ୟକ୍ଷ ଶକ୍ତି ଦ୍ୱାରା କର । ତୁମେ ପରେ ଯାହା ଭାବିଥିଲ ତାହା ମଧ୍ୟ ଠିକ୍ ଯେ ଏହି ପରିବର୍ତ୍ତନ ନ ହେବାଯାଏ ତୁମେ ଯାହାକିଛି କରୁଛ ସେସମସ୍ତ ମା'ଙ୍କ ଇଚ୍ଛାରେ କରା ହେଉଛି, ସେହି ଅନୁଭୂତିକୁ ପୂରାପୂରି ସତ୍ୟ ବୋଲି କୁହାଯାଇ ପାରିବ ନାହିଁ । ଅତଏବ ସେତେଦିନ ପର୍ଯ୍ୟନ୍ତ ଏହାର ସ୍ଥାୟିତ୍ୱ ଆସିବ ନାହିଁ । କାରଣ ଯଦି ଏହା ବର୍ତ୍ତମାନ ସ୍ଥାୟୀ ହୁଏ, ତେବେ ତାହା ନିମ୍ନତର କ୍ରିୟାରେ ତୁମକୁ ଆବଦ୍ଧ କରି ରଖିବ, ଯେପରି ଅନେକଙ୍କୁ ରଖେ ଯଦ୍ଦ୍ୱାରା ସେମାନଙ୍କର ପରିବର୍ତ୍ତନ ଅଟକି ଯାଏ ବା ମନ୍ଥର ହୋଇଯାଏ । ମା'ଙ୍କର ଶକ୍ତି ତୁମ ଭିତରେ ଏହି ଅଜ୍ଞ ଚେତନା ଓ ପ୍ରକୃତିକୁ ତାଙ୍କର ଦିବ୍ୟ ଚେତନା ଓ ପ୍ରକୃତିରେ ପରିଣତ କରିବା ପାଇଁ ଯେଉଁ କାର୍ଯ୍ୟ କରୁଛି, ତାହା ହିଁ ବର୍ତ୍ତମାନ ତୁମର ସ୍ଥାୟୀ ଅନୁଭୂତି ହେବା ଆବଶ୍ୟକ ।

ମାଧ୍ୟମର ସତ୍ୟତା ବିଷୟରେ ସେହି ଏକ ହିଁ କଥା । ଏକଥା ସତ୍ୟ ଯେ ପ୍ରତ୍ୟେକ ବ୍ୟକ୍ତି ବିଶ୍ୱଶକ୍ତିର ଗୋଟିଏ ଯନ୍ତ୍ର, ସୁତରାଂ ମା'ଙ୍କର ମଧ୍ୟ ଗୋଟିଏ ଯନ୍ତ୍ର । କିନ୍ତୁ ସାଧନାର ଲକ୍ଷ୍ୟ ହେଲା ଅଚେତନ ଓ ଅପୂର୍ଣ୍ଣ ଯନ୍ତ୍ର ନ ହୋଇ ସଚେତନ ଓ ପୂର୍ଣ୍ଣଯନ୍ତ୍ର ହେବା । କିନ୍ତୁ ଯେତେବେଳେ ସାଧକ ନିମ୍ନ ପ୍ରକୃତିର ଅଜ୍ଞାନ ପ୍ରଣୋଦନା ଦ୍ୱାରା ଚାଳିତ ହୋଇ କାର୍ଯ୍ୟ କରେ ନାହିଁ, ଏବଂ ମା'ଙ୍କ ନିକଟରେ ଆତ୍ମ-ସମର୍ପଣ କରେ, ନିଜ ମଧ୍ୟରେ ତାଙ୍କର ଉଚ୍ଚତର ଶକ୍ତି କ୍ରିୟା କରୁଛି ବୋଲି ସଚେତନ ହୁଏ, କେବଳ ସେତେବେଳେ ହିଁ ସାଧକ ସଚେତନ ଓ ପୂର୍ଣ୍ଣାଙ୍ଗ ଯନ୍ତ୍ର ହୋଇପାରେ । ସୁତରାଂ ଏ କ୍ଷେତ୍ରରେ ମଧ୍ୟ ତୁମର ପ୍ରେରଣା ସମ୍ପୂର୍ଣ୍ଣ ସତ୍ୟ ।

କିନ୍ତୁ ଏହାସବୁ ଦିନକରେ ହୋଇଯାଏ ନାହିଁ । ତୁମେ

ଯେ ଉଦ୍‌ବିଗ୍ନ ହୋଇ ନାହଁ ବା ଅସ୍ୱସ୍ତି ବୋଧ କରି ନାହଁ ଏହା ଯଥାର୍ଥ । ସାଧକ ନିଶ୍ଚୟ ସତର୍କ ରହିବା ଉଚିତ କିନ୍ତୁ ଉତ୍କଣ୍ଠିତ ହେବା ବା ଅସ୍ୱସ୍ତି ବୋଧ କରିବା ଉଚିତ ନୁହେଁ । ଯଦି ସାଧକ, ମା'ଙ୍କୁ ନିଜର ସମସ୍ତ କିଛି ଅର୍ପଣ କରେ, ଅଭୀପ୍‌ସା କରେ, ଜାଗ୍ରତ୍ ରହେ, ସବୁ ସମୟରେ ତାଙ୍କୁ ସ୍ମରଣ ଓ ଆବାହନ କରେ ଏବଂ ତାଙ୍କର ରୂପାନ୍ତରକାରୀ ଦିବ୍ୟ ଶକ୍ତିର କ୍ରିୟା ବିରୋଧରେ ଯାହା ଛିଡ଼ା ହୁଏ, ସେସବୁକୁ ନୀରବରେ ପ୍ରତ୍ୟାଖ୍ୟାନ କରେ, ତେବେ ହିଁ ମା'ଙ୍କ ଶକ୍ତି କ୍ରିୟା କରେ ଏବଂ ଯଥା ସମୟରେ ଫଳ ପ୍ରଦାନ କରେ ।

ଏହି ବିଷୟରେ ତୁମର ପ୍ରଥମ ମତଠାରୁ ଦ୍ୱିତୀୟ ମତଟିରେ ଯଥାର୍ଥ ଦୃଷ୍ଟିକୋଣ ଅଧିକ ଥିଲା । ''ମୋତେ କିଛି କରିବାକୁ ହେବ ନାହିଁ, ତେଣୁ ମୋର ଚିନ୍ତା କରିବା ଦରକାର ନାହିଁ'', ଏପରି କହିବା ଅତି ବେଶୀ ହୋଇଯିବ, କାରଣ ଅଭୀପ୍‌ସା କରିବା, ନିଜକୁ ଅର୍ପଣ କରିବା, ମା'ଙ୍କ କାର୍ଯ୍ୟରେ ସମ୍ମତି ଦେବା, ଅନ୍ୟ ସବୁକିଛିକୁ ବର୍ଜନ କରିବା ଏବଂ କ୍ରମଶଃ ଅଧିକରୁ ଅଧିକ ଆତ୍ମ-ସମର୍ପଣ କରିବା ଦିଗରେ ତୁମକୁ କାର୍ଯ୍ୟ କରିବାକୁ ହେବ । ଆଉ ସବୁକିଛି ଯଥା ସମୟରେ ହେବ । ସେଥି ନିମିତ୍ତ ଉତ୍କଣ୍ଠାର, ଅବସାଦର ବା ଅଧୈର୍ଯ୍ୟ ହେବାର ଦରକାର ନାହିଁ ।

(୧୩-୦୭-୧୯୩୫)

## (୨)

ପ୍ରଥମରେ ସାଧକକୁ ନିଜର ଇଚ୍ଛାକୁ ମା'ଙ୍କ ଇଚ୍ଛା ସଙ୍ଗେ ଯୁକ୍ତ କରିବାକୁ ହେବ ଏବଂ ମନେ କରିବାକୁ ହେବ ଯେ ଏହା କେବଳ ଗୋଟାଏ ଯନ୍ତ୍ର ଏବଂ ଏହାର ପଶ୍ଚାତରେ ଏକମାତ୍ର ମା'ଙ୍କ ଇଚ୍ଛାହିଁ ଈପ୍‌ସିତ ଫଳ ପ୍ରଦାନ କରିପାରେ । ପରେ ସାଧକ ଯେତେବେଳେ ଅନ୍ତରରେ ମା'ଙ୍କ ଶକ୍ତି କାର୍ଯ୍ୟ କରୁଛି ବୋଲି ପୂର୍ଣ୍ଣରୂପେ ସଚେତନ ହୁଏ, ସେତେବେଳେ ବ୍ୟକ୍ତିଗତ ଇଚ୍ଛା ସ୍ଥାନରେ ଭାଗବତ ଇଚ୍ଛା ସ୍ଥାପିତ ହୁଏ ।

(୧୫-୦୭-୧୯୩୫)

## (୩)

କର୍ମରେ କେବଳ ଗୋଟାଏ ସାଧାରଣ ମନୋଭାବ ରଖିଲେ ଚଳିବ ନାହିଁ । ବରଂ ପ୍ରତ୍ୟେକ କାର୍ଯ୍ୟ ମା'ଙ୍କୁ ଅର୍ପଣ କରିବାକୁ ହେବ, ଯଦ୍ୱାରା ଏହି ମନୋଭାବ ସର୍ବଦା ଜୀବନ୍ତ ରହିପାରେ । କର୍ମ କରିବା ସମୟରେ ଧ୍ୟାନ କରିବା ଠିକ୍ ନୁହେଁ, କାରଣ ତଦ୍ୱାରା କର୍ମରୁ ମନୋଯୋଗ ଚାଲିଯିବ; ଯାହାଙ୍କୁ ତୁମେ କର୍ମ ଅର୍ପଣ କରୁଛ ସେହି ପରମଙ୍କୁ ନିରନ୍ତର ସ୍ମରଣ କରିବା ଉଚିତ । ଏହା ହେଲା କେବଳ ଏକ ପ୍ରାଥମିକ ପ୍ରଣାଳୀ; କାରଣ ତୁମର ବାହ୍ୟ ମନ କାର୍ଯ୍ୟ କରୁଥିବା ସତ୍ତ୍ୱେ ତୁମ ଭିତରେ ଗୋଟିଏ ଶାନ୍ତ ସତ୍ତା ଦିବ୍ୟ ସାନ୍ନିଧ୍ୟରେ କେନ୍ଦ୍ରୀଭୂତ ଭାବରେ ଏକାଗ୍ର ରହିଛି । ଏହି ବୋଧ ଯେତେବେଳେ ତୁମର ନିରନ୍ତର ରହିବ, ଅଥବା ଯଦି ତୁମେ ସର୍ବଦା ଅନୁଭବ କରିବାକୁ ଆରମ୍ଭ କରିବ ଯେ ମା'ଙ୍କ ଶକ୍ତି କାର୍ଯ୍ୟ କରୁଛି ଏବଂ ତୁମେ ସେହି ଶକ୍ତି ପ୍ରବାହର ଗୋଟିଏ ପ୍ରଣାଳୀ ବା ଯନ୍ତ୍ରମାତ୍ର, ସେତେବେଳେ ସ୍ମରଣ ସ୍ଥାନରେ ଆରମ୍ଭ ହୁଏ କର୍ମ ମଧ୍ୟଦେଇ ସ୍ୱତଃ ଯୋଗ-ଉପଲବ୍ଧି ଏବଂ ଭଗବାନଙ୍କ ସଙ୍ଗେ ମିଳନ ।

## ମା'ଙ୍କ ଇଚ୍ଛାର ଅନୁସରଣ ପାଇଁ ସର୍ତ୍ତାବଳୀ

ମା'ଙ୍କ ଇଚ୍ଛା ଅନୁସରଣ କରିବାର ସର୍ତ୍ତଗୁଡ଼ିକ ହେଲା, ତାଙ୍କ ଦିବ୍ୟ ଆଲୋକ, ସତ୍ୟ ଏବଂ ସାମର୍ଥ୍ୟର ଅଭିମୁଖୀ ହେବା, ଅନ୍ୟ କୌଣସି ଶକ୍ତି ଯେପରି ତୁମକୁ ପରିଚାଳିତ ବା ପ୍ରଭାବିତ ନ କରେ ଏ ବିଷୟରେ ଅଭୀପ୍‌ସା କରିବା, ପ୍ରାଣରେ କୌଣସି ଦାବି ବା କୌଣସି ସର୍ତ୍ତ ନ ଆଣିବା; ଦିବ୍ୟ ସତ୍ୟକୁ ଗ୍ରହଣ କରିବା ସକାଶେ ମନକୁ ସ୍ଥିର ରଖିବା, ପ୍ରସୂତ ଧାରଣା ବା ଭାବ ଉପରେ ଜୋର୍ ନ ଦେବା ଏବଂ ଅବଶେଷରେ ଚୈତ୍ୟପୁରୁଷଙ୍କୁ ଜାଗ୍ରତ୍ କରିବା ଓ ସମ୍ମୁଖରେ ରଖିବା ଯଦ୍ୱାରା ତୁମେ ସର୍ବଦା ମା'ଙ୍କ ସଂସ୍ପର୍ଶରେ ରହିବ ଏବଂ ତାଙ୍କ ଇଚ୍ଛା କ'ଣ ଯଥାର୍ଥ ଭାବରେ ଜାଣିପାରିବ । କାରଣ ମନ-ପ୍ରାଣ ଅନ୍ୟ ସମସ୍ତ ଆବେଗ ଓ ଇଙ୍ଗିତକୁ ଭାଗବତ ଇଚ୍ଛା ବୋଲି ଭୁଲ୍ କରି ପାରନ୍ତି; କିନ୍ତୁ ଥରେ ଚୈତ୍ୟପୁରୁଷ ଜାଗ୍ରତ୍ ହେଲେ ସେ କୌଣସି ଭୁଲ୍ କରନ୍ତି ନାହିଁ ।

କେବଳ ଅତିମାନସର ପ୍ରତିଷ୍ଠା ପରେ ହିଁ ଚରମ ପୂର୍ଣ୍ଣତା ସମ୍ଭବ ହୋଇପାରେ । କିନ୍ତୁ ତାହା ପୂର୍ବରୁ ନିମ୍ନଭୂମିରେ ବି ସାଧକ ପକ୍ଷେ ଅପେକ୍ଷାକୃତ ଭଲଭାବରେ କାର୍ଯ୍ୟ କରିବା ସମ୍ଭବ ହୁଏ, ଯଦି ସେ ଭଗବାନଙ୍କ ସଂସ୍ପର୍ଶରେ ରହେ ଏବଂ ମନ-ପ୍ରାଣ-ଦେହରେ ସାବଧାନ, ଜାଗ୍ରତ୍ ଓ ସଚେତନ ରହେ । ଏହା ଏକ ସର୍ତ୍ତ, ଏହାଛଡ଼ା ପରମ ମୁକ୍ତି ନିମିତ୍ତ ଏହା ଏକ ପ୍ରସ୍ତୁତି ଯାହାକି ପ୍ରାୟ ଅପରିହାର୍ଯ୍ୟ ।

(ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ, ପୃ.୫୦୨-୫୦୭) ❖

# ବନ୍ଦେ ମାତରମ୍

ଶ୍ରୀଅରବିନ୍ଦ

## ''ବେଙ୍ଗଲୀ'' ଭିତରେ ଚରମବାଦ

ମଇମନ୍‌ସିଂର ଅୟରୀୟଠାରେ ହିନ୍ଦୁ ଧର୍ମ ଉପରେ ଦ୍ୱିତୀୟ ଥର ପାଇଁ ଯେଉଁ ଆକ୍ରମଣ ହେଲା ସେ ସମ୍ବାଦରେ 'ବେଙ୍ଗଲୀ' ଉତ୍ତେଜନାର ବଶବର୍ତ୍ତୀ ହୋଇ ଗତକାଲି ପ୍ରକାଶ କରିଛି ନିଃସଙ୍କୋଚରେ ଗୋଟିଏ ଚରମପନ୍ଥୀ ସଂଖ୍ୟାରେ । ଇଏତ ଖାଲି ଏକ କ୍ଷଣିକ ଉତ୍ତେଜନାର ଜୁଆର; ଆମର କେବଳ ଇଚ୍ଛା ଥିଲା ଏହାକୁ ଅନ୍ୟ କିଛି ରୂପରେ ଦେଖିବାକୁ; କିନ୍ତୁ 'ବେଙ୍ଗଲୀ' ଆଜି ଗରମ ତ କାଲିକୁ ଥଣ୍ଡା ପଡ଼ି ଗଲାଣି । ଯାହାହେଲେ ବି ସେ ଯାହା ଯାହା ପ୍ରକାଶ କରିଛି ସତ ଏବଂ ବେଶ୍ ଭଲ ହୋଇଛି ଆଉ କଥାଟି ଠିକଣା ଭାବେ ବ୍ୟକ୍ତ କରାଯାଇଛି : –

''ପଚାଶ ବର୍ଷ ପୂର୍ବେ ହିନ୍ଦୁମାନଙ୍କର ଧାର୍ମିକ ସମ୍ବେଦନଶୀଳତା ଉପରେ ଏ ପ୍ରକାରର ଏକ ବୀଭତ୍ସ ଆକ୍ରମଣ ନାନା ଗମ୍ଭୀର ଜଟିଳ ପରିସ୍ଥିତିମାନ ସୃଷ୍ଟି କରି ଥାଆନ୍ତା ଆଉ ହିନ୍ଦୁ ପୁରୋଧା ତଥା ହିନ୍ଦୁ ଜନସାଧାରଣଙ୍କର ଏବଂ ଆଉ କିଛି ନ ହେଲେ ସ୍ୱଦେଶୀ ସେନାବାହିନୀରେ ଥିବା ହିନ୍ଦୁ ଲୋକଙ୍କର ତୁଷ୍ଟିକରଣ ନିମନ୍ତେ ସରକାର କୌଣସି ଗୋଟିଏ ହେଲେ ପନ୍ଥାକୁ ବାଦ୍ ଦେଇ ନ ଥା'ନ୍ତେ । ଯାହା ଅନୁମାନ କରାଯାଉଛି, ବୋଧହୁଏ ପ୍ରାଦେଶିକ ସ୍ତରର ପ୍ରଶାସନ ମୁଖ୍ୟଙ୍କର ଅନୁମୋଦନ କ୍ରମେ ଆଜି ସରକାରୀ କର୍ମଚାରୀମାନେ ସେଇମାନଙ୍କ ପକ୍ଷରେ ଅଛନ୍ତି ଯେଉଁମାନେ ହିନ୍ଦୁ ଦେବଦେବୀଙ୍କର ମୂର୍ତ୍ତିଗୁଡ଼ିକ ଭାଙ୍ଗି ପକାଉଛନ୍ତି, ହିନ୍ଦୁ ମନ୍ଦିରଗୁଡ଼ିକ ଅପବିତ୍ର କରି ଦେଉଛନ୍ତି, ହିନ୍ଦୁମାନଙ୍କର ଦୋକାନ ଏବଂ ଗୃହଗୁଡ଼ିକରେ ଲୁଟତରାଜ ଚଳେଇଛନ୍ତ ଓ ହିନ୍ଦୁନାରୀମାନଙ୍କର ଇଜ୍ଜତ ଲୁଣ୍ଠନ କରୁଛନ୍ତି ।

''ତେବେ ଦେଢ଼ ଶହ ବର୍ଷର ବ୍ରିଟିଶ ଶାସନ ପରେ ବି ଏଇୟା କ'ଣ ଆମ ପ୍ରଗତିର ନିଦର୍ଶନ ? ଆମେ ବଙ୍ଗୀୟ ହିନ୍ଦୁମାନେ କ'ଣ ଅନ୍ତର ଭିତରେ ଏଭଳି ଭୀରୁ ହୋଇ ଯାଇଛୁ, ଆତ୍ମରକ୍ଷା ନିମନ୍ତେ ଏମିତି ଅପାରଗ ହୋଇଛୁ ଯେ ସରକାର ଆମ କୋମଳତମ ଭାବନା ଉପରେ ଆଘାତକୁ ଏଡ଼ିବା ପାଇଁ କିଂବା ଆସି ମୁହଁ ଦେଖେଇବା ପାଇଁ ଆଦୌ ଆବଶ୍ୟକ ମଣୁ ନାହାନ୍ତି ? ସତକଥା କହିବାକୁ ଗଲେ ଗୋଟିଏ ଜାତି ଯଥାର୍ଥରେ ସେଭଳି ବ୍ୟବହାର ପାଏ ଯାହା ସେ ପାଇବାକୁ ଯୋଗ୍ୟ; ଆଉ ଏହା ବି ଦେଖା ଯାଉଛି ମିଃ ହ୍ୟାରେଙ୍କ ମନ୍ତବ୍ୟ ଅନୁସାରେ – ଯାହାକୁ ଲର୍ଡ଼ ମିଣ୍ଟୋ ଯେତେଦୂର ନୀରବ ସମ୍ମତି ଜଣାଇଛନ୍ତି – ବଙ୍ଗାଳୀମାନେ ସେମାନଙ୍କ ଶାସକବର୍ଗଙ୍କ ଦୃଷ୍ଟିରେ ହେଉଛନ୍ତି ରୋଦନ କରୁଥିବା ତଥା ଆର୍ତ୍ତଚିତ୍କାର କରୁଥିବା ରମଣୀମାନଙ୍କର ଏକ ଜାତି, ଯେଉଁମାନଙ୍କୁ ଖାଲି ପାଦରେ ଦଳିବା କଥା । ଏଇ ନିକଟରେ ମଇମନ୍‌ସିଂରେ ଯେଉଁ ଘଟଣା ଘଟିଗଲା ସେଥିରୁ ପ୍ରତିପାଦିତ ହୁଏ ଯେ ସରକାର ବାହାଦୁର ଠିକ୍ ଅନୁରୂପ ପଦକ୍ଷେପ ନେଇଥିଲେ ବଙ୍ଗଳାର ହିନ୍ଦୁମାନଙ୍କ ପ୍ରତି । କାରଣ ସେମାନେ କ'ଣ ଧୈର୍ଯ୍ୟ ଓ ମର୍ଯ୍ୟାଦାର ମୂର୍ତ୍ତିମନ୍ତ ପ୍ରତୀକ ନୁହଁନ୍ତି ? ସେମାନେ ଏତେ ଉଚ୍ଚ ଶିକ୍ଷିତ ଓ ବିଚାରଶୀଳ ଯେ ତରବର ହୋଇ ହଠାତ୍ ସେମିତି କିଛି କରି ପାରିବେନି ଏକଥା ତ ଆପଣମାନେ ଜାଣନ୍ତି ଏବଂ ସେମାନଙ୍କର କାର୍ଯ୍ୟକଳାପରୁ ଉଦ୍ଭବ ପରିଣତିକୁ ନେଇ ଶଙ୍କାଗ୍ରସ୍ତ ଅନୁମାନ ସେମାନଙ୍କୁ ବଞ୍ଚିତ କରି ରଖେ ସକଳ ପ୍ରକାର ନୈତିକ ସାହସରୁ, ସମସ୍ତ କଠୋର ପ୍ରତିଜ୍ଞା ସେମାନଙ୍କର ହରାଇ ବସେ ତା'ର ସ୍ୱଭାବସୁଲଭ ବର୍ଣ୍ଣାଳିକୁ ଆଉ ଶେଷରେ ଦ୍ରୁତ ଗତିରେ ହଜିଯାଏ ଉଦ୍‌ବିଗ୍ନ ମାନସର ଆଚ୍ଛନ୍ନ ଗ୍ଲାନିମା ଭିତରେ । ସେମାନଙ୍କ ବ୍ୟକ୍ତିଗତ ଦୃଷ୍ଟିକୋଣରୁ ସେମାନେ ନିହାତି ଯଥାର୍ଥ ହୋଇ ପାରନ୍ତି; କିନ୍ତୁ ଜାତୀୟ ସ୍ତରର ବୀର ପୁରୁଷମାନେ ସାଧାରଣତଃ ଏ ପ୍ରକାର ଉପାଦାନରେ ଗଢ଼ା ନୁହନ୍ତି କିଂବା ତୁଳା ପରି ନରମ ପରିଧେୟରେ ନିଜ ଦେହକୁ ଢ଼ାଙ୍କି ରଖୁଥିବା ବ୍ୟକ୍ତିମାନଙ୍କ ଦ୍ୱାରା ଜାତୀୟ ସ୍ୱାର୍ଥର ବିକାଶ କେବେ ବି ଘଟେନି । ମାତୃଭୂମିର ପୂଜାର୍ଚ୍ଚନା ହେଲା ଏଇ ବଛା ବଛା ମନୀଷୀମାନଙ୍କର ଏକମାତ୍ର ବିଶେଷ ଅଧିକାର, ଯେଉଁମାନଙ୍କର ଅଛି ହୃଦୟ ତ୍ୟାଗ ବରଣ କରିବା ପାଇଁ, ଅଛି ହାତ ବିବେକର ତାଡ଼ନାକୁ କାର୍ଯ୍ୟକାରୀ କରିବା ପାଇଁ, ଆଉ ରହିଛି ବେପରୁଆ ଭାବ ଔଚିତ୍ୟବୋଧ ଓ ପରିଣାମଦର୍ଶିତାକୁ ଫାଶୀରେ ଲଟକେଇ ଦେବା ପାଇଁ ।''

ଏବଂ 'ବେଙ୍ଗଲୀ' ଅଭିଯୋଗ କରିଛି ଯେ ଏମିତି ଆମେ କୁଆଡ଼େ ଆମ ମନ୍ଦିରଗୁଡ଼ିକୁ, ଆମ ଇଷ୍ଟଙ୍କର

ବିଗ୍ରହମାନଙ୍କୁ ଆଉ ଆମର ରମଣୀମାନଙ୍କୁ କଳୁଷିତ ଓ ଅସୌଜନ୍ୟ ବ୍ୟବହାରର ଶରବ୍ୟ ହେବାରୁ ସୁରକ୍ଷା ପ୍ରଦାନ ପାଇଁ କନିଷ୍ଠାଙ୍ଗୁଳିଟିକୁ ସୁଦ୍ଧା ଉପରକୁ ଟୋକି ଧରୁନି । ଗୋଟିଏ ନରମପନ୍ଥୀ ପତ୍ରିକା ମଧ୍ୟରେ ଏତିକି ହିଁ ବେଶ୍ ବିସ୍ମୟକର ମନେ ହେବ ଯଦି ଏହାର ମୌଳିକ ରହସ୍ୟ କେଉଁଠି ରହିଛି ବୋଲି ଜଣେ ତା' ଦୃଷ୍ଟି ସମ୍ମୁଖରେ ଧରି ରଖି ନ ଥିବ; 'ବନ୍ଦେ ମାତରମ୍'ର ସମ୍ପାଦକୀୟ ସ୍ତମ୍ଭଗୁଡ଼ିକରୁ ଏସବୁକୁ ଅକ୍ଷରେ ଅକ୍ଷରେ ଉଦ୍ଧୃତ କରାଯାଇପାରେ ।

'ବେଙ୍ଗଲୀ' ପଚାରି ବସିଛି – ''ବ୍ରିଟିଶ ଶାସନର ଦେଢ଼ଶହ ବର୍ଷ ପରେ ଏଇ କ'ଣ ଆମର ସର୍ବମୋଟ ପ୍ରଗତିର ନିଦର୍ଶନ ?'' ଯଥାର୍ଥରେ କହିବାକୁ ଗଲେ ବ୍ରିଟିଶ ଶାସନର ପରିଣତି ମାତ୍ର ଏତିକି, ଏହା ଅପେକ୍ଷା ଆଉ କିଛି ଅଧିକ ନୁହେଁ । ତା'ହେଲେ ଆମ ପତ୍ରିକା ବନ୍ଧୁଙ୍କୁ କ'ଣ ଏତେ ଦୀର୍ଘ ସମୟ ଲାଗିଗଲା ଏଇତକ ଖୋଜି ବାହାର କରିବା ପାଇଁ ଯେ ବିଦେଶୀ ଶାସନ, ବିଶେଷ କରି ବ୍ରିଟିଶ ହାକିମ ତନ୍ତ୍ର ପରି ଏମିତି ଏକ ଶାସନ ଯିଏ ତା'ର ଶାସିତ ଜାତିଟି ମଧ୍ୟରେ ସମ୍ପୂର୍ଣ୍ଣ ବଶ୍ୟତା ଓ ନିର୍ଭରଶୀଳତା ସକାଶେ ଅଡ଼ି ବସିଛି, ତା'ର କ'ଣ ଆଉ କିଛି ପରିଣାମ ନାହିଁ ଏ ଜାତିକୁ ପୌରୁଷହୀନ କରି ଦେବା ବ୍ୟତୀତ, ଏ ଜାତିଟିର ମର୍ଯ୍ୟାଦାକୁ କ୍ଷୁଣ୍ଣ କରିବା ବ୍ୟତୀତ ? ସରକାରଙ୍କର ଅନୁଗତମାନେ ହୁଏତ ଗୋଟି ଗୋଟି କରି ବ୍ରିଟିଶ ଶାସନ ସୌଜନ୍ୟରୁ ପ୍ରାପ୍ତ ଶହେ ବରଦାନର ହିସାବକୁ ନିର୍ଣ୍ଣୟ କରି ପାରନ୍ତି – ଯଦିଓ ଖୁବ୍ ନିକଟରୁ ଦେଖିଲେ ସେଗୁଡ଼ିକ କେବଳ 'ମୃତ ସାଗର'ର ସେଓ ସଦୃଶ ପ୍ରତିଭାତ ହେବେ; ଯାହାକୁ ଚାଖିଲେ ଧୂଳି ଓ ଅଙ୍ଗାରରେ ପରିଣତ ହୋଇଯାଏ, – ସେଇ ବରଦାନ ଭିତରୁ କୌଣସି ଗୋଟିଏ ମଧ୍ୟ ସେ ପ୍ରକାର କ୍ଷତିର ଭରଣା କରିପାରିବନି ଯାହା ମୂଳରୁ ଚୂଳ ପର୍ଯ୍ୟନ୍ତ ବ୍ୟାପ୍ତ ଓ ଦୁର୍ନିବାର ହୋଇ ଉଠିଛି ପ୍ରତିଟି ବରଦାନ ସହିତ ତାଳ ଦେଇ; ସେ କ୍ଷତି ହେଉଛି ଆମ ପୌରୁଷତ୍ୱର, ଆମ ସାହସର, ଆମ ଆତ୍ମ-ସମ୍ମାନର, ଆଉ ପ୍ରଚଣ୍ଡ ଉଦ୍ୟମଶୀଳ ଆମ ଅଭ୍ୟାସର । ଯେତେବେଳେ ଏସବୁ ଚାଲି ଯାଇଛି ଆଉ ରହିଲା ବା କ'ଣ, ଖାଲି ମଣିଷର ଛାଇ ଟିକକ ଛାଡ଼ି ଦେଲେ; ନୁହେଁ ବ୍ରିଟିଶ ସଂସ୍କୃତିର ବାହ୍ୟ ଚାକଚକ୍ୟ, ନୁହେଁ ଜ୍ଞାନାଲୋକ, ପଦ ପଦବୀ ଅବା ବ୍ରିଟିଶର ଶାନ୍ତି, ନୁହେଁ ରେଳ ରାସ୍ତା, ଟେଲିଗ୍ରାଫ୍ କିଂବା ଆଉ କିଛି ଯାହାକୁ ସ୍ୱୟଂ ଭଗବାନ୍ ଆସି ଦାନ କଲେ ମଧ୍ୟ ଏବଂ ଏ ମଣିଷ ଆଣି ଅର୍ପଣ କଲେ ମଧ୍ୟ ବ୍ୟକ୍ତି ବିଶେଷର, ଜାତୀୟ ଶକ୍ତି ଓ ଚରିତ୍ରର ମୂଳ ଭିତ୍ତିରେ ଯେଉଁ କ୍ଷତି ସାଧିତ ହେଲା ତାହାକୁ ଆଉ କେହି ବି ପୂରଣ କରି ପାରିବେ ନାହିଁ । ସାମାଜିକ ସଂସ୍କାର ? ମଣିଷ ବୋଲି ତୁଚ୍ଛାକୁ ଛଳନା କରୁଥିବା ଏହି ନିମ୍ନମାନର ଚରିତ୍ରଗୁଡ଼ିକର ସମାଜ ଭିତରେ କ'ଣ କିଛି ସଂସ୍କାର ସମ୍ଭବ ହୋଇପାରେ ? ଶିଳ୍ପଭିତ୍ତିକ ବିକାଶ ? ଏତେ ସମୃଦ୍ଧିରୁ ଆମକୁ ଲାଭ ବା କ'ଣ ମିଳିବ ଯଦି ଯେ କୌଣସି ମୁହୂର୍ତ୍ତରେ ତାହା ଏକ ପରାକ୍ରମୀ ବ୍ୟକ୍ତି ଦ୍ୱାରା ଅପହୃତ ହୋଇଯିବାର ସମ୍ଭାବନା ରହିଛି ? ନୈତିକ ଓ ଧାର୍ମିକ ଉନ୍ନତି ? ସେଇ ସମସ୍ତ ମଣିଷମାନଙ୍କ ପାଖରେ ଏସବୁ ଉକ୍ତିଗୁଡ଼ିକର ସତ୍ୟାସତ୍ୟ କିଂବା ମୂଲ୍ୟ କ'ଣ ଯେଉଁମାନଙ୍କର ଚକ୍ଷୁ ସାମନାରେ ସେମାନଙ୍କ ଧର୍ମ ଉପରେ ଚାଲିଥିବା ଆକ୍ରମଣରୁ ଆଉ ସେମାନଙ୍କ ରମଣୀମାନେ ଭୋଗୁଥିବା ଅସଦାଚରଣରୁ କେବେ ହେଲେ ବି ନିସ୍ତାର ମିଳିବାର ନାହିଁ ? ପ୍ରଥମେ ଶକ୍ତି ଆହରଣ କର, ସ୍ୱାଧୀନତା ହାସଲ କର ଆଉ ଦେଖିବ ତା'ପରେ ଏସବୁ ଆପେ ଆପେ ଆସି ତୁମ ସହ ସଂଯୁକ୍ତ ହୋଇଯିବ । କିନ୍ତୁ ତୁମର ନିର୍ବୋଧ ନରମଭାବ (Moderation), ତୁମର ଅବିଚାରିତ ସମୟର ଅନୁପଯୋଗୀ ବିଜ୍ଞତା ନେଇ ତୁମେ କ'ଣ ଅବିରତ ଚେଷ୍ଟା କରି ଚାଲିଥିବ ଏଇପରି, ଏବଂ ଆଉ ଏହାର ଅର୍ଦ୍ଧ ଶତାବ୍ଦୀ ପରେ ଦେଖିବ ତୁମେ ଆହୁରି ତଳକୁ ଖସି ଯାଇଛ ଯାହା ପୂର୍ବରୁ କସ୍ମିନ୍ କାଳେ ବି ଘଟିନି, ଠିକ୍ ଗ୍ରୀକ୍ ଜାତି କ୍ଷେତ୍ରରେ ଯାହା ଘଟି ଯାଇଥିଲା ତା'ର ମାର୍ଜିତ ବୁଦ୍ଧିଜୀବୀମାନଙ୍କୁ ଓ ନୀଚ ସ୍ୱଭାବଯୁକ୍ତ ନଷ୍ଟ ବ୍ୟକ୍ତିମାନଙ୍କୁ ନେଇ, ଉଭୟ ଶରୀରରେ ଓ ଆତ୍ମାରେ ଅତ୍ୟନ୍ତ ନିଃସହାୟ ଭାବେ ସେମାନେ ଦୟାର ପାତ୍ର ହୋଇ ପଡ଼ିଥିଲେ ବିଦେଶୀ ପ୍ରଭୁମାନଙ୍କର ।

ଏଇ ଅଗ୍ନିବର୍ଷୀ ଅନୁଚ୍ଛେଦଗୁଡ଼ିକରେ 'ବେଙ୍ଗଲୀ' ବର୍ତ୍ତମାନ ପାଇଁ ବିବେକ ଓ ନରମ ଭାବକୁ ଦୁର୍ବଳତା ଆଉ କାପୁରୁଷତା ବୋଲି ଘୋର ନିନ୍ଦା କରିଛି । ଏହା ସୁପାରିଶ କରିଛି ଦୁର୍ଜେୟ ସାହସର ଏବଂ ଆମ ମନ୍ଦିର ଓ ଦେବଦେବୀମାନଙ୍କ ପ୍ରତିମାଗୁଡ଼ିକର ଆଉ ନାରୀମାନଙ୍କ ମର୍ଯ୍ୟାଦାର ସୁରକ୍ଷା ନିମନ୍ତେ ଆମକୁ କହିଛି ହସ୍ତ ଉତ୍ତୋଳନ କରିବା ପାଇଁ । ଅତିରିକ୍ତ ଭାବର ତାଡ଼ନାକୁ ହାଲୁକା କରି ଦେବା ସକାଶେ ବୋଧହୁଏ ଏହା ହେଉଛି ତା'ର ଗୋଟିଏ ଆଳଙ୍କାରିକ ଉଚ୍ଛ୍ୱାସ ମାତ୍ର, ତା'ଛଡ଼ା ଆଉ ଅଧିକା କିଛି ନୁହେଁ । କିନ୍ତୁ ଆମ ପତ୍ରିକା ବନ୍ଧୁଙ୍କର ଅନ୍ତତଃ କ୍ରୋଧରେ ସେମିତି ଯଦି କିଛି

ଗମ୍ଭୀରତା ଥାଏ ତା' ନିବେଦନର ଅସଲ ମର୍ମକୁ ସେ ବିଚାର କରୁ । ଆମମାନଙ୍କୁ ଛୁଟିବାକୁ ହେବ ଆମ ମନ୍ଦିରଗୁଡ଼ିକର, ଆମ ଦେବଦେବୀଙ୍କର, ପବିତ୍ର ବିଗ୍ରହମାନଙ୍କର, ଆମ ଲଳନାମାନଙ୍କର ସମ୍ମାନର ସୁରକ୍ଷା ପାଇଁ । କିନ୍ତୁ ଏଇ 'ଆମେମାନେ' କିଏ ? ନିଃସନ୍ଦେହରେ ପୂର୍ବ ବଙ୍ଗଳା ଏବଂ ଉତ୍ତର ବଙ୍ଗଳାର ଜନସାଧାରଣ ନୁହଁନ୍ତି ଯେଉଁମାନେ ହେଉଛନ୍ତି ସଂଖ୍ୟା ନ୍ୟୂନ, ଯେଉଁମାନେ ପରାଭବର ସମ୍ମୁଖୀନ ହୋଇ ନିରନ୍ତର ଲଢ଼େଇ କରି ଚାଲିଛନ୍ତି ଚତୁର୍ଦ୍ଦିଗରୁ ଘେରି ରହିଥିବା ନାନାବିଧ ଝଡ଼ଝଞ୍ଜା ବିରୋଧରେ ଏବଂ ଜମାଲପୁର ଘଟଣା ପରି ଅନେକ ଦୁର୍ବଳତା ସତ୍ତ୍ୱେ ସେମାନେ ସେମିତି ନ୍ୟୂନ ମାନର ଦାୟିତ୍ୱକୁ ସମ୍ପନ୍ନ କରି ନାହାନ୍ତି । ପଶ୍ଚିମ ବଙ୍ଗଳାରେ ବିପୁଳ ସଂଖ୍ୟକ ହିନ୍ଦୁ ରହିଛନ୍ତି; ପୁଣି ନିମ୍ନ ବର୍ଗର ଦୁର୍ଦ୍ଧର୍ଷ ହିନ୍ଦୁ ମଧ୍ୟ ଅଛନ୍ତି । ହଜାର ହଜାର ସଂଖ୍ୟାରେ ଛାତ୍ର ରହିଛନ୍ତି ଯେଉଁମାନେ ସ୍ୱଦେଶୀ ଆନ୍ଦୋଳନ ସଂକ୍ରାନ୍ତରେ ବିଭିନ୍ନ ସଭାସମିତିମାନଙ୍କରେ ଭିଡ଼ ଜମଉଛନ୍ତି, ସ୍ୱଦେଶୀ ଯାତ୍ରା ଓ ଉତ୍ସବମାନଙ୍କରେ ପ୍ୟାରେଡ୍ କରୁଛନ୍ତି । କିନ୍ତୁ ପଶ୍ଚିମ ବଙ୍ଗଳା ବାବୁ ସୁରେନ୍ଦ୍ରନାଥଙ୍କର ମୋହିନୀ ମନ୍ତ୍ରରେ ବଶୀଭୂତ ହୋଇ ରହିଛି । ବାବୁ ସୁରେନ୍ଦ୍ରନାଥ କଥା ଦେବେ କି ? ଏହି ଜ୍ୱାଳାମୁଖୀ କ୍ରୋଧକୁ କ୍ଷିପ୍ରତର କରିବା ପାଇଁ ସେ କ'ଣ ପ୍ରସ୍ତୁତ ଅଛନ୍ତି ? ପଶ୍ଚିମବଙ୍ଗ କ'ଣ ସତରେ ପୂର୍ବ ଓ ଉତ୍ତର ବଙ୍ଗରେ ରହୁଥିବା ଆମର ଜ୍ଞାତିଜନମାନଙ୍କୁ ସାହାଯ୍ୟ କରିବା ପାଇଁ, ''ଦେବଦେବୀମାନଙ୍କର ପବିତ୍ର ବିଗ୍ରହଗୁଡ଼ିକୁ ଏବଂ ଆମର ଲଳନାମାନଙ୍କୁ ରକ୍ଷା କରିବା ପାଇଁ ଆଉ ସେମାନଙ୍କୁ କଳୁଷିତ ହେବାକୁ ତଥା ଅସମ୍ମାନର ଶିକାର ହେବାକୁ ନ ଦେଇ ନିଜକୁ ଅଜାଡ଼ି ଦେବ ଅକାତରରେ ?'' ଯଦି ତା' ନୁହେଁ ତା'ହେଲେ ଏହି କ୍ଷଣିକ ନିର୍ଭୀକତା ଏବଂ ପୁରୁଷୋଚିତ ବାହାସ୍ଫୋଟ ଗୋଟିଏ କୁଟାଖିଅର ଅଗ୍ନି ଅପେକ୍ଷା ସେମିତି କିଛି ଅଧିକ ନୁହେଁ କାରଣ ସେଥିରେ ଅଗ୍ନିର ସଂଯୋଗ ନ ହେଲେ ଚଳିବ । ଆମ ବନ୍ଧୁ ପତ୍ରିକାର ଭାଷାରେ,– ''ମାତୃଭୂମିର ପୂଜାର୍ଚ୍ଚନା ସେଇ ସମସ୍ତ ବଛା ବଛା ମହାତ୍ମାମାନଙ୍କର ଏକମାତ୍ର ବିଶେଷ ସୁବିଧାର ବିଷୟ ଏଇ ଯେ ଯେଉଁମାନଙ୍କର ରହିଛି ହୃଦୟ ତ୍ୟାଗ ବରଣ କରିବା ପାଇଁ, ରହିଛି ହାତ ବିବେକର ତାଡ଼ନାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଆଉ ରହିଛି ବେପରୁଆ ଭାବ, ଔଚିତ୍ୟ ବୋଧ ଓ ପରିଣାମଦର୍ଶୀତାକୁ ଫାଶୀରେ ଲଟକେଇ ଦେବା ପାଇଁ ।''

**ହ୍ୟାରେ କିଂବା ଆଉ ଜଣେ**

ପୂର୍ବ ବଙ୍ଗଳାରେ କୁଶାସନ ହେଲା ଭାରତବର୍ଷରେ ବ୍ରିଟିଶ ନୀତିର କିଂବା ଶାସନତନ୍ତ୍ରକୁ ନେଇ ଉପୁଜିଥିବା ବରଂ ଅଜବ ସ୍ଥିତିର ଯେ ସ୍ୱାଭାବିକ ପରିଣାମ, ଆମ ନରମପନ୍ଥୀ ପତ୍ରିକା ବନ୍ଧୁମାନେ ଏକଥା ବୁଝିବାରେ ଅକ୍ଷମ ବୋଲି ମନେ ହେଉଛି । ଜନସାଧାରଣଙ୍କୁ ସମ୍ମୋହିତ କିଂବା ସେମାନଙ୍କୁ ଆୟତ୍ତ ବା ଭୟଭୀତ କରି ସେଭଳି ସ୍ଥିତିକୁ ବଜାୟ ରଖା ଯାଇପାରେ । ନୂତନ ଉଦ୍ଦୀପନା ଲୋକମାନଙ୍କର ଆଖିରୁ ପର୍ଦ୍ଦାକୁ ହଟେଇ ଦେଇଛି ଏବଂ ବିଗତ ଶତାବ୍ଦୀର ବଶୀକରଣର କୁହେଳିକୁ ଛିନ୍ନ କରି ଦେଇଛି; ବିଶେଷ କରି ପୂର୍ବ ବଙ୍ଗଳାରେ ଏହି ମୋହଭଙ୍ଗର ପ୍ରକ୍ରିୟାଟି ସମୁଚିତ ଭାବେ ପୂର୍ଣ୍ଣମାତ୍ରାରେ ସମ୍ପୂର୍ଣ୍ଣ ହୋଇଛି । ଶାସନତନ୍ତ୍ର ତେଣୁ ବାଧ୍ୟ ହୋଇଛି ଗୋଟିଏ ବିକଳ୍ପ ଭାବେ ସନ୍ତ୍ରାସବାଦର ଆଶ୍ରା ନେବାକୁ । କିନ୍ତୁ ଆମ ନରମପନ୍ଥୀ ସାଥିମାନେ ସେମାନଙ୍କର ଏହି ବିଶ୍ୱାସକୁ ଧରି ବସିଛନ୍ତି ଯେ ପୂର୍ବ ବଙ୍ଗରେ ଅନୁସୃତ ନୀତି ହେଉଛି କେବଳ ବ୍ୟକ୍ତି ବିଶେଷଙ୍କର ନୀତି । ତେଣୁ ସେମାନେ ମିଃ : ହ୍ୟାରେଙ୍କୁ ଫେରେଇ ଆଣିବା ପାଇଁ ''ଦାବୀ କରୁଛନ୍ତି'' । 'ବେଙ୍ଗଲୀ' କହୁଛି, ''ତାଙ୍କୁ କ'ଣ ଗ୍ରହଣ ଲାଗିଛି'', ଧର୍ମ ପ୍ରତି ଆଓରଙ୍ଗଜେବଙ୍କର ପ୍ରବଳ ଅନୁରାଗକୁ ବରଦାସ୍ତ ନ କରି ବରଂ ସେ ହିନ୍ଦୁମାନଙ୍କର ଉତ୍ପୀଡ଼କ ହିସାବରେ ଆଓରଙ୍ଗଜେବଙ୍କର ରେକର୍ଡ଼କୁ ନିଷ୍ପ୍ରଭ କରି ଦେଇଛନ୍ତି ।... ସେ ହିଁ ବ୍ରିଟିଶ ଶାସନ ପ୍ରତି ପ୍ରତିଟି ହିନ୍ଦୁ ଅନ୍ତରର ନିଭୃତରେ ଘୃଣା ଭାବ ସୃଷ୍ଟି କରିଛନ୍ତି ।'' କିନ୍ତୁ ଓ୍ୟାମ୍ପ୍‌ଫିଲ୍‌ଡେ ଫୁଲାର୍ (Bampfylde Fuller)ଙ୍କୁ ଫେରେଇ ଆଣିବା ଅପେକ୍ଷା ହ୍ୟାରେଙ୍କୁ ନେଇ ଆସିଲେ କ'ଣ ଅଧିକା କିଛି ସୁଫଳ ମିଳିବ ? ଏ ସଂକ୍ରାନ୍ତରେ ଆମମାନଙ୍କର ତ ସେମିତି କିଛି ମୋହ ନ ଥିଲା । ଆମେ ଜାଣିଥିଲୁ ଯେ ଓ୍ୟାମ୍ପ୍‌ଫିଲ୍‌ଡେ ମହାଶୟ ତାଙ୍କର ପ୍ରଚଣ୍ଡ କ୍ରୋଧ ଜନିତ ଉତ୍ତେଜନାର ବଶବର୍ତ୍ତୀ ହୋଇ ଯାହାଟା ଆରମ୍ଭ କରି ଦେଇଥିଲେ, ମିଃ : ହ୍ୟାରେ ତାଙ୍କର ଥଣ୍ଡା ମିଜାଜରେ ନୀରବରେ ଭାବିଚିନ୍ତି ସେଇ କାମ ପଛରେ ଲାଗିଯିବେ । ମନେ କରାଯାଉ 'ବେଙ୍ଗଲୀ'ର ଅନ୍ତଃସ୍ଫୁରଣରୁ ସ୍ଫୁରିତ ହୋଇଥିବା ଇଚ୍ଛାଟି ମେଣ୍ଟିଗଲା ଆଉ ମିଃ:ହ୍ୟାରେଙ୍କୁ ଭଲ ଭାବେ ଉପାର୍ଜିତ ତାଙ୍କ ପେନ୍‌ସନ୍‌କୁ ଉପଭୋଗ କରିବା ପାଇଁ ପୁଣି ସ୍ୱଦେଶକୁ ପଠେଇ ଦିଆଗଲା, ତା'ପରେ କ'ଣ ହେବ ? ତୃତୀୟ ବ୍ୟକ୍ତି ଜଣେ କିଏ ଆସିବ, ଯିଏ ଆଉ ଟିକିଏ

ଅଲଗା ଢଙ୍ଗରେ ସେଇ ନୀତିକୁ ଅନୁସରଣ କରି ଚାଲିବ । ସେଠି ହ୍ୟାରେ କିଂବା ଫୁଲାର୍ କେହି ଶିଲଂ ପ୍ରଶାସନର ନୀତି ନିର୍ଦ୍ଧାରଣ କରୁ ନାହାନ୍ତି, – ପ୍ରଶାସନିକ ସ୍ଥିତିକୁ ନେଇ ଉପୁଜୁଥିବା ଦୁର୍ବାର ଆବଶ୍ୟକତାବଶତଃ ନୀତି ନିର୍ଦ୍ଧାରଣ କରାଯାଏ ଯାହା ସେମାନଙ୍କୁ ତଡ଼ି ନେଇଯାଏ ଗୋଟିଏ ବିଚାର ବୁଦ୍ଧି ଶୂନ୍ୟ କିନ୍ତୁ ଅବଶ୍ୟମ୍ଭାବୀ କାର୍ଯ୍ୟର ଧାରା ଭିତରକୁ । ସେମାନଙ୍କୁ ଯେମିତି ହେଲେ ହୁଏତ ସ୍ୱଦେଶୀ ଆନ୍ଦୋଳନକୁ ବିଧ୍ୱସ୍ତ କରିବାକୁ ପଡ଼ିବ କିଂବା ସେମାନଙ୍କର କ୍ଷମତାଗୁଡ଼ିକ ଜଳାଞ୍ଜଳି ଦେବାକୁ ହେବ ସର୍ବସାଧାରଣଙ୍କ ପାଖରେ ପୂର୍ଣ୍ଣ ରୂପେ କିଂବା ଆଂଶିକ ଭାବେ । ଏବଂ ଶେଷୋକ୍ତ ପନ୍ଥା ସକାଶେ ସେମାନଙ୍କୁ ରାଜି କରାଯାଇ ପାରିବନି ଯାହାକୁ ଆମେ ଏବେ ମଧ୍ୟ ପ୍ରୟୋଗ କରି ଚାଲିଛୁ ।

[ବନ୍ଦେ ମାତରମ୍, ମେ ୩,୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

## ନିରାସକ୍ତ କର୍ମୀ

ସାଧାରଣତଃ ନିରାସକ୍ତ ହେବାର ଅର୍ଥ ଅହଂକୈନ୍ଦ୍ରିକ ନ ହେବା, ବିଷୟସବୁ ତୁମ ଉପରେ କିଭଳି ପ୍ରତିକ୍ରିୟା ସୃଷ୍ଟି କରନ୍ତି, ସେ ଦୃଷ୍ଟିରୁ ସେସବୁକୁ ନ ଦେଖିବା, ବସ୍ତୁସବୁର ଯଥାର୍ଥ ସ୍ୱରୂପକୁ ଦେଖିବା, ନିରପେକ୍ଷ ଭାବରେ ବିଚାର କରିବା, ସମସ୍ତ ବିଷୟରେ ଥିବା ଉଦ୍ଦେଶ୍ୟ ଅନୁଯାୟୀ ବା ସର୍ବନିୟନ୍ତାଙ୍କ ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିବା, ବ୍ୟକ୍ତିଗତ ଦୃଷ୍ଟିକୋଣ ଅନୁସାରେ ଅହଂଗତ ସ୍ୱାର୍ଥ ଯୋଗୁଁ ବା ଅହଂପ୍ରସୂତ ଧାରଣା ଓ ଅନୁଭୂତି ଦ୍ୱାରା କାର୍ଯ୍ୟ ନ କରିବା । କର୍ମ କରିବାରେ ନିଜର ସମ୍ମାନ ଓ ସୁବିଧା ପ୍ରତି ଦୃଷ୍ଟି ନ ଦେଇ ବରଂ କର୍ମ ପାଇଁ ଯାହା ଭଲ ତାହା କରିବା । କର୍ମକୁ ନିଜର ବୋଲି ଭାବିବା ପରିବର୍ତ୍ତେ ସର୍ବଦା ମା'ଙ୍କର ବୋଲି ଭାବିବା । ନିୟମ, ଶୃଙ୍ଖଳା, ବ୍ୟକ୍ତିନିରପେକ୍ଷ ବ୍ୟବସ୍ଥା, ସର୍ତ୍ତ ଅନୁଯାୟୀ ଯାହା ସର୍ବୋତ୍ତମ ତାହା କରିବା, ଅବସ୍ଥାର ପ୍ରତିକୂଳ ହେଲେ ମଧ୍ୟ ଯେତେଦୂର ସମ୍ଭବ ଉତ୍ତମ ଭାବରେ କାର୍ଯ୍ୟ କରିବା । ନିରାସକ୍ତ କର୍ମୀ ବ୍ୟକ୍ତିଗତ ଉଚ୍ଚାଭିଳାଷ, ଗର୍ବ, ଆବେଗ ଇତ୍ୟାଦି ପରିବର୍ତ୍ତେ ତାହାର ସର୍ବୋତ୍ତମ କ୍ଷମତା, ଉତ୍ସାହ ଓ ଶ୍ରମକୁ କର୍ମରେ ବିନିଯୋଗ କରେ । ତା' ନିଜର କ୍ଷୁଦ୍ର ବ୍ୟକ୍ତିତ୍ୱ ଅପେକ୍ଷା ଅଧିକ କିଛି ମହାନ୍ ତା'ର ଦୃଷ୍ଟି ସମ୍ମୁଖରେ ଥାଏ ଏବଂ ସେଥିପ୍ରତି ଭକ୍ତି ଓ ବିଶ୍ୱସ୍ତତା ତାହାର କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରେ ।

*

ତୁମର ପ୍ରତ୍ୟେକ ''ଆନ୍ତର ପ୍ରରୋଚନା''କୁ କାର୍ଯ୍ୟାରମ୍ଭ ପାଇଁ ଆସୁଥିବା ମା'ଙ୍କର ସଙ୍କେତ ଓ ସୂଚନା ବୋଲି ମାନି ନେବା ବିପଜ୍ଜନକ । ଏକ ଆନ୍ତର ସଙ୍କେତ ବୋଲି ଯାହା ଜଣାଯାଏ ତାହା ଯେକୌଣସି ସ୍ଥାନରୁ ଆସିପାରେ ନିଜକୁ ଚରିତାର୍ଥ କରିବାକୁ ।

ମା ନିଜେ କର୍ମଟି ଦେଇଥିଲେ ବି କର୍ମ ସମ୍ପର୍କରେ ଜଣକର ଅହଂଭାବ ରହିପାରେ । ଯୋଗରେ ଯେଉଁସବୁ ବିଷୟରେ ବିଶେଷ ସତର୍କତାମୂଳକ ବ୍ୟବସ୍ଥା ରହିବା ପ୍ରୟୋଜନ, ଯନ୍ତ୍ରର ଅହଂଭାବ ହେଲା ତହିଁ ମଧ୍ୟରୁ ଅନ୍ୟତମ ।

ଯେତେବେଳେ ଜଣେ କାର୍ଯ୍ୟରତ ଥାଏ, ସାଧାରଣତଃ କାର୍ଯ୍ୟ କରୁଥିବା ଶକ୍ତିର ପ୍ରବେଶ, କାର୍ଯ୍ୟ ମଧ୍ୟରେ ନିମଜ୍ଜନ ଓ ଏହା ସମ୍ପନ୍ନ କରିବାର ବା ଏହା କରିବାର ଆନନ୍ଦ ପ୍ରଭୃତି ସେତେବେଳେ ତାହା ପାଇଁ ଯଥେଷ୍ଟ ହୁଏ ଏବଂ ମନ ଅନ୍ୟ କୌଣସି ବିଷୟ ଚିନ୍ତା କରେ ନାହିଁ । ପରେ ''ମୁଁ କରିଛି''ର ଭାବ ଆସିଥାଏ । କେତେକଙ୍କ କ୍ଷେତ୍ରରେ ଅବଶ୍ୟ କାର୍ଯ୍ୟ ଚାଲିଥିଲା ବେଳେ ମଧ୍ୟ ଅହଂଭାବ ସକ୍ରିୟ ଥାଏ ।

– ଶ୍ରୀଅରବିନ୍ଦ

# ଏହି ମହତୀ ପୃଥିବୀ ଆମ୍ଭମାନଙ୍କର ମାତା

## (''ମାତା ପୃଥିବୀ ମହୀୟମ୍'' – ଋଗ୍‌ବେଦ)

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ମଣିଷର ଅନ୍ତରାତ୍ମା ହିଁ (ହୃଦ୍‌ପୁରୁଷ) ମନୁଷ୍ୟର ଏକାନ୍ତ ନିଜସ୍ୱ ସମ୍ପଦ ଏବଂ ଏଇ ସମ୍ପଦ କେବଳ ପାର୍ଥିବ ଜୀବ ମନୁଷ୍ୟର ହିଁ ରହିଛି – ଆଉ କୌଣସି ଜୀବର ବା ଆଉ କୌଣସି ଜଗତରେ ଏ ସମ୍ପଦ ନାହିଁ। ଅନ୍ତରାତ୍ମା ପୃଥିବୀର ଦାନ, ଏକ ଅଦ୍ଭୁତ ପ୍ରହେଳିକା। ଅନ୍ୟାନ୍ୟ ଜଗତ୍ ବା ଲୋକକୁ ପୃଥିବୀର ବୈଶିଷ୍ଟ୍ୟ ବା ପାର୍ଥକ୍ୟ ହେଲା ଏଇ ଯେ ପୃଥିବୀରେ ଅଛି ଗୋଟିଏ କ୍ରମ-ବୃଦ୍ଧି, କ୍ରମୋନ୍ନତି, ଏପରି ଗୋଟାଏ ପରିବର୍ତ୍ତନ ଯାହା କେବଳ ଆକାରରେ ନୁହେଁ, ପ୍ରକାରରେ ମଧ୍ୟ ଅର୍ଥାତ୍ ପ୍ରକୃତିର ଗୁଣଗତ ପରିବର୍ତ୍ତନ। ବିଶ୍ୱସୃଷ୍ଟି ମଧ୍ୟରେ ସର୍ବତ୍ର ଜଡ଼ ଏକାନ୍ତ ଜଡ଼ ହୋଇ ରହିଯାଇଛି, କେବଳ ପୃଥିବୀରେ ଘଟିଛି ଗୋଟାଏ ରୂପାନ୍ତର, ଗୁଣାନ୍ତର। ଜଡ଼ ବକ୍ଷରୁ ଉଦ୍ଭିଦର ଉଦ୍ଭବ – ଉଦ୍ଭିଦର ଅର୍ଥ ହେଲା ଭେଦ କରି ଉଠିବା। ଏଇ ସବୁଜ ଅଙ୍କୁରୋଦ୍‌ଗମ କେବଳ ପୃଥିବୀ ଉପରେ ହିଁ ସମ୍ଭବ ହୋଇଛି, ଅନ୍ୟ କେଉଁଠାରେ ହୋଇନି – ଅଙ୍କୁର କିପରି ବଢ଼ିଉଠିଛି, ଫୁଟିଉଠିଛି, ଆକାଶ ଦିଗରେ ମେଲି ଦେଇଛି ଶାଖାରେ, ପ୍ରଶାଖାରେ, ପଲ୍ଲବରେ ଏକ ଅପରୂପ ସବୁଜ ଶୋଭା; ଫୁଲରେ, ଫଳରେ ଅବଶେଷରେ ଏକ ସ୍ୱର୍ଗୀୟ ସୌନ୍ଦର୍ଯ୍ୟ ବିସ୍ତାରି ଦେଇଛି – ଏ ଏକ ଅପୂର୍ବ ଇତିହାସ। କେବଳ ସେତିକି ନୁହେଁ, ସବୁଜ ପ୍ରାଣର ଆବିର୍ଭାବ ପରେ ହୋଇଛି ଆଉ ଏକ ଅପ୍ରତ୍ୟାଶିତ ଅଭିନବ ଆବିର୍ଭାବ, ମନର ଆଲୋକ; ତା'ପରେ ଆହୁରି ରହିଛି, ଏଇ ନବୋନ୍ମେଷର ଶେଷ ନାହିଁ, ଆଜି ପର୍ଯ୍ୟନ୍ତ ଚାଲିଛି ଏବଂ ସେସବୁ ଘଟୁଛି ଏଇ ପୃଥିବୀର ବକ୍ଷରେ।

କିନ୍ତୁ ବିଶ୍ୱରେ ଅନ୍ୟତ୍ର, ଅନ୍ୟ କୌଣସି ମଣ୍ଡଳରେ ଏ ଜିନିଷ ଘଟି ନାହିଁ। ମନୁଷ୍ୟ ଚନ୍ଦ୍ରରେ ଯାଇ ପହଞ୍ଚିଛି, ସେଠାକାର ମାଟି ହାତରେ ତୋଳିନେଇ ଆସିଛି; କିନ୍ତୁ ସେଠାକାର ମାଟି ତ ମାଟି ନୁହେଁ, ତାହା ଧୂଳିକଙ୍କର, ଊଷର, ଧୂସର, ନିଷ୍ପ୍ରାଣ। ପ୍ରକୃତିର ଏଇ ଯେଉଁ ମୂର୍ତ୍ତି ଏହା ପ୍ରକୃତିର ଆଦିକାଳର ହିଁ ମୂର୍ତ୍ତି, ପ୍ରକୃତିର ପ୍ରଥମ ଯୁଗର ପ୍ରକୃତିଠାରୁ କୋଟି କୋଟି ବର୍ଷ ମଧ୍ୟରେ କୌଣସି ବିଶେଷ ପରିବର୍ତ୍ତନ ହୋଇ ନାହିଁ। ଚନ୍ଦ୍ର ଶିଳାଖଣ୍ଡ ପରୀକ୍ଷା କରି ଗୋଟାଏ ଆଶ୍ଚର୍ଯ୍ୟ ତଥ୍ୟ ଆବିଷ୍କାର କରାଯାଇଛି – ଜଡ଼, ଜଡ଼ଖଣ୍ଡ ଯେ ଏତେଟା ଅପରିବର୍ତ୍ତିତ ରହିଯାଇଛି ତାହା ବିସ୍ମୟକର। ପୃଥିବୀର ଆରମ୍ଭରେ ଯେଉଁ ମୂର୍ତ୍ତି ଥିଲା ତା'ର ରୂପ, ତା'ର ଗୁଣ ତୁଳନାରେ ବର୍ତ୍ତମାନ ସଂପୂର୍ଣ୍ଣ ପରିବର୍ତ୍ତିତ ହୋଇଯାଇଛି। ବୈଜ୍ଞାନିକମାନେ କହୁଛନ୍ତି ପୃଥିବୀର ପ୍ରାରମ୍ଭିକ ଦିଗର କେତେ କୋଟି ବର୍ଷର ଇତିହାସ ଲୁପ୍ତ ହୋଇଯାଇଛି, ପୃଥିବୀ ନିଜର ଶୈଶବର ମୂର୍ତ୍ତି ସଂପୂର୍ଣ୍ଣ ରୂପେ ମିଳାଇ ଦେଇଛି, ତା'ର ଚିହ୍ନ ନାହିଁ – ଏତେଟା ରୂପାନ୍ତରିତ ହୋଇଯାଇଛି ସେ ରୂପରେ ଆଉ ଗୁଣରେ। ସେଇ ଲୁପ୍ତ ଗୁଣଧର୍ମ କୁଆଡ଼େ ଚନ୍ଦ୍ରର ମାଟିରେ ମିଳୁଛି, ଚନ୍ଦ୍ର ମଧ୍ୟରେ ଏକ ହିଁ ପୁରାତନ ପ୍ରକୃତି ରହିଯାଇଛି।

ଯେଉଁ ଉପାଦାନଟି ପାଇଁ ପୃଥିବୀ ହୋଇଛି ପୃଥିବୀ, ଧୂଳିକଙ୍କର ହୋଇଛି ମାଟି, କାଦୁଅ ମାଟି, ତା' ହେଲା ଜଳ, ଆମେ ସମସ୍ତେ ଜାଣୁ। ଜଳର ତ ଅନ୍ୟ ନାମ ଜୀବନ, ଏଇ ଜଳ ଜିନିଷଟି ସୃଷ୍ଟିର ଅନ୍ୟତ୍ର କେଉଁଠି ନାହିଁ। ଜଳ ମଧ୍ୟରେ ହିଁ ପ୍ରାଣର ଅଧିଷ୍ଠାନ, ଜଳରୁ ହିଁ ଉଠିଛି ଜଳର ପ୍ରଥମ ପ୍ରାଣୀ। ପ୍ରାଣସ୍ତରକୁ ଉଠି ପ୍ରାଣକୁ ଆଶ୍ରୟ କରି ଜଡ଼ ପାଇଛି ଗୋଟାଏ ନୂତନ ଧର୍ମ। ସେ ହେଲା ବ୍ୟଷ୍ଟିତ୍ୱର ଆବିର୍ଭାବ, ବ୍ୟଷ୍ଟିତ୍ୱ ଏକାନ୍ତ ଜଡ଼କଣାର ରାଜ୍ୟରେ ନାହିଁ, ସୃଷ୍ଟିର ସର୍ବତ୍ର ସବୁ ଜଡ଼କଣା ହିଁ ଚାଲେ ଏକ ହିଁ ସାଧାରଣ ଧର୍ମ ଅନୁସରଣ କରି, ଏକ ହିଁ ନିୟମ ପାଳନ କରି। ସୃଷ୍ଟିର ଯେଉଁ ଆଲେଖ୍ୟ ଏଇ ଏକାନ୍ତ ନିୟମାନୁଗ ଜଡ଼ର ରାଜ୍ୟ ତୋଳି ଧରେ ତା' ହେଲା ଯେପରି ଗୋଟିଏ ଅପରିବର୍ତ୍ତନୀୟ ସ୍ଥିତି। ବୈଦିକ ଋଷିମାନେ ଗୋଟିଏ ଚିତ୍ର ଦେଇଥା'ନ୍ତି – ତାହା ଏଇ ଅପରିବର୍ତ୍ତନୀୟ ନିତ୍ୟତା, ଗୋଟାଏ ଚିରାଚରିତ ଗତାନୁଗତିକର ଅଲଙ୍ଘ୍ୟ ଧାରା। ସେମାନେ କହନ୍ତି – ବରୁଣସ୍ୟ ବ୍ରତାନି – ସୂର୍ଯ୍ୟ ଉଠେ, ସୂର୍ଯ୍ୟ ବୁଡ଼ି ଯାଏ, ଚାନ୍ଦ ଉଠେ, ଚାନ୍ଦ ବୁଡ଼ି ଯାଏ, ରାତ୍ରି ଘନେଇ ଆସେ, ଉଷା ଫୁଟିଉଠେ କେବେଠାରୁ ? କେତେ ଦିନରୁ ଚାଲିଛି ଏ ଲୀଳା ? କେତେ ଦିନ ଚାଲିବ ? କିଏ ତାହା କହିବ ? – ଅଦର୍ଦ୍ଧାନୀ ବରୁଣସ୍ୟ ବ୍ରତାନି – ଅପ୍ରତିହତ ବରୁଣଙ୍କ କର୍ମଧାରା।

କିନ୍ତୁ ଏହା ମଧ୍ୟରେ ପୃଥିବୀ ହେଲା ବ୍ୟତିକ୍ରମ। ପୃଥିବୀ

ନେଇ ଆସିଛି ଗୋଟାଏ ନୂତନ ସୁର । ବରୁଣ ବା ଇନ୍ଦ୍ର ଯଦି ହୁଅନ୍ତି ଊର୍ଦ୍ଧ୍ୱର, ସ୍ୱର୍ଗର ଦେବତା; ତେବେ ପୃଥିବୀର ଦେବତା ହେଲେ ଅଗ୍ନି । ପୃଥିବୀର ଗର୍ଭରେ ଲୁଚି ରହିଛନ୍ତି ଏହି ଅଗ୍ନି । ଅଗ୍ନି ଅର୍ଥ ଚେତନାର ଊର୍ଦ୍ଧ୍ୱାଶୀ ଶକ୍ତି । ପୃଥିବୀରେ ଯେଉଁ ପ୍ରସ୍ଫୁରଣ ଦେଖା ଦେଇଛି, ଯେଉଁ ନବ ନବ ଉନ୍ମେଷ ଘଟିଛି ତା'ର ମୂଳରେ ରହିଛି ଏଇ ତପୋବଳ, ଏଇ ତେଜକ୍ରିୟା । ଏଇ ତପଃଶକ୍ତି, ଏଇ ତେଜୋମୟତା ପୃଥିବୀର ମାଟି ମଧ୍ୟରେ ନିହିତ ରହିଛି ।

ପୃଥିବୀର ବକ୍ଷରୁ ଏକାନ୍ତ ଜଡ଼କଣାକୁ ଠେଲି ଉପର ଆଡ଼କୁ ଉଠାଇବା ପାଇଁ କେତେ ଯେ ଆୟାସ କରିବାକୁ ହୁଏ ତା'ର ହିସାବ ଆକାଶଭେଦୀ ରକେଟ୍ ଦେଇପାରେ । କିନ୍ତୁ ପୃଥିବୀର ମାଟିରୁ ଅଙ୍କୁରୋଦ୍‌ଗମ, ପ୍ରାଣସ୍ଫୁରଣ ମନେହୁଏ କେତେ ସହଜ, କେତେ ଅନାୟାସ — ସବୁଜ ପଲ୍ଲବ ଦୁଇଟି ବାହାରି ଆସେ ଯେପରି ସାରା ଅଙ୍ଗରେ ହସ ଚହଟାଇ ଦେଇ ।

ସୃଷ୍ଟିର ଆଦିମ ଆଦି ଜଡ଼ମୂର୍ତ୍ତିର କଥା ମୁଁ କହୁଛି, କିନ୍ତୁ ଏହା ତା'ର ବାହ୍ୟ ରୂପ; ତା' ଭିତରର ଗଭୀର, ଶେଷ, ଅନ୍ତିମ ଅନ୍ତଃସ୍ଥଳରେ ଜଡ଼ ନୁହେଁ, ରହିଛି ଚେତନା, ତେବେ ସେ ଚେତନା ସୃଷ୍ଟିର ପଶ୍ଚାତରେ ରହିଯାଇଛି, ପଛରୁ ହିଁ ସେ ସୃଷ୍ଟିକୁ ଧାରଣ କରି ରହିଛି, ନିଜେ ତାହା ଚିରସ୍ଥିର, ଅଚଳ, ଅବ୍ୟୟ — ଏହାରି ନାମ ସଚ୍ଚିଦାନନ୍ଦ ଏବଂ ଏ ଜିନିଷଟି ସର୍ବଦା, ସର୍ବତ୍ର ରହିଛି ଅବ୍ୟୟ, ଅକ୍ଷୟ ରୂପରେ ।

ତେବେ ଏଇ ସଚ୍ଚିଦାନନ୍ଦ, ଏଇ ନିଗୂଢ଼ତମ ସ୍ଥିର ଚେତନାରେ ଏକ ସମୟରେ ଦେଖା ଦେଇଛି ଗୋଟାଏ ଉତ୍ତର, ଗୋଟାଏ ଚାଞ୍ଚଲ୍ୟ, ବହିଃପ୍ରକାଶର ଆକୂତି । ଫଳରେ ଜଡ଼କଣା ମଧ୍ୟରେ ଜନ୍ମଗ୍ରହଣ କଲା ଗୋଟାଏ ସ୍ଫୁଲିଙ୍ଗ, ଗୋଟାଏ ଚିଦ୍‌ବିନ୍ଦୁ; ପଶ୍ଚାତରେ ଯିଏ ଥିଲା ସର୍ବସାଧାରଣ ସଚ୍ଚିଦାନନ୍ଦ-ସିନ୍ଧୁ ତାହା ହିଁ ବର୍ତ୍ତମାନ ପ୍ରତିଟି ପାର୍ଥିବ କଣା ମଧ୍ୟରେ ଘନୀଭୂତ ହୋଇ ଦେଖା ଦେଲା ବିନ୍ଦୁ ରୂପେ, ଏଇ ହେଲା ପୃଥିବୀର ଗର୍ଭରେ ଅଗ୍ନିକୁଣ୍ଡର ପ୍ରଥମ ପ୍ରତିଷ୍ଠା । ଜଡ଼କ୍ଷେତ୍ରରେ ଯାହା ଥିଲା ନାମ-ଗୋତ୍ରହୀନ ରେଣୁମାତ୍ର ବର୍ତ୍ତମାନ ତାହା ଦାନା ବାନ୍ଧି ଗୋଟାଏ ବ୍ୟଷ୍ଟିତ୍ୱ ଦିଗରେ ଯାତ୍ରା ଆରମ୍ଭ କଲା, ଜଡ଼କଣା ପରିବର୍ତ୍ତେ ତା' ଭିତରୁ ଫୁଟିଉଠିଲା ଜୀବକୋଷ । ଭିତରର ଏଇ ଅଗ୍ନିଶିଖାର ତପୋବେଗରେ, ଚିତ୍‌ଶକ୍ତିର ଊର୍ଦ୍ଧ୍ୱାୟନରେ ପୃଥିବୀ ପାଇଲା ନବରୂପ, ନବଧର୍ମ,— କହିଛି ପ୍ରଥମରେ ହିଁ ପ୍ରାଣ ବା ଜୀବନୀଶକ୍ତି; ପ୍ରଥମ ପିଢ଼ିରେ ଉଦ୍ଭିଦ, ତା'ପରେ ପ୍ରାଣୀ — ପ୍ରାଣ ମଧ୍ୟରେ ଫୁଟିଉଠିଲା ମନ, ସେତେବେଳେ ଦେଖାଦେଲା ମନୁଷ୍ୟ । ଚେତନାର ଏଇ ଊର୍ଦ୍ଧ୍ୱାୟନର, ନବରୂପାୟନର ବୈଶିଷ୍ଟ୍ୟ ହେଲା ବ୍ୟଷ୍ଟିର ଉଦ୍ଭବ କ୍ରମପରିଣାମ । ବ୍ୟଷ୍ଟିର ଅର୍ଥ ପ୍ରତ୍ୟେକର ନିଜ ନିଜର ଗୋଟାଏ ନିଜସ୍ୱ ଭଙ୍ଗିମା; ଗଢ଼ଣରେ, ଚଳଣରେ ତାହା ଅନ୍ୟଠାରୁ ଭିନ୍ନ । ପ୍ରତ୍ୟେକ ବ୍ୟଷ୍ଟିର ରହିଛି ସ୍ୱରୂପ ଓ ସ୍ୱଧର୍ମ, ତାହାହିଁ ପ୍ରତ୍ୟେକଙ୍କୁ ପ୍ରତ୍ୟେକଙ୍କଠାରୁ ପୃଥକ୍, ଏପରିକି ବିଚ୍ଛିନ୍ନ କରି ରଖେ । ଏହାରି ନାମ ଅନ୍ତରାତ୍ମାର ଉଦ୍ଭବ, କ୍ରମଗତି ଓ ରୂପାନ୍ତର । ଜଡ଼କଣାରେ ନିହିତ, ଅବଲୁପ୍ତ ଯେଉଁ ଚିତ୍‌ଶକ୍ତି ତା'ର ପ୍ରଥମ ପ୍ରକାଶ ଏଇ ପୃଥିବୀର ମାଟିରେ, ପ୍ରାଣର ଉଦ୍ଭବରେ । ପ୍ରାଣରେ, ପ୍ରାଣସ୍ତରରେ, ଏଇ ଅନ୍ତରାତ୍ମାର ଅନ୍ତଃଶକ୍ତି ବାହ୍ୟ ଆକାରରେ ଧରାଦେବାକୁ ଆରମ୍ଭ କରେ ବ୍ୟଷ୍ଟିରୂପ ଗ୍ରହଣ କରିବାର ପ୍ରୟାସ ଦ୍ୱାରା । ଏଇ ଅନ୍ତଃଶ୍ଚେତନା, ଅନ୍ତଃସଂଜ୍ଞା ଯେତେ ହିଁ ଊର୍ଦ୍ଧ୍ୱାୟିତ ହୁଏ, ପରିସ୍ଫୁଟ ହୁଏ, ବ୍ୟଷ୍ଟିରୂପ ଓ ଧର୍ମ ଯେତେ ହିଁ ପରିଣତ ହୋଇଚାଲେ, ମନୁଷ୍ୟ ମଧ୍ୟରେ ତାହା ପାଏ ବ୍ୟଷ୍ଟିକୁ ଅତିକ୍ରମ କରି ବ୍ୟକ୍ତିରୂପ । ଏହାକୁ ହିଁ କହିଛି ଅନ୍ତରାତ୍ମା ବା ଅନ୍ତଃପୁରୁଷ ବା ହୃଦ୍‌ପୁରୁଷ — ହୃଦ୍‌ପୁରୁଷ କାରଣ ଏଇ ବ୍ୟକ୍ତିତ୍ୱର ଅଧିଷ୍ଠାନ ଅନ୍ତର୍ହୃଦୟରେ । ଏଇ ଅନ୍ତଃପୁରୁଷ ଆହୁରି ଯେତେବେଳେ ଊର୍ଦ୍ଧ୍ୱାୟିତ ହୋଇଚାଲେ, କ୍ରମେ ତାହା ପାଏ ମହାବ୍ୟକ୍ତିତ୍ୱର ଓ ଦେବତ୍ୱର ରୂପ ଓ ଧର୍ମ । ପରିଣାମରେ ତାହା ପାଏ ଭଗବତ୍ ରୂପ ଓ ଧର୍ମ । ପୃଥିବୀପୃଷ୍ଠରେ ଏଇ ହେଲା ମନୁଷ୍ୟର ଦାନ ।

ଅନ୍ତଃପୁରୁଷର ଏଇ ଯେଉଁ କ୍ରମପରିଣାମ, କ୍ରମସିଦ୍ଧି ଏହା କେବଳ ପୃଥିବୀର ଅଧିବାସୀ ମନୁଷ୍ୟ ପକ୍ଷରେ ହିଁ ସମ୍ଭବ ହୋଇଛି । ସୃଷ୍ଟିରେ, ବିଶ୍ୱ ସୃଷ୍ଟିରେ ଅନ୍ୟାନ୍ୟ ଲୋକ ରହିଛି, ସେଗୁଡ଼ିକର ଅଧିବାସୀ ବି ରହିଛନ୍ତି, କିନ୍ତୁ ସେମାନଙ୍କର ଏଇ ମାନୁଷୀ ନିୟତି ବା ଭାଗ୍ୟ ନାହିଁ । ଏଇ ପୃଥିବୀ ମଧ୍ୟରେ ବି ରହିଛନ୍ତି ଆହୁରି ଅନ୍ୟ ଧରଣର ସତ୍ତା, ସେଗୁଡ଼ିକୁ ହୁଏତ ଜୀବ ବୋଲି କୁହାଯାଏ ନାହିଁ । ପରୀମାନେ, ଜିନ୍, ଦାନବ, ଅପଦେବତାସବୁ, ଏପରିକି ଦେବତାମାନଙ୍କ ପର୍ଯ୍ୟନ୍ତ — ପୃଥିବୀର ଆୟତ୍ତ ମଧ୍ୟରେ ହେଲେ ବି ପୃଥିବୀର ମାଟିରୁ ଯେଉଁମାନେ ପୃଥକ୍ ହୋଇ ରହିଛନ୍ତି, ସେମାନଙ୍କର ଏଇ ପରିବର୍ତ୍ତନ ବା କ୍ରମପରିବର୍ତ୍ତନ ବା ଊର୍ଦ୍ଧ୍ୱାୟନ କିଛି ନାହିଁ । ଯେଉଁ ରୂପ, ଯେଉଁ ନାମ, ଯେଉଁ ଧର୍ମ ସେମାନଙ୍କର, ତାହା ହିଁ ସେମାନଙ୍କର ଚିରକାଳ ରହିଯାଏ । ଲକ୍ଷ ଲକ୍ଷ ବର୍ଷ ପୂର୍ବେ ମନୁଷ୍ୟର ଦୃଷ୍ଟିରେ ଭୂତ-ପ୍ରେତ, ଜିନ୍-ଖର୍ବକାୟ ଅସୁର

ଯେଉଁଭଳି ଥିଲେ, ସେମାନେ ସେତେବେଳେ ଯେଉଁଭଳି ଦେଖା ଦେଇଥିଲେ, ସେଇ ଆକାର, ସେଇ ହାବଭାବ ସେମାନେ ଏବେ ବି ବଜାୟ ରଖିଛନ୍ତି, ସେଥିରେ କିଛି ବି ପରିବର୍ତ୍ତନ ହୋଇ ନାହିଁ । କିନ୍ତୁ ଆଦି ପ୍ରସ୍ତର ଯୁଗର ମଣିଷ ଆଉ ଆଧୁନିକ ଆଟମ୍ ଯୁଗର ମଣିଷଙ୍କୁ ଗୋଟିଏ ଜୀବଶ୍ରେଣୀର ଅନ୍ତର୍ଗତ କରି ଧରାଯାଏ କି ନା ସନ୍ଦେହ । ଏପରିକି ସ୍ୱର୍ଗର ଦେବତାମାନଙ୍କର ବି କୌଣସି ପରିବର୍ତ୍ତନ ନାହିଁ । ସେମାନଙ୍କର ହେଲା ସନାତନ ଧର୍ମ, ସନାତନ ରୂପ । ଆଦିଯୁଗର ଋଷିମାନେ ସେମାନଙ୍କୁ ଯେଉଁ ରୂପରେ ଦେଖିଛନ୍ତି ଆଜି ବି ଆମ ସମ୍ମୁଖରେ ସେମାନେ ସେହି ରୂପରେ ଆବିର୍ଭୂତ ହୁଅନ୍ତି ଅପରିବର୍ତ୍ତିତ ଆକାରରେ । ଫଳତଃ ଏହିସବୁ ଅପାର୍ଥିବ ସତ୍ତାମାନେ ଗୋଟିଏ ଗୋଟିଏ ଅଚଳ, ଅଟଳ ସ୍ୱଭାବର ଓ ସ୍ୱଧର୍ମର ପ୍ରତୀକ, ଜଣେ ଜଣେ ଗୋଟିଏ ଗୋଟିଏ ଗୁଣର ବା ଗୁଣ ସମଷ୍ଟିର ଉଦାହରଣ, ନିଜର ରୂପ ବା ଧର୍ମ ସେମାନେ ପରିବର୍ତ୍ତନ କରନ୍ତି ନାହିଁ ବା ପରିବର୍ତ୍ତନ କରି ପାରନ୍ତି ନାହିଁ, କେବଳ ସେମାନଙ୍କ ପକ୍ଷରେ ନିଜକୁ ଧ୍ୱଂସ କରି ହିଁ ପରିବର୍ତ୍ତନ କରିବା ସମ୍ଭବ । ନୂତନ ଆକାର, ନୂତନ ଧର୍ମ ଅର୍ଜନ କରିବାକୁ ହେଲେ ସେମାନଙ୍କୁ ମାଟିର ମଣିଷ ହେବାକୁ ହୁଏ, ମାନୁଷୀ ମାଟି-ଦେହର ଆଶ୍ରୟ ଗ୍ରହଣ କରିବାକୁ ହୁଏ ।

ମାଟିର, ପୃଥିବୀର ଗୋଟିଏ ଦୁର୍ନାମ ରହିଛି, ତଳ ଆଡ଼କୁ ସେ ଟାଣିରଖେ, ଉପର ଆଡ଼କୁ ଉଠିବାକୁ ଦିଏ ନାହିଁ । ଯେତେ ଉପରକୁ ମଣିଷ ଉଠୁ ନା କାହିଁକି ତାହାର ରହିଯାଏ ଯାହାକୁ କୁହାଯାଏ the feet of clay ଅର୍ଥାତ୍ ମାଟିର ପାଦ – ଅନ୍ୟ କଥାରେ ଏଇ ହେଲା ପୃଥିବୀର ମାଧ୍ୟାକର୍ଷଣ ଶକ୍ତି । କିନ୍ତୁ ପୃଥିବୀର ଆଉ ଗୋଟିଏ ଗୁଣର କଥା ଆମେ କହିଛୁ, ତାହା ହେଲା ଉର୍ଦ୍ଧ୍ୱାୟନ ଶକ୍ତି । ପୃଥିବୀର ମାଟିର ଗତି ଅର୍ଥ କେବଳ ସମତଳରେ ବୁଲିବା ନୁହେଁ, ଉର୍ଦ୍ଧ୍ୱକୁ ବି ଉଠି ଚାଲିବା – ଜଡ଼କଣାର ଧର୍ମ ବିସ୍ଫୁରଣ ଅର୍ଥାତ୍ ବିକିରଣ, ଚାରିଆଡ଼କୁ ବିଛାଡ଼ି ପଡ଼ିବା, କିନ୍ତୁ ପ୍ରାଣକୋଷର ଧର୍ମ ପ୍ରସ୍ଫୁରଣ ଅର୍ଥାତ୍ ନିଜର ଅନ୍ତରରୁ ଗୋଟାଏ ଅଭୂତପୂର୍ବ ବସ୍ତୁକୁ ଉର୍ଦ୍ଧ୍ୱକୁ ପ୍ରକଟ କରିବା । ବିସ୍ଫୁରଣରେ ବସ୍ତୁର ବର୍ତ୍ତମାନ ଉପାଦାନଗୁଡ଼ିକ ଖଣ୍ଡବିଖଣ୍ଡ, ଚୂର୍ଣ୍ଣବିଚୂର୍ଣ୍ଣ ହୋଇ ଦିଗ୍‌ଦିଗରେ ପ୍ରସାରିତ ହୋଇଚାଲେ, ସେଗୁଡ଼ିକର ନୂତନ ରୂପ ଓ ଧର୍ମ କିଛି ନାହିଁ । କିନ୍ତୁ ପ୍ରସ୍ଫୁରଣରେ ରହିଛି, ଶୁଷ୍କ ରେଣୁରୁ ଉଦ୍‌ଗତ ହୁଏ ସବୁଜ ଶିଖା । ତା'ହେଲେ ପୃଥିବୀର ଗତି ହେଲା ସତେ ଯେପରି ନିୟମରୁ ନିୟମାନ୍ତରକୁ ଚାଲିଯିବା – ଜଡ଼ରୁ ପ୍ରାଣ, ପ୍ରାଣରୁ ମନ, ମନରୁ ଉତ୍ତରମନ ଅର୍ଥାତ୍ ତା'ର ଗତିର ଧର୍ମ ହେଲା ନିୟମର ବ୍ୟତିକ୍ରମ ଘଟାଇବା, ନିୟମର ବ୍ୟତିକ୍ରମରେ ହିଁ ଘଟେ କ୍ରମୋନ୍ନତି ।

ମନୁଷ୍ୟ ବି ତା'ର ମାତୃଦେବୀ ପୃଥିବୀର ପ୍ରକୃତି ଅନୁସରଣ କରିଚାଲିଛି – ମନୁଷ୍ୟ ମନୁଷ୍ୟ ହୋଇଛି, ନିମ୍ନତର ପ୍ରାଣୀଠାରୁ ଭିନ୍ନତର ହୋଇ ପ୍ରତିଷ୍ଠିତ ହୋଇଛି ତା'ର ଆତ୍ମବୋଧ ଏବଂ ବିବେକବୁଦ୍ଧି ଯୋଗୁଁ । ମନୁଷ୍ୟ ମଧ୍ୟରେ ଯେଉଁ ଅନ୍ତଃପୁରୁଷ କଥା କହିଛି ତା'ର ପ୍ରକାଶ ଏଇ ଆତ୍ମବୋଧ ଏବଂ ବିବେକବୁଦ୍ଧିର ମଧ୍ୟରେ । ମନୁଷ୍ୟର ଆତ୍ମବୋଧ ନେଇ ଆସିଛି ଗୋଟାଏ ଆତ୍ମପ୍ରୀତି ଅହମ୍ମନ୍ୟତା ଯାହା ତାକୁ ଅନ୍ୟମାନଙ୍କ ଆତ୍ମବୋଧର ଅହମିକାଠାରୁ ଏକାନ୍ତ ବିଚ୍ଛିନ୍ନ କରି ରଖେ । ଆଉ ତା'ର ବିବେକ ଆଣି ଦେଇଛି ଏପରି ଏକ ବୋଧ ଯାହା ଆଉ କୌଣସି ଜୀବର ନାହିଁ – ତାହା ହେଲା ପାପବୋଧ । ପାପ ଓ ପୁଣ୍ୟ, ହେୟଃ-ଶ୍ରେୟଃ ଏଇ ଯେଉଁ ଦ୍ୱୈତଜ୍ଞାନ ଏହା ମନୁଷ୍ୟର ଏକାନ୍ତ ପ୍ରକୃତିଗତ ଧର୍ମ । ଆଜି ମନୁଷ୍ୟର ଅଗ୍ରଗତି, ତା'ର ଚେତନାର ପରିପୁଷ୍ଟି, ତା'ର ସତ୍ତାର ନବରୂପାୟଣ ଘଟାଇବା ସମ୍ଭବ କେବଳ ଯେପରି ଏଇ ଦ୍ୱୈତବୋଧର ଆଶ୍ରୟରେ । ଇତର ଜୀବମାନଙ୍କ ପାଇଁ ପ୍ରକୃତି ଯେପରି ଗୋଟାଏ ନିୟମ ବାନ୍ଧି ଦେଇଛି, ମୋଟ ଉପରେ ସେଇ ନିୟମର ଧାରାକୁ ସେମାନେ ଅନୁସରଣ କରିଚାଲନ୍ତି, ସେମାନଙ୍କର ପଥ ସ୍ଥିର ନିର୍ଦ୍ଦିଷ୍ଟ; ପଥଭ୍ରଷ୍ଟ ହୋଇ, ଦିଗ୍‌ଭ୍ରାନ୍ତ ହୋଇ ଚାଲିବା ସେମାନଙ୍କ ପକ୍ଷରେ ଏକପ୍ରକାର ଅସମ୍ଭବ । ବ୍ୟକ୍ତିଗତ ସ୍ୱାଧୀନତା ସେମାନଙ୍କର ଏକାନ୍ତ ସୀମାବଦ୍ଧ – ନାହିଁ ବୋଲି କହିଲେ ଚଳେ । କିନ୍ତୁ ମନୁଷ୍ୟର ସ୍ୱାଧୀନତାର ସୀମା ନାହିଁ । ନିୟମ ଭାଙ୍ଗିବାର ସାମର୍ଥ୍ୟ ତା'ର ଅପରିସୀମ । ପୁରାତନ ନିୟମକୁ ଅମାନ୍ୟ କରି ଚାଲିବାର କ୍ଷମତା ମନୁଷ୍ୟକୁ ହିଁ ଦିଆଯାଇଛି – ଯେଉଁ ମୁହୂର୍ତ୍ତରେ ସେ ଭଗବାନଙ୍କଠାରୁ ଏବଂ ବାହ୍ୟ ପ୍ରକୃତିଠାରୁ ନିଜକୁ ବିଚ୍ଛିନ୍ନ କରି ଧରିଛି । ମନୁଷ୍ୟର ଏଇ ପରମ ଅବାଧ୍ୟତା (disobedience) – କବି ମିଲ୍‌ଟନ୍ ଯାହାର ବର୍ଣ୍ଣନା ଦେଇଛନ୍ତି ଜଳଦ-ଗମ୍ଭୀର ସ୍ୱରରେ ତାଙ୍କର ମହାକାବ୍ୟରେ – ଖ୍ରୀଷ୍ଟଧର୍ମ ପରମ ପାପ ବୋଲି ନାମ ଦେଇଛି ଏବଂ ଏଇ ପାପର ରାଜ୍ୟରେ ମନୁଷ୍ୟ ଭେଦଜ୍ଞାନର ଫଳ ଖାଇ ଆସି ପଡ଼ିଛି । ଭେଦଜ୍ଞାନ ଅର୍ଥ ଇଚ୍ଛା ଅନୁସାରେ ପଥ ବାଛି ନେବା; ସମ୍ମୁଖର ପଥ ସିଧା ଅବିକୃତଭାବେ ଚାଲି ଯାଏ ନାହିଁ, ଅନ୍ୟାନ୍ୟ ପ୍ରାଣୀମାନଙ୍କ ସମ୍ମୁଖରେ ଯେପରି, ମନୁଷ୍ୟ ସମ୍ମୁଖରେ

ସେ ପଥ ପ୍ରତିପଦରେ ଦ୍ୱିଧାଭିନ୍ନ – ସାଧାରଣଭାବେ ତାହା ହେଲା ଭଲ ଆଡ଼କୁ ବା ମନ୍ଦ ଆଡ଼କୁ, ପାପ ଆଡ଼କୁ ବା ପୁଣ୍ୟ ଆଡ଼କୁ । ଏଇ ସ୍ୱାଧୀନ ନିର୍ବାଚନ ଉପରେ ହିଁ ନିର୍ଭର କରେ ତା'ର ମହତ୍ତ୍ୱର ପ୍ରଗତି । ପୃଥିବୀର ମାଧ୍ୟାକର୍ଷଣ ଫଳରେ ମନୁଷ୍ୟ ତା'ର କର୍ଦ୍ଦମର ପଦଯୁଗଳ ନେଇ କର୍ଦ୍ଦମରେ ପଡ଼ି ରହିପାରେ, କିନ୍ତୁ ପୁଣି ଇଚ୍ଛା କଲେ ହିଁ ତା' ଭିତରେ ଯେଉଁ ଅନ୍ତରାଗ୍ନି ରହିଛି ସେଥିରେ ସେ କର୍ଦ୍ଦମକୁ ପୋଡ଼ି ଶକ୍ତ, ସମର୍ଥ, ଜ୍ୟୋତିର୍ମୟ, ଏପରିକି ହିରଣ୍ମୟ କରି ଗଢ଼ିପାରେ । ସ୍ୱେଚ୍ଛାରେ, ସ୍ୱନିର୍ବାଚନର ପଥରେ ଚଳି ଆତ୍ମବୋଧ ଏ ପ୍ରକାର ପୁରାତନ ଗଣ୍ଡିସବୁକୁ ଅତିକ୍ରମ କରାଇ ନେଇ ମନୁଷ୍ୟକୁ ତୋଳିଧରେ ଊର୍ଦ୍ଧ୍ୱତର ବ୍ୟଷ୍ଟିତ୍ୱ ମଧ୍ୟରେ, ଦେବଯାନ ପଥରେ, ଦେବତ୍ୱର ରୂପାୟଣରେ ।

(ଶ୍ରୀଅରବିନ୍ଦ ମନ୍ଦିର, ବଙ୍ଗଳା ବର୍ତ୍ତିକାରୁ ଅନୂଦିତ)

ଅନୁବାଦ : ରାମଚନ୍ଦ୍ର ପାଣି ❖

## ଶ୍ରୀମା'ଙ୍କ ସହିତ ଯଥାର୍ଥ ସମ୍ପର୍କ

ଯେଉଁମାନେ ମା'ଙ୍କୁ ସ୍ୱୀକାର କରିଛନ୍ତି, ସେମାନଙ୍କ ସଙ୍ଗେ ମା'ଙ୍କର ଯେଉଁ ସମ୍ବନ୍ଧ ଅଛି, ତାହାର ଭିତ୍ତି ହେଲା ଗୋଟାଏ ଆଧ୍ୟାତ୍ମିକ ଓ ଚୈତ୍ୟ-ମାତୃତ୍ୱ । ପ୍ରକୃତ ମା ସଙ୍ଗେ ସନ୍ତାନର ସମ୍ବନ୍ଧଠାରୁ ଏହା ହେଲା ବହୁତ ଉଚ୍ଚତର ସମ୍ବନ୍ଧ; ମାନୁଷୀ ମାତୃତ୍ୱ ଯାହାକିଛି ଦେଇପାରେ, ତାହା ଏହି ଦିବ୍ୟ ସମ୍ବନ୍ଧ ଦିଏ, କିନ୍ତୁ ବହୁତ ଉଚ୍ଚ ଭାବରେ; ତାହା ଛଡ଼ା ଏହାର ଆଧେୟ ଅନନ୍ତ ଗୁଣରେ ବେଶୀ । ସୁତରାଂ ଯେହେତୁ ଏହି ସମ୍ବନ୍ଧ ବିଶାଳତର ଓ ପୂର୍ଣ୍ଣତର, ସେଥିପାଇଁ ଏହା ପାର୍ଥିବ ସମ୍ବନ୍ଧର ସମସ୍ତ ସ୍ଥାନକୁ ଅଧିକାର କରିପାରେ ଏବଂ ବାହ୍ୟ ଜୀବନ ତଥା ଆନ୍ତର ଜୀବନରେ ମଧ୍ୟ ତାହାର ସ୍ଥାନ ଗ୍ରହଣ କରିପାରେ । ଯାହାର ସାଧାରଣ ଜ୍ଞାନ ଓ ସିଧାସଳଖ ବୁଦ୍ଧି ଅଛି, ତାକୁ ଗୋଳକଧନ୍ଦାରେ ପକାଇବା ନିମିତ୍ତ ଏଥିରେ ଏପରି କିଛି ନାହିଁ । କୌଣସି ସ୍ଥୂଳ ଘଟଣା ମହତ୍ତର ଆଧ୍ୟାତ୍ମିକ ସତ୍ୟକୁ ଟିକିଏ ବି ବ୍ୟାହତ କରିପାରେ ନାହିଁ ଅଥବା ସେ ସତ୍ୟର ଯଥାର୍ଥତାକୁ କ୍ଷୁଣ୍ଣ କରିପାରେ ନାହିଁ ।... ...

ଆଧ୍ୟାତ୍ମିକ ମାତୃତ୍ୱର କଳ୍ପନା ଏହି ଆଶ୍ରମର ଉଦ୍ଭାବନ ନୁହେଁ, ଏହା ଏକ ସନାତନ ତତ୍ତ୍ୱ ଯାହା ଏସିଆ ଏବଂ ଇଉରୋପରେ ବହୁ ଯୁଗରୁ ସ୍ୱୀକୃତ ହୋଇଛି । ପାର୍ଥିବ ସମ୍ବନ୍ଧ ଏବଂ ଚୈତ୍ୟ ଓ ଆଧ୍ୟାତ୍ମିକ ସମ୍ବନ୍ଧ ମଧ୍ୟରେ ଯେଉଁ ପାର୍ଥକ୍ୟ ମୁଁ ଦେଖାଇଛି ତାହା ଏକ ନୂତନ ଆବିଷ୍କାର ନୁହେଁ, ଏହି କଥା ମନୁଷ୍ୟ ସର୍ବତ୍ର ଜାଣେ ଓ ବୁଝେ, ତାକୁ ସରଳ ଓ ସହଜବୋଧ୍ୟ ବୋଲି ଗ୍ରହଣ କରେ ।

– ଶ୍ରୀଅରବିନ୍ଦ

ବେଦରହସ୍ୟ - (ତୃତୀୟ ଭାଗ)

# ଅତ୍ରିଋଷିଗଣଙ୍କ ସୂକ୍ତମାଳା

## (ପ୍ରାକ୍‌କଥନ - ୧)

## ଶ୍ରୀଅରବିନ୍ଦ

ବେଦକୁ ଅନୁବାଦ କରିବା ଅର୍ଥ କୌଣସି ଏକ ଅସମ୍ଭବ ପ୍ରୟାସ ମଧ୍ୟକୁ ପ୍ରବେଶ କରିବା । କାରଣ, ପ୍ରାଚୀନ ପ୍ରାଜ୍ଞମାନଙ୍କ ସୂକ୍ତଗୁଡ଼ିକୁ ଇଂରାଜୀରେ ଆକ୍ଷରିକ ଅନୁବାଦ କରିବା ଦ୍ୱାରା ସେଗୁଡ଼ିକର ଅର୍ଥ ଓ ମୂଳ ଉଦ୍ଦେଶ୍ୟକୁ ବିତଥ କରିବା, ପୁଣି ସେଗୁଡ଼ିକର ସମସ୍ତ ଯଥାର୍ଥ ତତ୍ତ୍ୱକୁ ଉପରିଭାଗକୁ ଆଣିବାର ଲକ୍ଷ୍ୟ ରଖିଥିବା କୌଣସି ଏକ ଭାଷାନ୍ତରଣ ହୋଇ ଯାଇପାରେ ଏକ ଅନୁବାଦ ଅପେକ୍ଷା ବରଂ ଏକ ଭାଷ୍ୟ । ମୁଁ ଏଠାରେ ଏକ ପ୍ରକାର ମଧ୍ୟମ ପଥରେ ଉଦ୍ୟମ କରିଛି,– ଯାହା ହେବ ସ୍ୱରୂପରେ ମୁକ୍ତ ତଥା ନମନୀୟ, ଯାହା ମୂଳ ପଦାବଳିର ଅର୍ଥକୁ ଅନୁସରଣ କରିବା ସଙ୍ଗେ ସଙ୍ଗେ ଏପରି ବହୁ ସଂଖ୍ୟକ ନିହିତାର୍ଥବୋଧକ କୌଶଳକୁ ବି ଗ୍ରହଣ କରିବ, ଯାହା ଫଳରେ ପ୍ରତୀକ ଓ ରୂପକର ଉହାଡ଼ରେ ଥିବା ବୈଦିକ ସତ୍ୟର ଆଲୋକକୁ ପ୍ରଦ୍ୟୋତିତ କରି ପାରୁଥିବ ।

ବେଦ ହେଉଛି ଗୂଢ଼ାର୍ଥବ୍ୟଞ୍ଜକ ପ୍ରତୀକଗୁଡ଼ିକର, ପ୍ରାୟତଃ ଆଧ୍ୟାତ୍ମିକ ସୂତ୍ରଗୁଡ଼ିକର ସଂହିତା, ଯାହା ନିଜର ମୁଖକୁ କର୍ମକାଣ୍ଡୀୟ ସୂକ୍ତର ଏକ ସମାହାର ରୂପକ ଆବରଣରେ ଢାଙ୍କି ରଖିଛି । ଆନ୍ତର ଭାବଟି ହେଉଛି ଆଧ୍ୟାତ୍ମିକ, ବୈଶ୍ୱିକ, ନୈର୍ବ୍ୟକ୍ତିକ; ଦୀକ୍ଷିତ ଶିଷ୍ୟମାନଙ୍କଠାରେ ପ୍ରକଟିତ ହେବାକୁ ଉଦ୍ଦିଷ୍ଟ ମନ୍ତ୍ରଗୁଡ଼ିକର ଆପାତପ୍ରତୀୟମାନ ଅର୍ଥ ଓ ଉପମା-ଉପମେୟଗୁଡ଼ିକ – ଯାହାକୁ ସେ ଅଜ୍ଞମାନଙ୍କଠାରୁ ଲୁଚାଇ ଥିଲେ – ପ୍ରତ୍ୟକ୍ଷତଃ ଅସଂସିଦ୍ଧ ଭାବେ ସ୍ଥିର ପ୍ରତିଷ୍ଠ ବୋଲି ପ୍ରତୀୟମାନ, ଘନିଷ୍ଠ ରୂପେ ଏହା ବ୍ୟକ୍ତିଗତ, ଅଘନିଷ୍ଠ ରୂପେ କ୍ୱଚିତ୍ ବୋଧ ଓ ଭ୍ରମୋତ୍ପାଦକ । ଏହି ବାହ୍ୟ ପରିଧାନକୁ ବ୍ୟକ୍ତ କରିବାରେ ବେଳେ ବେଳେ ବୈଦିକ କବିଗଣ ସ୍ପଷ୍ଟ ତଥା ସଂଗତ ସ୍ୱରୂପ ପ୍ରଦାନ କରିବାରେ ଯେପରି ଯତ୍ନବାନ୍ ହୋଇଛନ୍ତି ତାହା ସେଗୁଡ଼ିକର କଷ୍ଟଲଭ୍ୟ ଅନ୍ତର୍ଗତ ଅର୍ଥ ରୂପକ ଆତ୍ମାଠାରୁ ବେଶ୍ ଭିନ୍ନ ପ୍ରକାରର; ସେହି କାରଣରୁ ସେମାନଙ୍କ ଭାଷା ଗୂଢ଼ ସତ୍ୟର ମୁଖରେ ଅତି ସତର୍କଭାବେ ରଚା ଯାଇଥିବା ଏକ ଆଚ୍ଛାଦନ ହୋଇଥାଏ । ବହୁ ସମୟରେ ନିଜେ ପ୍ରୟୋଗ କରୁଥିବା ମୁଖା ପ୍ରତି ସେମାନେ ଶିଥିଳ ହୋଇ ଯାଇଥା'ନ୍ତି, ଏବଂ ଏହି ଭାବେ ସେମାନେ ଯେତେବେଳେ ନିଜ ପ୍ରଯୋଜ୍ୟ ଉପକରଣର ଊର୍ଦ୍ଧ୍ୱକୁ ଆସି ଯାଆନ୍ତି ସେତେବେଳେ ଶବ୍ଦକେନ୍ଦ୍ରିତ ଓ ବାହ୍ୟାର୍ଥପ୍ରଧାନ ଅନୁବାଦସବୁ ବେଦବାକ୍ୟଗୁଡ଼ିକର ଯେଉଁ ଅର୍ଥ ପ୍ରଦାନ କରିଥା'ନ୍ତି ତାହା ହୋଇଥାଏ ହୁଏତ ଏକ ପ୍ରକାର ଉଦ୍ଭଟ, ବାକ୍ୟଗୁଡ଼ିକ ମଧ୍ୟରେ ଅସମ୍ବନ୍ଧ ପ୍ରାସଙ୍ଗିକତାଯୁକ୍ତ ଅଥବା ଅପ୍ରାପ୍ତସଂସ୍କାର ବୁଦ୍ଧିଧାରୀଙ୍କ ନିମନ୍ତେ ଅଜ୍ଞାନ ତଥା ଅପହୁଞ୍ଚ ଭଳି ଚିନ୍ତା ଓ ବଚନମାନ । ରୂପକ ଓ ପ୍ରତୀକଗୁଡ଼ିକୁ ଯଦି ସେମାନଙ୍କର ତୁଲ୍ୟାର୍ଥଗୁଡ଼ିକୁ ବ୍ୟକ୍ତ କରିବାକୁ ଦିଆଯାଏ ତେବେ ସେଠାରେ ଆମେ ଦେଖିବାକୁ ପାଇବା ଆଚ୍ଛାଦନକୁ ଅପସାରିତ କରି ଏକ ସ୍ୱଚ୍ଛ ଓ ସୁସମ୍ବନ୍ଧ ଅର୍ଥ ଉତ୍ପନ୍ନ ହେଉଛି ଯାହା ଆଧ୍ୟାତ୍ମିକ, ମନସ୍ତାତ୍ତ୍ୱିକ ଓ ଧାର୍ମିକ ଧାରଣାଗୁଡ଼ିକର ନିକଟତର ଓ ସୂକ୍ଷ୍ମ ରୂପେ ପ୍ରାସଙ୍ଗିକ । ସଙ୍କେତ ଲାଭର ଏହି ପଦ୍ଧତିକୁ ଧରି ହିଁ ମୁଁ ଉଦ୍ୟମ କରିଛି ।

ବେଦମନ୍ତ୍ରଗୁଡ଼ିକର ଆକ୍ଷରିକ ଅର୍ଥ କରି ତା'ପରେ ଶବ୍ଦଗୁଡ଼ିକର ସତ୍ୟ ଅର୍ଥ ତଥା ଚିନ୍ତାର ପ୍ରଚ୍ଛନ୍ନ ତାତ୍ପର୍ଯ୍ୟରେ ଅଭିମନ୍ତ୍ରିତ ଭାଷ୍ୟାତ୍ମକ ପୃଷ୍ଠାଗୁଡ଼ିକୁ ଉପସ୍ଥାପନ କରିବା ସମ୍ଭବ ହୋଇଥା'ନ୍ତା । କିନ୍ତୁ ଏହା ମନକୁ ଭାରୀ କରି ଦେବା ଭଳି ଏକ ପଦ୍ଧତି ଏବଂ ଏହା କେବଳ ବିଦ୍ୱାନ୍ ଓ ତତ୍ତ୍ୱାନ୍ୱେଷୀ ଅଧ୍ୟାୟୀମାନଙ୍କ ପାଇଁ ଉପଯୋଗୀ ହୋଇଥାଏ । ଅର୍ଥ ପ୍ରତିପାଦନର ଏପରି ଏକ ସ୍ୱରୂପର ଆବଶ୍ୟକତା ଥିଲା ଯାହା ବୁଦ୍ଧିକୁ ତା'ର ବିଷୟବସ୍ତୁକୁ ନେଇ ସେହିଠାରେ ବିରତ ହେବାକୁ ବାଧ୍ୟ ହେବାକୁ ପଡ଼ିବ ଠିକ୍ ଯେତିକି ରହସ୍ୟାତ୍ମକ ତଥା ପ୍ରତୀକାତ୍ମକ କବିତାରେ ପ୍ରୟୋଜନ ହୋଇଥାଏ । ସେହିଭଳି ଏକ ସ୍ୱରୂପକୁ ଗଠନ କରିବା ନିମନ୍ତେ ସଂସ୍କୃତ ବାକ୍‌କୁ ଇଂରାଜୀରେ ଅନୁବାଦ କରିଦେବା ଯଥେଷ୍ଟ ନୁହେଁ; ତାତ୍ପର୍ଯ୍ୟାର୍ଥପୂର୍ଣ୍ଣ ନାମ, ପାରମ୍ପରିକ ରୂପକ, ପ୍ରତୀକାତ୍ମକ ରୂପକଗୁଡ଼ିକର ମଧ୍ୟ ପୁନଃ ପୁନଃ ଅର୍ଥାନ୍ବିତ କରିବାକୁ ହେବ ।

ପ୍ରାଚୀନ ମୁନିଋଷିଗଣଙ୍କର ଯେଉଁସବୁ ରୂପକ ପ୍ରିୟ ଥିଲା ସେଗୁଡ଼ିକୁ ଆଧୁନିକ ମନ ଯଦି ସହଜରେ ବୁଝିନେଇ ପାରୁଥା'ନ୍ତା, ଯଜ୍ଞର ପ୍ରତୀକଗୁଡ଼ିକ ଯଦି ଆଜି ଆମ ପାଇଁ ସୁପରିଚିତ ହୋଇଥା'ନ୍ତା, ବୈଦିକ ଦେବଗଣ ଯଦି ସେମାନଙ୍କର ପ୍ରାଚୀନ ମନସ୍ତାତ୍ତ୍ୱିକ ବୈଶିଷ୍ଟ୍ୟକୁ ଆଜି ବହନ କରୁଥା'ନ୍ତେ,–

ପ୍ରସିଦ୍ଧ ଦେବତାମାନଙ୍କର, ଆଫ୍ରୋଡାଇଟ୍ (Aphrodite) ବା ଆରେସ୍ (Ares), ଭେନସ୍ (Venus) ବା ମିନର୍ଭା (Minerva) ପ୍ରଭୃତିଙ୍କର ଯେଉଁସବୁ ଗ୍ରୀକ୍ ବା ଲାଟିନ୍ ନାମ ରହିଛି ସଂସ୍କୃତିସମ୍ପନ୍ନ ଇଉରୋପୀୟଙ୍କଠାରେ ସେସବୁ ଯଦି ଆଜି ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଥା'ନ୍ତେ,— ତେବେ ଗୂଢ଼ାର୍ଥବ୍ୟଞ୍ଜକ ଏହି ଅନୁବାଦ ବିଦ୍ୟାଟିକୁ ହୁଏତ ଟାଳି ଦିଆଯାଇ ପାରିଥା'ନ୍ତା । କିନ୍ତୁ ଭାରତ ପାଶ୍ଚାତ୍ୟ ସଂସ୍କୃତି ଅପେକ୍ଷା ଭିନ୍ନ ଏକ ସାହିତ୍ୟିକ ବା ଧର୍ମସମ୍ବନ୍ଧୀୟ ପ୍ରଗତିର ଅନ୍ୟ ବକ୍ରରେଖାକୁ ଅନୁସରଣ କରିଛି । ଦେବତାମାନଙ୍କ ବୈଦିକ ନାମ ସ୍ଥାନରେ ଅନ୍ୟ ଦେବତାଙ୍କ ନାମ ସ୍ଥାପନ କରାଯାଇଛି ଅଥବା ସେଗୁଡ଼ିକ ରହିଛନ୍ତି ସତ କିନ୍ତୁ ସେଗୁଡ଼ିକର ଅର୍ଥ ବାହ୍ୟ ଓ ଅବକ୍ଷୀୟମାଣ ଅବସ୍ଥାକୁ ପ୍ରାପ୍ତ ହୋଇଛି । ବୈଦିକ କର୍ମକାଣ୍ଡ ଯାହା ଏବେ ପ୍ରାୟ ଅପ୍ରଚଳିତ ହୋଇଯିବା ଅବସ୍ଥାରେ, ତାହା ନିଜର ଗଭୀର ପ୍ରତୀକାର୍ଥକୁ ହରାଇ ବସିଛି; ପ୍ରାଚୀନ ଆର୍ଯ୍ୟ କବିଗଣଙ୍କ ଗୋଚାରଣ ସମ୍ବନ୍ଧୀୟ, ଯୁଦ୍ଧ ଓ ଗ୍ରାମ୍ୟଜୀବନ ସମ୍ବନ୍ଧୀୟ ରୂପକଗୁଡ଼ିକ ଆଜି ସୁଦୂର ଅତୀତର ଓ ଅନୁପଯୁକ୍ତ ବିଷୟ ବୋଲି ବୋଧ ହେଉଛି, ଅଥବା, ଯଦି ତାହା ପ୍ରାକୃତିକ ବିଷୟ ଓ ରମଣୀୟ ବୋଧ ହେଉଛି ତଥାପି ସେମାନଙ୍କ ବଂଶଧରଙ୍କ କଳ୍ପନାରେ ସେଗୁଡ଼ିକ ନିଜର ପ୍ରତ୍ନ ଗଭୀରତର ତାତ୍ପର୍ଯ୍ୟରୁ ରହିତ । ଆମେ ଯେତେବେଳେ ସୁପ୍ରାଚୀନ ଭବ୍ୟ ଉଷାସୂକ୍ତଗୁଡ଼ିକର ସମ୍ମୁଖୀନ ହେଉ ସେତେବେଳେ ଆମର ଶୂନ୍ୟଗର୍ଭ ଅବୋଧତ୍ୱ ସଚେତ ହୋଇଉଠେ । ଆମେ ସେଗୁଡ଼ିକୁ ସେହି ପଣ୍ଡିତଙ୍କର ଚତୁରତାର ଶିକାର ହେବାକୁ ଛାଡ଼ିଦେଉ, ଯିଏ ଅସ୍ପଷ୍ଟତା ଓ ଅସଂଗତିଗୁଡ଼ିକ ମଧ୍ୟରେ ବଳପୂର୍ବକ ଅର୍ଥଗୁଡ଼ିକୁ ଲଦି ଦେବାକୁ ଅନ୍ଧାରରେ ଅଣ୍ଡାଳୁ ଥା'ନ୍ତି; ଯେଉଁଠି କି ପ୍ରାଚୀନ ଋଷିଗଣ ସଂଗତି ଓ ଆଲୋକ ରୂପକ ଜଳରେ ନିଜର ଆତ୍ମାକୁ ଅଭିଷିକ୍ତ କରୁଥିଲେ ।

ଏହି ଖାଇଟି କ'ଣ ଓ କାହିଁକି ସୃଷ୍ଟି ହୋଇଛି ତାହା ଏହି କେତୋଟି ଉଦାହରଣ ଆମକୁ ଦେଖାଇ ଦେବ । ''ଲକ୍ଷ୍ମୀ ଓ ସରସ୍ୱତୀ ଗୋଟିଏ ଘରେ ରହିବାକୁ ଅସ୍ୱୀକାର କରିଥା'ନ୍ତି'' — ଜନସ୍ୱୀକୃତ ଓ ପାରମ୍ପରିକ ଏହି ରୂପକଟିକୁ ଆମେ ଯେବେ ଲେଖୁ ତେବେ ଏହାକୁ ଜଣେ ଇଉରୋପୀୟ ପାଠକ ବୁଝିବା ପୂର୍ବରୁ କଥିତ ଲୋକୋକ୍ତିଟିର ଏକ ଟିପ୍ପଣୀ ଆବଶ୍ୟକ କରିବ ଅଥବା ଏକ ସାଧାସିଧା ଅନଳଙ୍କୃତ ବିଚାରକୁ ନେଇ ଏହାର ଏକ ଅନୁବାଦ ସେ ଚାହିଁବ, ଯଥା — ଧନ ଓ ବିଦ୍ୟା ଏକ ସଙ୍ଗେ ପ୍ରାୟ ଚାଲନ୍ତି ନାହିଁ, କିନ୍ତୁ ପ୍ରତ୍ୟେକ ଭାରତୀୟଙ୍କୁ ଏହି ଲୋକୋକ୍ତିର ତତ୍ତ୍ୱଟି ଜଣା । ଆମର ପୌରାଣିକ ଓ ବ୍ରାହ୍ମଣ ଗ୍ରନ୍ଥୋକ୍ତ ତଥା ପ୍ରାଚୀନ ଗ୍ରନ୍ଥଗୁଡ଼ିକୁ ଅନ୍ୟ ସଂସ୍କୃତି ଓ ଧର୍ମ ଯେତେବେଳେ ତାଙ୍କ ହିସାବରେ ସ୍ଥାନିତ କରନ୍ତି ଏବଂ ସଂସ୍କୃତ ଭାଷାର ଅଧ୍ୟୟନ ଓ ବୋଧନ ଯଦି ବନ୍ଦ ହୋଇଯାଏ ତେବେ ବର୍ତ୍ତମାନ ସୁବିଦିତ ଏହି ଲୋକୋକ୍ତିଟି ଇଉରୋପ ପରି ଭାରତରେ ମଧ୍ୟ ତାତ୍ପର୍ଯ୍ୟହୀନ ବୋଧ ହେବ । ହୁଏତ କେହି ଭ୍ରାନ୍ତିରହିତ ଭାଷ୍ୟକାର ବା ବାକ୍‌ଚାତୁର୍ଯ୍ୟସମ୍ପନ୍ନ ପଣ୍ଡିତ ଏହାକୁ ପ୍ରମାଣିତ କରି ଆମକୁ ସନ୍ତୁଷ୍ଟ କରିଦେବେ ଯେ 'ଲକ୍ଷ୍ମୀ' ଥିଲେ 'ଉଷା' ଆଉ 'ସରସ୍ୱତୀ' ଥିଲେ 'ନିଶା' କିଂବା ସେ ଦୁହେଁ ଥିଲେ ଦୁଇ ବେ-ମେଳ ରାସାୟନିକ ଦ୍ରବ୍ୟ ବିଶେଷ — ଅଥବା ଆହୁରି କ'ଣ କ'ଣ ଯେ କହିପାରନ୍ତି ତାହା କିଏ ବା ଜାଣେ ! ଏହି ଭଳି କିଛି ତତ୍ତ୍ୱ ବେଦର ପ୍ରତ୍ନ ସ୍ୱଚ୍ଛ ବିଚାର ଉପରେ ଆସି କାୟା ବିସ୍ତାର କରିଛି; ବିସ୍ମୃତିଗର୍ଭକୁ ଚାଲି ଯାଇଥିବା ଏକ କାବ୍ୟ-ଶରୀରର ତାତ୍ପର୍ଯ୍ୟାର୍ଥ ଆଜି ନଷ୍ଟ ହୋଇ ଯାଇଛି, ଅବଶେଷ ରୂପେ କେବଳ କୁହେଳିକା ରହିଛି । ସେହି କାରଣରୁ ''ସରମା ଋତର ମାର୍ଗରେ ଯାଇ ଗୋ-ପଲକୁ ଖୋଜି ପାଇଲେ'' କଥାଟି ପଢ଼ିବା ମାତ୍ରେ ମନ ସେଇଠାରେ ଅଟକିଯାଏ ଏବଂ ଏକ ଅପରିଚିତ ଭାଷା ଦ୍ୱାରା ଭ୍ରାନ୍ତିରେ ପଡ଼ିଯାଏ । ଇଉରୋପୀୟଙ୍କ ବୋଧଗମ୍ୟ ହେବାକୁ ସେଠାରେ ଯେପରି 'ସରସ୍ୱତୀ'ଙ୍କୁ କରାଯାଇ ଥିଲା, ଏଠାରେ ମଧ୍ୟ ଅଧିକ ସାଧାସିଧା ତଥା ଅଳ୍ପ ରୂପକାତ୍ମକ ବିଚାର ରଖି ଅନୁବାଦ କରିବାକୁ ହେବ, ''ସତ୍ୟର ପଥ ଦେଇ ସଂବୋଧି ଯାଇ ଗୁହାହିତ ଜ୍ୟୋତିରାଜି ନିକଟରେ ଉପସ୍ଥିତା ହୋଇଥାଏ ।'' ବୈଦିକ ସଂକେତ-ସୂତ୍ରର ଅଭାବରୁ 'ଉଷା' ଓ 'ସୂର୍ଯ୍ୟ'ଙ୍କ ବିଷୟରେ ବାକ୍‌ଚାତୁର୍ଯ୍ୟପରକ ଟୀକା ଦ୍ୱାରା ଆମେ ଭ୍ରମିତ ହେଉ, ଅଥବା 'ସରମା' ଯିଏ ସ୍ୱର୍ଗଶୂନୀ, ପୌରାଣିକ ଆଖ୍ୟାନରେ ଯିଏ ଏକ ଭୂମିକା ବହନ କରନ୍ତି, ତାଙ୍କଠାରେ ଆମେ କଳ୍ପନା କରୁ ଯେ ସେ ଥିଲେ ପ୍ରାକ୍-ଐତିହାସିକ ଯୁଗର ଜଣେ ଦୂତୀ ଯାହାଙ୍କୁ ଦ୍ରାବିଡ଼ ରାଜ୍ୟକୁ ପ୍ରେରଣ କରାଯାଇ ଥିଲା ଲୁଣ୍ଠିତ ଗୋଧନକୁ ଉଦ୍ଧାର କରିବା ଅଭିପ୍ରାୟରେ !

(କ୍ରମଶଃ)

[ଶ୍ରୀଅରବିନ୍ଦଙ୍କ CWSA, Vol. 15, '*The Secret of the Veda', Part - III, (Hymns of the Atris, Foreword),* pp. 363 - 65]

ଅନୁବାଦ : ଶ୍ରୀ ମଧୁସୂଦନ ମହାପାତ୍ର

# ଚତୁର୍ଥ ଭୂମି

## ଶ୍ରୀ ପ୍ରପତ୍ତି

ଜୀବନରେ ଆଲୋକ, କର୍ମରେ ଶାନ୍ତି, ସମାଜରେ ନ୍ୟାୟ ଓ ଶୃଙ୍ଖଳା ଆମ୍ଭେମାନେ ସମସ୍ତେ ଚାହୁଁଛୁ, ଦାବି ମଧ୍ୟ କରୁଛୁ । ଜୀବନଧାରା ଚାଲିଛି, ମାତ୍ର ତାହା ଆଲୋକିତ ନୁହେଁ । ନାନା ଅନ୍ଧକାର, କଦାକାର ବୃତ୍ତି, ଅସ୍ପଷ୍ଟ ଓ ଅଧସ୍ତନ ଗତିଧାରାରେ ତାହା ପୂର୍ଣ୍ଣ । ଏହିସବୁ ଅନ୍ଧ ଗତିବୃତ୍ତି ଦ୍ୱାରା ଆମ୍ଭେମାନେ ଏପରି ଚାଳିତ ଏବଂ ପ୍ରେରିତ ଯେ ତାହା ନାନା ଭୁଲ୍-ଭ୍ରାନ୍ତି, ଦୁଃଖ ଓ ଶୋକ ମଧ୍ୟରେ ଆମ ଅଜ୍ଞାତସାରରେ ଆମକୁ ବୁଡାଇ ଦିଏ । ଆମର ସେସବୁ ଉପରେ କୌଣସି କର୍ତ୍ତୃତ୍ୱ, କୌଣସି ଅଧିକାର ବା ଶାସନ ରହିପାରେ ନାହିଁ । ସେଥିପାଇଁ ଆମ ଜୀବନର ପ୍ରାୟ ସମସ୍ତ କାମ ଅଶାନ୍ତି, ବିକ୍ଷୋଭ ଓ ଦ୍ୱନ୍ଦ୍ୱ ମଧ୍ୟରେ ଚାଲୁଥାଏ । କର୍ମର କ୍ଷେତ୍ର ଜଟିଳ ଓ ଜଞ୍ଜାଳମୟ । ଆମ୍ଭେମାନେ ଯେତେ ଚେଷ୍ଟା କଲେ ମଧ୍ୟ ଶାନ୍ତି ଓ ସମତା ମଧ୍ୟରେ କର୍ମ କରିପାରୁ ନାହିଁ ବା କର୍ମ ମଧ୍ୟରେ ଶାନ୍ତି ଓ ସମତା ଖୋଜିପାଉ ନାହିଁ । ଏପରିକି ପୁରାତନ ଯୋଗ ମାର୍ଗରେ ଶାନ୍ତି ଓ ମୁକ୍ତି ନିମିତ୍ତ କର୍ମକୁ ପ୍ରତ୍ୟାଖ୍ୟାନ କରାଯାଇଛି । କିନ୍ତୁ ଜୀବନରେ କର୍ମକୁ ପ୍ରତ୍ୟାଖ୍ୟାନ କରିବା ଅସମ୍ଭବ । ଏପରିକି ସମ୍ପୂର୍ଣ୍ଣ ନିଷ୍କ୍ରିୟ ବୋଧ କଲାବେଳେ ମଧ୍ୟ କର୍ମ ଚାଲିଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି । ନିଷ୍କ୍ରିୟତାବଶତଃ ଯେଉଁ ଶାନ୍ତି ମିଳେ ତାହା ଯଥାର୍ଥରେ ଶାନ୍ତି ନୁହେଁ । ଅଥଚ ରକ୍ତାକ୍ତ ଯୁଦ୍ଧ କ୍ଷେତ୍ରରେ ଅର୍ଜୁନ ଘୋର କର୍ମରେ ପ୍ରବୃତ୍ତ ହୋଇ ମଧ୍ୟ ଶାନ୍ତି ମଧ୍ୟରେ ବାସ କରୁଥିଲେ । ସେହିପରି ସାମାଜିକ ଜୀବନରେ ଆମ୍ଭେମାନେ ଶାନ୍ତି ଓ ଶୃଙ୍ଖଳା ଚାହୁଁଛୁ, ନ୍ୟାୟ ଓ ଏକତା ତଥା ସଦ୍‌ଭାବ ଚାହୁଁଛୁ । ମାତ୍ର ତାହା ନାନା ପ୍ରକାର ବାଦବିବାଦ ଓ ବିସମ୍ବାଦ ମଧ୍ୟରେ ଧ୍ୱଂସ ପାଇ ଯାଉଛି । ବର୍ତ୍ତମାନ ଆମ୍ଭେମାନେ ଦେଖିବା ଶାନ୍ତି, ଶୃଙ୍ଖଳା, ନ୍ୟାୟ ଓ ସମତା ସ୍ଥାପନ କରି ଜୀବନଯାପନ କରିବା କେଉଁ ସ୍ତରରେ ସମ୍ଭବ ହେବ ଓ କିପରି ସମ୍ଭବ ହେବ ? ଏହା ପୂର୍ବରୁ ଆମ୍ଭେମାନେ ଆଲୋଚନା କରିବା କାହିଁକି ମନୁଷ୍ୟ ଶାନ୍ତି, ସମତା, ନ୍ୟାୟ ଓ ଶୃଙ୍ଖଳା ଚାହିଁଲେ ମଧ୍ୟ ତାହା ପ୍ରାପ୍ତ କରିପାରୁ ନାହିଁ । ଅନ୍ୟ କଥାରେ ତାହାର ବ୍ୟକ୍ତିତ୍ୱର କେଉଁ ଅଂଶରେ ଏଗୁଡ଼ିକ ଗୃହୀତ ହୋଇ ନାହିଁ ।

ମନଷ୍ୟର ପ୍ରକୃତି, ସ୍ୱଭାବ, ବ୍ୟକ୍ତିତ୍ୱ ଓ କର୍ମ ପ୍ରତି ଦୃଷ୍ଟିପାତ କଲେ ବୁଝାଯିବ ଯେ ସେ ଏକ ଦ୍ୱୈତପ୍ରକୃତି ବିଶିଷ୍ଟ ଜୀବ । ତାହାର ପ୍ରକୃତିରେ ଦୁଇଟି ଭାଗ ଅଛି : ଅଧସ୍ତନ ବା ନିମ୍ନ ପ୍ରକୃତି ଏବଂ ଊର୍ଦ୍ଧ୍ୱତନ ବା ଉଚ୍ଚ ପ୍ରକୃତି । ଏହି ଅଧସ୍ତନ ପ୍ରକୃତିର ବୋଝ ବହୁତ ବେଶୀ ଏବଂ ତାହା ତୁଳନାରେ ଊର୍ଦ୍ଧ୍ୱତନ ପ୍ରକୃତିର ଚାପ, କର୍ତ୍ତୃତ୍ୱ ଓ ଶାସନ ବହୁତ କମ୍ । ଅଧସ୍ତନ ପ୍ରକୃତି ହେଉଛି ମନ-ପ୍ରାଣ-ଦେହଗତ । ମନ, ପ୍ରାଣ ଓ ଦେହର ଯାବତୀୟ ଦାବି କାମନା, ବାସନା, ଇଚ୍ଛା, ଆବେଗ, ହିଂସା, ଦ୍ୱେଷ, କ୍ରୋଧ, କାମ, ଆଳସ୍ୟ, ମୋହ, ମୂର୍ଖତା ଓ ଅଜ୍ଞାନତାରେ ପୂର୍ଣ୍ଣ । ବିଶେଷତଃ ନିମ୍ନ ପ୍ରାଣ-ପ୍ରକୃତି ଅତ୍ୟନ୍ତ ଦୁର୍ଦାନ୍ତ, ଦୁର୍ନିବାର ଓ ଦୁର୍ଜୟ । ଅନ୍ୟ ଏକ ଭାଷାରେ କହିବାକୁ ଗଲେ ଏହା ପ୍ରାୟ ସମ୍ପୂର୍ଣ୍ଣ ଅଣ-ଆଲୋକିତ (unenlightened) ଅର୍ଥାତ୍ ଏକ ଅନ୍ଧକାରମୟ ଅସଙ୍ଗତ ଅପରିଣତ ଦୁର୍ବାର ଧାରା । ମୋଟାମୋଟି ଏହା ପଶୁ-ପ୍ରକୃତି । ଦେହ ଓ ପ୍ରାଣର ଦାବି ଏଠାରେ ସର୍ବୋଚ୍ଚ ଏବଂ ଭୋଗବିଳାସ ହିଁ ଏକମାତ୍ର ଲକ୍ଷ୍ୟ । ଏହି କ୍ଷେତ୍ରରେ ମନ – ଦେହ, ପ୍ରାଣର ଦାସ ସଦୃଶ । ମନର କୌଣସି ଶକ୍ତି ନାହିଁ ଯେ ମନୁଷ୍ୟର ଏହି ଅଧସ୍ତନ ପ୍ରକୃତିକୁ ନିୟନ୍ତ୍ରିତ, ଶାସିତ ଓ ସଂଯତ କରିପାରିବ । ଦୁର୍ଦାନ୍ତ ଛାତ୍ରକୁ ଯେପରି ନୀତିପରାୟଣ ଶିକ୍ଷକ ଶୃଙ୍ଖଳିତ ବା ସଂଯତ କରାଇ ପାରନ୍ତି ନାହିଁ ସେହିପରି ନିମ୍ନ ପ୍ରକୃତି ମନୁଷ୍ୟର କୌଣସି ଶାସନ ମାନେ ନାହିଁ । ମନୁଷ୍ୟର ଉଚ୍ଚ ବିଚାର ଓ ପ୍ରେରଣାକୁ ଗୋଟାଏ ଫୁତ୍କାରରେ ଉଡ଼ାଇ ଦିଏ । ଏହା ସମ୍ପୂର୍ଣ୍ଣ ଅହଂସର୍ବସ୍ୱ । ଏହା ନିଜ ପାଇଁ, ନିଜ ପରିବାର ପାଇଁ, ନିଜ ଦେଶ ପାଇଁ କାର୍ଯ୍ୟ କରେ । ଏହିପରି ମାନବିକ ଜୀବନଧାରାକୁ ବର୍ବରତା ବୋଲି ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି । ଯେଉଁମାନେ ଏହିପରି ଜୀବନଯାପନ କରନ୍ତି ସେମାନେ ବର୍ବର । ଏପରି କି ଶିକ୍ଷା, ଦୀକ୍ଷା, ବିଜ୍ଞାନ ଓ ଶିଳ୍ପତନ୍ତ୍ରର ପ୍ରୟୋଗ କରି ମଧ୍ୟ ଏମାନେ ସେହି ବର୍ବର ଅବସ୍ଥାଯୁକ୍ତ । ଆଜିକାଲି ଯୁଗରେ ଏପରି ବ୍ୟକ୍ତିଙ୍କୁ ଶ୍ରୀଅରବିନ୍ଦ ବିଜ୍ଞାନସମ୍ମତ ବର୍ବର (scientific barbarian) ବୋଲି ଆଖ୍ୟା ଦେଇଛନ୍ତି । ଶାସ୍ତ୍ର-ପୁରାଣରେ ବିଶେଷତଃ ଏହି ଗୁଣସମ୍ପନ୍ନ ବ୍ୟକ୍ତିଙ୍କୁ ଆସୁରିକ ପ୍ରକୃତି ବିଶିଷ୍ଟ ଜୀବ ବୋଲି ଉଲ୍ଲେଖ କରାଯାଇଛି । ଗୀତା ଦୈବୀ ପ୍ରକୃତି ଓ

ଆସୁରୀ ପ୍ରକୃତି ସମ୍ବନ୍ଧରେ ସ୍ପଷ୍ଟ ଆଲୋଚନା କରିଛି । ଦୁର୍ଯ୍ୟୋଧନ ତୁଲ୍ୟ ରାଜା ଓ ଐଶ୍ୱର୍ଯ୍ୟଶାଳୀ ବ୍ୟକ୍ତିଗଣ ବା ରାବଣ ପରି ମହାପଣ୍ଡିତ ବ୍ୟକ୍ତି ମଧ୍ୟ ଏହି ଆସୁରିକ ପ୍ରକୃତିର ପର୍ଯ୍ୟାୟଭୁକ୍ତ । ଆମ ଯୁଗରେ ମଧ୍ୟ ହିଟଲର ଏହିପରି ରାକ୍ଷସ ପ୍ରକୃତିର ବ୍ୟକ୍ତି ଥିଲେ । ଏମାନଙ୍କର ଶକ୍ତି ଅପର୍ଯ୍ୟାପ୍ତ । ଏମାନେ ମନୁଷ୍ୟକୁ କୀଟ-ପତଙ୍ଗ ତୁଲ୍ୟ ପାଦରେ ଦଳି ଦେଇ ପାରନ୍ତି । ଏମାନଙ୍କ ମଧ୍ୟରେ ମାନବିକତା ଓ ଦେବତ୍ୱର ଏକାନ୍ତ ଅଭାବ ଥାଏ । କିନ୍ତୁ ଏକଥା ମନେ ରଖିବାକୁ ହେବ ଯେ ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଏହି ଅଶୁଦ୍ଧ, ଆସୁରିକ ଓ ଅଦିବ୍ୟ ନିମ୍ନ ପ୍ରକୃତି ରହିଛି ଏବଂ ଖୁବ୍ କମ୍ ବ୍ୟକ୍ତି ଏହାର ଚାଳନାକୁ ଉପେକ୍ଷା କରିପାରନ୍ତି । ଦିବ୍ୟ ପ୍ରକୃତି ହେଲା ଦୈବୀ ପ୍ରକୃତି, ଭାଗବତ ପ୍ରକୃତି । ଏହା ସତ୍ୟ, ଜ୍ଞାନ, ଜ୍ୟୋତିଃ, ଅମୃତ ଏବଂ ଭକ୍ତି, ସମର୍ପଣ, ଶ୍ରଦ୍ଧା ଓ ଦେବତ୍ୱ ଦ୍ୱାରା ପରିଚାଳିତ । ଏହି ପ୍ରକୃତି ବିନମ୍ରତା, ଉଦାରତା, ତ୍ୟାଗ ଓ ସନ୍ତୋଷାଦି ଗୁଣରେ ପରିପୂର୍ଣ୍ଣ । ଐକ୍ୟ ଓ ମୈତ୍ରୀ, ସାମ୍ୟ ଓ ଭ୍ରାତୃତ୍ୱ ଆଦି ଏହି ପ୍ରକୃତିର ବିଶିଷ୍ଟ ବିଭାବରାଜି । ଆସୁରିକ ପ୍ରକୃତି ଅହଂମୂଳକ, ଦୈବୀ ପ୍ରକୃତି ଚୈତ୍ୟମୂଳକ ବା ଐଶ୍ୱରିକ । ଗୋଟିଏ ଯଦି ସ୍ୱାର୍ଥ ଉପରେ ପର୍ଯ୍ୟବସିତ, ଅନ୍ୟଟି ତ୍ୟାଗ ଓ ନିଃସ୍ୱାର୍ଥପରତା ଉପରେ ପର୍ଯ୍ୟବସିତ ।

ଏହି ଉଭୟ ପ୍ରକୃତିର ଦ୍ୱନ୍ଦ୍ୱ ଅଥବା ଯୁଦ୍ଧ ମନୁଷ୍ୟର ବ୍ୟକ୍ତିତ୍ୱ ମଧ୍ୟରେ ସର୍ବଦା ଲାଗି ରହିଛି । ଅଧିକାଂଶ ବ୍ୟକ୍ତି ନିମ୍ନ ପ୍ରକୃତି ସର୍ବସ୍ୱ ଏବଂ ଦେହ, ପ୍ରାଣର ତାଡ଼ନାରେ ବଶୀଭୂତ । ସେଥିପାଇଁ ମନୁଷ୍ୟ ଅହଂଗତ, ସ୍ୱାର୍ଥପର ଓ ଦ୍ୱନ୍ଦ୍ୱମୟ ଜୀବନଯାପନ କରେ । ଏହା ଭିତରୁ କୌଣସି ଉପାୟରେ ପଳାୟନ କରିବା ସମ୍ଭବପର ହୁଏ ନାହିଁ । ସେଥିପାଇଁ ମନୁଷ୍ୟ ଜୀବନ ଅତି ଦୟନୀୟ ଓ ଦୁର୍ବହ ହୋଇଉଠେ ।

ମନରେ ପ୍ରଶ୍ନ ଉଠେ, ତେବେ କ'ଣ ମନୁଷ୍ୟର ଜୀବନଧାରା ଏହିପରି ଦୁଃଖ, ଦ୍ୱନ୍ଦ୍ୱ ଓ ଶୋକ ମଧ୍ୟରେ ଚାଲିଥିବ ? ଏହାର ସମାଧାନର କ'ଣ କୌଣସି ଉପାୟ ନାହିଁ ? ମନୁଷ୍ୟ ନିଜକୁ କେବେହେଲେ ଏହି ନିମ୍ନ ପ୍ରକୃତିରୁ କ'ଣ ମୁକୁଳାଇ ପାରିବ ନାହିଁ ? ମନୁଷ୍ୟ ପଶୁତ୍ୱର ବନ୍ଧନରୁ କ'ଣ ଉର୍ଦ୍ଧ୍ୱକୁ ଉଠିପାରିବ ନାହିଁ ? ମନୁଷ୍ୟ ଚାହିଁଛି ଚିରନ୍ତନ ସୁଖଶାନ୍ତି, ମାତ୍ର ରହିଛି ଦୁଃଖ ଓ ଅଶାନ୍ତି ମଧ୍ୟରେ । ସେ ଚାହେଁ ଜ୍ଞାନ ଓ ଆଲୋକ, ମାତ୍ର ରହିଛି ଅଜ୍ଞାନ ଓ ଅନ୍ଧକାର ମଧ୍ୟରେ । ସେ ଚାହେଁ ଅମରତ୍ୱ, ମାତ୍ର ରହିଛି ମୃତ୍ୟୁ, ଜରା ଓ ରୋଗର ଅଧୀନରେ । ଏହିପରି ବିପରୀତ ବସ୍ତୁ ଓ ବିରୋଧାଭାସ ମଧ୍ୟରେ ବାସ କରି ତା'ର ଜୀବନ ହତାଶ ଓ ନୈରାଶ୍ୟରେ ବୁଡି ଯାଇଛି । କେତେକ କହିବେ ଜୀବନ ଏହିପରି ଏବଂ ପୃଥିବୀରେ ଜନ୍ମ ହେଲେ ଏହିପରି ବଞ୍ଚି ରହି ଦୁଃଖକଷ୍ଟ ଭୋଗ କରିବାକୁ ପଡ଼ିବ, — ଏହାର କୌଣସି ସମାଧାନ ନାହିଁ । ସମାଧାନ ଚାହିଁବାର ଅର୍ଥ ବ୍ୟର୍ଥତାର ଅନୁସନ୍ଧାନ କରିବା । ଏପରି ବ୍ୟାପାରର ସମାଧାନ ହୋଇପାରିବ ନାହିଁ । କୁକୁର ଲାଙ୍ଗୁଳ ନଳରେ ବାର ବର୍ଷ ରହିଲା ପରେ ଯେପରି ବଙ୍କା ଥାଏ, ସେହିପରି ରହେ; ଯେତେ ଚେଷ୍ଟା କଲେ ମଧ୍ୟ ସେହିପରି ମନୁଷ୍ୟ-ପ୍ରକୃତିରେ କୌଣସି ପରିବର୍ତ୍ତନ ହୋଇପାରେ ନାହିଁ । ଅବଶ୍ୟ ଯେଉଁମାନେ ଏପରି ଚିନ୍ତା କରନ୍ତି ସେମାନଙ୍କୁ କିଛି କହିବା ଅନାବଶ୍ୟକ । କିନ୍ତୁ ଏପରି ଯୁକ୍ତି ଅକାଟ୍ୟ ନୁହେଁ । ପୃଥିବୀରେ ସବୁ ବିଷୟର ଯଦି କ୍ରମବିକାଶ ଘଟିଛି ମନୁଷ୍ୟ-ପ୍ରକୃତିର କ୍ରମବିକାଶ ନ ଘଟିବ କାହିଁକି ? ମନୁଷ୍ୟ ସ୍ୱୀୟ ଦ୍ୱୈତ ପ୍ରକୃତିକୁ ଅତିକ୍ରମ କରି ଏକକ ପ୍ରକୃତି ନ ହେବ କାହିଁକି ? ଏହା କ'ଣ ଅସମ୍ଭବ ?

ଏ କ୍ଷେତ୍ରରେ ବିବର୍ତ୍ତନବାଦୀମାନଙ୍କ ମତ ପ୍ରତି ଆମ୍ଭେମାନେ ଦୃଷ୍ଟି ଦେଲେ ବୁଝିପାରିବା ଯେ ମନୁଷ୍ୟର ବିବର୍ତ୍ତନ ନିଶ୍ଚୟ ସମ୍ଭବ । କୋଟି କୋଟି ବର୍ଷର ବିବର୍ତ୍ତନ ଫଳରେ ମନୁଷ୍ୟ ଜାତିର ଉଦ୍ଭବ ହୋଇଛି । ସେହିପରି କୋଟି କୋଟି ବର୍ଷ ପରେ ବର୍ତ୍ତମାନ ମନୁଷ୍ୟର ଯେ ବିବର୍ତ୍ତନ ଘଟିବ ଏଥିରେ ସନ୍ଦେହର ଅବକାଶ ନାହିଁ । ସାମୁଏଲ ଆଲେକ୍‌ଜାଣ୍ଡାର ନାମକ ଜନୈକ ବିଶିଷ୍ଟ ବୈଜ୍ଞାନିକ ତାଙ୍କର ବିଖ୍ୟାତ ଗ୍ରନ୍ଥ "Space, Time, Deity" (Gifford Lectures, 1920)ରେ ଦେଖାଇଛନ୍ତି ଯେ ବିବର୍ତ୍ତନର ପରବର୍ତ୍ତୀ ପାହାଚରେ ମନୁଷ୍ୟୋତ୍ତର ଅନ୍ୟ ଏକ ଜୀବ 'Deity' ଅର୍ଥାତ୍ ଏକ ଦେବୀ ବା ଦେବତାର ଉଦ୍ଭବ । ଆଲେକ୍‌ଜାଣ୍ଡାର ଥିଲେ ସମ୍ପୂର୍ଣ୍ଣ ଭୌତିକବାଦୀ କିନ୍ତୁ ତାଙ୍କର ବୈଜ୍ଞାନିକ ଦୃଷ୍ଟି ଓ ବିଚାର ତାଙ୍କୁ ଏପରି ଏକ ଉପସଂହାରରେ ଆଣି ପହଞ୍ଚାଇ ଦେଇଛି । ସେହିପରି ଅନ୍ୟତମ ବିଶିଷ୍ଟ ବୈଜ୍ଞାନିକ ହେନେରୀ ବର୍ଗସଁ ତାଙ୍କର ବିଶିଷ୍ଟ ଗ୍ରନ୍ଥ "Two Sources of Morality and Religion" ରେ ଦେଖାଇଛନ୍ତି ଯେ ବିବର୍ତ୍ତନଧାରାରେ ମନୁଷ୍ୟର ଯେଉଁ ଅଗ୍ରଗତି ହେବ ତାହା ଦୈବୀଗୁଣସମ୍ପନ୍ନ ଏକ ସତ୍ତା ଆଡ଼କୁ । ତାଙ୍କୁ ସେ Angel ଅଥବା ଦେବଦୂତ ବୋଲି ଆଖ୍ୟା ଦେଇଛନ୍ତି । ଏହିମାନେ ହିଁ ମାନବଜାତିର ବିଭିନ୍ନ ସମସ୍ୟାର ସମାଧାନ କରି ପାରିବେ । ଏହାଛଡ଼ା ବହୁ

ବିଶିଷ୍ଟ ବୈଜ୍ଞାନିକ ଏ ବିଷୟରେ ନାନା ତଥ୍ୟ ଉପସ୍ଥାପିତ କରିଛନ୍ତି । ଯେଉଁ ଗଭୀର ପ୍ରଶ୍ନର ଶ୍ରୀଅରବିନ୍ଦ ସମାଧାନ କରିଛନ୍ତି ତାହା ହେଉଛି ଏହି ବିବର୍ତ୍ତନର ଗତିଧାରା କେଉଁ ଦିଗରେ ହେବ ? ସେ ସେହି ଗତିଧାରାର ଲକ୍ଷ୍ୟ ମଧ ନିର୍ଣ୍ଣୟ କରିଛନ୍ତି । ତାଙ୍କର ଗଭୀର ଓ ସୁଦୂରପ୍ରସାରୀ ଦୃଷ୍ଟି ଅତୀତ ଓ ବର୍ତ୍ତମାନକୁ ଉପଲବ୍ଧି କରି ଭବିଷ୍ୟତର ପର୍ଦ୍ଦାକୁ ଚିରି ତାହା ମଧରେ ସତ୍ୟକୁ ଲକ୍ଷ୍ୟ କରିଛି । ବିବର୍ତ୍ତନର ମୁଖ୍ୟ ସତ୍ୟ ହେଲା ଚେତନାର ବିବର୍ତ୍ତନ । ଚେତନାର ବିବର୍ତ୍ତନ ହିଁ ବିବର୍ତ୍ତନର ମୂଳତତ୍ତ୍ୱ ଏବଂ ଏହି ସଂଗୋପିତ ଗୁହ୍ୟ ବିବର୍ତ୍ତିତ ଚେତନା କ୍ରମଶଃ ନିଜକୁ ବିବର୍ତ୍ତନଧାରାରେ ମୁକ୍ତ କରିଛି । ଏହି ଚେତନା ଯେତେ ମୁକ୍ତ ହେବ, ଅର୍ଥାତ୍ ବନ୍ଧନ, ଚାପ, ଦାବି ଓ ବାଧବାଧକତାରୁ ମୁକ୍ତ ହେବ, ତେତେ ବେଶୀ ଏହା ପ୍ରଜ୍ଜ୍ୱଳ ଏବଂ ସ୍ୱୟଂସମ୍ପୂର୍ଣ୍ଣ ହେବ । ସତ୍ୟ, ଆଲୋକ, ଜ୍ଞାନ ଓ ଶକ୍ତି ମୁକ୍ତାବସ୍ଥାରେ ପୂର୍ଣ୍ଣ ଭାବରେ ଥାଏ । ମାତ୍ର ବର୍ତ୍ତମାନ ମନୁଷ୍ୟ ବହୁ ବନ୍ଧନ, ପ୍ରବୃତ୍ତିର ଚାପ ଓ ବିଭିନ୍ନ ମନୋଗତ, ପ୍ରାଣଗତ, ଦେହଗତ ଦାବିର ଅଧୀନରେ ରହିଛି । ସେଥିପାଇଁ ମନୁଷ୍ୟ ଏକ ଖଣ୍ଡିତ ଏବଂ ଦୁଃଖମୟ ଜୀବନଯାପନ କରୁଛି । ଯେପର୍ଯ୍ୟନ୍ତ ମନୁଷ୍ୟ ନିଜ ଚେତନା ଓ ଜ୍ଞାନରେ ଏହି ନିମ୍ନ ପ୍ରବୃତ୍ତିର ଚାପ ଓ ଦାବିରୁ ମୁକ୍ତ ନ ହୋଇଛି ସେପର୍ଯ୍ୟନ୍ତ ସେ ଯଥାର୍ଥ ସତ୍ୟ, ଜ୍ଞାନ, ଆନନ୍ଦ ଓ ଅମୃତତ୍ୱ ଲାଭ କରି ପାରିବ ନାହିଁ । ମନୁଷ୍ୟ ଏକ ସଚେତନ ଓ ବିଚାରପ୍ରଧାନ ଜୀବ । ସେ ବିଭିନ୍ନ ଦିଗରୁ ବିଚାର କଲେ ବୁଝିପାରିବ ଯେ ତାହାର ବିଭିନ୍ନ ସଙ୍କଳ୍ପ ଓ ଉଚ୍ଚ ବିଚାରର ଲକ୍ଷ୍ୟ ହେଉଛି ତାକୁ ଆହୁରି ବିଶାଳ, ମହାନ୍ ଓ ଦିବ୍ୟ କରି ଗଢ଼ି ତୋଳିବା । ସେଥିପାଇଁ ମନୁଷ୍ୟର ଉଚ୍ଚ ପ୍ରକୃତି ସର୍ବଦା ଏହି ଦିଗରେ ଅଭୀପ୍ସା ରଖିଛି । ଯମଙ୍କଠାରୁ ନଚିକେତା ମୃତ୍ୟୁର ରହସ୍ୟ ଜାଣିବାକୁ ଚାହିଁଥିଲେ ଯାହା ଫଳରେ ମନୁଷ୍ୟ ମୃତ୍ୟୁକୁ ଅତିକ୍ରମ କରି ଅମରତ୍ୱ ପ୍ରାପ୍ତ ହେବ । ଏହି ଅଭୀପ୍ସା ପ୍ରତ୍ୟେକ ମନୁଷ୍ୟର ଅନ୍ତରର ନିଗୂଢ଼ କାମନା ଏବଂ ଦୃଢ଼ ଇଚ୍ଛା । ମନୁଷ୍ୟ ରୋଗହୀନ, ମୃତ୍ୟୁହୀନ, ସୁସ୍ଥ, ସୁନ୍ଦର ଓ ସବଳ ଜୀବନ ଚାହେଁ । ସୁତରାଂ, ବିବର୍ତ୍ତନର ଏହି ଉଦ୍ଦେଶ୍ୟ, ଏହି ପିପାସା, ଏହି ଲକ୍ଷ୍ୟ ସେହି ଧାରାରେ ଗତି କରୁଛି । ମନୁଷ୍ୟର ମନ, ପ୍ରାଣ, ଶରୀର ମଧରେ ଗୋଟିଏ ଚୈତନ୍ୟମୟତା ରହିଛି । ତାହା ଜ୍ଞାତସାରରେ ହେଉ ବା ଅଜ୍ଞାତ ସାରରେ ହେଉ ନିଜକୁ ଉର୍ଦ୍ଧ୍ୱକୁ ଉଠାଇବାକୁ ଚେଷ୍ଟା କରୁଛି । ସେଥିପାଇଁ ଆଗାମୀ ବିବର୍ତ୍ତନ ହେଲା ଚେତନାର ବିବର୍ତ୍ତନ । ଏହି ଚେତନା ଯେତେବେଳେ ବିଶାଳ, ମହାନ୍, ବ୍ୟାପକ ଓ ପ୍ରଜ୍ଜ୍ୱଳ ହେବ, ମନୁଷ୍ୟର ଅଭ୍ୟାସ, ପ୍ରବୃତ୍ତି, ବିଚାର, ଆବେଗ, ପ୍ରବେଗ ଦୈହିକ ଦାବିର ପରିବର୍ତ୍ତନ ହେବ । ଏପରିକି ମନୁଷ୍ୟର ଜରା, ରୋଗ ଦୂର ହେବ । ବହୁ କୋଟି ବର୍ଷ ପରେ ମନୁଷ୍ୟ ଅନ୍ୟ ଏକ ପ୍ରକାର ଜୀବରେ ପରିଣତ ହେବ । ତାହାର ନିମ୍ନ ପ୍ରବୃତ୍ତିଗୁଡ଼ିକ ଉଚ୍ଚତର ଆଲୋକ ଓ ଜ୍ଞାନ ଦ୍ୱାରା ରୂପାନ୍ତରିତ ହେବ । ଏହି ଦିଗରେ ମନୁଷ୍ୟର ଯାତ୍ରା ଚାଲିଛି ଏବଂ ଅନନ୍ତ ଏ ଯାତ୍ରାପଥ ।

ତେବେ ଏହି ନୂତନ ସ୍ତରରେ ପହଞ୍ଚିବା ପାଇଁ ମନୁଷ୍ୟର ଉପାୟ କ'ଣ ? ଏଥିପ୍ରତି ତାହାର ବିଶେଷ କୌଣସି କର୍ତ୍ତବ୍ୟ ଅଛି କି ? ଯେବେ ଯେବେ ପ୍ରକୃତିର ଧାରାରେ ନୂତନ ବିବର୍ତ୍ତନ ସଙ୍ଗଠିତ ହୁଏ ତାହା ପ୍ରକୃତି ଦ୍ୱାରା ହିଁ ସଙ୍ଗଠିତ ହୁଏ । ଏପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ପ୍ରକୃତି ହିଁ କାର୍ଯ୍ୟ କରି ଆସିଛି । ଜଡ଼ଠାରୁ ପ୍ରାଣ ଓ ପ୍ରାଣଠାରୁ ମନର ଯେଉଁ ବିକାଶ ଘଟିଲା ତାହା ପ୍ରକୃତି ଦ୍ୱାରା ହିଁ ସମ୍ପାଦିତ ହୋଇଥିଲା । ପଶୁ ଜାତି ପରେ ମନୁଷ୍ୟ ଜାତିର ଉଦ୍ଭବ ହେଲା, ଏଥିରେ ମନୁଷ୍ୟକୁ କିଛି କରିବାକୁ ହୋଇ ନାହିଁ । ସେହିପରି ମନୁଷ୍ୟ ଜାତି ପରେ ଯଦି ଏକ ନୂତନ ମାନବଜାତିର ଅଭ୍ୟୁଦୟ ଘଟେ ଅର୍ଥାତ୍ ଏକ ନୂତନ Speciesର ଆବିର୍ଭାବ ହୁଏ, ତେବେ ତାହା ବି ପ୍ରକୃତି ଦ୍ୱାରା ସମ୍ପାଦିତ ହେବ । ଏହା ସଙ୍ଗଠିତ ହେବ ଚେତନାର ଏକ ନୂତନ ଭୂମିରେ । କିନ୍ତୁ ଏପରି ବିଚାର ଠିକ୍ ନୁହେଁ । ମନୁଷ୍ୟ ଜାତିର ଉଦ୍ଭବ ପରେ ପ୍ରକୃତିର ବିବର୍ତ୍ତନଧାରାରେ କିଛି ପରିବର୍ତ୍ତନ ଦେଖା ଦେଇଛି । ମନୁଷ୍ୟ ମଧ ଦେଇ ହିଁ ପ୍ରକୃତି ସଚେତନ । ମନୁଷ୍ୟ ଇଚ୍ଛା କଲେ ପ୍ରକୃତିର ବିବର୍ତ୍ତନକୁ ବିଳମ୍ବିତ ବା ତ୍ୱରାନ୍ୱିତ କରିପାରେ । ମନୋମୟ ସ୍ତରରେ ପ୍ରକୃତିର ଧାରା ବୁଦ୍ଧିଯୁକ୍ତ, ବିଚାରପ୍ରବଣ । ଏ କ୍ଷେତ୍ରରେ ମନୁଷ୍ୟର କିଛି ସ୍ୱତନ୍ତ୍ରତା ମଧ ରହିଛି । ଏ କ୍ଷେତ୍ରରେ ମନୁଷ୍ୟ କିଛି ବାଛିପାରେ, ନିର୍ବାଚନ କରିପାରେ; ଏପରିକି ପ୍ରକୃତି ଉପରେ କିଛି କର୍ତ୍ତୃତ୍ୱ ହାସଲ କରିପାରେ । ସେଥିପାଇଁ ପ୍ରକୃତିର ବିବର୍ତ୍ତନଧାରା ମନୁଷ୍ୟ ମଧ ଦେଇ ସଚେତନ ଓ ସଜ୍ଞାନ । ପ୍ରସିଦ୍ଧ ମନୀଷୀ ଜୁଲିଆନ ହକ୍ସ୍‌ଲେ କହିଛନ୍ତି, ''ମନୁଷ୍ୟର ଉଦ୍ଭବ ସଙ୍ଗେ ସଙ୍ଗେ ପ୍ରକୃତିର ଧାରା ସ୍ୱ-ନିୟନ୍ତ୍ରିତ (Self-regulated) ଓ ସ୍ୱୟଂ ପରିଚାଳିତ (Self-directed) ହୋଇଛି । ମନୁଷ୍ୟର ଆକାଙ୍କ୍ଷା, ଇଚ୍ଛା, ଆବେଗ, ଦୃଷ୍ଟି ଓ ବିଚାର କିଛି ପରିମାଣରେ ପ୍ରାକୃତିକ ବିବର୍ତ୍ତନ ଉପରେ ନିଜର ଅଧିକାର ସାବ୍ୟସ୍ତ କରିଛି । ମନୁଷ୍ୟ ଇଚ୍ଛା କଲେ ସେହି ଗୋଟିଏ କାମକୁ ଦୁଇ ଦିନରେ କରିପାରେ ବା

ଦୁଇ ମାସରେ କରିପାରେ; ପ୍ରାକୃତିକ ବିବର୍ତ୍ତନଧାରାରେ ଏକ ବିପ୍ଲବ ସୃଷ୍ଟି କରିପାରେ ଏବଂ ବିବର୍ତ୍ତନର ଜଟିଳ ଅଙ୍କାବଙ୍କା ଗତିଧାରାକୁ ସିଧାସଳଖ କରି ଦେଇପାରେ । ବର୍ତ୍ତମାନ ମନୁଷ୍ୟ ନିଜକୁ ଅତିକ୍ରମ କରି ଊର୍ଦ୍ଧ୍ୱତନ ଭୂମିକୁ ଉଠିଯିବାକୁ ଚାହେଁ । ଏହା ପ୍ରାକୃତିକ ଧାରାର ବିରୋଧ ନୁହେଁ, ବରଂ ପ୍ରକୃତିର ଅନ୍ତଃସ୍ଥଳରେ ଥିବା ସତ୍ୟର ବିଶେଷ ପରିପ୍ରକାଶ । ଏହା ହେଲା ଚତୁର୍ଥ ଭୂମି । ବର୍ତ୍ତମାନ ମନର ବିକାଶ ସମାପ୍ତ ହେବାରୁ ଆତ୍ମାର ବିକାଶ ନିମିତ୍ତ ସମୟ ଆସିଛି । ମନୁଷ୍ୟ ମଧ୍ୟରେ ତିନୋଟି ସ୍ତରର ସ୍ପଷ୍ଟ ବିକାଶ ହୋଇଛି; ତାହା ହେଲା – ଜଡ଼, ପ୍ରାଣ ଓ ମନ । ଏହି ତିନୋଟି ସ୍ତରକୁ ଛାଡ଼ିଲେ ମନୁଷ୍ୟ ମଧ୍ୟରେ ଚତୁର୍ଥ ସ୍ତର ବି ନିହିତ ଅଛି, ତାହା ହିଁ ହେଲା ଆତ୍ମାର ଭୂମି । ଆତ୍ମାର ଭୂମିରେ ସତ୍ୟ, ଶକ୍ତି, ଆନନ୍ଦ ଓ ପ୍ରେମର ଭୂମି ସ୍ୱାଭାବିକ ରୂପେ ପ୍ରକାଶିତ ହୁଏ । ମନୁଷ୍ୟ ଚିରକାଳ ଯେଉଁ ଅଭୀପ୍ସା କରି ଆସିଛି ସତ୍ୟ, ଜ୍ଞାନ, ଆନନ୍ଦ, ଜ୍ୟୋତିଃ, ସ୍ୱାଧୀନତା ଓ ଅମରତ୍ୱ ପାଇଁ, ତାହା ଏହି ଚତୁର୍ଥ ଭୂମିରେ ହିଁ ପ୍ରାପ୍ତ ହେବ । ଯେଉଁ ଚୈତ୍ୟ ଚେତନା ଏପର୍ଯ୍ୟନ୍ତ ମନୁଷ୍ୟ ଅନ୍ତରରେ ଅପ୍ରକାଶ୍ୟ ଭାବରେ ରହିଛି ତାହାର ପରିସ୍ଫୁଟନ ହେବ । ଏହା ଫଳରେ ମନୁଷ୍ୟର ଏକ ଗୁରୁତର ପରିବର୍ତ୍ତନ ହେବ ଏବଂ ମନୁଷ୍ୟ ଏକ ନୂତନ ଚେତନାରେ ବାସ କରିବାକୁ ଆରମ୍ଭ କରିବ । ଏହି ଆଧ୍ୟାତ୍ମିକ ରୂପାନ୍ତର ନିମିତ୍ତ ଶ୍ରୀଅରବିନ୍ଦ ଦୀର୍ଘକାଳ ଧରି ତପସ୍ୟା କରିଥିଲେ, ଊର୍ଦ୍ଧ୍ୱଲୋକରୁ ଦିବ୍ୟ ଅତିମାନସ ଶକ୍ତିକୁ ଅବତରଣ କରାଇଥିଲେ । ଏହି ଶକ୍ତିର କ୍ରିୟା ଫଳରେ ପାର୍ଥିବ ବିବର୍ତ୍ତନର ଧାରା ତ୍ୱରାନ୍ୱିତ ହେବ । ଏହି ଶକ୍ତିର ରୂପାନ୍ତର କ୍ରିୟା ଫଳରେ ମନୁଷ୍ୟର ସମଗ୍ର ବ୍ୟକ୍ତିତ୍ୱରେ ଦ୍ରୁତ ପରିବର୍ତ୍ତନ ଘଟିବ । ମନୁଷ୍ୟଜାତି ଆଜି ସେହି ଚତୁର୍ଥ ଭୂମିର ଉନ୍ମୀଳନ ନିମିତ୍ତ ଅପେକ୍ଷା କରି ରହିଛି ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୨୧୮-୨୨୨)

Let the new Light be spread upon earth and change the condition of human life.

*6 January 1957* – THE MOTHER

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

ପ୍ରଶ୍ନୋତ୍ତର :

# ଧର୍ମର ବିସ୍ମୃତ ଉତ୍ସ : ଆଧ୍ୟାତ୍ମିକତା

## ଶ୍ରୀ ମନୋଜ ଦାସ

**ପ୍ରଶ୍ନ :** *ଧର୍ମ ଏବଂ ଆଧ୍ୟାତ୍ମିକତା ଭିତରେ ସମ୍ପର୍କ କ'ଣ ?*

**ଉତ୍ତର :** ପ୍ରଥମେ ଆଧ୍ୟାତ୍ମିକତା କଥା : ଆମ ମନ ଏବଂ ପ୍ରାଣ ତଥା ଏ ଦୁଇ ବିଭବର ନାନାଦି ଗୁଣ, ଯଥା – ବୁଦ୍ଧି, ବିବେକ, ଧୀ, ବିଦ୍ୟା, ଜ୍ଞାନ, ଆବେଗ, ପ୍ରବେଗ, ଉଚ୍ଚାଭିଳାଷ, ଦୟା, କରୁଣା, ତ୍ୟାଗଶୀଳତା ଓ ଅନ୍ୟାନ୍ୟ ଆଦର୍ଶ ଅତିକ୍ରମ କରି ଆହୁରି ଗଭୀରରେ ବିଦ୍ୟମାନ ଆମର ଆତ୍ମା । ତାହା ଏକ ଅପରିସୀମ ବାସ୍ତବତା, ଉପରୋକ୍ତ ସମସ୍ତ ଗୁଣର ଆଧାର ହେବା ସତ୍ତ୍ୱେ; ପୁଣି ପ୍ରକୃତ ଆନନ୍ଦ, ପ୍ରଜ୍ଞା, ଅମରତା-ବୋଧର ଅଧିକାରୀ ଭାବରେ ସଗୁଣ ମଧ୍ୟ; ଅର୍ଥାତ୍ ସେ ମୁକ୍ତ । ଗୁଣ ବା ନିର୍ଗୁଣର ସଂଜ୍ଞାର ଊର୍ଦ୍ଧ୍ୱରେ । ତାହା ହିଁ ଆମର ଯଥାର୍ଥ ସତ୍ତା । ତାହା ହିଁ ହେବ ଆମ ପୁନର୍ଜନ୍ମର ଆଧାର ।

ଏମନ୍ତ ଯେଉଁ ଆତ୍ମା, ତାହାର ସନ୍ଧାନରେ ବ୍ରତୀ, ଅଥବା ତାହାର ଡାକରେ ଆନ୍ଦୋଳିତ ଜଣେ ବ୍ୟକ୍ତି ଆଧ୍ୟାତ୍ମିକ ପଥର ଯାତ୍ରୀ । ସେ ସାଧାରଣ ଅର୍ଥରେ ଧାର୍ମିକ ହୋଇ ନ ପାରେ । ଧର୍ମାନୁମୋଦିତ ନୀତି ନିୟମ ଅନେକ ସମୟରେ ବନ୍ଧନ; ଆଧ୍ୟାତ୍ମିକ ପଥର ପଥିକ ସେ ବନ୍ଧନ ସ୍ୱୀକାର କରେନା । କିନ୍ତୁ ସେ ସତ୍ୟର ସନ୍ଧାନୀ; ଜୀବନର ତାତ୍ପର୍ଯ୍ୟ ଓ ଲକ୍ଷ୍ୟ ଜାଣିବା ଦିଗରେ ଅଦମିତ ତା'ର ଆଗ୍ରହ ।

ବହୁବ୍ୟାପ୍ତ ଅଧିକାଂଶ ଧର୍ମର ଭିତ୍ତି ଆଧ୍ୟାତ୍ମିକତା । ତତ୍କାଳୀନ ସାମାଜିକ ଶୃଙ୍ଖଳାରୁ ମୁକ୍ତିର ସନ୍ଧାନ ସେଭଳି ଭିତ୍ତିର ଅନ୍ୟତମ ଉପାଦାନ ହୋଇ ଥାଇପାରେ । ଧର୍ମଟିର ସୂତ୍ରପାତ ସାଧାରଣତଃ ଜଣେ ଅସାମାନ୍ୟ ବ୍ୟକ୍ତିଙ୍କର ଆଧ୍ୟାତ୍ମିକ ଅଭିଜ୍ଞତାରୁ ସମ୍ଭବ ହୋଇଥାଏ; ଯଥା ବୌଦ୍ଧ, ଖ୍ରୀଷ୍ଟଧର୍ମ ଓ ଇସଲାମ । ଜୈନଧର୍ମର ଇତିହାସ-ସ୍ୱୀକୃତ ପ୍ରବର୍ତ୍ତକ ମହାବୀର ହେଲେ ମଧ୍ୟ ସେ ତାଙ୍କ ପୂର୍ବବର୍ତ୍ତୀ ତେଇଶ ଜଣ ତୀର୍ଥଙ୍କରଙ୍କ ଉତ୍ତରାଧିକାରୀ । ହିବ୍ରୁ (ଇହୁଦି) ଧର୍ମ ମତର ଉତ୍ସ ଜଣେ ନୁହନ୍ତି, ଆବ୍ରାହାମ୍, ଆଇଜାକ୍ ଓ ଜାକୋବ୍‌ଙ୍କ ଭଳି ଏକାଧିକ ବ୍ୟକ୍ତିତ୍ୱ । ଆଜି ଯାହା ହିନ୍ଦୁ ଧର୍ମ ଭାବରେ ବିଦିତ ତାହାର ଉତ୍ସ ଭାବରେ କୌଣସି ଏକ ବା ଏକାଧିକ ବ୍ୟକ୍ତିଙ୍କୁ ଚିହ୍ନିତ କରାଯିବା ସମ୍ଭବପର ନୁହେଁ । ଏହାର ଆଦି ଦିଗ୍‌ବଳୟ ବ୍ୟାପ୍ତ ଏକ ସନ୍ଧାନ ସ୍ପୃହାରେ ପର୍ଯ୍ୟବସିତ । ଯଦି ବେଦକୁ ହିଁ ଏ ଧର୍ମର ଉଷାଲୋକର ଦଲିଲ ବୋଲି ଧରି ନିଆଯାଏ ତେବେ ଏହାର ଭିତ୍ତି ସ୍ଥାପନ କରିଛନ୍ତି ଋଷି ଭାବରେ ବିଦିତ ଏକ ଆଧ୍ୟାତ୍ମିକ ଗୋଷ୍ଠୀ । ସେମାନଙ୍କ ସହ ତୁଳନୀୟ କୌଣସି ଗୋଷ୍ଠୀର ଦୃଷ୍ଟାନ୍ତ ବିଶ୍ୱ ସଭ୍ୟତାର ଇତିହାସରେ ଅନ୍ୟ କୌଣସି ଭୂଖଣ୍ଡରେ ଦେଖିବାକୁ ମିଳେ ନାହିଁ । ପ୍ରାଚୀନ ଭାରତର ରାଜନୀତି ଠାରୁ ସାମାଜିକ ବ୍ୟବସ୍ଥା ପର୍ଯ୍ୟନ୍ତ, ସାହିତ୍ୟଠୁଁ ଚିକିତ୍ସା ବିଜ୍ଞାନ ପର୍ଯ୍ୟନ୍ତ ସମସ୍ତ ଶୃଙ୍ଖଳା ଏହିମାନେ ପ୍ରବର୍ତ୍ତନ କରିଥିଲେ ।

ଏହି ଅନନ୍ୟ ଗୋଷ୍ଠୀ ସୃଜିତ ପରମ୍ପରା ଅନୁସାରେ ବହୁ ଧାରାରେ ପ୍ରବାହିତ ହୋଇପାରେ ମଣିଷର ଅନ୍ୱେଷଣ – ଯେହେତୁ ବୈଚିତ୍ର୍ୟ ହିଁ ଏ ସୃଷ୍ଟିର ଚରିତ୍ର । ଏପରିକି କୌଣସି ଶୃଙ୍ଖଳା ନ ମାନି, ବରଂ ସବୁକୁ ହେୟଜ୍ଞାନ କରି ମଧ୍ୟ ସତ୍ୟର ଅନ୍ୱେଷଣରତ 'ଅବଧୂତ' ସଂପ୍ରଦାୟ ପ୍ରାଚୀନ ଭାରତୀୟ ଧର୍ମ ସମାଜରେ ସସମ୍ମାନ ସ୍ଥାନ ଅଧିକାର କରୁଥିଲେ । ଆଜି ହିନ୍ଦୁ ଧର୍ମ ଭାବରେ ନାମିତ ଏହି ଅନବଦ୍ୟ ପରମ୍ପରାକୁ ପ୍ରାଜ୍ଞମାନେ ସନାତନ ଧର୍ମ ଭାବରେ ନାମିତ କରନ୍ତି । (ଇତିହାସର ପ୍ରାଥମିକ ଛାତ୍ରମାନଙ୍କୁ ବି ଜଣା ଯେ 'ହିନ୍ଦୁ' ଶବ୍ଦ ଚାଲୁ ହେଲା ବହୁ ପରେ, ଏ ଭୂଖଣ୍ଡକୁ ଗ୍ରୀକ୍ ଓ ଆରବମାନଙ୍କ ପ୍ରବେଶ ଅନ୍ତେ ।) ସନାତନ ଧର୍ମର ତତ୍ତ୍ୱ ତଥା ପ୍ରୟୋଗବିଧି କ୍ରମାଗତ ଭାବେ ବିସ୍ତାରିତ ହୋଇ ଚାଲିଲା, ପ୍ରଥମତଃ ରାମ ଓ କୃଷ୍ଣଙ୍କ ଭଳି ଅବତାର ଆବିର୍ଭୂତ ହୋଇ (ଅର୍ଥାତ୍ ଅନନ୍ତ ମହାଚେତନା ଭିତରୁ ମାନବ ଚେତନା ଭିତରକୁ ଏକ ନୂତନ ଐଶ୍ୱର୍ଯ୍ୟର ଅବତରଣ ଘଟି) ସେମାନଙ୍କ କୀର୍ତ୍ତିର ଦୃଷ୍ଟାନ୍ତ ରଖିବା ଯୋଗୁଁ ଏବଂ ଦ୍ୱିତୀୟରେ ମହାନ୍ ସନ୍ଥ, ଯୋଗୀ ଓ ଦାର୍ଶନିକ ବୃନ୍ଦ ସେମାନଙ୍କର ବିବିଧ ଆଧ୍ୟାତ୍ମିକ ଅଭିଜ୍ଞତା ପରିବେଷଣ କରି ଚାଲିବା ଯୋଗୁଁ ।

ସବୁ ଠିକ୍ ଚାଲିଥିଲା ବୋଲି ମନେ ହେବ । କିନ୍ତୁ ଦୁର୍ଭାଗ୍ୟକୁ ତାହା ନୁହେଁ । ଆମକୁ ଗୋଟାଏ ନିର୍ମମ ସତ୍ୟ ମନେ ରଖିବାକୁ ହେବ । ସାମୂହିକ ସ୍ତରରେ ମଣିଷର ଚେତନା ସମ୍ପୂର୍ଣ୍ଣ ଗାଢ଼ ଅଜ୍ଞାନ ସ୍ତରରୁ ଅତୀବ ମନ୍ଥର ଗତିରେ ଅଗ୍ରସର ହେଉଛି । ଅଜ୍ଞାନର ଏକ ଭୟାବହ ଅବଦାନ ହେଲା ଅହଂ । ସାମୂହିକ

ଚେତନାକୁ ଅଗ୍ରସର କରାଇବାକୁ ପ୍ରୟାସ କରୁଥିବା ଯେକୌଣସି ସତ୍ୟକୁ ସେ ଦୁଇ ଅପଶକ୍ତି (ଅଜ୍ଞାନ ଓ ଅହଂ) ବିକଳ ଓ ବିକୃତ କରି ଚାଲିଥା'ନ୍ତି । ଧାର୍ମିକ ଶୃଙ୍ଖଳା ନାମରେ ନ୍ୟସ୍ତ ସ୍ୱାର୍ଥମାନେ ସମାଜରେ ଅସଂଖ୍ୟ କୁସଂସ୍କାର ପ୍ରବର୍ତ୍ତନ କଲେ । ଦୃଷ୍ଟାନ୍ତ ରୂପେ ବିଚାର କରନ୍ତୁ, କାହିଁ ସ୍ୱଧର୍ମ ଅନୁସାରେ କର୍ମଧାରା ବାଛିନେବା ନିମନ୍ତେ ମନସ୍ତାତ୍ତ୍ୱିକ ଚାରି ବର୍ଣ୍ଣର ପ୍ରବର୍ତ୍ତନ ଏବଂ କାହିଁ ଜାତିପ୍ରଥା ପର୍ଯ୍ୟାୟକୁ ତା'ର ଅଧଃପତନ । ଅହଂର କରାମତି ଆଗରେ ମଣିଷ କେତେ ବୁଦ୍ଧୁସୁଲଭ ଆଚରଣ ନ କରେ ! ଦୃଷ୍ଟାନ୍ତ ରୂପେ ରଖୁଛି ଏକ ମାମୁଲି ବିବରଣୀ – ଦିନକର ସନ୍ଧ୍ୟାରେ ଦଳେ ତଥାକଥିତ 'ଉଚ୍ଚ ବର୍ଗ'ର ନରନାରୀ ଏକତାବଦ୍ଧ ଭାବେ ଦଳେ ତଥାକଥିତ 'ନିମ୍ନ ବର୍ଗ'ର ଏକତାବଦ୍ଧ ନରନାରୀଙ୍କ ସହ ପ୍ରାୟ ଶାରୀରିକ ସଂଘର୍ଷରେ ମତ୍ତ ହେବାର ପରଦିନ ଦେଖାଯାଇଥିଲା ଭିନ୍ନ ଏକ ଦୃଶ୍ୟ; ଏକତାବଦ୍ଧ ଉଚ୍ଚବର୍ଗ ଭିତରେ ସଂଘର୍ଷ – ଯେହେତୁ ତା'ଙ୍କ ଭିତରେ ଥିବା ଉଚ୍ଚତର ଉପଗୋଷ୍ଠୀ ଅନୁଚ୍ଚ ଉପଗୋଷ୍ଠୀକୁ କୌଣସି କାରଣରୁ ଆକ୍ଷେପ କଲେ – ଏବଂ ପ୍ରାୟ ଏକ ହିଁ ସମୟରେ ନିମ୍ନ ବର୍ଗର ଅନ୍ତର୍ଗତ ଯତ୍‌କିଞ୍ଚିତ୍ ଉଚ୍ଚ ନୀଚ ପାର୍ଥକ୍ୟ ଥିବା ଦୁଇଗୋଷ୍ଠୀ ଭିତରେ ଏକ ହିଁ କାରଣରୁ ଦଙ୍ଗା ହୋଇଗଲା । ଉଭୟ ଗୋଷ୍ଠୀର ସେ ଆସ୍ଫାଳନ, ସେ ଚିତ୍କାର ଥିଲା ଅଜ୍ଞାନର ପୁରୋଧା ଯେଉଁ ଅଦୃଶ୍ୟ ଅପଦେବତା, ତାହାରି ଅନୁଚ୍ଚାରିତ ଅଟ୍ଟହାସ୍ୟର ଉଚ୍ଚାରିତ ସଂସ୍କରଣ ।

ପୁଣି ସମସ୍ତ ପ୍ରଧାନ ଧର୍ମ ମତ ଏକ ହିଁ ମହତ୍ତମ ସତ୍ୟର ଭିନ୍ନ ଭିନ୍ନ ଦିଗ ଦର୍ଶାଉଥିବା ସ୍ଥଳେ ଅହଂ ସେମାନଙ୍କ ଭିତରେ ସୃଷ୍ଟି କରିଆସିଛି ଅସଂଖ୍ୟ ଅଯଥା ବାଦ ବିସମ୍ବାଦ ।

ଧର୍ମର ଦ୍ୱାହି ଦେଇ ଅଜ୍ଞାନ ଏବଂ ଅହଂ ଇତିହାସରେ ଯେତେ ହତ୍ୟାକାଣ୍ଡ ଓ ଦେଶ ବିଭାଜନ ଭଳି ବିଭୀଷିକା ଭିଆଇଛି, ରାଜନୈତିକ ବା ସାମ୍ରାଜ୍ୟବାଦୀ ଯୁଦ୍ଧଜନିତ ହତ୍ୟା ଓ ଅତ୍ୟାଚାରଠାରୁ ତାହା ଅଧିକ । ପୁଣି ଧର୍ମ ନାମରେ ସାଂସ୍କୃତିକ ଅନାଚାର କମ୍ ହୋଇ ନାହିଁ । ସହସ୍ର ଦୃଷ୍ଟାନ୍ତ ଭିତରୁ ମାତ୍ର ଗୋଟିକର ଉଲ୍ଲେଖ କରୁଛି । ବାଲ୍ମୀକିଙ୍କ ରାମାୟଣରେ କେହି ଜଣେ ପରବର୍ତ୍ତୀ କବି ଯୋଗ କଲେ ଉତ୍ତରକାଣ୍ଡ । ଅଜ୍ଞାନ ମଣିଷ ତା' ବିବେକବୁଦ୍ଧି ବହିର୍ଭୂତ ମହତ୍ ଚରିତ୍ରର ଆକଳନ କରିବାକୁ ଯାଇ ଯେଉଁ ବିଭ୍ରାଟ ଉପୁଜାଇଥାଏ, ଦିବ୍ୟାତ୍ମା ସୀତାଙ୍କ ପାତାଳ ପ୍ରବେଶ ଉପାଖ୍ୟାନ ସୃଜି ମୂଳ ମହାକାବ୍ୟ ଉପରେ ଆରୋପିତ ସେ କାଣ୍ଡ ମାନୁଷୀ ମୂଢ଼ତା ପ୍ରତି କରିଛି ଏକ ଚମତ୍କାର ବିଦ୍ରୂପ । କିନ୍ତୁ କେହି ଜଣେ ପଣ୍ଡିତ କବି ଆହୁରି ପରେ ସେଥିରେ ଭର୍ତ୍ତି କରି ଦେଲେ ଏକ ଉଦ୍ଭଟ ଉପାଖ୍ୟାନ । ଶୂଦ୍ର ହେବା ସତ୍ତ୍ୱେ ଶମ୍ବୁକ ନାମକ ବ୍ୟକ୍ତି ବେଦାଧ୍ୟୟନ ଭଳି ଅନଧିକାର କର୍ମ କରିଥିବା ଯୋଗୁଁ ସ୍ୱୟଂ ରାମଙ୍କ ହାତରେ ନିହତ ହେବା କଥା । ହାୟ ବାଲ୍ମୀକିଙ୍କ ରାମ । ଏ କବି ଜଣକର ମନେ ନ ଥିଲା ଯେ ବେଦର ଲିପିକାର ଋଷିବର୍ଗ କୌଣସି ଜାତି ପ୍ରଜାତିର ଅନ୍ତର୍ଭୁକ୍ତ ନ ଥିଲେ; ଜାତି ସଂସ୍କାରର ପ୍ରବର୍ତ୍ତନ ପରେ ମଧ୍ୟ ଆମେ ଦେଖୁଁ, ମହାନ୍ ଋଷିମାନେ ଅନ୍ତତଃ ଅଧିକାଂଶ ବ୍ରାହ୍ମଣ ନ ଥିଲେ । ଏ ପ୍ରସଙ୍ଗରେ ମନେପଡୁଛି, ଅଳ୍ପ କିଛି ବର୍ଷ ତଳେ ବାଲି ଦ୍ୱୀପରୁ କେତେଜଣ ହିନ୍ଦୁ ବହୁ ଆଶା କରି ଶ୍ରୀଜଗନ୍ନାଥ ଦର୍ଶନ ନିମନ୍ତେ ପୁରୀ ଆସିଥିଲେ; କିନ୍ତୁ ନିଜ ନିଜ ଗୋତ୍ର ନ କହି ପାରିବାରୁ ପ୍ରବେଶାଧିକାର ନ ପାଇ ମ୍ରିୟମାଣ ଭାବରେ ଫେରିଗଲେ । ଆଜି ଯଦି ବୈଦିକ ଯୁଗର ଦଳେ ଋଷି ଆସି ମନ୍ଦିରକୁ ପ୍ରବେଶ ନିମନ୍ତେ ଅନୁମତି ମାଗନ୍ତେ, ତେବେ ସେମାନେ ଉପହସିତ ହୁଅନ୍ତେ । କାରଣ, ସେମାନେ ଗୋତ୍ରହୀନ; ଆମେ ଭୁଲି ଯାଇଛୁଁ ଯେ ମୁଖ୍ୟତଃ ସେମାନଙ୍କ ଦିବ୍ୟ ସ୍ମୃତି ଧାରାବାହିକ ସଞ୍ଜୀବିତ ରଖିବା ନିମନ୍ତେ ଗୋତ୍ର ସେମାନଙ୍କ ନାମ ହିଁ ବହନ କରେ ।

କୃତ୍ରିମ ନୀତିନିୟମର ସାମାଜିକ ଭାର ଯେତିକି ବଢ଼ିଲା, ''ଧର୍ମକୁ ଆଖିଠାର''ଶୈଳୀର ମଧ୍ୟ ସେହି ମାତ୍ରାରେ ବିକାଶ ଘଟିଚାଲିଲା । ଜଣେ ନାମଜାଦା ଆଇ.ସି.ଏସ୍.(I.C.S.) ଅଫିସର ଅଶୋକ ମିତ୍ରଙ୍କ ଆତ୍ମଜୀବନୀରେ ପଢ଼ିଥିଲି, ତାଙ୍କ ପିତାମହଙ୍କ ସମୟରେ ଅଣ୍ଡା ଭକ୍ଷଣ ପ୍ରଥମ ଶ୍ରେଣୀର ନ ହେଲେ ବି ଦ୍ୱିତୀୟ ଶ୍ରେଣୀର ପାପ ଭାବରେ ଗଣ୍ୟ ହେଉଥିଲା ଏବଂ ଭକ୍ଷକ ଧର୍ମଚ୍ୟୁତ ବିବେଚିତ ହେଉଥିଲେ । ଅତଏବ ଏକାନ୍ତ ଅଣ୍ଡାପ୍ରିୟ ପିତାମହ ଆବକ୍ଷ ଗଙ୍ଗା ନଦୀରେ ଦଣ୍ଡାୟମାନ ରହି ଗଣ୍ଡାଏ ସିଦ୍ଧ ଅଣ୍ଡା ଗଳାଧଃକରଣ କରୁଥିଲେ; ପାପ ତାଙ୍କୁ ଆଲିଙ୍ଗନ କରୁଥାଏ; କିନ୍ତୁ ତତ୍‌କ୍ଷଣାତ୍ ପବିତ୍ର ଗଙ୍ଗା ସ୍ରୋତରେ ଧୋଇ ହୋଇ ଯାଉଥାଏ !

ଆଧ୍ୟାତ୍ମିକତାରୁ ହିଁ ଯେଉଁ ଧର୍ମର ଉଦ୍ଭବ ଏବଂ ଅଜ୍ଞାନରୁ ମୁକ୍ତିର ମାର୍ଗ ସନ୍ଧାନ ଓ ପ୍ରଦର୍ଶନ ଥିଲା ଯେଉଁ ଧର୍ମର ଆଭିମୁଖ୍ୟ, ତାହା ନାମରେ କେତେ ପ୍ରହସନ ଚାଲିଆସୁଛି, ଏସବୁ ତା'ର କିଞ୍ଚିତ୍ ଆଭାସ ମାତ୍ର । କିନ୍ତୁ ଆଧ୍ୟାତ୍ମିକତା ଯୁଗେ ଯୁଗେ ବ୍ୟକ୍ତିଗତ ଅଭୀପ୍ସା; ଆମେ ସାଧାରଣତଃ ଯେଉଁ ମନ, ପ୍ରାଣ ଅଧ୍ୟୁଷିତ ଚେତନାରେ ଥାଉଁ, ତାହାଠାରୁ ନୀରବରେ ଖସିଯାଇ, ଆପଣା

ଚେତନାର ଗଭୀରକୁ ଯାଇ ଅନ୍ତର୍ନିହିତ ଦିବ୍ୟଶକ୍ତି କୁହନ୍ତୁ, ଆତ୍ମା କୁହନ୍ତୁ, ତାହା ସହିତ ସଂଯୋଗ ସ୍ଥାପନ ହିଁ ସେ ଦିଗରେ ଅପରିହାର୍ଯ୍ୟ ପଦକ୍ଷେପ । ଜଣେ ସମାଜରେ ରହି ଆଧ୍ୟାତ୍ମିକ ଜୀବନଯାପନ କରିପାରେ । ବାସ୍ତବରେ ତାହାହିଁ ହୋଇପାରେ ତା'ର ସାଧନା । ଆପଣଙ୍କ ଆଧ୍ୟାତ୍ମିକ ପ୍ରୟାସ ବିଜ୍ଞାପିତ ହେବାର କାରଣ ନାହିଁ; ତାହା ଏକାନ୍ତ ଅନୁଚିତ ମଧ୍ୟ । ଆଧ୍ୟାତ୍ମିକ ବିକାଶ ଆମ ମୂଲ୍ୟବୋଧ ବଦଳାଇଦିଏ; ଅନ୍ୟାୟ, ସ୍ୱାର୍ଥ-ସର୍ବସ୍ୱତା ଇତ୍ୟାଦିରୁ ସ୍ୱତଃସ୍ଫୂର୍ତ୍ତ ଭାବେ ଆମ ଆଗ୍ରହ ଓହରି ଆସେ । ଅହଂର ପ୍ରାଦୁର୍ଭାବ ହ୍ରାସ ହେବା ସଙ୍ଗେ ସଙ୍ଗେ ବହୁ ଅଭିମାନଜନିତ ଅଶାନ୍ତିରୁ ମୁକ୍ତି ମିଳେ ।

କଥାଟିଏ ପ୍ରାସଙ୍ଗିକ ହୋଇପାରେ; ସ୍ୱଧର୍ମ ସହ ଆନୁଷ୍ଠାନିକ ଧର୍ମର ସମ୍ପର୍କ ନାହିଁ । ଧରନ୍ତୁ ଜନ୍ମ ଜନ୍ମ ଧରି ଚାଲିଥିବା ବ୍ୟକ୍ତିଗତ ବିକାଶରେ ଜଣେ ଏପରି ଏକ ଚେତନାସ୍ତରରେ ପହଞ୍ଚିଥିବ, ଯେତେବେଳେ ସେ ନିଜର ବିରାଟ ସ୍ୱାର୍ଥ ପାଇଁ ମଧ୍ୟ କାହା ପ୍ରତି ବିଶ୍ୱାସଘାତକତା କରିପାରିବା ସ୍ୱାଭାବିକ ହେବ ନାହିଁ । କିନ୍ତୁ ଜଣକ ଭିତରେ ବା ଅଜ୍ଞାତରେ ମଧ୍ୟ ବହୁ ଦୁର୍ବଳତା ଲୁଚି ରହିଥାଏ; ସଙ୍ଗ ପ୍ରଭାବରେ ହୁଏତ ସେମିତି ଦୁର୍ବଳତା ସାମୟିକ ଭାବରେ ତା' ମତିକୁ ଆଚ୍ଛନ୍ନ କଲା ଏବଂ ସେ ବିଶ୍ୱାସଘାତକତା କଲା । ସେଭଳି ବିଚ୍ୟୁତି ସକାଶେ ତା'କୁ କଠୋର ମୂଲ୍ୟ ଦେବାକୁ ପଡ଼ିପାରେ । ଅବଶ୍ୟ ଦିବ୍ୟକୃପା ଜଣକୁ ସେଭଳି ଆତ୍ମଘାତୀ ପଦକ୍ଷେପରୁ ଠିକ୍ ମୁହୂର୍ତ୍ତରେ ନିରସ୍ତ କରିପାରେ । 'ସାରଳା ମହାଭାରତ'ରେ ଉଲ୍ଲିଖିତ ସୁପ୍ରାଚୀନ ଲୋକକଥାଟି ମନେ ପକାନ୍ତୁ : ଜାଳେଣି କାଠ ବିକି କୁଟୁମ୍ବ ପାଳୁଥିବା ଲୋକଟିଏ କ୍ରମାଗତ ବର୍ଷା ଯୋଗୁଁ ଶୁଖିଲା କାଠ ନ ପାଇ ମନ୍ଦିର ଭିତରେ ଥିବା ଦିଅଁଙ୍କ କାଠ ମୂର୍ତ୍ତି ଚିରିବାକୁ କୁଠାର ଉଦ୍ୟତ କରନ୍ତେ ଏକ ଅଶରୀରୀ ବାଣୀ ତାକୁ କହିଦେଲା କି ତେଣିକି ସେ ପ୍ରତ୍ୟହ ନଈରେ ବୁଡ଼ ପକାଇ ଉଠିବା ବେଳକୁ ତା' ମୁଠାରେ ସୁନା ମୁଦ୍ରାଟାଏ ଥିବ । ଲୋକଟି ଦିଅଁଙ୍କୁ ଅବ୍ୟାହତି ଦେଲା ଏବଂ ଅଚିରେ ବନିଗଲା ବିରାଟ ଧନୀ । ତା'ର ଅତ୍ୟନ୍ତ ଗରିବ ପଡ଼ୋଶୀ ଜଣେ ବ୍ରାହ୍ମଣର ଧର୍ମପତ୍ନୀ ଧନୀକର ସ୍ତ୍ରୀଙ୍କଠାରୁ ରହସ୍ୟଟି ଆଦାୟ କରିନେଇ ସ୍ୱାମୀଙ୍କୁ ଅନୁରୂପ ପଦକ୍ଷେପ ନେବାକୁ ପ୍ରବର୍ତ୍ତାଇଲେ । ନିଶାର୍ଦ୍ଧରେ ସ୍ୱାମୀ ଯାଇ ଥର ଥର ହାତରେ କୁଠାର ଉଦ୍ୟତ କରିବା ବେଳକୁ ଚେତା ହରାଇଲେ ଓ ଶୁଣିଲେ ଦିଅଁଙ୍କ ଠାରୁ ଧମକ : ''ମୂଢ଼, ତୋ ସ୍ୱଧର୍ମ କ'ଣ ତୋତେ ଏମିତି କାମ କରାଇ ଦିଅନ୍ତା ? ପଳା; ସ୍ୱାଭାବିକ ଜୀବନ ସଂଗ୍ରାମ ଭିତରେ ତିଷ୍ଠି ରହ । ତାହାରି ଭିତରେ ତୋର ପ୍ରକୃତ ପ୍ରଗତି ହେଉଥିବ ।''

ଅବିସ୍ମରଣୀୟ ଗୀତାର ଚେତାବନୀ : ସ୍ୱଧର୍ମରେ ଅଟଳ ରହି ବରଂ ମୃତ୍ୟୁ ହେଉ, ଅନ୍ୟର ଧର୍ମ ଅନୁସରଣ କରିବା ଏକ ଭୟାବହ ପଦକ୍ଷେପ । ❖

ଯାହା ଆବଶ୍ୟକ ତାହାହେଲା : ତୁମର ଚୈତ୍ୟସତ୍ତା ସମ୍ମୁଖକୁ ଆସି ତୁମକୁ ମା'ଙ୍କ ସଙ୍ଗେ ଓ ମୋ ସଙ୍ଗେ ଯଥାର୍ଥ ଓ ନିରବିଚ୍ଛିନ୍ନ ଆନ୍ତର ସଂସ୍ପର୍ଶ ଆଡ଼କୁ ଉନ୍ମୁକ୍ତ କରୁ । ଏପର୍ଯ୍ୟନ୍ତ ତୁମର ଆତ୍ମା ତୁମ ମନ ମଧ୍ୟ ଦେଇ ଏବଂ ମନର ଧାରଣା ଓ ପସନ୍ଦର ମଧ୍ୟ ଦେଇ ଅଥବା ପ୍ରାଣ ଓ ତାହାର ଉଚ୍ଚତର ଆନନ୍ଦ ଓ ଅଭୀପ୍ସାର ମଧ୍ୟ ଦେଇ ନିଜକୁ ପ୍ରକାଶ କରିଛି; କିନ୍ତୁ ସାଂସାରିକ ବାଧା ଜୟ କରିବା ଓ ଜଡ଼ ପଦାର୍ଥକୁ ଦୀପ୍ତ ଓ ରୂପାନ୍ତରିତ କରିବା ନିମିତ୍ତ ଏତିକି ଯଥେଷ୍ଟ ନୁହେଁ । ତୁମର ସାକ୍ଷାତ୍ ଆତ୍ମା, ଚୈତ୍ୟସତ୍ତା ପୂର୍ଣ୍ଣରୂପେ ଜାଗ୍ରତ୍ ହୋଇ ସମ୍ମୁଖକୁ ଆସିବା ଏବଂ ମୂଳ ପରିବର୍ତ୍ତନ ସାଧନ କରିବା ଆବଶ୍ୟକ । ଚୈତ୍ୟସତ୍ତା କୌଣସି ବୁଦ୍ଧିଗତ ଧାରଣାବଳୀ ବା କୌଣସି ବାହ୍ୟ ପ୍ରତୀକ ଓ ଅବଲମ୍ବନର ସହାୟତା ଚାହେ ନାହିଁ । କେବଳ ଏହି ଚୈତ୍ୟପୁରୁଷ ହିଁ ତୁମକୁ ଦେଇପାରେ ଭଗବାନଙ୍କର ପ୍ରତ୍ୟକ୍ଷ ଅନୁଭବ, ଅବିରାମ ସାନ୍ନିଧ୍ୟ, ଆନ୍ତର ଆଶ୍ରୟ ଓ ସହାୟତା । ସେତେବେଳେ ତୁମର ବୋଧ ହେବ ନାହିଁ ଯେ ମା ଦୂରରେ ରହିଛନ୍ତି; ସିଦ୍ଧି ସମ୍ବନ୍ଧରେ ଆଉ କୌଣସି ସଂଶୟ ରହିବ ନାହିଁ, କାରଣ ମନ ଚିନ୍ତା କରେ, ପ୍ରାଣ କାମନା କରେ, କିନ୍ତୁ ଆତ୍ମା ଭଗବାନଙ୍କୁ ଅନୁଭବ କରେ ଓ ଜାଣେ ।

— ଶ୍ରୀଅରବିନ୍ଦ

# ଏକ ମହାନ୍ ବ୍ୟକ୍ତିତ୍ୱଙ୍କ ସ୍ମରଣେ

## ଶ୍ରୀ ଗଦାଧର ମିଶ୍ର

ଓଡ଼ିଶାରେ ମା'ଙ୍କ କାର୍ଯ୍ୟର ପ୍ରାରମ୍ଭ ସମୟର କଥା । ୧୯୬୨ ମସିହା ମାର୍ଚ୍ଚ ମାସରେ ପ୍ରପତ୍ତି ପ୍ରଥମେ ଓଡ଼ିଶା ଆସିଥା'ନ୍ତି । ସେ ରହୁଥା'ନ୍ତି ମା'ଙ୍କର ପରମ ଭକ୍ତ ଶ୍ରୀ ନରେନ୍ଦ୍ର କିଶୋର ଦାସଙ୍କ ବକ୍ସିବଜାରସ୍ଥିତ ଘରେ । ସେତେବେଳେ କଲେଜରେ ମୁଁ ପଢୁଥାଏ । ମା ଓ ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ମନରେ ଥାଏ ଅସଂଖ୍ୟ ପ୍ରଶ୍ନ ।

ଦିନେ ପ୍ରପତ୍ତି ମୋ ପ୍ରଶ୍ନର ଉତ୍ତର ଦେବା ପରିବର୍ତ୍ତେ ଆଉ ଜଣେ ଏକ ମହାନ୍ ଆକର୍ଷଣୀୟ ବ୍ୟକ୍ତିଙ୍କୁ ମୋ ପ୍ରଶ୍ନର ଉତ୍ତର ଦେବା ପାଇଁ ଅନୁରୋଧ କଲେ । ପ୍ରତ୍ୟେକ ପ୍ରଶ୍ନର କି ଚମତ୍କାର ଉତ୍ତର ! ଏହା ହେଲା ମନୋଜ ଦାସଙ୍କ ସହିତ ମୋର ପ୍ରଥମ ସାକ୍ଷାତ୍କାର । ପାଖାପାଖି ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ କେତେ ଘନିଷ୍ଠ ଭାବରେ ଆମେ ମିଶିଛୁ । ତାଙ୍କ ସହିତ ରିକ୍ସାରେ ମଧ୍ୟ ମୁଁ ବୁଲିଛି । ଆମ ଘରକୁ ଆସିଛନ୍ତି ଏବଂ ବାପାବୋଉଙ୍କ ସାଙ୍ଗେ ମଧ୍ୟ ମିଶିଛନ୍ତି । ଅନେକ ସୁବିଧା ଅସୁବିଧା ମୁହୂର୍ତ୍ତରେ ସେ ତାଙ୍କର ସ୍ନେହସିକ୍ତ ହସ୍ତ ମୋ ଆଡ଼କୁ ବଢ଼େଇଛନ୍ତି ।

ତାଙ୍କର ତିନୋଟି ଅନୁଭବ ମତେ ଚମତ୍କୃତ କରିଛି ।

ପ୍ରଥମ ଅନୁଭବ ହେଲା ହୃଦୟର ଗଭୀରରେ ମନର ବିଚାର, ତର୍କ ଏବଂ ପ୍ରାଣର ଉଦ୍‌ବେଳନର ପଶ୍ଚାତରେ ମା'ଙ୍କର ନିଜସ୍ୱ ଏକ ସ୍ଥାନ ରହିଛି । ତାଙ୍କର ସକଳ କାର୍ଯ୍ୟ ଏହି ଅନୁଭବ ଦ୍ୱାରା ପ୍ରେରିତ ଓ ସଞ୍ଚାଳିତ । ଏହି ଅନୁଭବ ହିଁ ତାଙ୍କ ଜୀବନକୁ ଏକ ମହାନ୍ ଲକ୍ଷ୍ୟ ଦିଗରେ ପରିଚାଳିତ କରିଛି । ସେ ସେହି ଅନୁଭବ ଦ୍ୱାରା ପ୍ରଭାବିତ ଓ ପରିଚାଳିତ ହୋଇଛନ୍ତି ତଥା ଅନେକ ବିଘ୍ନରୁ ମଧ୍ୟ ଉଦ୍ଧାର ପାଇଛନ୍ତି ।

ଦ୍ୱିତୀୟ ଅନୁଭବ, ମା'ଙ୍କ ପ୍ରଥମ ଦର୍ଶନରେ ସେ ଚିହ୍ନି ପାରିଥିଲେ ମା'ଙ୍କ ଦିବ୍ୟ ସ୍ୱରୂପକୁ । ଏ ଯେ ସେ – "She is That" – ସେ ସ୍ପଷ୍ଟ ଅନୁଭବ କରିଥିଲେ । ସେ ଆଶ୍ଚର୍ଯ୍ୟ ହୋଇଥିଲେ ଯେ ଲୋକମାନେ ମା'ଙ୍କୁ ଦର୍ଶନ କରି କିଭଳି ଭାବରେ ଘରକୁ ତଥା ସାଧାରଣ ଜୀବନକୁ ଫେରି ଯାଉଛନ୍ତି । ସେ ନିଜେ ମା'ଙ୍କ ଅନୁମତି ନେଇ ଅଧ୍ୟାପକ ଚାକିରିରୁ ଇସ୍ତଫା ଦେଇ ମା'ଙ୍କ ସ୍ଥୂଳ ସାନ୍ନିଧ୍ୟରେ ସ୍ଥାୟୀ ଭାବରେ ବାସ କରିବା ନିମନ୍ତେ ଆଶ୍ରମ ଫେରିଗଲେ । ମା ଯେ ସ୍ୱୟଂ ଭଗବତୀ ଏହା ହିଁ ତାଙ୍କର ସମଗ୍ର ଜୀବନର ଭିତ୍ତିଭୂମି ଥିଲା ।

ତୃତୀୟ ଅନୁଭବ, ପଣ୍ଡିଚେରୀରେ ରହିବା ପରେ ତାଙ୍କ ସାହିତ୍ୟ ସୃଷ୍ଟିର ଅଦ୍ଭୁତ କ୍ଷମତା ଏକ ମହାନ୍ ଶକ୍ତିର ଚମତ୍କାର ଯନ୍ତ୍ର ହୋଇ ଉଠିଲା । ନିଜର ସକଳ ସାହିତ୍ୟ ରଚନାର ଦକ୍ଷତା ସେ ମା'ଙ୍କୁ ଅର୍ପଣ କରିଥିଲେ । ମା'ଙ୍କ ପ୍ରେରଣାର ବାହକ ହେବା, ତାଙ୍କ ସଙ୍କଳ୍ପର ଯନ୍ତ୍ର ହେବା – ତାଙ୍କ ସାଧନାର ଏକ ପ୍ରମୁଖ ବିଷୟ ହୋଇ ଉଠିଲା । ଯଥାର୍ଥ ଲେଖକ ସିଏ, ଯିଏ ପାଠକକୁ ତା'ର ଦୈନନ୍ଦିନ ଜୀବନର ସମସ୍ୟା ସମାଧାନରେ ସାହାଯ୍ୟ କରନ୍ତି ଓ ତାଙ୍କ ଚେତନାକୁ ଉର୍ଦ୍ଧ୍ୱମୁଖୀ କରାନ୍ତି । ପାଠକ ପଢ଼େ, କେବଳ ମନୋରଞ୍ଜନ ନିମନ୍ତେ ନୁହେଁ, ସେ ନିଜ ସମସ୍ୟାର ସମାଧାନ ନିଜ ଅଜାଣତରେ ରଚନା ମଧ୍ୟରୁ ଖୋଜୁଥାଏ । ଏହି ଦୃଶ୍ୟମାନ ଜଗତର ପଶ୍ଚାତରେ ପ୍ରକାଶୋନ୍ମୁଖ ଏକ ପରମ ସ୍ଥିତି ରହିଛି ଯାହା ଏ ଯନ୍ତ୍ରଣାପୂର୍ଣ୍ଣ ଜଗତର ସ୍ଥାନ ଅଧିକାର କରିନେବା ନିମନ୍ତେ ସଙ୍କଳ୍ପବଦ୍ଧ । ଏହା ସକଳ ପରିବେଶ ତଥା ପରିବେଷ୍ଟନୀ ଉପରେ ସର୍ବଦା ଚାପ ଦେଇ ଚାଲିଛି । କେବଳ ସେତିକି ନୁହେଁ, କାଳର ଗତିରେ ଏହି ଦିବ୍ୟ-ସମ୍ଭାବନା ମନୁଷ୍ୟ ଜୀବନରେ ଏକ ରୂପ ଗ୍ରହଣ କରିବାକୁ ସତତ ଚେଷ୍ଟିତ । ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମରେ ଯୋଗ ଦେବା ପରେ ପୃଥିବୀପୃଷ୍ଠରେ ଏକ ନବ ଉଷାର ସଙ୍ଗୀତ ହିଁ ମନୋଜ ବାବୁଙ୍କ ସାହିତ୍ୟର ବିଷୟବସ୍ତୁ ହୋଇ ଉଠିଲା । ଏହାକୁ ହିଁ ସେ ବିଷୟବସ୍ତୁ ରୂପରେ ପାଠକମାନଙ୍କ ପାଖରେ ଉପସ୍ଥାପିତ କଲେ । ତାଙ୍କ ରଚନାର ପ୍ରତ୍ୟେକ ପାଠକ ନିଜ ଅଜାଣତରେ ନବସୃଷ୍ଟିର ସଙ୍ଗୀତର ଅନୁରାଗୀ ଏକ ଉପାସକ ହୋଇ ଉଠେ ଏବଂ ନିଜ ଜୀବନ ସମସ୍ୟାର ସମାଧାନ ପାଏ । ଏହା ହିଁ ତାଙ୍କ ରଚନାର ବିଶେଷତ୍ୱ ।

ମନୋଜ ବାବୁଙ୍କ ସମସ୍ତ ରଚନା ଭାରତ ପ୍ରତି ଶ୍ରଦ୍ଧା, ସମ୍ମାନ ଓ ତା'ର ସୂକ୍ଷ୍ମ ଦେବସ୍ଥିତିର ସୁଗନ୍ଧିରେ ଭରପୂର ରହିଛି । ଭାରତର ପରମ୍ପରାରେ କିପରି ଏକ ବିବର୍ତ୍ତନଶୀଳ, ମହତ୍ତମ ଚେତନା ଓତପ୍ରୋତ ଭାବେ ଜଡ଼ିତ ହୋଇ ରହିଛି, ତା'ର ଏକ ଜୀବନ୍ତ ବିବରଣୀ ତାଙ୍କର ପ୍ରାୟ ସମସ୍ତ ରଚନାରେ ବିଶେଷତଃ

'My little India' ପୁସ୍ତକରେ ବର୍ଣ୍ଣିତ ହୋଇଛି । ତାଙ୍କ ଦୃଷ୍ଟିରେ ବ୍ୟାସ ଗୁମ୍ଫା କେବଳ ପଥର ନିର୍ମିତ ଏକ କୋଠରି ନୁହେଁ ବରଂ ଭାରତର ଐଶ୍ୱର୍ଯ୍ୟବନ୍ତ ମହନୀୟ ଉନ୍ନତ ଜୀବନ ଅଭିମୁଖୀ ଆଧ୍ୟାତ୍ମିକ ଚେତନାଯୁକ୍ତ ସାହିତ୍ୟର ଜନ୍ମଭୂମି । ସେଥିରେ ପୁଣି ଜଡ଼ିତ ଅଛନ୍ତି ପୃଥିବୀର ପ୍ରଥମ ଷ୍ଟେନୋଗ୍ରାଫର ଶ୍ରୀ ଗଣେଶ । ତାଙ୍କ ଦୃଷ୍ଟିରେ ହିମାଳୟର ଦେବତାତ୍ମା ଦିଗଟି ପାଠକ ମନରେ ଏକ ଅପରୂପ ସ୍ପନ୍ଦନ ସୃଷ୍ଟିକରେ । ଆମେ ଚିନ୍ତା କରିବାକୁ ଓ କହିବାକୁ ଆରମ୍ଭ କରୁ, ''ଆମ ଜନ୍ମଭୂମି ଏକ ସ୍ୱର୍ଗୀୟ ଐଶ୍ୱର୍ଯ୍ୟବନ୍ତ ବସ୍ତୁରେ ପରିପୂର୍ଣ୍ଣ କିନ୍ତୁ ଆମର ଏ ସମ୍ପର୍କରେ କିଛି ବି ଧାରଣା ନାହିଁ !'' ଯେତେବେଳେ କିଛି ତୁଚ୍ଛ ଧାରଣା, ଚିନ୍ତା, ସ୍ପନ୍ଦନ ସମଗ୍ର ଭାରତର ମହାନ୍ ପରମ୍ପରା ବିରୋଧରେ ଗର୍ଜନ କରୁଛି ଏବଂ ଏ ନିମ୍ନଶକ୍ତିସବୁ ତରୁଣ କୁଳର ଚିନ୍ତା ଓ ଆବେଗକୁ ଅଧିକାର କରିବାକୁ ବ୍ୟଗ୍ର ସେତେବେଳେ ମନୋଜ ବାବୁଙ୍କ ରଚନାବଳୀ ଆମ ହୃଦୟରେ ମହାନ୍ ଆଶାର ନବ ସ୍ପନ୍ଦନ ଜାଗ୍ରତ୍ କରାଏ । ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଲୋକ, ସଙ୍କଳ୍ପ ମନୋଜ ବାବୁଙ୍କ ସାହିତ୍ୟ ମାଧ୍ୟମରେ ନବଭାରତର ମାନସ ଜଗତକୁ ନୂତନ ଚେତନାର ଆଶା ଓ ବିଶ୍ୱାସରେ ଆନ୍ଦୋଳିତ କରିବାକୁ ଆରମ୍ଭ କରେ ।

ମାତୃ ଚରଣାଶ୍ରିତ, ମା'ଙ୍କ ବିଶେଷ କୃପା ପ୍ରାପ୍ତ ଏହି ମହାନ୍ ବ୍ୟକ୍ତିତ୍ୱଙ୍କୁ ଆମର ବିନମ୍ର କୃତଜ୍ଞତା ଓ ପ୍ରଣାମ ।

Self-giving is true prayer.
(CWM Vol. 14, p. 100) – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

# ମନୋଜ ଦାସଙ୍କ ସହ କିଛି ଅନ୍ତରଙ୍ଗ ପ୍ରଶ୍ନୋତ୍ତର

## ଶ୍ରୀମତୀ ମମତା ଦାଶ

**ମମତା ଦାଶ :** ସାହିତ୍ୟ, ସୃଜନକଳା ଆପଣଙ୍କ ଜୀବନରେ ପ୍ରେରଣାର ଭୂମିକା, ଆପଣଙ୍କର ଆଧ୍ୟାତ୍ମିକ ସାଧନା, ସାମାଜିକ ଅଙ୍ଗୀକାର – ଏ ସମସ୍ତ ପ୍ରସଙ୍ଗକୁ ଭିତ୍ତି କରି ଆପଣଙ୍କ ସହ ବହୁ ସାକ୍ଷାତ୍‌କାର ପ୍ରକାଶ ପାଇଛି । ଆଜି ମୁଁ ଏକ ଭିନ୍ନ ଆଭିମୁଖ୍ୟ ଗ୍ରହଣ କରିଛି ଏବଂ କିଛି ନୂଆ ପ୍ରଶ୍ନ ପଚାରିବି ବୋଲି ସ୍ଥିର କରିଛି ।

*ମୋର ପ୍ରଥମ ପ୍ରଶ୍ନ : ମଣିଷ ଜୀବନ ସହିତ ଦୁଃଖ, ଯନ୍ତ୍ରଣା, ସଂଘର୍ଷ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ପ୍ରଶ୍ନଟି ସାଧାରଣ ମନେ ହେଲେ ବି ଆମର ସମ୍ବେଦନଶୀଳ ମନରେ ଏ ସମ୍ପର୍କରେ ଦ୍ୱନ୍ଦ୍ୱ ରହିଯାଏ । ସଚ୍ଚିଦାନନ୍ଦଙ୍କର ଏ ସୁନ୍ଦର ସର୍ଜନାରେ ଏସବୁର ଭୂମିକା କ'ଣ ? ଏସବୁର କ'ଣ କିଛି ବିଶେଷ ଅର୍ଥ ଅଛି ?*

**ମନୋଜ ଦାସ :** ବିଶେଷ ଅର୍ଥ ଅବଶ୍ୟ ଅଛି । ମାନସିକ ପର୍ଯ୍ୟାୟରେ ମୁଁ ତାତ୍ତ୍ୱିକ ଭାବରେ ତାହା ବୁଝିଛି, କିନ୍ତୁ ତାହା ଉପଲବ୍ଧି କରି ନାହିଁ । ଆପଣ ନିଜେ ସଚ୍ଚିଦାନନ୍ଦଙ୍କର ଏ ସର୍ଜନାକୁ ସୁନ୍ଦର ବୋଲି କହିଲେ । ଅର୍ଥାତ୍ ଏହାର ସ୍ରଷ୍ଟା ସଚ୍ଚିଦାନନ୍ଦ ଏବଂ ଏ ସର୍ଜନା ସୁନ୍ଦର, ଏ ଧାରଣା ଆପଣଙ୍କର ରହିଛି – ଅଥବା ଏ ବିଶ୍ୱାସ ରହିଛି । ସବୁ ଧାରଣା ପଛରେ ବା ବିଶ୍ୱାସର ପଟ୍ଟଭୂମିରେ ଏକ ବାସ୍ତବତା ଥିବା ଅନିବାର୍ଯ୍ୟ । ସେ ବାସ୍ତବତା ଯେତେ ସୁଦୂର ହେଉ ନା କାହିଁକି ।

ମାନସିକ ସ୍ତରରେ ଉତ୍ତର ହେଲା ଆମେ ସଚ୍ଚିଦାନନ୍ଦଙ୍କଠାରୁ ବିଯୁକ୍ତ ହୋଇ ପଡ଼ିଛୁ । ତେଣୁ କରି ଆମେ ସୁନ୍ଦର ସର୍ଜନାର ଆଭାସ ପାଇଲେ ମଧ୍ୟ ତାହା ଅଙ୍ଗେ ନିଭେଇ ପାରୁ ନାହୁଁ । ସଚ୍ଚିଦାନନ୍ଦ ଏବଂ ଆମ ଭିତରେ ରହିଛି ଅହଂ-ରୂପକ ଦୂରତିକ୍ରମ୍ୟ ମନେ ହେବା ଭଳି ପ୍ରାଚୀର । କିନ୍ତୁ ତାହା ଦୂରତିକ୍ରମ୍ୟ ନୁହେଁ । ଦୁଃଖ, ଯନ୍ତ୍ରଣା, ସଂଘର୍ଷର ଭୂମିକା ହେଲା ସେହି ପ୍ରାଚୀରକୁ ଅତିକ୍ରମ କରିବା ଦିଗରେ ସେସବୁ ଏକ ଏକ ଆହ୍ୱାନ । ସେ ଆହ୍ୱାନ ଗ୍ରହଣ କରି ଅହଂ-ବିବର୍ଜିତ ଆତ୍ମଶକ୍ତି ଦ୍ୱାରା ଆମେ ସେ ପ୍ରାଚୀର ଅତିକ୍ରମ କରି ପାରିବା । ସେହି ଜ୍ଞାନ ପ୍ରାପ୍ତି ଏବଂ ଜ୍ଞାନତକ କର୍ମ କ୍ଷେତ୍ରରେ ପ୍ରୟୋଗ କରିବାର ନିଷ୍ଠୟତା ହିଁ ସାଧନା । ଏ ସାଧନା ନିମନ୍ତେ କର୍ମକ୍ଷେତ୍ର ତ୍ୟାଗ କରିବା ଅନାବଶ୍ୟକ । କର୍ମକ୍ଷେତ୍ର ହିଁ ଦୁଃଖ, ଯନ୍ତ୍ରଣା ଏବଂ ସଂଘର୍ଷ ଉପସ୍ଥାପନ କରେ; ଅତଏବ କର୍ମକ୍ଷେତ୍ର ହିଁ ସାଧନା କ୍ଷେତ୍ର । ଅବଲମ୍ବନ – ଦିବ୍ୟକରୁଣା । ସେଥିପାଇଁ ଆବଶ୍ୟକ ବିଶ୍ୱାସ ଏବଂ ଦିବ୍ୟଶକ୍ତିର ଆହ୍ୱାନ ଏବଂ ତା' ପାଖରେ ସମର୍ପଣ ।

***ମମତା ଦାଶ :** ମୁଁ ଆଜି ଖୁବ୍ ସ୍ୱାଭାବିକ ପ୍ରଶ୍ନ ପଚାରୁଛି, କିନ୍ତୁ ଜାଣେ ଯେ ଆପଣଙ୍କର ଉତ୍ତର ସାଧାରଣ ବା ସ୍ୱାଭାବିକ ହେବ ନାହିଁ । ମୋର ପ୍ରଶ୍ନ, ଏକ ନିର୍ଦ୍ଦିଷ୍ଟ ବୟସ ପରେ ଅନେକ ଲୋକ ମୃତ୍ୟୁର ଅନିବାର୍ଯ୍ୟତା ସମ୍ପର୍କରେ ସଚେତନ ହୋଇ ପଡ଼ନ୍ତି । କେତେଜଣ ଏହାକୁ ସାମନା କରି ନ ପାରି ଭୟରେ ଏ ସମ୍ବନ୍ଧରେ ଚିନ୍ତା କରନ୍ତି ନାହିଁ । କେତେଜଣ ଦୁଃଖିତ, ହତାଶ ହୋଇ ପଡ଼ନ୍ତି । ମୁଁ ଆଧ୍ୟାତ୍ମିକ ବା ଧର୍ମଶାସ୍ତ୍ର-ବର୍ଣ୍ଣିତ ସାଧନା କଥା କହୁ ନାହିଁ । ସାଧାରଣ ମଣିଷ ମୃତ୍ୟୁକୁ କିପରି ଭାବରେ ଗ୍ରହଣ କରିବା ବାଞ୍ଛନୀୟ ?*

**ମନୋଜ ଦାସ :** ସାମାଜିକ ଦୃଷ୍ଟିରୁ ସାଧାରଣ ମଣିଷ ଏବଂ ଅସାଧାରଣ ବା ବିଶେଷ ମଣିଷ ଭିତରେ ପାର୍ଥକ୍ୟର ଯାହା ସଂଜ୍ଞା, ଆଧ୍ୟାତ୍ମିକ ଦୃଷ୍ଟିରୁ ତାହା ନୁହେଁ । ସାମାଜିକ ଜୀବନରେ ଅପାଠୁଆ, ମାମୁଲି ଜୀବନଯାପନ କରୁଥିବା ମଣିଷଟିଏ ଆଧ୍ୟାତ୍ମିକ ଦୃଷ୍ଟିରୁ ବିକଶିତ ଚେତନାର ଅଧିକାରୀ ହୋଇଥାଇ ପାରେ । ସେ ମୃତ୍ୟୁକୁ ଭୟ କରିବ ନାହିଁ । ତା'ର ବିକଶିତ ସାଧାରଣ ଜ୍ଞାନ ତାକୁ କହିଦେବ ଯେ ଜନ୍ମ ସକାଶେ ଯେଉଁ ଅଜ୍ଞାତ ମହାଶକ୍ତି ଦାୟୀ, ମୃତ୍ୟୁ ସକାଶେ ମଧ୍ୟ ସେହି ମହାଶକ୍ତି ଦାୟୀ । ଯଦି ଆମେ ଜନ୍ମ ହେବାକୁ ଭୟ କରୁ ନାହୁଁ, ମୃତ୍ୟୁକୁ କାହିଁକି ଭୟ କରିବା ? ଆମର ଏଇ ଜନ୍ମର ଜୀବନଧାରା ପ୍ରତି ଆସକ୍ତି ଯୋଗୁଁ ଆମେ ମୃତ୍ୟୁକୁ ଭୟ କରୁଛୁ, ସେ ଜୀବନଧାରା ଏକ ପୂର୍ବ ଜୀବନର ଅବସାନର ବା ମୃତ୍ୟୁର ହିଁ ଫଳ ।

ଅପରପକ୍ଷରେ ଜଣେ ସୁଶିକ୍ଷିତ, ସମାଜରେ ସୁପ୍ରତିଷ୍ଠିତ ବ୍ୟକ୍ତି ନିଜ ଆନ୍ତର ଚେତନାରେ ଅବିକଶିତ ଥାଇପାରେ । ଶିଶୁଟିଏ ଅନ୍ଧକାରକୁ ଭୟ କଲା ଭଳି ସେ ମୃତ୍ୟୁକୁ ଭୟ କରିଥାଏ ।

ସାମାଜିକ ପର୍ଯ୍ୟାୟରେ ଉଭୟ ସାଧାରଣ ଏବଂ ଅସାଧାରଣ ଅଧିକାଂଶ ମଣିଷକୁ ପ୍ରକୃତି ଏଭଳି ସ୍ଥୂଳ ଆଶା,

ଅଭିଳାଷ ଭିତରେ ଛନ୍ଦି ରଖିଥାଏ ଯେ ସେମାନେ ମୃତ୍ୟୁ ସମ୍ପର୍କରେ ଭାବନ୍ତି ନାହିଁ । ସତେ ଯେପରି ମୃତ୍ୟୁ ଏକ ସୁଦୂର ସମ୍ଭାବନା; ଫଳବତୀ ହୋଇପାରେ ବା ନ ହୋଇପାରେ ! ଏମନ୍ତ ସେମାନଙ୍କ ଭାବନାର ସ୍ତର । ଦିନେ ଏହି ସ୍ତରରୁ ସେମାନେ ବିଚ୍ୟୁତ ହୋଇ ମୃତ୍ୟୁ ଆସନ୍ନ ବା ଅନିବାର୍ଯ୍ୟ ବୋଲି ସଚେତନ ହୁଅନ୍ତି । ମନରେ ଭୟ ଉପୁଜେ ହୁଏ ଏବଂ ଆମ ଜନ୍ମ ମୃତ୍ୟୁ ପଶ୍ଚାତରେ ଚାଲିଥିବା ନିୟାମକ ମହାଶକ୍ତି ଉପରେ ବିଶ୍ୱାସ ନ ଥିଲେ – ଅଥବା ମୃତ୍ୟୁ ଭୟ ଜାତ ହେବା ପରେ ମଧ୍ୟ ସେ ମହାଶକ୍ତି ପ୍ରତି ଉନ୍ମୁଖ ନ ହେଲେ – ସେହି ଭୟ-ଯୁକ୍ତ ଅବସ୍ଥାରେ ହିଁ ଦିନେ ସେମାନେ ମୃତ୍ୟୁବରଣ କରିବେ ।

କୌଣସି କୌଣସ କ୍ଷେତ୍ରରେ ମୃତ୍ୟୁ ଭୟର ଏକ ପ୍ରଗତିଶୀଳ ଭୂମିକା ରହିଛି । କାହାଣୀଟିଏ କହୁଛି : ନୂଆ ସିଂହାସନାରୂଢ଼ ଜଣେ ତରୁଣ ରାଜା ଏକାନ୍ତ ବିଳାସବ୍ୟସନରେ ବେପରୁଆ ଜୀବନଯାପନ କରୁଥା'ନ୍ତି । ରାଜ୍ୟରେ ଦେଖା ଦେଇଥାଏ କୁଶାସନ । ତାଙ୍କର ଭ୍ରୁକ୍ଷେପ ନ ଥାଏ । ଦିନେ ତାଙ୍କ ପରଲୋକଗତ ପିତାଙ୍କ ଗୁରୁ ଆସି ତାଙ୍କର ଅତିଥି ହେଲେ । କିଛିଦିନ ପରେ ଗୁରୁ ବିଦାୟ ନେବାବେଳେ ବିଶେଷ କିଛି ଚିନ୍ତା ନ କରି ତରୁଣ ରାଜା ତାଙ୍କୁ କହିଲେ, ''ଆଜ୍ଞା, ମୋତେ କିଛି ଉପଦେଶ ଦେଇ ଯାଆନ୍ତୁ ।''

ଗୁରୁ ତାଙ୍କୁ ଏକାନ୍ତକୁ ନେଇଯାଇ କହିଲେ,''ବତ୍ସ ! ଉପଦେଶ ଦିଅନ୍ତି ଯେ କିନ୍ତୁ ତାକୁ କାର୍ଯ୍ୟରେ ପାଳନ କରିବା ନିମନ୍ତେ ତୁମର ଅବସର କାହିଁ ?''

''ମାନେ ?'' ପଚାରିଲେ ବିସ୍ମିତ ରାଜା ।

''ତୁମେ ଅଚିରେ ମୃତ୍ୟୁବରଣ କରିବ ।'' କରୁଣାପୂର୍ଣ୍ଣ ହସ ହସି ଗୁରୁ ଏତକ କହି ବିଦାୟ ନେଲେ ।

ତରୁଣରାଜାଙ୍କ ଜୀବନ ଶୈଳୀ ବଦଳି ଗଲା । ସେ ହେଲେ ବିଳାସ-ବିମୁଖ ଶାସକ; ପ୍ରତ୍ୟହ ଶାସ୍ତ୍ରପାଠରତ, ସୁଶାସନ ଦିଗରେ ଏକାଗ୍ର ଏବଂ ନ୍ୟାୟପରାୟଣ ରାଜା ।

କୋଡ଼ିଏ ବର୍ଷ ବିତିଗଲା, ପୁନର୍ବାର ଗୁରୁ ଆସି ପହଞ୍ଚିଲେ । ଭକ୍ତିଭରେ ତାଙ୍କୁ ଅଭ୍ୟର୍ଥନା କରି ରାଜା ପ୍ରତ୍ୟହ ତାଙ୍କଠୁଁ ଜ୍ଞାନ ଆହରଣ କରନ୍ତି । ଗୁରୁ ବିଦାୟ ନେବା ଦିନ ରାଜା ବଡ଼ ବିନୟଭରେ ଏକାନ୍ତରେ ପଚାରିଲେ, ''ଆଜ୍ଞା, ଆପଣଙ୍କ ଭବିଷ୍ୟତ୍ ବାଣୀ ସର୍ବଦା ଫଳବତୀ ହୋଇଥାଏ ବୋଲି ପିତା କହୁଥା'ନ୍ତି । କିନ୍ତୁ ମୁଁ ଅଚିରେ ମୃତ୍ୟୁବରଣ କରିବି ବୋଲି ଆପଣ ଦେଇଥିବା ଭବିଷ୍ୟତ୍ ବାଣୀ ତ ଫଳବତୀ ହେଲା ନାହିଁ ।''

''ହେଲା ନାହିଁ ?'' ଗୁରୁ କଲେ ପ୍ରତିପ୍ରଶ୍ନ । ''ମୁଁ ଯେଉଁ ତରୁଣ ରାଜାଙ୍କର ଅଚିରେ ମୃତ୍ୟୁ ହେବ ବୋଲି କହିଥିଲି ସେ କ'ଣ ମୃତ୍ୟୁବରଣ କରି ନାହିଁ ? ତୁମେ କ'ଣ ସେହି ବ୍ୟକ୍ତି ? ତା'ଛଡ଼ା ମହାକାଳର ପଟ୍ଟଭୂମିରେ ଦଶ କୋଡ଼ିଏ ବର୍ଷ ବା କେତେ ! ତୁମେ ପୁନର୍ଜନ୍ମ ପାଇଛ । ଦୀର୍ଘଜୀବୀ ହୁଅ ।''

ସାଧାରଣ ପର୍ଯ୍ୟାୟରୁ ମାତ୍ରାଟିଏ ଉପରକୁ ଉଠିଥିବା ଲୋକଙ୍କ ସକାଶେ ମୃତ୍ୟୁ ଭୟର ଏହିଭଳି ଶୁଭଙ୍କର ଭୂମିକା ଥାଇ ପାରେ ।

ତେବେ ଯିଏ କିଞ୍ଚିତ ଜ୍ଞାନୀ ସେ ମୃତ୍ୟୁ ଭୟରୁ ଉତ୍ତୀର୍ଣ୍ଣ ହୋଇଥାଏ । ଆପଣ ଗୋଟାଏ ଦେଶ, ଗୋଟାଏ ଜଳବାୟୁରୁ ଅନ୍ୟ ଏକ ଦେଶ ବା ଜଳବାୟୁକୁ ଯିବାବେଳେ ଭୟ କରନ୍ତି ନାହିଁ ନିଶ୍ଚୟ । ମୃତ୍ୟୁ ସେହିପରି ଗୋଟାଏ ଯାତ୍ରା ।

ଗୋଟାଏ କଥା ଆମେ ମନେ ରଖିବା : ଯଦି ମୃତ୍ୟୁ ଭୟାର୍ତ୍ତ ହେବା ଭଳି ବ୍ୟାପାର ତେବେ ପୃଥିବୀରେ ଅଦ୍ୟାବଧି ଜୀବନ ବିତାଇଥିବା, ଆମକୁ ଦିଗ୍‌ଦର୍ଶନ ଦେଇଥିବା ସମସ୍ତ ମହାପୁରୁଷ, ବିଭୂତି ଏବଂ ଅବତାର ମୃତ୍ୟୁବରଣ କରିଥା'ନ୍ତେ କାହିଁକି ? ସେମାନେ ଯେଉଁ ମାର୍ଗରେ ଗଲେ ସେ ମାର୍ଗ ପ୍ରତି ଆମେ ସନ୍ଦିଗ୍ଧ ହେବା କାହିଁକି ?

ତେବେ ମୃତ୍ୟୁ ପ୍ରତି ମନୋଭାବ ବ୍ୟକ୍ତିଗତ ବିକାଶ ଉପରେ ହିଁ ନିର୍ଭର କରେ ଏହା କ'ଣ ବାଞ୍ଛନୀୟ, ତାହା ନିରୂପଣ କରିବା ।

***ମମତା ଦାଶ :*** *ଗୋଟିଏ ଗଭୀର ଆଧାତ୍ମିକ ପ୍ରଶ୍ନ ଆଜିଯାଏ ମୋ ଜୀବନରେ ସମାହିତ ହୋଇପାରି ନାହିଁ । ଜଣେ ବ୍ୟକ୍ତିକୁ ଯେତେବେଳେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ହୁଏ; ସେ ତା'ର ମନ, ବୁଦ୍ଧି, ବ୍ୟାବହାରିକ ଜ୍ଞାନ ଇତ୍ୟାଦି ପ୍ରୟୋଗ କରିଥାଏ; ତଥାପି ଦ୍ୱନ୍ଦ୍ୱ ରହିଯାଏ । ସେ ଯଦି ଈଶ୍ୱର-ବିଶ୍ୱାସୀ ହୋଇଥାଏ – ପ୍ରାର୍ଥନା କରେ, ସମର୍ପଣ କରେ, କିଛି ଉତ୍ତର ପାଏ ନାହିଁ ହୁଏତ । ସେ ଅନେକ ସମ୍ଭାବନା ଭିତରୁ ଗୋଟିକୁ ବରଣ କରି ନିଏ । ତା'ପରେ ହୁଏତ ଦେଖେ ପରିଣାମ ଆଶାନୁରୂପ ହେବା ଦୂରେ ଥାଉ, ଭୟଙ୍କର ହୋଇ ଯାଉଛି । ହୁଏତ ସେ ପ୍ରତାରିତ, ପରାଜିତ ହୋଇ ଯାଉଛି । ଏହି ପରିସ୍ଥିତିକୁ ସେ କେଉଁ ଦୃଷ୍ଟିଭଙ୍ଗୀରେ ଦେଖିବ; ନିୟତି ବା ଈଶ୍ୱର, କିଏ ତାକୁ ଏହି ନିଷ୍ପତ୍ତି ନେବାକୁ ବାଧ କଲା ଭଳି ସେ ଭାବିବ ?*

*ବ୍ୟକ୍ତିଗତ ସ୍ୱାଧୀନତା, ନିୟତି ବା ଭାଗ୍ୟ ଓ ଈଶ୍ୱରଙ୍କର ଇଚ୍ଛା — ଏହି ତିନୋଟି ତତ୍ତ୍ୱ କେଉଁ ଭାବରେ, କେଉଁ ବିନ୍ଦୁରେ ସମାହିତ ହେବ, ଯାହାଫଳରେ ମଣିଷ ନିଜକୁ ବା ଭାଗ୍ୟକୁ ଦୋଷ ନ ଦେଇ ଈଶ୍ୱର-ବିଶ୍ୱାସ ଅବ୍ୟାହତ ରଖି ପାରିବ ?*

**ମନୋଜ ଦାସ :** ଏ ପ୍ରଚଣ୍ଡ ପ୍ରଶ୍ନର ଉତ୍ତର ନିର୍ଭର କରିବ ଭିନ୍ନ ଦୁଇଗୋଟି ଭିତ୍ତି ପ୍ରଶ୍ନ ଉପରେ । ପ୍ରଥମ ଭିତ୍ତି ପ୍ରଶ୍ନ ହେଲା : ଆମେ ଜୀବନର ଲକ୍ଷ୍ୟ ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତନ ତ ? ଆମେ ଜାଣୁ କି ଆମର ଲକ୍ଷ୍ୟ ହେଲା ସଚ୍ଚିଦାନନ୍ଦ ଉପଲବ୍ଧି ? ଆମେ ଜାଣୁ କି ଜନ୍ମ ଜନ୍ମ ଧରି ଆମର ଯାବତୀୟ ଅଭିଜ୍ଞତା, ତାହା ଯେତେ ଦୁଃଖ ହେଉ ବା ଯେତେ ସନ୍ତୋଷଜନକ ହେଉ, ସେହି ଲକ୍ଷ୍ୟ ଦିଗରେ ଆମକୁ ଟିକିଏ ଟିକିଏ ଅଗ୍ରସର କରାଇ ନେଉଛନ୍ତି ?

ଦ୍ୱିତୀୟ ଭିତ୍ତି ପ୍ରଶ୍ନ ହେଲା, ଆମେ ଯେତେବେଳେ ଈଶ୍ୱରଙ୍କୁ ଆମ ସମସ୍ୟା ନିବେଦନ କରୁଛୁ ସେତେବେଳେ ତାଙ୍କ ଇଚ୍ଛା ହିଁ କାର୍ଯ୍ୟକାରୀ ହେଉ ବୋଲି ନିବେଦନ କରୁଛୁ ନା ଆମରି ସଚେତନ ବା ଅବଚେତନ ଇଚ୍ଛା ସେ ମଞ୍ଜୁର କରନ୍ତୁ ବୋଲି ନିବେଦନ କରୁଛୁ ?

ଯଦି ତାଙ୍କରି ଇଚ୍ଛା ହିଁ କାର୍ଯ୍ୟକାରୀ ହେଉ ବୋଲି ଆମେ ନିଷ୍କପଟରେ ପ୍ରାର୍ଥନା କରିଥିବୁ, ତେବେ ଫଳ ଯାହା ହେଲେ ମଧ୍ୟ ଆମ ଆଭ୍ୟନ୍ତରୀଣ ଆସ୍ଥା ଓ ଶାନ୍ତି ବିପନ୍ନ ହେବ ନାହିଁ ।

ଯଦି ଆମ ଇଚ୍ଛା ମଞ୍ଜୁର ହେଉ ବୋଲି ଆମେ ପ୍ରାର୍ଥନା କରିଥିବୁ ତେବେ ଆମର ପରମ ଲକ୍ଷ୍ୟ ଦିଗରେ ସେଭଳି ଇଚ୍ଛା ଯଦି ସାହାଯ୍ୟପ୍ରଦ ନ ହେବ ତେବେ ତାହା ନାମଞ୍ଜୁର ହେବ । ଅନେକ ସମୟରେ ଭଗବାନଙ୍କର କରୁଣା ଥିଲେ ହିଁ ତାହା ନାମଞ୍ଜୁର ହୁଏ । ଆମର ବିଶ୍ୱାସ ସାମୟିକ ଭାବରେ ଟଳି ଯାଇପାରେ । କେତେ ଶୀଘ୍ର ସେ ବିଶ୍ୱାସ ପ୍ରତ୍ୟାବର୍ତ୍ତନ କରିବ ତାହା ନିର୍ଭର କରିବ ଆମ ଚେତନାର ସ୍ତର ଉପରେ ।

ବ୍ୟକ୍ତିଗତ ସ୍ୱାଧୀନ ଇଚ୍ଛା, ନିୟତି ବା ଭାଗ୍ୟ ଓ ଈଶ୍ୱରଙ୍କ ଇଚ୍ଛା — ଏ ତିନୋଟି ସ୍ୱତନ୍ତ୍ର ଶକ୍ତି ନୁହନ୍ତି । ଈଶ୍ୱରଙ୍କର ଏକମାତ୍ର ଇଚ୍ଛା ଆମେ ତାଙ୍କୁ ଉପଲବ୍ଧି କରିବୁ । ସେ ଦିଗରେ ଆମର କୁଣ୍ଠା, ଭ୍ରାନ୍ତି, ବିଦ୍ରୋହ ଇତ୍ୟାଦି ନିୟତି ଓ ଭାଗ୍ୟ ରୂପେ ଦେଖା ଦିଅନ୍ତି । କିନ୍ତୁ ପରୋକ୍ଷ ଭାବରେ ସେମାନଙ୍କ ଭୂମିକା ମଧ୍ୟ ଶେଷ ଶକ୍ତି — ଅର୍ଥାତ୍ ଈଶ୍ୱରଙ୍କ ଇଚ୍ଛାର ଅନ୍ତର୍ଭୁକ୍ତ ।

***ମମତା ଦାଶ :*** *ଜଣେ ନାନ୍ଦନିକ ସ୍ରଷ୍ଟା, ବିଶେଷତଃ ଜଣେ କବି ବା ଗାଳ୍ପିକ ତା'ର ଚେତନାରେ ସମସ୍ତ ବିଶ୍ୱକୁ ଧାରଣ କରିଥାଏ । ସେ ସୌନ୍ଦର୍ଯ୍ୟ, କୁତ୍ସିତତା, ପାପ-ପୁଣ୍ୟ, ସ୍ୱର୍ଗ-ନରକ, ମଣିଷ ଜୀବନର ସମସ୍ତ ଅସ୍ତିବାଚକ ଓ ନାସ୍ତିବାଚକ ବସ୍ତୁକୁ ଅନାସକ୍ତ ଭାବରେ ଦେଖିପାରେ ଓ ସେସବୁକୁ ସୂକ୍ଷ୍ମ ଭାବରେ ପୁନର୍ବାର ସର୍ଜନା କରେ । ସେ ସାଧାରଣ ସ୍ଥୂଳ ଦୃଷ୍ଟିରୁ ଅତିକ୍ରାନ୍ତ ହୋଇଯାଏ; ସାଧାରଣ ଅବବୋଧକୁ ରୂପାନ୍ତରିତ କରି ଦିଏ । ଏହା ହିଁ ଜଣେ ଉନ୍ନତ ଲେଖକର ବୈଶିଷ୍ଟ୍ୟ ଓ ପରିଚୟ । ସମସାମୟିକ ସାହିତ୍ୟରେ, ସାହିତ୍ୟିକମାନଙ୍କ ଭିତରେ ଏହା ପ୍ରତିଫଳିତ ହେଉଛି କି ? ଆପଣଙ୍କ ଧାରଣା କ'ଣ ?*

**ମନୋଜ ଦାସ :** ଆପଣଙ୍କର ଏ ପ୍ରଶ୍ନରେ ମୁଁ ସ୍ତବ୍ଧ । ଆପଣ ଜଣେ କବି ବା ଗାଳ୍ପିକ ଯେଉଁସବୁ ଗୁଣର ଅଧିକାରୀ ହୋଇଥିବାଟାକୁ ସ୍ୱାଭାବିକ ବୋଲି ଧରି ନେଇଛନ୍ତି, ମୁଁ ମୋର ସ୍ୱଳ୍ପ ଜ୍ଞାନର ପରିସର ଆନ୍ଦୋଳିତ କରି ଦେଖୁଛି, ମାତ୍ର ତିନିଜଣ ସାହିତ୍ୟ-ସ୍ରଷ୍ଟା ସେସବୁ ଗୁଣର ଅଧିକାରୀ — ସେ ତିନିଜଣ ହେଲେ ବାଲ୍ମୀକି, ବ୍ୟାସ ଏବଂ ଶ୍ରୀଅରବିନ୍ଦ । ବେଦ ଉପନିଷଦ୍‌ର ଋଷିମାନଙ୍କ କଥା କହୁ ନାହିଁ; ସାହିତ୍ୟ-ସ୍ରଷ୍ଟାଙ୍କ କଥା କହୁଛି । 'ଅନୁଳମତି ବିସ୍ତରେଣ' ।

***ମମତା ଦାଶ :*** *ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କ ଦର୍ଶନ ଅନୁସାରେ ପୃଥିବୀର ଅସଂଖ୍ୟ ଲୋକ ପ୍ରାୟ ଏକ ଶହ ବର୍ଷ ଧରି ସାଧନା କରିବା ସତ୍ତ୍ୱେ ଏହାର ପରିଣାମ ଏବଂ ସିଦ୍ଧିର କୌଣସି ଲକ୍ଷଣ ଦେଖାଯାଉଛି କି ? ଦିନକୁ ଦିନ ମଣିଷ ଜୀବନ ବିପରୀତ ଗତିରେ ରସାତଳ ଆଡ଼କୁ ଦୌଡ଼ିବା ଭଳି ତ ମନେ ହେଉଛି ।*

**ମନୋଜ ଦାସ :** କୁହାଯାଇଛି ସମଗ୍ର ସୃଜନ ପଦ୍ଧତିକୁ ଏକ ବର୍ଷ ବୋଲି ଧରି ନେଲେ ଆମ ସଭ୍ୟତା ସମ୍ଭବତଃ ଦିନକ ତଳେ ସମ୍ଭବପର ହୋଇଛି ।

ଭୂପୃଷ୍ଠରେ ପ୍ରାଣର ବିକାଶର କେତେ ହଜାର ବର୍ଷ ପରେ ମନର ବିକାଶ ହେଲା ? ଆଜିକୁ କେତେ ହଜାର ବର୍ଷ ଧରି ମଣିଷ ମାନସିକ ପ୍ରାଣୀ ହୋଇ ରହିଛି ? ଶ୍ରୀଅରବିନ୍ଦଙ୍କ ଦିବ୍ୟ ଦୃଷ୍ଟିରେ ଦିନେ ମଣିଷ ତା'ର ମାନସିକ ସ୍ତର ଅତିକ୍ରମ କରିବ ଏବଂ ଅତିମାନସ ସ୍ତରର ଦିବ୍ୟ ମାନବରେ ପରିଣତ ହେବ — ଏ ବାଣୀ ଆଜିର ଅର୍ଥାତ୍ ସାମ୍ପ୍ରତିକ କଥା । ଅଦ୍ୟାବଧି

ଏହା ମାନବସମାଜର ବୁଦ୍ଧିଗ୍ରାହ୍ୟ ହେଲାଣି ବୋଲି କହି ହେବ ନାହିଁ । ଆପଣଙ୍କ ଭଳି ଯେଉଁମାନେ ଏ ସମ୍ପର୍କରେ ଅବହିତ, ସେମାନଙ୍କର ସ୍ଥିତି ସାରା ବିଶ୍ୱର ଜନସଂଖ୍ୟାର କେତେ ଦଶମିକ ହେବ ? ''ଅସଂଖ୍ୟ ଲୋକ ପ୍ରାୟ ଏକଶହ ବର୍ଷ ଧରି ସାଧନା'' କରିଥିଲେ ହୁଏତ ପରିସ୍ଥିତି ଅପେକ୍ଷାକୃତ ଉଜ୍ଜ୍ୱଳ ହୋଇଥା'ନ୍ତା । ଅସଂଖ୍ୟ ନୁହନ୍ତି, ଅଳ୍ପ ସଂଖ୍ୟକ ଲୋକ ପ୍ରକୃତ ଅର୍ଥରେ ସାଧନା କରିଛନ୍ତି । ବହୁତ ବାକି ଅଛି ।

ତେବେ ଆଜି କ୍ରମାଗତ ଅଧିକରୁ ଅଧିକ ସଂଖ୍ୟକ ବ୍ୟକ୍ତି ଏତକ ହୃଦୟଙ୍ଗମ କରୁଛନ୍ତି ଯେ ଶ୍ରୀଅରବିନ୍ଦଙ୍କ ଦିବ୍ୟଦୃଷ୍ଟି ହିଁ ସମଗ୍ର କ୍ରମବିକାଶର ଯାଥାର୍ଥ୍ୟ ପ୍ରତିପାଦିତ କରୁଛି । ଆଜିର ଅର୍ଦ୍ଧ-ପଶୁ ମଣିଷ ବିଧାତାର ଶେଷ ଲକ୍ଷ୍ୟ ହୋଇ ନ ପାରେ ।

ମଣିଷର ଚେତନାର ଅନ୍ଧକାର ଓ ଆବର୍ଜନାମୟ ଦିଗ ଆଜି ଲଣ୍ଡଭଣ୍ଡ ହେବାରେ ଲାଗିଛି । ମଣିଷ ରସାତଳଗାମୀ ହେଉ ନାହିଁ । ତା' ଚେତନାନିହିତ ରସାତଳ ଉଦ୍‌ବେଳ ହୋଇ ଉଚ୍ଛୁଳି ପଡୁଛି । ସମ୍ଭବତଃ ବିଶ୍ୱ-ଚେତନା ଉପରେ ନବାଗତ ଅତିମାନସର ଆଲୋକ ଯୋଗୁଁ ଏଭଳି ହେଉଛି ।

ନିକଟ ଅତୀତକୁ ଦୃଷ୍ଟି ଦେଲେ ଆପଣ ବୁଝିବେ, ମଣିଷ କେଡ଼େ ବର୍ବର ଥିଲା । ଊନବିଂଶ ଶତାବ୍ଦୀ ଯାଏ ମଣିଷ ପଶୁ ଭଳି ବଜାରରେ ବିକ୍ରିତ ହେଉଥିଲା । ବିଂଶ ଶତାବ୍ଦୀରେ ମଧ୍ୟ ହିଟ୍‌ଲର ଭଳି ରାକ୍ଷସ ସମ୍ଭବପର ହୋଇ ପ୍ରକାଶ୍ୟ ଦିବାଲୋକରେ ଲକ୍ଷ ଲକ୍ଷ ନିର୍ଦ୍ଦୋଷ ନରନାରୀଙ୍କୁ ଗ୍ୟାସ୍ ଚେମ୍ବରରେ ଭର୍ତ୍ତି କରି ମାରି ପକାଉଥିଲା । ସନ୍ତ୍ରାସବାଦୀମାନେ ସେହି ଧାରା ଅବ୍ୟାହତ ରଖିଛନ୍ତି ମାତ୍ର ।

ଏମନ୍ତ ଯେଉଁ ମଣିଷ, ସେ ଦିବ୍ୟଜୀବନର ଅଧିକାରୀ ହେବା ଦିଗରେ ଅଧୈର୍ଯ୍ୟ ହେଲେ ଚଳିବ ? ଆପାତତଃ ସେହି ଅନନ୍ୟ ବାର୍ତ୍ତା, ମଣିଷର ଦିବ୍ୟ ଭବିଷ୍ୟତର ପ୍ରତିଶ୍ରୁତି ହିଁ ଆମକୁ ଜୀବନ ପ୍ରତି, ବିବର୍ତ୍ତନ ପ୍ରତି, ସତ୍ୟ ପ୍ରତି ଅନୁରକ୍ତ ରଖୁ ।

**ମମତା ଦାଶ :** ଧନ୍ୟବାଦ ।

ଯୋଗ କରିବାର ଦୁଇଟି ମାର୍ଗ ରହିଛି, ଗୋଟିଏ ହେଉଛି ଜ୍ଞାନ ଓ ନିଜ ପ୍ରଚେଷ୍ଟାର ମାର୍ଗ ଏବଂ ଅନ୍ୟଟି ହେଉଛି ମା'ଙ୍କ ଉପରେ ନିର୍ଭର କରିବାର ମାର୍ଗ । ଶେଷୋକ୍ତ ମାର୍ଗଟିରେ ଜଣକୁ ନିଜର ମନ ଓ ହୃଦୟ ଏବଂ ସବୁକିଛିକୁ ମା'ଙ୍କୁ ଅର୍ପଣ କରିଦେବାକୁ ହେବ ସେଗୁଡ଼ିକ ଉପରେ ମା'ଙ୍କ ଦିବ୍ୟଶକ୍ତିର କ୍ରିୟା ନିମନ୍ତେ; ସମସ୍ତ ବାଧାବିପଦରେ ତାଙ୍କୁ ଡାକିବାକୁ ହେବ, ବିଶ୍ୱାସ ଓ ଭକ୍ତି ରଖିବାକୁ ହେବ । ପ୍ରଥମେ ଏଥିପାଇଁ ସମୟ ଲାଗେ, ଚେତନାକୁ ଏହି ଭାବରେ ପ୍ରସ୍ତୁତ କରିବା ପାଇଁ ଅନେକ ସମୟରେ ଦୀର୍ଘକାଳ ଲାଗିଯାଏ ଏବଂ ସେହି ସମୟ ଭିତରେ ଅନେକ ବାଧାବିଘ୍ନ ଦେଖା ଦେଇପାରେ; କିନ୍ତୁ ଜଣେ ଯଦି ଲାଗି ରୁହେ ତେବେ ଏପରି ଏକ ସମୟ ଆସେ ଯେତେବେଳେ ସବୁକିଛି ପ୍ରସ୍ତୁତ, ମା'ଙ୍କର ଶକ୍ତି ଚେତନାକୁ ଭଗବାନଙ୍କ ପ୍ରତି ସମ୍ପୂର୍ଣ୍ଣ ଖୋଲିଦିଏ, ସେତେବେଳେ ଯାହାସବୁ ବିକଶିତ ହେବା କଥା ତାହା ବିକଶିତ ହୁଏ ନିଜ ଭିତରେ, ଆଧ୍ୟାତ୍ମିକ ଅନୁଭୂତିସବୁ ଆସେ ଏବଂ ତା' ସହିତ ଆସେ ଜ୍ଞାନ ଓ ଭଗବାନଙ୍କ ସହ ମିଳନ ।

— ଶ୍ରୀଅରବିନ୍ଦ

# ଶାଶ୍ୱତ ସୃଷ୍ଟି ''ଅମୃତଫଳ''

## ଶ୍ରୀ ବିମଳ ପ୍ରସନ୍ନ ଦାସ

ମହାନ୍ ସାରସ୍ୱତ ପୁରୁଷ ପଦ୍ମଶ୍ରୀ, ପଦ୍ମଭୂଷଣ ମନୋଜ ଦାସ ଜଣେ ବହୁମୁଖୀ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ । ଯେଉଁ ମାଟିରେ ଓଡ଼ିଆ କଥା ସାହିତ୍ୟର ଯୁଗାନ୍ତକାରୀ ସ୍ରଷ୍ଟା କଥା ସମ୍ରାଟ ବ୍ୟାସକବି ଫକୀରମୋହନ ୧୮୪୩ ମସିହାରେ ଜନ୍ମଗ୍ରହଣ କରି ଏ ମାଟିକୁ ଧନ୍ୟ କରିଥିଲେ, ସେହି ମାଟିରେ ଏକାନବେ ବର୍ଷପରେ ଆବିର୍ଭୂତ ହେଲେ ଆଉ ଜଣେ ଅନନ୍ୟ ସ୍ରଷ୍ଟା, ଭାରତୀୟ ସାହିତ୍ୟରେ ଯଶସ୍ୱୀ କଥାଶିଳ୍ପୀ ତଥା ଆଧୁନିକ ବିଷ୍ଣୁଶର୍ମା ନାମରେ ବିଦିତ ଶ୍ରୀଯୁକ୍ତ ମନୋଜ ଦାସ (ଫେବ୍ରୁଆରୀ, ୨୭, ୧୯୩୪) । ଓଡ଼ିଆ ସାରସ୍ୱତ ଜଗତ୍ ଏ ଦୁଇ ପ୍ରଚଣ୍ଡ ପ୍ରତିଭାଙ୍କ ଅବଦାନ ନିମନ୍ତେ ଋଣୀ ।

ପ୍ରଫେସର ମନୋଜ ଦାସଙ୍କ ସୃଜନଶୀଳତାର ପଟାନ୍ତର ନାହିଁ । କାଳଜୟୀ ତାଙ୍କର ସୃଷ୍ଟି ସମ୍ଭାର । ସେ ଯଥାର୍ଥରେ ଭାଷା ଓ ସାହିତ୍ୟର ଯାଦୁକର, ଜଣେ ଅପ୍ରତିଦ୍ୱନ୍ଦ୍ୱୀ କଥାଶିଳ୍ପୀ । ଗଳ୍ପ, ଉପନ୍ୟାସ, କବିତା, ପ୍ରବନ୍ଧ, ସମାଲୋଚନା, ସମ୍ପାଦନା, ସମ୍ବାଦପତ୍ରର ସ୍ତମ୍ଭକାର, ଶିଶୁସାହିତ୍ୟ, ଭ୍ରମଣକାହାଣୀ ପ୍ରଭୃତି ସାହିତ୍ୟର ପ୍ରାୟ ସବୁ ବିଭାଗରେ ସ୍ୱକୀୟ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି । ଜଣେ ମୌଳିକ କଥାଶିଳ୍ପୀ ଭାବରେ ସେ ସର୍ବଜନ ସ୍ୱୀକୃତ । କେବଳ ଓଡ଼ିଆ ନୁହେଁ, ଇଂରାଜୀ ସାହିତ୍ୟରେ ତାଙ୍କର ବ୍ୟାପ୍ତି ଅବିସମ୍ବାଦିତ । ତାଙ୍କର ବିପୁଳ ସୃଷ୍ଟି ସମ୍ଭାର (ବିଶେଷତଃ ଗଳ୍ପ ଓ ଉପନ୍ୟାସ) ସଫଳତାର ଉତ୍ତୁଙ୍ଗ ସୀମାରେ ଉପନୀତ ହୋଇଛି ।

ତାଙ୍କ ଅମୂଲ୍ୟ କୃତି ''ଅମୃତ ଫଳ'' ତାଙ୍କୁ ସାରସ୍ୱତ ସ୍ୱୀକୃତିର ସର୍ବୋଚ୍ଚ ସମ୍ମାନରେ (ସରସ୍ୱତୀ ସମ୍ମାନ-୨୦୦୧) ଅଭିଷିକ୍ତ କରିଛି । ଯଥାର୍ଥରେ ଏହି ବିରଳ ସୃଷ୍ଟି ତାଙ୍କ ପାଇଁ ସ୍ୱତନ୍ତ୍ର ଆସନ ଦାବି କରେ । ସେ ସମ୍ପର୍କରେ ଆଲୋଚନା କଲାବେଳେ ସ୍ୱତଃ ମନେ ପଡ଼େ ଶ୍ରୀମଦ୍ ଭାଗବତ ବାଣୀ :

''ନ ଜାଣି ସମୁଦ୍ରର ଗତି
ହସ୍ତେ ମଣ୍ଡୁଛି ମୂଢ଼ମତି ।''

ସେ ବିଶାଳ, ବିସ୍ତୃତ ସୃଷ୍ଟିର ଆକଳନ କରିବା ନିଶ୍ଚିତ ଦୁଃସାହସ ବ୍ୟତୀତ ଆଉ କ'ଣ ବା ହୋଇପାରେ । ସ୍ୱୟଂ ସ୍ରଷ୍ଟା ହିଁ ତା'ର ବିଚାର କରିବେ ।

ଅମୃତ ଫଳ ଉପନ୍ୟାସର କଥାବସ୍ତୁ ସଂକ୍ଷେପରେ — ଏକଦା ଜଣେ ସନ୍ଥ ଗୋରେଖନାଥ ମହାରାଜ ଭର୍ତ୍ତୃହରିଙ୍କୁ ଗୋଟିଏ ସୁନ୍ଦର ଫଳ ଦେଇ କହିଲେ, ''ହେ ରାଜନ୍ ! ଏହା ସ୍ୱର୍ଗର ନନ୍ଦନକାନନର ଅମୃତ ଫଳ । ଏହାକୁ ଖାଇଲେ ତୁମର ଜୀବନ ଓ ଯୌବନ ଚିରସ୍ଥାୟୀ ହେବ ।''

କିନ୍ତୁ ମହାରାଜ ଭର୍ତ୍ତୃହରି ସେ ଫଳଟିକୁ ନିଜେ ନ ଖାଇ ତାଙ୍କର ପ୍ରିୟତମା ମହାରାଣୀ ସିନ୍ଧୁମତୀଙ୍କୁ ଦେଲେ ଏବଂ ଫଳର କରାମତି ମଧ୍ୟ ବୁଝାଇ ଦେଲେ । କିନ୍ତୁ ମହାରାଣୀ ଭଲ ପାଉଥିଲେ ରାଜ୍ୟର ସେନାପତି ଜୟକାନ୍ତଙ୍କୁ । ତେଣୁ ସେ ଫଳଟିକୁ ସେନାପତିଙ୍କୁ ଦେଇ ତା'ର ପ୍ରଭାବ ଓ ପରିଣତି ବୁଝାଇ ଦେଲେ । ମାତ୍ର ସେଇ ସେନାପତି ରାଜ୍ୟର ଜଣେ ନର୍ତ୍ତକୀକୁ ବହୁତ ଭଲ ପାଉଥିଲେ । ଏଣୁ ବିରଳ ଫଳଟିକୁ ନିଜେ ନ ଖାଇ ସେ ନର୍ତ୍ତକୀକୁ ଦେଇ ଦେଲେ । କିନ୍ତୁ ସେ ସୁନ୍ଦରୀ ନର୍ତ୍ତକୀ ମହାରାଜ ଭର୍ତ୍ତୃହରିଙ୍କ କବିତ୍ୱ, ଚାରିତ୍ରିକ ମହତ୍ତ୍ୱ ଓ ଆଦର୍ଶ ବ୍ୟକ୍ତିତ୍ୱକୁ ସମ୍ମାନ କରୁଥିଲେ । ମହାରାଜ ଭର୍ତ୍ତୃହରି ନର୍ତ୍ତକୀର ନୃତ୍ୟକୁ ପ୍ରଶଂସା କରୁଥିଲେ; ନର୍ତ୍ତକୀକୁ ନୁହେଁ । ତେଣୁ ସେ ନର୍ତ୍ତକୀ ଅମୃତ ଫଳଟିକୁ ନେଇ ମହାରାଜଙ୍କୁ ଅର୍ପଣ କରି କହିଲା, ''ମହାରାଜ ମୋ ଦୃଷ୍ଟିରେ ଆପଣ ହିଁ ପୃଥିବୀର ସବୁଠାରୁ ଗୁଣବାନ୍, ବିଦ୍ୱାନ୍ ଓ ରୂପବାନ୍ ପୁରୁଷ । ମୁଁ ଆପଣଙ୍କୁ ସମସ୍ତଙ୍କ ଅପେକ୍ଷା — ଏପରିକି ମୋ ଜୀବନ ଅପେକ୍ଷା ବେଶୀ ଭଲପାଏ । ଆପଣ କେବଳ ଏ ଫଳ ଖାଇ ଚିରଯୌବନରେ ଦୀପ୍ତିମାନ୍ ହୋଇ ରହନ୍ତୁ ।''

ମହାରାଜ ଭର୍ତ୍ତୃହରି ଫଳଟିକୁ ହାତରେ ଧରି ଉଚ୍ଚସ୍ୱରରେ ହସି ଉଠିଲେ ଏବଂ ତାଙ୍କ ମୁଖରେ ଯେଉଁ ଶ୍ଳୋକଟି ସ୍ୱତଃ ଉଚ୍ଚାରିତ ହୋଇଗଲା ତା'ର ଅର୍ଥ ହେଉଛି, ''ମୁଁ ଯାହାକୁ ଭଲ ପାଏ — ସେ ଅନ୍ୟ ଜଣକୁ ଭଲପାଏ । ସେ ଜଣକ ମଧ୍ୟ ଭଲ ପାଏ ଆଉ ଜଣକୁ । ହାୟ ମୋତେ ଧିକ୍, ଅନ୍ୟ ଜଣକୁ ବି ଧିକ୍ ଏବଂ ଶେଷରେ ପ୍ରେମର ଦେବତା ମଦନଙ୍କୁ ମଧ୍ୟ ଧିକ୍ ।'' ମହାରାଜ ଭର୍ତ୍ତୃହରି ଥିଲେ ସଂସ୍କୃତ ଭାଷାର ଜଣେ ମହାକବି, ଦାର୍ଶନିକ ଓ ନୀତିଜ୍ଞ । ମନୋଗତ ଓ ଆବେଗଗତ ଧ୍ୟାନ ଧାରଣା ଅନ୍ତରାଳରେ ଥିବା ସତ୍ୟକୁ ଜାଣିବା ପାଇଁ ସେ

ବ୍ୟାକୁଳ ହୋଇ ଉଠିଲେ । ଫଳରେ ରାଜ୍ୟର ଶାସନ ଦାୟିତ୍ୱ ଅନୁଜ ବିକ୍ରମାଦିତ୍ୟଙ୍କୁ ହସ୍ତାନ୍ତର କରି ସେ ସନ୍ନ୍ୟାସ ଗ୍ରହଣ କଲେ । ଏହି କିମ୍ବଦନ୍ତିକୁ ଆଧାର କରି ଲେଖକ ସ୍ୱୀୟ ଅନୁପ୍ରେରଣା, ଅଧ୍ୟାତ୍ମ ଦୃଷ୍ଟିକୋଣ ଓ ସୃଜନଶୀଳ ଦକ୍ଷତା ବଳରେ ଏକ ନୂତନ ତଥା ଅନବଦ୍ୟ ଶୈଳୀରେ ଏହି ଉପନ୍ୟାସ ରଚନା କରିଛନ୍ତି । ''ଅମୃତ ଫଳ'' ଉପନ୍ୟାସର ସଂକ୍ଷିପ୍ତ କଥାବସ୍ତୁ ପରେ ଏବେ ଦେଖିବା ଏଥିରେ ବର୍ଣ୍ଣିତ ତଥା ବ୍ୟବହୃତ ରହସ୍ୟମୟ ପ୍ରତୀକଗୁଡ଼ିକୁ । କାରଣ ଅମୃତ ଫଳ ଏକ ପ୍ରତୀକଧର୍ମୀ ଉପନ୍ୟାସ । ଏଥିରେ ମୁଖ୍ୟ ଚରିତ୍ର ''ଅମର ନାଥ'' ହେଉଛନ୍ତି ''ଅନୁପମ ଅଭୀପ୍ସାର ପ୍ରତୀକ'' । ଯେଉଁ ମାନବ ସମାଜ ଯୁଗ ଯୁଗ ଧରି ଅମରତ୍ୱର ଅଭୀପ୍ସା କରି ଆସିଛି ତା'ର ପ୍ରତିନିଧିତ୍ୱ ସେ (ଅମର ନାଥ) କରୁଛନ୍ତି । ବାସ୍ତବରେ ପ୍ରତ୍ୟେକ ମନୁଷ୍ୟ ନିଜ ଭିତରେ ଅମର ଆତ୍ମାଙ୍କୁ ବହନ କରିଛି । ମାତ୍ର ସମଗ୍ର ସତ୍ତାରେ (ଦେହ, ମନ, ପ୍ରାଣ) ତଥା ବାହ୍ୟ ଜୀବନରେ ସେହି ଅମରତ୍ୱ ଏଯାବତ୍ ପ୍ରକଟିତ ହୋଇ ପାରି ନାହିଁ । ଅମରତ୍ୱ ଉପଲବ୍ଧି କରିବା ଓ ପ୍ରକଟିତ କରିବା ମନୁଷ୍ୟର ଏକ ନିଶ୍ଚିତ ନିୟତି ଓ ଭବିତବ୍ୟ । ଏହି ଦୃଷ୍ଟିରୁ ''ଅମର ନାଥ'' ଅମରତ୍ୱର ଅଧିକାରୀ, ଏହାଙ୍କ ନାମକରଣ ଯଥାର୍ଥ ଓ ତାତ୍ପର୍ଯ୍ୟପୂର୍ଣ୍ଣ ।

ଅନୁରୂପ ଅମର ନାଥଙ୍କ ଝିଅ ''ମନୀଷା'' ମନସ୍ତରୀୟ ଚେତନାର ପ୍ରତୀକ । ମନ ଓ ବୁଦ୍ଧିର ଦୃଷ୍ଟିରେ ସେସବୁକୁ ଦେଖିଛି । ବିଚାର ତଥା ବିଶ୍ଳେଷଣ କରୁଛି । ମନର ଅବସ୍ଥା ଓ ବିକାଶ କ୍ଷେତ୍ରରେ ଅନେକ ପର୍ଯ୍ୟାୟ ନିହିତ । ତାହା ହେଲା ସ୍ୱଳ୍ପ ଜାଗ୍ରତ୍, ଅର୍ଦ୍ଧଜାଗ୍ରତ୍, ଏବଂ ଅଧିକ ଜାଗ୍ରତ୍ । ମନୀଷାର ଚେତା ଫେରି ଆସିଛି । ଅର୍ଥାତ୍, ମଣିଷ ସୁପ୍ତ ବା ଅର୍ଦ୍ଧ ଜାଗ୍ରତ୍ ଚେତନାରୁ ବିକଶିତ ହୋଇ ବର୍ତ୍ତମାନ ଜାଗ୍ରତ୍ ଓ ସଚେତନ ଅବସ୍ଥାରେ ପହଞ୍ଚି ଗଲାଣି ଏବଂ ସେ ମନର ଊର୍ଦ୍ଧ୍ୱରେ ଥିବା ପରବର୍ତ୍ତୀ ସୋପାନକୁ ଉତ୍ତୋଳିତ ହୋଇଯିବା ପାଇଁ ପ୍ରସ୍ତୁତ ହେଉଛି । ସେ (ମନୀଷା) ତୁମକୁ (ଅମର ନାଥଙ୍କୁ) ଖୋଜୁଛି (ଅମୃତ ଫଳ, ପୃଷ୍ଠା ୧୯୯) । ପ୍ରତୀକାତ୍ମକ ଭାବରେ ମନୋଗତ ସତ୍ତା ଏହି ମଣିଷ ଅମରତ୍ୱ ବା ଅତିମାନସକୁ ଖୋଜୁଛି ।

ଉପନ୍ୟାସଟିର ପ୍ରତି ପୃଷ୍ଠାରେ ଫୁଟି ଉଠିଛି ଉଷାର ମାଧୁର୍ଯ୍ୟ । ପ୍ରକାଶଭଙ୍ଗୀର ଚମତ୍କାର କଳା କୌଶଳ, ବୌଦ୍ଧିକ ସୂକ୍ଷ୍ମତା, ବ୍ୟାଖ୍ୟାର ଗଭୀରତା, ଭାବର ପରିପକ୍ୱତା, ପରିପୁଷ୍ଟତା ଓ ସତ୍ୟ ଦୃଷ୍ଟିରେ ଏକାଗ୍ରତା ଓ କାହାଣୀର ଗତିଧାରାରେ ନାଟକୀୟତା । ଏଥିରେ ଅତିଶୟୋକ୍ତି ବା ଅନାବଶ୍ୟକ ବର୍ଣ୍ଣନା ଆଦୌ ନାହିଁ । ସବୁକିଛି ପରିମିତ, ମାର୍ଜିତ ଓ ଶକ୍ତିମନ୍ତ । ଏହିପରି ଏକ ଅମୂଲ୍ୟ ଏବଂ ଅଭିନବ କୃତି ''ଅମୃତ ଫଳ'' ଯେଉଁ ଅମୃତରସ ପାଠକଙ୍କ ମଧ୍ୟରେ ସଂଚାରିତ କରାଏ ତାହା ହୁଏ ଚିର ଜାଗ୍ରତ୍ ।

ମଣିଷ ଅମରତ୍ୱର ଅନାସ୍ୱାଦିତ ଅମୃତକୁ ଅବଧି ଖୋଜି ଚାଲିଛି । ସେ ଅତିମାନସର ଅନ୍ୱେଷୀ । ଏହି ଚିରନ୍ତନ ସତ୍ୟଟିକୁ ଆଧୁନିକ ଜୀବନରେ ସମରୂପୀ ଘଟଣା ସହିତ ମିଶାଇ ଉପନ୍ୟାସଟିର ଘଟଣାକ୍ରମ ଚମତ୍କାର ଭାବରେ ଗତିଶୀଳ ହୋଇଛି । ଯଶସ୍ୱୀ ଲେଖକ ମାନୁଷୀ ପ୍ରେମ ଓ ଦିବ୍ୟପ୍ରେମ ଭିତରେ ଚିରନ୍ତନ ତଥା ଅମାପ ବ୍ୟବଧାନକୁ ସୂଚାଇଛନ୍ତି । ଦିବ୍ୟପ୍ରେମରେ ଅଭିଷିକ୍ତ ଚେତନା ନିଜର ପ୍ରେମକୁ ନେଇ ପରିପୂର୍ଣ୍ଣ । ସେ ପ୍ରେମ ପ୍ରତ୍ୟାଶାହୀନ । ସେଠାରେ ବଣିକ ଚେତନାର ସ୍ଥାନ ଅବାନ୍ତର । ଦିବ୍ୟ ପ୍ରେମର ଅଧିକାରୀ କେବଳ ଦେଇ ଚାଲେ । ତା'ର ପ୍ରେମ ବ୍ୟକ୍ତିରୁ ବିଶ୍ୱକୁ ସଞ୍ଚରି ଯାଏ ଏବଂ ବିଶ୍ୱରୁ ବିଶ୍ୱୋତ୍ତୀର୍ଣ୍ଣଙ୍କ ଆଡ଼କୁ ଊର୍ଦ୍ଧ୍ୱାୟିତ ହୋଇଯାଏ । ଏହା କଳ୍ପ ବୃକ୍ଷ ସଦୃଶ । ଚେର ମାଟିରେ । ଆକାଶକୁ ଶାଖା, ପ୍ରଶାଖା, ପତ୍ର ମେଲି ଫୁଲ ଫଳରେ ଉଲ୍ଲସି ଉଠେ । ତା' ମୂଳକୁ ଆସିଲେ ଫୁଲ, ଫଳ ସହିତ ଶାନ୍ତ ଶୀତଳ ଛାୟା ବି ମିଳେ । ଏହା ମଧ୍ୟ ଅଗ୍ନି ପରି ଗୋଟିଏ ଦୀପରୁ ଆଉ ଗୋଟିଏ ଦୀପକୁ ଜଳାଏ । ''ଦେହଳୀ ପ୍ରଦୀପ''ଟିଏ । ସୁତରାଂ ପ୍ରେମର ଅଗ୍ନି ଓ ଆଲୋକ ଚତୁର୍ଦ୍ଦିଗକୁ ବ୍ୟାପିଯାଏ । ସରିଯାଏ ନାହିଁ । ଦିବ୍ୟ ପ୍ରେମର ଅଭୀପ୍ସା ମହାରାଜଙ୍କ ଅନ୍ତରକୁ ସ୍ପନ୍ଦିତ କଲା । ମାନବୀୟ ସମ୍ପର୍କର ବିଶ୍ୱସ୍ତତା ଉପରୁ ତାଙ୍କର ଆସ୍ଥା ତୁଟିଗଲା । ମନୋଗତ ଓ ଆବେଗଗତ ଧ୍ୟାନ ଧାରଣା ଅନ୍ତରାଳରେ ଥିବା ସତ୍ୟକୁ ଜାଣିବା ପାଇଁ ସେ ବ୍ୟାକୁଳ ହୋଇ ଉଠିଲେ, ଫଳରେ ରାଜ୍ୟର ଶାସନ ଦାୟିତ୍ୱ ଅନୁଜ ବିକ୍ରମାଦିତ୍ୟଙ୍କୁ ହସ୍ତାନ୍ତରିତ କରି ସେ ସନ୍ନ୍ୟାସ ଗ୍ରହଣ କଲେ । ଏହି କିଂବଦନ୍ତିକୁ ଆଧାର କରି ଯଶସ୍ୱୀ ଲେଖକ ସ୍ୱୀୟ ଅନୁପ୍ରେରଣା, ଅଧ୍ୟାତ୍ମ ଦୃଷ୍ଟିକୋଣ ଓ ସୃଜନଶୀଳ ଦକ୍ଷତାର ଅନବଦ୍ୟ ଯାଦୁକରୀ ଶୈଳୀରେ ଏହି ଉପନ୍ୟାସଟିକୁ ସୃଷ୍ଟି କରିଛନ୍ତି । ଆଧୁନିକ ଚରିତ୍ର ଅମର ନାଥଙ୍କ କାହାଣୀ ସହିତ ଦୁଇ ହଜାର ବର୍ଷ ତଳର ପ୍ରାଚୀନ ଚରିତ୍ର ଭର୍ତ୍ତୃହରିଙ୍କ କାହାଣୀ ସଂଲଗ୍ନ କରି ଉପନ୍ୟାସର ବକ୍ତବ୍ୟକୁ ଅଧିକ ସ୍ପଷ୍ଟ କରିବା ସଙ୍ଗେ ସଙ୍ଗେ ଏକ ସାମଗ୍ରିକ ସ୍ୱରୂପ ଓ

ସର୍ବକାଳୀନ ମୂଲ୍ୟ ପ୍ରଦାନ କରିଛନ୍ତି, ଉଭୟଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ବିଭବ ଆମ ଅନେକଙ୍କ ଭିତରେ ବି ବେଶ୍ ଦେଖିବାକୁ ମିଳି ପାରିବ ଏବଂ ଆମେ ଗ୍ରହଣଶୀଳ ହେଲେ ଏହା ଆମ ଜୀବନକୁ ଆଧ୍ୟାତ୍ମିକ ମୋଡ଼ ଦେଇ ପାରିବ ।

ଶକ ବାହିନୀକୁ ପ୍ରତିହତ କରିବା ପାଇଁ ମହାରାଜ ଭର୍ତ୍ତୃହରି ଉଜ୍ଜୟିନୀରେ ପହଞ୍ଚିଲେ । ଯୁଦ୍ଧରେ ଅଧିକାଂଶ ଶତ୍ରୁସୈନ୍ୟ ନିହତ ହୋଇଛନ୍ତି । ଉଜ୍ଜୟିନୀର ବିଜୟ ହୋଇଛି । ଅନୁଜ ବିକ୍ରମାଦିତ୍ୟଙ୍କୁ ଉଚିତ ପରାମର୍ଶ ଦେଇ ମହାରାଜ ଅରଣ୍ୟ ନିବାସକୁ ଫେରି ଆସିଛନ୍ତି । ଯୁଦ୍ଧ ସମୟରେ ଅତ୍ୟଧିକ ପରିଶ୍ରମ ହେତୁ ଅରଣ୍ୟ ନିବାସରେ ପହଞ୍ଚିବା ମାତ୍ରେ ସେ ଚେତା ହରାଇଛନ୍ତି । ସେଠାରେ ପୂର୍ବରୁ ଉପସ୍ଥିତ ଥିବା ମହାରାଣୀ ସିନ୍ଧୁମତୀ ମହାରାଜଙ୍କ ସେବା ଶୁଶ୍ରୂଷା କରିଛନ୍ତି । ମହାରାଜ ଜାଣିବାକୁ ପାଇଛନ୍ତି ଯେ ମହାରାଣୀ ଇତିମଧ୍ୟରେ ସନ୍ନ୍ୟାସ ଗ୍ରହଣ କରିଛନ୍ତି । ମହାରାଜାଙ୍କ ଜିଜ୍ଞାସାର ଉତ୍ତରରେ ମହାରାଣୀ ପ୍ରକାଶ କରିଛନ୍ତି ଯେ ମହାରାଜ ଗୃହତ୍ୟାଗୀ ହେବା ପରେ ସେ ମହାରାଣୀ ଭାବରେ ରାଜପ୍ରାସାଦରେ ସ୍ୱାଭାବିକ ଜୀବନଯାପନ କରିବା ଆଦୌ ସମୀଚୀନ ହୋଇ ନଥା'ନ୍ତା । ସେ ଆହୁରି କହିଛନ୍ତି ସେନାପତି ଜୟକାନ୍ତଙ୍କୁ ''ଅମୃତ ଫଳ'' ଅର୍ପଣ କରିବାର ଦୁଇଟି କାରଣ ଥିଲା । ପ୍ରଥମ ହେଲା ସେ (ମହାରାଣୀ) ଅମୃତ ଫଳଟି ଖାଇଥିଲେ କଦାପି ଏକ ଉଚିତ କାର୍ଯ୍ୟ ହୋଇ ନ ଥା'ନ୍ତା । କାରଣ ମହାରାଜ ଯଥା ସମୟରେ ବାର୍ଦ୍ଧକ୍ୟରେ ଉପନୀତ ହୋଇ ଥାଆନ୍ତେ ଏବଂ ସେ ରାଜାଙ୍କ ଅନ୍ତେ ଯୁବତୀ ରହି ଦୀର୍ଘକାଳ ବିଳାସବ୍ୟସନରେ ମଜ୍ଜି ରହନ୍ତେ । ଏଇଟା ଜଣେ ନାରୀ ପକ୍ଷରେ ଆଦୌ ପୁଣ୍ୟ ଓ ସମୀଚୀନ ହୋଇ ନ ଥା'ନ୍ତା । ଦ୍ୱିତୀୟତଃ ସେନାପତି ଜୟକାନ୍ତ ଥିଲେ ତାଙ୍କର ପ୍ରାଣ ରକ୍ଷାକାରୀ । ଦିନେ ଶିପ୍ରା ନଦୀ ବକ୍ଷରେ ବୁଡ଼ିଯିବା ଅବସ୍ଥାରେ ଜୟକାନ୍ତ ହିଁ ନିଜକୁ ବିପଦାପନ୍ନ କରି ତାଙ୍କୁ ରକ୍ଷା କରିଥିଲେ । ସେ ଋଣ ଆଉ କେଉଁ ମୂଲ୍ୟବାନ୍ ଉପହାର ଦ୍ୱାରା ସେ ପରିଶୋଧ କରିପାରି ଥା'ନ୍ତେ ?

ମହାରାଣୀଙ୍କ ବକ୍ତବ୍ୟ ଶୁଣି ମହାରାଜ ଲଜ୍ଜିତ ଏବଂ ଅନୁତପ୍ତ ହେଲେ । ସେହି ଦିଗକୁ ସେ ଚିନ୍ତା କରି ପାରି ନ ଥିବାରୁ ଅନୁଶୋଚନାଗ୍ରସ୍ତ ହୋଇଗଲେ । ମହାରାଣୀଙ୍କର ବାକ୍ୟ ତାଙ୍କର ବିଭ୍ରାନ୍ତି ଓ ଭୁଲ୍ ବୁଝାମଣାକୁ ଦୂର କରିଦେଲା । ସେ ନିଜକୁ ପ୍ରଶ୍ନ କଲେ, ଯେଉଁ ଘଟଣାର ଏଭଳି ସରଳ ସହଜ ବ୍ୟାଖ୍ୟା ସମ୍ଭବପର, ତାକୁ କେନ୍ଦ୍ରକରି ସେ ଏତେ ବିବ୍ରତ, ଏତେ ମୁହ୍ୟମାନ ହୋଇଥିଲେ କିପରି ? ମହାରାଣୀ ଆଶ୍ୱାସନାଭରା କଣ୍ଠରେ ମହାରାଜାଙ୍କୁ ବୁଝାଇ ଦେଲେ, ''ହୁଏତ ଆପଣଙ୍କ ପାଇଁ ବିରାଗର ଆବଶ୍ୟକତା ଥିଲା । ସ୍ଥୂଳ ଜୀବନର ଯେଉଁ ଘଟଣା ସେ ଦିଗରେ ଆପଣଙ୍କୁ ବ୍ରତୀ କଲା ତାହା ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଆପଣଙ୍କ ବୈରାଗ୍ୟ ମୋ ପାଇଁ ଆଶୀର୍ବାଦ ହୋଇଛି ।''

ବାସ୍ତବିକ ଜଣେ ଅଧ୍ୟାତ୍ମ ପିପାସୁର ଜୀବନରେ ଯାହାସବୁ ଘଟେ ତାହା ତା' ପାଇଁ ଆବଶ୍ୟକ ଥିଲା ବୋଲି ସେପରି ଘଟିଥାଏ । ସ୍ଥୂଳ ଜୀବନର ଘଟଣାବଳୀ, ଏପରିକି ବ୍ୟକ୍ତିର ଭୁଲ୍ ଭ୍ରାନ୍ତି ଓ ପଥଚ୍ୟୁତି ମଧ୍ୟ ତା'ର ଅଗ୍ରଗତିରେ ସହାୟତା କରିଥାଏ । କିନ୍ତୁ ବହୁ ପରେ ବ୍ୟକ୍ତି ଏହାର ଯଥାର୍ଥତା ବୁଝିବାକୁ ସମର୍ଥ ହୁଏ ।

ଜୀବନରେ ଘଟୁଥିବା ପ୍ରତିକୂଳ ପରିସ୍ଥିତି ସମ୍ପର୍କରେ ଦିବ୍ୟ ଜନନୀ ଶ୍ରୀମା କହିଛନ୍ତି, ''ସାନ ସାନ ଅଥବା ବଡ଼ ଉଭୟ ପ୍ରକାର ବସ୍ତୁର କ୍ଷେତ୍ରରେ ଏପରି ଘଟିଥାଏ... ତା'ପରେ ବର୍ଷ ବର୍ଷ କଟିଯାଏ, ଘଟଣାମାନ ଆପଣାକୁ ଉଦ୍‌ଘାଟିତ କରି ଆଣନ୍ତି, ତୁମର କିଛି ଅଗ୍ରଗତି ହୁଏ, ତୁମେ ଅଧିକ ସଚେତନ ହୁଅ, ଅଧିକ ଭଲ ଭାବରେ ସବୁକଥା ବୁଝିପାର ଏବଂ ସେତିକି ବେଳେ ଯେତେବେଳେ ତୁମେ ପଛକୁ ଅନାଅ ସେତେବେଳେ ଦେଖିବାକୁ ପାଅ – ପ୍ରଥମେ ଅତ୍ୟନ୍ତ ବିସ୍ମିତ ହୋଇ ଓ ତା'ପରେ ଏକ ଦରହାସ୍ୟ ସହିତ । ସେତେବେଳେ ଯେଉଁ ଘଟଣାଗୁଡ଼ିକ ବା ପରିସ୍ଥିତି ତୁମକୁ ବେଶ୍ ଅନିଷ୍ଟକାରୀ ବୋଲି ବୋଧ ହେଉଥିଲା, ତୁମର ଯେପରି ଭାବରେ ଅଗ୍ରଗତି ହେବା ଉଚିତ, ସେହି ଅଗ୍ରଗତିକୁ ସମ୍ଭବ କରାଇବାକୁ ହେଲେ ଠିକ୍ ତାହାହିଁ ତୁମ ଲାଗି ସର୍ବୋତ୍ତମ ଥିଲା; ଠିକ୍ ସେଗୁଡ଼ିକ ଘଟି ହିଁ ଏହି ଅଗ୍ରଗତିକୁ ସମ୍ଭବ କରାଇ ପାରିଲା । ତୁମ ଜୀବନରେ ଏହିପରି ଘଟଣା ବେଶ୍ କେତେଥର ଘଟିବା ପରେ ତୁମେ ଏହି କଥାଟିକୁ ବୁଝିବାକୁ ଆରମ୍ଭ କର ଯେ ମନୁଷ୍ୟର ଯାବତୀୟ ଅନ୍ଧତା ଏବଂ ପ୍ରବଞ୍ଚନାତ୍ମକ ଅଭିନୟ ସତ୍ତ୍ୱେ ସେହି ପରମ କରୁଣା ସର୍ବତ୍ର ହିଁ ସକ୍ରିୟ ହୋଇ ରହିଛି, ଯାହା ଫଳରେ ପ୍ରତ୍ୟେକ ମୁହୂର୍ତ୍ତରେ ପୃଥିବୀର ପରିସ୍ଥିତିରେ ଯାହା ସର୍ବୋତ୍ତମ କେବଳ ତାହା ହିଁ ଘଟିବାରେ ଲାଗିଛି ।''

(ମାତୃ ରଚନାବଳୀ, ଅଷ୍ଟମ ଖଣ୍ଡ)

ମହାରାଜ ଭର୍ତ୍ତୃହରି ସ୍ୱୀକାର କରିଛନ୍ତି ଯେ ସେ ଗୃହତ୍ୟାଗୀ ହୋଇ ବହୁ ଅଭିଜ୍ଞତା ଅର୍ଜନ କରିଛନ୍ତି, ସତ୍ୟର ବିଭିନ୍ନ ଝଲକ

ଦେଖିଛନ୍ତି, କିନ୍ତୁ ସତ୍ୟକୁ ଆୟତ୍ତ କରି ପାରି ନାହାନ୍ତି । ମହାରାଣୀଙ୍କ ପାଖରୁ ଆଜି ଯାହା ପାଇଲେ ତାହା ସତ୍ୟର ସାମ୍ରାଜ୍ୟ ଭିତରକୁ ତାଙ୍କର ପ୍ରବେଶିକା ପତ୍ର ସ୍ୱରୂପ । ସେ ଆଜି ଜାଣି ପାରିଛନ୍ତି ଯେ ଦୃଶ୍ୟମାନ ଘଟଣାବଳୀ-ସଂଜାତ ସିଦ୍ଧାନ୍ତ ଓ ତା'ର ବ୍ୟାଖ୍ୟା ସତ୍ୟକୁ ପ୍ରକଟ କରି ପାରନ୍ତି ନାହିଁ । ଏକ ବସ୍ତୁ ଓ ଘଟଣାର ଅନ୍ତର୍ନିହିତ ସତ୍ୟକୁ ବାହାରୁ ଜାଣି ହୁଏ ନାହିଁ । ସେଥିପାଇଁ ବସ୍ତୁ ବା ଘଟଣାର ଭିତରକୁ ପ୍ରବେଶ କରିବାକୁ ହୁଏ ।

ମହାରାଣୀଙ୍କ ସହ ପ୍ରାସାଦକୁ ଫେରିଯାଇ ଅବଶିଷ୍ଟ ଜୀବନ ସନ୍ତୋଷରେ ଅତିବାହିତ କରିବାକୁ ମହାରାଜ ଚାହିଁଛନ୍ତି । (ଏଠି ପ୍ରଶ୍ନ ହେଉଛି ଜଣେ ସତ୍ୟାନୁସନ୍ଧାନୀଙ୍କ ପକ୍ଷରେ ଏହା କ'ଣ ସମୀଚୀନ ହୋଇ ଥାଆନ୍ତା !) । ଏ ପ୍ରସ୍ତାବରେ ମହାରାଣୀ ସମ୍ମତ ହୋଇ ନାହାନ୍ତି । ପରଦିନ ଗୁରୁ ଗୋରେଖନାଥ ମହାରାଜାଙ୍କୁ ଜଣାଇଛନ୍ତି ଯେ ମହାରାଣୀ ସିନ୍ଧୁମତୀ ହିଁ ନିଜର ତପସ୍ୟାଲବ୍ଧ ବିଭୂତି ଦ୍ୱାରା ମୁମୂର୍ଷୁ ଅବସ୍ଥାରେ ଥିବା ଯୁଦ୍ଧ ଫେରନ୍ତା ମହାରାଜଙ୍କ ପ୍ରାଣରକ୍ଷା କରିଥିଲେ । ତାଙ୍କ ମୃତପ୍ରାୟ ଶରୀରରେ ଜୀବନ ପୁନର୍ବିନ୍ୟାସ କରିବାର ମୂଲ୍ୟ ସ୍ୱରୂପ ସିନ୍ଧୁମତୀଙ୍କୁ ଆପଣାର ଜୀବନ ବିସର୍ଜନ କରିବାକୁ ପଡ଼ିଛି । ମହାରାଜା ଦେଖିବାକୁ ପାଇଛନ୍ତି ସିନ୍ଧୁମତୀ ସେହି ଉଦ୍ଦେଶ୍ୟରେ ଗୁମ୍ଫା ଭିତରେ ଯୋଗ ସମାଧିରେ ଉପବିଷ୍ଟା । ସେ ଅରଣ୍ୟ ଭିତରକୁ ଛୁଟି ଯାଇ ଲୁଚାଇ ରଖିଥିବା ଅମୃତ ଫଳଟିକୁ ନେଇ ଆସିଛନ୍ତି ସିନ୍ଧୁମତୀଙ୍କୁ ଦୀର୍ଘ ଜୀବନ ଦେବା ପାଇଁ । ମାତ୍ର ହାୟ ! ସେତେବେଳକୁ ସିନ୍ଧୁମତୀଙ୍କର ଶରୀର ପ୍ରାଣଶୂନ୍ୟ । ପ୍ରାଣହୀନ ଶରୀରରେ ଅମୃତ ଫଳଟି କାର୍ଯ୍ୟକାରୀ ହେବା ସମ୍ଭବ ନଥିଲା । ସନ୍ଥ ଗୋରେଖନାଥଙ୍କ ପରାମର୍ଶ କ୍ରମେ ମହାରାଜା ଭର୍ତ୍ତୃହରି ଅମୃତ ଫଳକୁ ଅଗ୍ନିଶିଖା ମଧ୍ୟରେ ତା'ର ଉଚ୍ଚ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ତା'ପରେ ଗୋରେଖନାଥ କହିଛନ୍ତି – ''ଏ ଫଳ ଯେଉଁ ବିଭୂତିର ବାହକ ଦିନେ ସ୍ୱାଭାବିକ ଭାବରେ ସେ ବିଭୂତି ମଣିଷର ପ୍ରାପ୍ୟ ହେଉ – ତା'ର ଚେତନାଗତ ଆରୋହଣର ଉତ୍ତୁଙ୍ଗ ପର୍ଯ୍ୟାୟରେ ।'' ଅର୍ଥାତ୍ ଗୋରେଖନାଥ ଆଶା ପ୍ରକାଶ କରୁଥିଲେ, ଦିନ ଆସିବ ମଣିଷର ଚେତନା ଏତେ ଊର୍ଦ୍ଧ୍ୱକୁ ବିକଶିତ ହୋଇ ଉଠିବ ଯେ ସେ ସ୍ୱାଭାବିକ ଭାବରେ ଅମୃତତ୍ୱ ଲାଭ କରିବ । ମହାରାଜ ଭର୍ତ୍ତୃହରି ଅମୃତ ଫଳଟି ଆଡ଼େ ଅନାଇ ଯାହା ଅନୁଭବ କରୁଥିଲେ କ୍ରାନ୍ତିକାରୀ, ଯଶସ୍ୱୀ ଲେଖକ ତାକୁ ଅତ୍ୟନ୍ତ ହୃଦୟସ୍ପର୍ଶୀ ଭାଷାରେ ବର୍ଣ୍ଣନା କରିଛନ୍ତି : ''ଆଦିମ କାଳରୁ ଅବ୍ୟାହତ, ପୁରୁଷ ପୁରୁଷ ବ୍ୟାପ୍ତ ମାନବ-ଚକ୍ରର କଦବା ପ୍ରକାଶ୍ୟ, କଦବା ଅପ୍ରକାଶ୍ୟ ଆଶା ଓ ଆକାଙ୍କ୍ଷାର ପ୍ରତୀକ ଏ ଫଳ । ଜୀବନର ବୈରୀ, ପ୍ରେମର ବୈରୀ ଯେଉଁ ମୃତ୍ୟୁ, ତା' ଉପରେ ବିଜୟ ପ୍ରାପ୍ତି ଦିଗରେ ମଣିଷର ଅଧ୍ୟବସାୟ ଅନାଗତ ଭବିଷ୍ୟତରେ ଆହୁରି କେତେ ନୂଆ ଧାରାରେ ପ୍ରବାହିତ ହେବ । କିନ୍ତୁ ମଣିଷ ସେଭଳି ସିଦ୍ଧିର ଅଧିକାରୀ ହେବା ନିମନ୍ତେ କେବଳ ମାତ୍ର ଆଶା-ଆକାଙ୍କ୍ଷା, ଅଧ୍ୟବସାୟ ଯଥେଷ୍ଟ ନୁହେଁ – କ୍ରମେ ତାଙ୍କ ଚେତନାରେ ଏ ଧାରଣା ଏକ ଦୃଢ଼ ପ୍ରତ୍ୟୟର ରୂପ ନେଉଥିଲା ।''

ଏଠାରେ ଶ୍ରୀଯୁକ୍ତ ଦାସ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଦର୍ଶନର ଏକ ମୁଖ୍ୟ ଦିଗ ପ୍ରତି ଆମର ଦୃଷ୍ଟି ଆକର୍ଷଣ କରିଛନ୍ତି । ମଣିଷ ଦିନେ ମୃତ୍ୟୁ ଉପରେ ବିଜୟ ଲାଭ କରିବ ଏବଂ ତା'ର ଶରୀର ଅମରତ୍ୱ ସମେତ ଅନ୍ୟ ସମସ୍ତ ଦିବ୍ୟ ଐଶ୍ୱର୍ଯ୍ୟର ଅଧିକାରୀ ହୋଇ ପରିପୂର୍ଣ୍ଣ ହେବ । ''ସାବିତ୍ରୀ'' ମହାକାବ୍ୟରେ ଋଷି କବି ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି –

"Man shall forget consent to mortality
And his embodied frail impermanence." ...
"Even there shall come as a high crown of all
The end of Death, the death of Ignorance."

...

"A divine force shall flow through tissue and cell"

...

"A sudden bliss shall run through every limb"
(pp. 707-710)

ଅର୍ଥାତ୍,

''ମନୁଷ୍ୟ ଭୁଲିଯିବ ତା'ର ମୃତ୍ୟୁକୁ ଦେବାକୁ ସ୍ୱୀକୃତି,
ଏବଂ ଭଙ୍ଗୁର ତନୁର ନଶ୍ୱରତା ।''...
ଏପରିକି ଏସବୁର ଶ୍ରେଷ୍ଠ ପରିଣତି ରୂପେ
ମୃତ୍ୟୁ ନାଶ ହେବ, ନାଶ ହେବ ଅଜ୍ଞାନର ଭୟ ।...
ଦିବ୍ୟ ଶକ୍ତି ପ୍ରତି କୋଷ ଓ ପେଶୀରେ ପ୍ରବାହିତ ହେବ ।
ପ୍ରତି ଶ୍ୱାସ ପ୍ରଶ୍ୱାସକୁ ନିୟନ୍ତ୍ରଣ କରିବ ।...
ପ୍ରତି ଅଙ୍ଗରେ ଆନନ୍ଦ ସହସା ପ୍ରସରି ଯିବ ।''

*

''ଅମୃତ ଫଳ'' ମଧ୍ୟରେ ନିହିତ ଏ ଶାଶ୍ୱତ ସନ୍ଦେଶ ଆଜିର ମଣିଷକୁ ଅମାନୁଷିକତାରୁ ଅତିମାନସିକତାକୁ ଘେନିଯାଉ – ଏତିକି ବିଶ୍ୱଜନନୀଙ୍କୁ ପ୍ରାର୍ଥନା ।

# ମରମୀ ସାଧକ ମନୋଜ ଦାସ

ଆତ୍ମୀୟତାର ଅଫୁରନ୍ତ ପ୍ରବାହ ମନୋଜ ଦାସ; ଅଗ୍ରଜ ପ୍ରତିମ ଉପଦେଷ୍ଟା, ପଥ ପ୍ରଦର୍ଶକ ମନୋଜ ଦାସ; କାଳଜୟୀ ସାହିତ୍ୟର ସୃଜନ ଶିଳ୍ପୀ, ବାଗ୍ମୀ ପ୍ରଜ୍ଞାବାନ୍ ବକ୍ତା, ଉତ୍କଳ ଜନନୀଙ୍କର ବିଶେଷ ଆଶୀର୍ବାଦ ପ୍ରାପ୍ତ, ପୂର୍ଣ୍ଣଯୋଗର ଅଗ୍ରଣୀ ସାଧକ ମନୋଜ ଦାସ । ବାସ୍ତବିକ୍, ତାଙ୍କର ବହୁମୁଖୀ ପ୍ରତିଭାକୁ ଶବ୍ଦରେ ରୂପ ଦେବା ଏକ ଦୂରନ୍ତ ପ୍ରୟାସ । ସେ ନିଜେ ହିଁ ନିଜର ପରିଚୟ ।

ତାଙ୍କ ଜୀବନୀକୁ ତାଙ୍କରି ରଚନା ମାଧ୍ୟମରେ ନିବିଡ଼ ଭାବେ ଅନୁଧ୍ୟାନ କଲେ ମନେହୁଏ ଶୈଶବର ଚପଳତା ଭିତରେ ସେ ଜୀବନର କେତେ ନୂଆ ନୂଆ ପ୍ରତିଭାର ସଂଧାନ କରିଛନ୍ତି । ତାଙ୍କ ପରିବାର, ପରିବେଶ ତଥା ତାଙ୍କର ପଲ୍ଲୀକୁ ପରିବେଷ୍ଟନ କରି ରହିଥିବା ଅପରୂପ ପ୍ରକୃତି ତାଙ୍କର ସହାୟତା କରିଛି । କୈଶୋରର ପାଦଦେଶରେ ମୁକୁଳିତ ଓ ବିକଶିତ ହୋଇଉଠିଛି ତାଙ୍କର ସୃଜନାତ୍ମକ ସାହିତ୍ୟ ପ୍ରତିଭା । ପରବର୍ତ୍ତୀ ସମୟରେ ସାମ୍ୟବାଦରେ ଅଭିମନ୍ତ୍ରିତ ଯୁବନେତା, ଅଧ୍ୟୟନର ପରିସମାପ୍ତି ପରେ ଇଂରାଜୀ ଅଧ୍ୟାପନାର ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି କିଛି ସମୟ ଧରି । ତେବେ କିଛି ବର୍ଷ ବ୍ୟବଧାନରେ ରାଜନୈତିକ, ସାମାଜିକ, ପାରିବାରିକ ସମସ୍ତ ଦାୟିତ୍ୱରେ ପୂର୍ଣ୍ଣଚ୍ଛେଦ ଟାଣି ମାତ୍ର ୨୯ ବର୍ଷ ବୟସରେ ଦିବ୍ୟ ଜନନୀ ଶ୍ରୀମାଙ୍କର ଅତୀନ୍ଦ୍ରିୟ ଅଧ୍ୟାତ୍ମ ଆକର୍ଷଣରେ ସେ ସାଧନା ଜୀବନରେ ବ୍ରତୀ ହୋଇଛନ୍ତି, ଯୋଗ ଦେଇଛନ୍ତି ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀରେ ।

ଆଶ୍ରମର ଅନ୍ତେବାସୀ ଭାବରେ ଯୋଗ ଦେବା ପରେ ମୁଁ ସାନ୍ଧ୍ୟ ଅଧିବେଶନମାନଙ୍କରେ ମନୋଜ ଦାସଙ୍କ ପ୍ରଦତ୍ତ ଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନ ଭିତ୍ତିକ ଆଲୋଚନାରେ ଯୋଗ ଦେବାର ସୁଯୋଗ ପାଇଥିଲି । ବିଶେଷ କରି ୧୯୯୭ ମସିହାରୁ ଦୀର୍ଘ ଅନେକ ବର୍ଷ ଧରି ଶ୍ରୀଅରବିନ୍ଦଙ୍କର ମହାର୍ଘ ମୂଳ ଗ୍ରନ୍ଥଗୁଡ଼ିକ ଉପରେ ତାଙ୍କର ଆଲୋଚନା ଓ ବ୍ୟାଖ୍ୟା ଦ୍ୱାରା ଅନେକ ଉପକୃତ ହୋଇଛି । ସପ୍ତାହରେ ତିନି ଦିନ, ଭିନ୍ନ ଭିନ୍ନ ତିନିଟି ଭାଷା – ଓଡ଼ିଆ, ବଙ୍ଗଳା ଓ ଇଂରାଜୀରେ ସେ ତାଙ୍କର ବକ୍ତବ୍ୟ ପ୍ରକାଶ କରୁଥିଲେ । ଅନେକ ଆଶ୍ରମବାସୀ ତଥା ଦର୍ଶନାର୍ଥୀମାନଙ୍କର ସମାଗମ ହେଉଥିଲା ସେହି କ୍ଲାସମାନଙ୍କରେ । ଏହା ଥିଲା ଆମ ସମସ୍ତଙ୍କ ପାଇଁ ଏକ ବିରଳ ସୁଯୋଗ । ଆଶ୍ରମରେ ଦର୍ଶନ ଦିବସ ଅଥବା ବିଶେଷ ଦିବସମାନଙ୍କରେ ତାଙ୍କର ପ୍ରଜ୍ଞାଶାଣିତ ଓଜସ୍ୱିନୀ ବକ୍ତବ୍ୟ ଶୁଣିବାର ସୁଯୋଗ ପାଉଥିଲୁ । ମାତ୍ର ବ୍ୟକ୍ତିଗତ ଭାବରେ ତାଙ୍କର ନିକଟ ସାନ୍ନିଧ ଲାଭ କରିବାର ସୁଯୋଗ ପାଇଲି ନବଜ୍ୟୋତି କାର୍ଯ୍ୟାଳୟର ପରିଚାଳନା ଦାୟିତ୍ୱ ନେବା ପରେ । ନବଜ୍ୟୋତି ପ୍ରକାଶନ ବିଭାଗ ପାଇଁ ତଥା କାର୍ଯ୍ୟାଳୟ କିଂବା ଏଥିସହ ସଂପୃକ୍ତ ଅତିଥିଶାଳାରେ କୌଣସି ସମସ୍ୟା ଦେଖା ଦେଲେ ସମାଧାନ ପାଇଁ ତାଙ୍କର ଉପଦେଶ ତଥା ସାହାଯ୍ୟ ଲୋଡୁଥିଲି । ତାଙ୍କର ଅକୁଣ୍ଠ ଆନ୍ତରିକ ସାହାଯ୍ୟ ଓ ସହଯୋଗ ଅନେକ କ୍ଷେତ୍ରରେ ସମସ୍ୟାର ଭାର ଲଘୁ କରି ଦେଉଥିଲା ଅଥବା ମାର୍ଗ ଦର୍ଶନ କରିଦେଉ ଥିଲା ସମସ୍ୟାଟିକୁ ଭିନ୍ନ ଦିଗରୁ ବିଚାର କରିବା ପାଇଁ ।

ଆଶ୍ରମର ଟ୍ରଷ୍ଟ ପ୍ରତି ତାଙ୍କର ଥିଲା ସର୍ତ୍ତବିହୀନ ଆନୁଗତ୍ୟ । ତାଙ୍କର ବକ୍ତବ୍ୟ ଥିଲା ଆମେ ଆଶ୍ରମର ଅନ୍ତେବାସୀ ହେଉ ଅଥବା ଓଡ଼ିଶାର ମାତୃଭକ୍ତ ହେଉ – ଶ୍ରୀଅରବିନ୍ଦ ଆଶ୍ରମର ସଂପୃକ୍ତି ଥିବା ଯେକୌଣସି କାର୍ଯ୍ୟରେ ଆଶ୍ରମ ଟ୍ରଷ୍ଟର ସିଦ୍ଧାନ୍ତ ହିଁ ଚୂଡାନ୍ତ ହେବା ଚାହି ।

ନବଜ୍ୟୋତି ପ୍ରକାଶନ ବିଭାଗ ପାଇଁ ତାଙ୍କର ଭୂମିକା ଥିଲା ଅତୁଳନୀୟ । ଏହାର ପରିଚାଳନାରେ ସେ ଥିଲେ ଜଣେ ସକ୍ରିୟ ସଭ୍ୟ ତଥା ଅପରିହାର୍ଯ୍ୟ ଉପଦେଷ୍ଟା । ଅଧିକାଂଶ ପୁସ୍ତକର 'ପ୍ରକାଶକଙ୍କ ଟିପ୍ପଣୀ' ସେ ଅକୁଣ୍ଠିତ ଚିତ୍ତରେ ଲେଖି ଦେଉଥିଲେ, କେତେକ ପୁସ୍ତକର ଶିରୋନାମା ନିର୍ବାଚନ ମଧ୍ୟ ତାଙ୍କ ଦ୍ୱାରା ସଂଗଠିତ ହୋଇଛି । କେବଳ ସେତିକି ନୁହେଁ, ଏହି ପ୍ରକାଶନ ଆନୁକୂଲ୍ୟରେ ପ୍ରକାଶିତ ମାସିକ ପତ୍ରିକା ନବପ୍ରକାଶ ତଥା ତ୍ରୈମାସିକ ପତ୍ରିକା ନବଜ୍ୟୋତି ନିୟମିତ ଭାବରେ ତାଙ୍କର ସୃଜନାତ୍ମକ ସାହିତ୍ୟର ସ୍ୱାକ୍ଷର ବହନ କରି ଗୌରବାନ୍ୱିତ ହୋଇଛନ୍ତି । ପତ୍ରିକାରେ ପ୍ରକାଶିତ ତାଙ୍କର କେତେକ ଧାରାବାହିକ ପରେ ପୁସ୍ତକାକାରରେ ପ୍ରକାଶିତ ହୋଇ ପାଠକମାନଙ୍କର ଶ୍ରଦ୍ଧା ଓ ସ୍ୱୀକୃତି ଲାଭ କରିଛି । 'ପ୍ରଜ୍ଞା ପ୍ରଦୀପିକା', 'ଶ୍ରୀକୃଷ୍ଣ କାହାଣୀ', 'ଚେତନାର ଦିଗ୍‌ବଳୟ' ପ୍ରମୁଖ ପୁସ୍ତକ ସେ ମଧ୍ୟରୁ ଅନ୍ୟତମ । ନବପ୍ରକାଶରେ ବିଗତ କେତେ ବର୍ଷ ଧରି ପ୍ରକାଶ ପାଉଥିବା ତାଙ୍କର ରଚନା 'ଶ୍ରୀଅରବିନ୍ଦ, ମହାଯୋଗୀଙ୍କ ଜୀବନ ଏବଂ ଯୁଗ' ନିକଟ ଭବିଷ୍ୟତରେ ପୁସ୍ତକ ଭାବେ ପ୍ରକାଶିତ ହେବାକୁ ଯାଉଛି ।

ଅବିରତ କର୍ମରତ ନିରଳସ ସାହିତ୍ୟ ସାଧକ ମନୋଜ ଦାସ । ନିଜର ସାହିତ୍ୟ ସର୍ଜନା ସହ କେତେକ ପତ୍ର-ପତ୍ରିକାରେ ନିୟମିତ ଭାବେ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଲେଖାମାନ ପଠାଇବା ଦାୟିତ୍ୱ ମଧ୍ୟ ସେ ତୁଲାଉ ଥିଲେ । ଏସବୁ ଭିତରେ ତାଙ୍କର ବାସଭବନରେ ଲାଗି ରହିଥିଲା ଦର୍ଶନାର୍ଥୀମାନଙ୍କର ଭିଡ଼ । ଅନେକ ସମୟରେ ଦେଶ-ବିଦେଶରୁ ଆଗତ ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ, ସାହିତ୍ୟପ୍ରେମୀ ଏପରିକି ତରୁଣ ପିଢ଼ିର ବ୍ୟକ୍ତିମାନେ ଆଶ୍ରମ ପରିଦର୍ଶନରେ ଆସିଲେ ମହାସମାଧିର ଦର୍ଶନ ପରେ ଥରେ ମନୋଜ ଦାସଙ୍କର ସାକ୍ଷାତ୍ ତଥା ସାନ୍ନିଧ୍ୟ ପାଇଁ ଇଚ୍ଛା ପ୍ରକାଶ କରୁଥିଲେ । ସେମାନଙ୍କ ମଧ୍ୟରୁ କେହି କେହି ନବାଗତ ବ୍ୟକ୍ତିଗତ ଭାବେ ସାହାଯ୍ୟ ମଧ୍ୟ ଲୋଡୁଥିଲେ । ଫୋନ୍ ଯୋଗେ ମନୋଜ ବାବୁଙ୍କ ସ୍ୱୀକୃତି ପାଇଲା ପରେ ନିର୍ଦ୍ଧାରିତ ସମୟରେ ସେମାନଙ୍କୁ ଧରି କେତେ ଥର ମୁଁ ତାଙ୍କର ବାସଭବନରେ ପହଞ୍ଚି ଯାଇଛି । ସମସ୍ତଙ୍କ ପାଇଁ ତାଙ୍କର ସେଇ ସମାନ ଉଚ୍ଛ୍ୱାସଭରା ସ୍ୱାଗତ ସମ୍ଭାଷଣ । କେତେକ ଚାହାନ୍ତି ତାଙ୍କ ସହ ଫଟୋଗ୍ରାଫ୍‌ଟିଏ, ଆଉ କିଛି ଉତ୍ସୁକତା ସହ ତାଙ୍କ ରଚିତ ପୁସ୍ତକଟିଏ ଧରି ଆସିଥା'ନ୍ତି ଅଟୋଗ୍ରାଫ୍ ପାଇଁ । ସବୁଥିରେ ଥାଏ ତାଙ୍କର ସ୍ମିତହାସ୍ୟ ସହ ସଦୟ ସ୍ୱୀକୃତି । ବିଶେଷ କରି ଯୁବପିଢ଼ି ପ୍ରତି ତାଙ୍କର ସ୍ୱତନ୍ତ୍ର ଶ୍ରଦ୍ଧା ସ୍ୱତଃ ବାରି ହୋଇପଡ଼େ ।

ତାଙ୍କ ସାହିତ୍ୟର ବିକଳ୍ପ ନାହିଁ । ଶବ୍ଦର ସୌଦାଗର ସେ । ପ୍ରଚଳିତ ଶବ୍ଦ ସହ ନୂତନ ନୂତନ ଶବ୍ଦ ସୃଜିବାରେ ସେ ଥିଲେ ସିଦ୍ଧହସ୍ତ । ଶ୍ରୀଅରବିନ୍ଦଙ୍କ ମହାକାବ୍ୟ 'ସାବିତ୍ରୀ'ର ଅନୁବାଦକୁ ସେ ଏକ ବ୍ରତ, ଏକ ସଂକଳ୍ପ ତଥା ଗୂଢ଼ତର ସାଧନା ଭାବେ ବରି ନେଇଥିଲେ । ଧରି ନେଇଥିଲେ ଏକ ଦୁଃସାହସିକ କାର୍ଯ୍ୟ ବୋଲି । ଦୀର୍ଘ ଦିନର ପ୍ରୟାସ ପରେ ସେ ସମ୍ପୂର୍ଣ୍ଣ କାବ୍ୟଟିକୁ ଅନୁବାଦ କଲେ । ମାତ୍ର ପ୍ରଥମ ଖଣ୍ଡର ପ୍ରସ୍ତୁତି ପରେ ତାଙ୍କର ସ୍ୱକ୍ଷୋକ୍ତି ଥିଲା ମାନବିକ ସାମର୍ଥ୍ୟ ଭିତରେ 'ସାବିତ୍ରୀ'ର ଅନୁବାଦ ସମ୍ପୂର୍ଣ୍ଣ ଅସମ୍ଭବ – ଏହା ହିଁ ତାଙ୍କର ସ୍ୱତନ୍ତ୍ର ଉପଲବ୍ଧି ।

ସେ ଯାହା ହେଉ 'ସାବିତ୍ରୀ'ର ପ୍ରଥମ ଖଣ୍ଡର କାର୍ଯ୍ୟ ସମାପ୍ତ ହୋଇ ମୁଦ୍ରଣ ପାଇଁ ପ୍ରସ୍ତୁତ ହୋଇ ରହିଛି । ଜୀବନର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ତା'ର ସଂଶୋଧନ କାର୍ଯ୍ୟ ଜାରି ରଖିଥିଲେ । ତାଙ୍କ ଅନୁଦିତ ଦ୍ୱିତୀୟ ଓ ତୃତୀୟ ଖଣ୍ଡ ମଧ୍ୟ ନବଜ୍ୟୋତି ପ୍ରକାଶନ ତରଫରୁ କମ୍ପ୍ୟୁଟରରେ ମୁଦ୍ରଣ ହୋଇ ସଂଶୋଧନ ପାଇଁ ପ୍ରସ୍ତୁତ ହୋଇ ସାରିଛି । କ୍ଷୋଭର ବିଷୟ ମନୋଜ ବାବୁ ସେ ଦୁଇ ଖଣ୍ଡର ଅନୁବାଦକୁ ପୁନର୍ବାର ତନଖି ଦେଖିବା ବା ସଂଶୋଧନ କରିବାର ସୁଯୋଗ ପାଇ ନାହାନ୍ତି ।

ଏଇ ପରିପ୍ରେକ୍ଷୀରେ ମନେପଡ଼େ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ରଚିତ ମନୋଜ ଦାସଙ୍କ ପ୍ରବନ୍ଧ 'କିଂବଦନ୍ତିରେ ଚକାଡୋଳା'ର କେତୋଟି ଧାଡ଼ି, ''ମଣିଷର ବିକାଶ ଅସମ୍ପୂର୍ଣ୍ଣ, ତେଣୁ ତା'ର ଆରାଧ୍ୟଙ୍କ ରୂପ ମଧ୍ୟ ଅସମ୍ପୂର୍ଣ୍ଣ । ହୋଇପାରେ, ରାଣୀ ଗୁଣ୍ଡିଚାଙ୍କ ଅଧୈର୍ଯ୍ୟ ଓ ଅବିଶ୍ୱାସ ମଣିଷର ଚେତନାର ଅବସ୍ଥାକୁ ସୂଚାଉଛି । ଚେତନାର ସେହି ଦୁର୍ବଳତା ଯୋଗୁଁ ଭଗବାନ୍ ପୂର୍ଣ୍ଣ ରୂପେ ମଣିଷ ଆଗରେ ପ୍ରକାଶିତ ହୋଇପାରି ନାହାନ୍ତି ।

''ମାତ୍ର କିଏ କହିବ ସେ ଅସମ୍ପୂର୍ଣ୍ଣ ବୋଲି ! କିଏ ତାଙ୍କୁ ଅନାଇ ଦେଖେ କିଶୋର ଶ୍ରୀକୃଷ୍ଣଙ୍କୁ ତ କିଏ ଶ୍ରୀରାମଚନ୍ଦ୍ରଙ୍କୁ ... କିଏ ତହିଁ ଅନୁଭବ କରେ ଅରୂପ ବ୍ରହ୍ମ ତ କିଏ ଦେଖେ ବୁଦ୍ଧଙ୍କ ବିଭୂତି ।''

ବାସ୍ତବିକ୍ ଆମ ଅଧାଗଢ଼ା ଦିଅଁ ଚକାଡୋଳାଙ୍କ ସହ ଆମର କେତେ ଅନ୍ତରଙ୍ଗ ସମ୍ପର୍କ ! ତାକୁ ତ ଅସ୍ୱୀକାର କରି ହେବନି । ସେଇ ଦୃଷ୍ଟିରୁ ବିଚାର କଲେ, ରୂପାନ୍ତର ଯୋଗର ଦ୍ରଷ୍ଟା ଆଉ ସ୍ରଷ୍ଟା ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ରଚିତ 'ସାବିତ୍ରୀ'ର ମନ୍ତ୍ରମୟୀ ସ୍ପର୍ଶ ଯେଉଁଠି ଥିବ ତାହା ଯେଉଁ ଭାଷାରେ ଅନୂଦିତ ହେଉ ଆମ ହୃଦୟକୁ ଛୁଇଁବ ନିଶ୍ଚୟ – ଆଲୋଡ଼ିତ କରିବ ଆମ ଆନ୍ତର ସତ୍ତାକୁ ।

ପରିଶେଷରେ ଆମେ ମନୋଜ ଦାସଙ୍କର ସମ୍ମୋହନୀ ବ୍ୟକ୍ତିତ୍ୱର ସାରବତ୍ତାକୁ ଉପଲବ୍ଧି କରିବାକୁ ଚେଷ୍ଟା କରିବା, ତାଙ୍କର ସୃଜନଶୀଳ ରଚନାର ଅନ୍ତଃସ୍ୱରକୁ ସ୍ପର୍ଶ କରିବାରେ ପ୍ରୟାସୀ ହେବା – ଯେଉଁଠି ସେ ନ ଥିବେ କି ଆମେ ବି ନ ଥିବା, କେବଳ ଦିବ୍ୟ ଜନନୀଙ୍କର ଅମାପ ଐଶ୍ୱର୍ଯ୍ୟରେ ସିକ୍ତ ହୋଇ ରହିଥିବ ଆମର ନୈର୍ବ୍ୟକ୍ତିକ କାଳାତୀତ ଚେତନା; କେତେ ଭାଙ୍ଗିବା ଓ ଗଢ଼ିବା ଭିତର ଦେଇ ସେ ଆମକୁ ପଥ କଢ଼ାଇ ନେଉଥିବେ ଚେତନାର ଉତ୍ତୋଳନ ଦିଗରେ, ଆତ୍ମ-ଉପଲବ୍ଧିର ସୌରଦୀପ୍ତ ପଥରେ ।

ଉପସ୍ଥାପନା : **ଜୟନ୍ତୀ ତ୍ରିପାଠୀ**

ସାଧନା-ପରମ୍ପରା :

# ଅଶ୍ୱଘୋଷଙ୍କ ବୁଦ୍ଧଚରିତ
## (୭)

[ସଂସ୍କୃତ ଭାଷାରେ ରଚିତ ଅଶ୍ୱଘୋଷଙ୍କ କାବ୍ୟ **'ବୁଦ୍ଧ ଚରିତ'** ପୃଥିବୀର ବିଭିନ୍ନ ଭାଷାରେ ଅନୂଦିତ ହୋଇ ବହୁ ପ୍ରସିଦ୍ଧି ଲାଭ କରିଛି । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ଅଶ୍ୱଘୋଷ ଜୀବିତ ଥିଲେ । ସେ ସାକେତର ଏକ ବ୍ରାହ୍ମଣ ବଂଶରେ ଜନ୍ମ ଗ୍ରହଣ କରି ବ୍ରାହ୍ମଣ୍ୟ ଶାସ୍ତ୍ରରେ ଅସାଧାରଣ ପାଣ୍ଡିତ୍ୟ ଲାଭ କରିଥିଲେ ଓ ପରେ ବୌଦ୍ଧ ହୋଇ ଯାଇଥିଲେ । ତାଙ୍କର ଏହି କାବ୍ୟ ୪୧୪-୪୨୧ ଖ୍ରୀଷ୍ଟାବ୍ଦରେ ଚୀନ୍ ଭାଷାରେ ଅନୂଦିତ ହୋଇଥିଲା । ପରେ ତିବ୍‌ବତ, ଜାପାନ ଓ ଇଉରୋପର ବିଭିନ୍ନ ଭାଷାରେ ଅନୂଦିତ ହୋଇ ଇଉରୋପୀୟ ପଣ୍ଡିତସମାଜରେ ବହୁ ସମାଦର ଲାଭ କରିଥିଲା । ଏପରିକି ଅନେକେ ଏହି କାବ୍ୟକୁ କାଳିଦାସଙ୍କ କାବ୍ୟର ସମପର୍ଯ୍ୟାୟର ବୋଲି ମନେ କରନ୍ତି ।

'ନବଜ୍ୟୋତି'ର ଗତ ସଂଖ୍ୟାରେ ଅଷ୍ଟମ ସର୍ଗ 'ଅନ୍ତଃପୁର ବିଳାପ' ଓ ନବମ ସର୍ଗ 'କୁମାର ଅନ୍ୱେଷଣ'ର ସଂକ୍ଷିପ୍ତ ଅନୁବାଦ ଦିଆଯାଇଥିଲା । ଏଥରକ ବୁଦ୍ଧଚରିତ ମହାକାବ୍ୟର ଦଶମ ସର୍ଗ 'ବିମ୍ବିସାରଙ୍କ ଆଗମନ' ଓ ଏକାଦଶ ସର୍ଗ 'ବିଷୟବାସନାର ନିନ୍ଦା'ରୁ କେତେକ ଅଂଶର ସଂକ୍ଷିପ୍ତ ଅନୁବାଦ ଦିଆଗଲା । — ସଂପାଦକ]

### ଦଶମ ସର୍ଗ

ସେହି ବିଶାଳବକ୍ଷ ରାଜପୁତ୍ର ପୁରୋହିତ ଓ ମନ୍ତ୍ରୀଙ୍କୁ ତ୍ୟାଗ କରି ତରଙ୍ଗମାଳିନୀ ଗଙ୍ଗାନଦୀକୁ ପାର ହୋଇ ସୁନ୍ଦର ହର୍ମ୍ୟମାଳା ବିଶିଷ୍ଟ, ପାଞ୍ଚଟି ପର୍ବତର କ୍ରୋଡ଼ରେ ଅବସ୍ଥିତ ରାଜଗୃହ ନଗରରେ ପ୍ରବେଶ କଲେ । ଦୃଢ଼ବ୍ରତ ଶିବଙ୍କ ଭଳି ତାଙ୍କର ଅତିମାନବ ଗାମ୍ଭୀର୍ଯ୍ୟ, ତେଜ ଓ ଦେଦୀପ୍ୟମାନ ରୂପ ଦେଖି ରାଜଗୃହର ଲୋକମାନେ ବିସ୍ମିତ ହେଲେ । ନଗରର ପୁରୁଷ ଓ ସ୍ତ୍ରୀମାନେ ସେହି ଦେବତୁଲ୍ୟ ରାଜପୁତ୍ରଙ୍କୁ ଅତ୍ୟନ୍ତ ଆଦର ସହକାରେ ଚାହିଁ ରହିଲେ । ତାଙ୍କର ଭ୍ରୂଲତା, ଲଲାଟ, ମୁଖ, ଚକ୍ଷୁ, ଦେହ, ହସ୍ତ, ପଦ— ଯେଉଁଠି ଯାହାର ଦୃଷ୍ଟି ପଡ଼ିଲା, ସେଇଠି ଦୃଷ୍ଟି ଅଟକି ରହିଲା । ସୁନ୍ଦର ଭ୍ରୂଲତା, ବିଶାଳ ନୟନ, ତେଜୋମୟ ଶରୀର ଅଥଚ ଭିକ୍ଷୁବେଶଧାରୀ । ତାଙ୍କୁ ଦେଖି କେହି ଦୁଇହାତ ପ୍ରସାର କରି ତାଙ୍କୁ ସ୍ୱାଗତ ଜଣାଇଲେ, କେହି ମୁଣ୍ଡ ଲଗାଇ ପ୍ରଣାମ କଲେ, କେହି ବା ମଧୁର କଥା କହି ଅଭିନନ୍ଦନ ଜଣାଇଲେ । ତାଙ୍କୁ ଅଭ୍ୟର୍ଥନା ନ କରି କେହି ଜଣେ ହେଲେ ଚାଲିଗଲେ ନାହିଁ ।

ମଗଧ ରାଜ୍ୟର ରାଜା ବିମ୍ବିସାର ନିଜ ପ୍ରାସାଦର ଉପର ମହଲାରୁ ବିଶାଳ ଜନସମୁଦ୍ର ଦେଖି ତାହାର କାରଣ ପଚାରିବାରୁ ଜଣେ ରାଜକର୍ମଚାରୀ କହିଲେ, ''ବିପ୍ରମାନେ ଯାହାଙ୍କ ସଂପର୍କରେ କହିଥିଲେ, ଏ ପରମଜ୍ଞାନ ଲାଭ କରିବେ କିଂବା ପୃଥିବୀର ଲକ୍ଷ୍ମୀ ଲାଭ କରିବେ ସେହି ଶାକ୍ୟ ରାଜପୁତ୍ର ସନ୍ନ୍ୟାସୀ ହୋଇ ଆସିଛନ୍ତି । ତାଙ୍କର ଦର୍ଶନ ପାଇଁ ଏହି ଜନଗହଳି ।'' ଏହା ଭିତରେ ଭିକ୍ଷୁଶ୍ରେଷ୍ଠ ସିଦ୍ଧାର୍ଥ ଭିକ୍ଷା ଗ୍ରହଣ କରି ପର୍ବତର ଏକ ଝରଣା ନିକଟରେ ନିଜର ଭୋଜନ ସମାପନ କରି 'ପାଣ୍ଡବ' ପର୍ବତ ଉପରକୁ ଆରୋହଣ କଲେ । ଉଦୟ ପର୍ବତ ଉପରେ ବାଳସୂର୍ଯ୍ୟଙ୍କ ପରି, ଗୈରିକ ବସ୍ତ୍ରପରିହିତ ରାଜପୁତ୍ର ସିଦ୍ଧାର୍ଥ 'ପାଣ୍ଡବ' ପର୍ବତ ଉପରେ ଶୋଭା ପାଇଲେ । ସେଠାରେ ଥିବା ନିବିଡ଼ ଲୋଧ୍ରବୃକ୍ଷର ବନ ମୟୂରରବରେ ନିନାଦିତ ହେଉଥିଲା । ରାଜପୁତ୍ରଙ୍କୁ ଦେଖିବା ପାଇଁ ରାଜା ବିମ୍ବିସାର ସିଂହ ପରି ମସ୍ତକର କେଶ ହଲାଇ ପର୍ବତ ଉପରକୁ ଆରୋହଣ କଲେ । ସେ ଦେଖିଲେ ପର୍ବତ ଉପରେ ଜିତେନ୍ଦ୍ରିୟ ବୋଧିସତ୍ତ୍ୱ ଆସନରେ ବସି ପର୍ବତର ଶୃଙ୍ଗ ଭଳି ଏବଂ ମେଘପୁଞ୍ଜ ଭିତରୁ ଉଇଁ ଆସୁଥିବା ଚନ୍ଦ୍ର ଭଳି ଶୋଭା ପାଉଛନ୍ତି । ରୂପ ଶୋଭା ଓ ଶାନ୍ତ ସ୍ୱଭାବରେ ସ୍ୱୟଂ ମୂର୍ତ୍ତିମନ୍ତ ଧର୍ମ ଭଳି ପ୍ରତୀୟମାନ ହେଉଥିବା ଉପବିଷ୍ଟ ରାଜକୁମାରଙ୍କ ନିକଟକୁ, ବ୍ରହ୍ମାଙ୍କ ନିକଟକୁ ଇନ୍ଦ୍ର ଗଲା ପରି, ରାଜା ବିମ୍ବିସାର ବିସ୍ମୟ ଓ ସଂଭ୍ରମର ସହିତ ଅଗ୍ରସର ହେଲେ ।

### ରାଜକୁମାରଙ୍କୁ ବିମ୍ବିସାରଙ୍କ ଅନୁରୋଧ

ରାଜା ବିମ୍ବିସାର ହସ୍ତିକର୍ଣ୍ଣ ସଦୃଶ ନୀଳ ବର୍ଣ୍ଣର ଏକ ପଥର ଉପରେ ବସି କୁମାର ସିଦ୍ଧାର୍ଥଙ୍କୁ କହିଲେ, ''ଆପଣଙ୍କର

ମହାନ୍ କୁଳ ସୂର୍ଯ୍ୟଙ୍କଠାରୁ ସମ୍ଭୂତ । ଆପଣଙ୍କର ଯୌବନ ବୟସ, ଉଜ୍ଜ୍ୱଳ ଶରୀର । ତେବେ ଆପଣଙ୍କ ମନ କାହିଁକି ରାଜକାର୍ଯ୍ୟରେ ନ ଲାଗି ଭିକ୍ଷାବୃତ୍ତିରେ ଲାଗିଛି ? ଆପଣଙ୍କ ଶରୀର ଲୋହିତ ଚନ୍ଦନଲିପ୍ତ ହେବା ପାଇଁ ଉପଯୁକ୍ତ, ଗୈରିକ ବସ୍ତ୍ର ପରିଧାନ ପାଇଁ ନୁହେଁ । ଆପଣଙ୍କ ଏହି ହସ୍ତ ପ୍ରଜାପାଳନ ପାଇଁ ଉପଯୁକ୍ତ, ପରଦତ୍ତ ଅନ୍ନ ଗ୍ରହଣ ପାଇଁ ନୁହେଁ । ଆପଣ ଯଦି ପିତାଙ୍କ ପ୍ରତି ଭକ୍ତିମାନ୍ ଓ ତାଙ୍କ ରାଜ୍ୟକୁ ବଳପୂର୍ବକ ଗ୍ରହଣ କରିବାକୁ ବା ତାଙ୍କ ଅନ୍ତେ ରାଜ୍ୟଲାଭ ପାଇଁ ଅପେକ୍ଷା କରିବାକୁ ଚାହୁଁ ନାହାନ୍ତି ତେବେ ମୋ ରାଜ୍ୟରୁ ଅଧେ ଭୋଗ କରନ୍ତୁ । କିଂବା ଯଦି କୁଳାଭିମାନ ଯୋଗୁଁ ମୋଠାରୁ ରାଜ୍ୟ ଗ୍ରହଣ କରିବାକୁ ଅନିଚ୍ଛୁକ ତେବେ ମୋର ସାହାଯ୍ୟ ନେଇ ଶତ୍ରୁମାନଙ୍କୁ ପରାସ୍ତ କରି ପରରାଜ୍ୟ ଜୟ କରନ୍ତୁ । ଆପଣ ଧର୍ମ, ଅର୍ଥ ଓ କାମ – ଏହି ତ୍ରିବର୍ଗ ସେବନ କରି ନିଜର ଏହି ରୂପକୁ ସଫଳ କରନ୍ତୁ । ଏହା ହିଁ ହେଉଛି ମନୁଷ୍ୟର ପୂର୍ଣ୍ଣାଙ୍ଗ ପୁରୁଷାର୍ଥ । ଆପଣଙ୍କର ଏହି ବିଶାଳ ବାହୁଦ୍ୱୟ ମାନ୍ଧାତାଙ୍କ ବାହୁ ପରି ତ୍ରିଭୁବନକୁ ମଧ୍ୟ ଜିଣିବା ପାଇଁ ସମର୍ଥ, ପୃଥିବୀ ଜିଣିବା ଏହା ପକ୍ଷରେ କେତେ ମାତ୍ର ! ମୁଁ ଆପଣଙ୍କ ପ୍ରତି ସ୍ନେହବଶତଃ ଏହା କହୁଛି, ଐଶ୍ୱର୍ଯ୍ୟ ପ୍ରତି ଆସକ୍ତି ବା ସ୍ୱାଭିମାନବଶତଃ ନୁହେଁ । ଆପଣଙ୍କର ଏହି ଭିକ୍ଷୁବେଶ ମୋତେ ବିଚଳିତ କରୁଛି ଓ ଆଖିରେ ଅଶ୍ରୁ ଆସୁଛି ।

''ହେ ସ୍ୱ-ବଂଶଗୌରବ ! ଆପଣଙ୍କ ରୂପକୁ ଜୀର୍ଣ୍ଣ କରିବାକୁ ଯେପର୍ଯ୍ୟନ୍ତ ବୃଦ୍ଧାବସ୍ଥା ନ ଆସିଛି, ସେପର୍ଯ୍ୟନ୍ତ ହେ ସନ୍ନ୍ୟାସଧର୍ମ ଅଭିଳାଷି ! ଆପଣ ସାଂସାରିକ ବିଷୟ ବାସନା ଭୋଗ କରନ୍ତୁ । ହେ ଧର୍ମପ୍ରିୟ ! ଆପଣ ଯଥାସମୟରେ ଧର୍ମ ଗ୍ରହଣ କରନ୍ତୁ । ବୃଦ୍ଧ ବ୍ୟକ୍ତି ଧର୍ମ ଲାଭ କରିପାରେ, କାରଣ ବୃଦ୍ଧାବସ୍ଥାରେ କାମ ଉପଭୋଗ କରାଯାଇପାରେ ନାହିଁ । ତେଣୁ ଯୁବା ନିମନ୍ତେ କାମ, ମଧ୍ୟବୟସ୍କ ନିମନ୍ତେ ଧନ ଏବଂ ବୃଦ୍ଧ ନିମନ୍ତେ ଧର୍ମ ଉପଯୁକ୍ତ ବୋଲି କୁହାଯାଏ । ବୃଦ୍ଧାବସ୍ଥାରେ ଲୋକ ବିଚାର-ସଂପନ୍ନ, ଧୈର୍ଯ୍ୟଶାଳୀ ଏବଂ ଗୋଟିଏ କଥା ଉପରେ ଅଟଳ ରହିବାକୁ ସମର୍ଥ ହୁଅନ୍ତି । ଏ ବୟସରେ ଅନ୍ୟ ଉପାୟ ନ ଥାଏ ଏବଂ ଲଜ୍ଜା ମଧ୍ୟ ଅନୁଭୂତ ହୁଏ । ତେଣୁ ବୃଦ୍ଧାବସ୍ଥା ଶାନ୍ତିପ୍ରଦ ହୋଇପାରେ । ତେଣୁ ଚପଳ ବିଷୟବାସନା ବହୁଳ, ମଦମତ୍ତ, ଅସହନଶୀଳ, ଅଦୂରଦର୍ଶୀ, କପଟପୂର୍ଣ୍ଣ ଯୌବନକୁ ଅତିକ୍ରମ କରି ପାରିଲେ ଘୋର ଜଙ୍ଗଲକୁ ଅତିକ୍ରମ କରିଲା ଭଳି ଆଶ୍ୱସ୍ତି ମିଳେ । ତେଣୁ ଧୈର୍ଯ୍ୟହୀନ, ଚପଳ, ପ୍ରମାଦଶୀଳ ଏହି ନବଯୌବନ ଆପଣଙ୍କର ବିତିଯାଉ । କାରଣ ନବଯୌବନ କନ୍ଦର୍ପର ଲକ୍ଷ୍ୟସ୍ଥଳ । ଇନ୍ଦ୍ରିୟମାନଙ୍କ କବଳରୁ ଏହାକୁ ରକ୍ଷା କରିବା ଅତ୍ୟନ୍ତ କଷ୍ଟକର ।

''ଯଦି ଧର୍ମ ଆପଣଙ୍କର ଅଭିଳାଷ, ତେବେ ଯଜ୍ଞ କରନ୍ତୁ । ଯଜ୍ଞ ଆପଣଙ୍କର କୁଳଧର୍ମ । ଯଜ୍ଞ ସଂପାଦନ କରି ଇନ୍ଦ୍ର ହସ୍ତିପୃଷ୍ଠରେ ବସି ସ୍ୱର୍ଗକୁ ଯାଇଛନ୍ତି । ରାଜର୍ଷିଗଣ ବାହୁରେ ସୁବର୍ଣ୍ଣ ଭୂଷଣ ପିନ୍ଧି, ମଣିରୂପକ ପ୍ରଦୀପମାନଙ୍କ ଦ୍ୱାରା ମସ୍ତକର ମୁକୁଟକୁ ରଞ୍ଜିତ କରି ଏବଂ ଯଜ୍ଞ ସଂପାଦନ କରି ସେହି ଗତି ଲାଭ କରିଛନ୍ତି; ଯେଉଁ ଗତିକୁ ମହର୍ଷିମାନେ କଠିନ ତପସ୍ୟା ଦ୍ୱାରା ଲାଭ କରନ୍ତି ।''

ମଗଧରାଜ ବିମ୍ବିସାର ଏହିପରି ଉତ୍ତମ ବଚନ କହି, ଇନ୍ଦ୍ର ଯେପରି ଉତ୍ତମ ବଚନ କହି ଶୋଭା ପାଆନ୍ତି, ସେହିପରି ଶୋଭା ପାଇଲେ । ରାଜକୁମାର ତାହା ଶୁଣିଲେ, କିନ୍ତୁ ବିଚିତ୍ର-ଶୃଙ୍ଗଶାଳୀ କୈଳାସ ପର୍ବତ ପରି ଅଟଳ, ଅବିଚଳିତ ରହିଲେ ।

## ଏକାଦଶ ସର୍ଗ

## ରାଜକୁମାର ସିଦ୍ଧାର୍ଥଙ୍କ ଉତ୍ତର

ମଗଧରାଜାଙ୍କର ଏହି ସମସ୍ତ କଥାଶୁଣି ରାଜକୁମାର ସିଦ୍ଧାର୍ଥ ଅବିଚଳିତ ତଥା ଶାନ୍ତ ମନରେ କହିଲେ, ''ହେ ରାଜନ୍ ! ମିତ୍ରତା ଓ ସମ୍ମାନର ସହ ଆପଣ ଯେଉଁ ବିଚାର ଧାରା ମୋତେ କହିଲେ, ସେ ବିଷୟରେ ମିତ୍ରତାର ସହ ଆପଣଙ୍କୁ କିଛି କହିବି । ମୁଁ ଯେ ଆପଣଙ୍କୁ ଉତ୍ତର ଦେବା ଦୃଷ୍ଟିରୁ କହୁଛି ତାହା ନୁହେଁ । ମୁଁ ଜରା ଓ ମୃତ୍ୟୁର ବିଭୀଷିକା ଦେଖି ମୋକ୍ଷଲାଭ ଇଚ୍ଛାରେ ଧର୍ମର ଆଶ୍ରୟ ନେଇଛି । ତେଣୁ ମୁଁ ପ୍ରଥମେ ଅମଙ୍ଗଳର କାରଣରୂପୀ ବିଷୟ ବାସନାକୁ ପରିତ୍ୟାଗ କରି ଶୋକାକୁଳ ଆତ୍ମୀୟସ୍ୱଜନମାନଙ୍କୁ ମଧ୍ୟ ପରିତ୍ୟାଗ କରି ଆସିଛି । ମୁଁ ବିଷଧର ସର୍ପମାନଙ୍କୁ, ଆକାଶପତିତ ବଜ୍ରକୁ, ବାୟୁ ଦ୍ୱାରା ପ୍ରଜ୍ୱଳିତ ଅଗ୍ନିଙ୍କୁ ଯେତେ ଭୟ ନ କରୁଛି, ବିଷୟ-ବାସନାକୁ ତତୋଽଧିକ ଭୟ କରୁଛି । ଏ ସଂସାରରେ ବିଷୟ-ବାସନା ଅନିତ୍ୟ, ଜ୍ଞାନ-ରୂପକ ସଂପଦର ଚୋର, ଅନ୍ତଃସାର ଶୂନ୍ୟ ଓ ମାୟା ତୁଲ୍ୟ । ସେଗୁଡ଼ିକୁ ଆଶା କଲା ମାତ୍ରେ ସେଗୁଡ଼ିକ ଆସି ମନୁଷ୍ୟର ମନକୁ ମୋହରେ ପକାଇ ଦିଅନ୍ତି । ଆଉ ଯଦି ସେଗୁଡ଼ିକ ମନ ମଧ୍ୟରେ ଆସନ ଜମାଇ ବସନ୍ତି ତା'ହେଲେ କ'ଣ ବା କହିବା ! ବିଷୟାସକ୍ତ ଲୋକ ସ୍ୱର୍ଗପୁରରେ ମଧ୍ୟ ଶାନ୍ତି ପାଇ ପାରନ୍ତି ନାହିଁ, ମର୍ତ୍ତ୍ୟପୁରରେ ତା' କାହୁଁ ପାଇବେ ? ବାୟୁ ପ୍ରଜ୍ୱଳିତ ଅଗ୍ନି ଯେତେ ଇନ୍ଧନ

ପାଇଲେ ମଧ୍ୟ ତୃପ୍ତିଲାଭ କରେ ନାହିଁ, ସମୁଦ୍ର ଭିତରକୁ ନଦୀମାନଙ୍କର ଯେତେ ଜଳ ପ୍ରବେଶ କଲେ ମଧ୍ୟ ସେ ପରିତୃପ୍ତ ହୁଏ ନାହିଁ । ସେହିପରି ମନୁଷ୍ୟ ଯେତେ ବିଷୟବାସନା ଭୋଗ କଲେ ମଧ୍ୟ ତୃପ୍ତ ହୁଏ ନାହିଁ । ବିଷୟବାସନାକୁ ଖୋଜି ଖୋଜି ଏବଂ ପରିଶେଷରେ ଲାଭ କରିବା ପରେ ମନୁଷ୍ୟର ଉତ୍ତରୋତ୍ତର ଭୋଗ ଲାଳସା ବଢ଼େ । ତାହାକୁ ତ୍ୟାଗ ନ କରିବା ଦ୍ୱାରା ମନୁଷ୍ୟ କେବଳ ଦୁଃଖ ଭୋଗ କରେ । ତୃଣ-ନିଆଁହୁଳା ତୁଲ୍ୟ, ସେହି ବିଷୟ-ବାସନା ପ୍ରତି କେଉଁ ଆତ୍ମଜ୍ଞାନୀ ବ୍ୟକ୍ତି ଅନୁରାଗୀ ହେବ ? ବିଷୟ-ବାସନା ଆତ୍ମଜ୍ଞାନହୀନ ଲୋକମାନଙ୍କୁ ଦଂଶନ କରି ସେମାନଙ୍କର ବିନାଶ ଘଟାଏ । କ୍ରୁଦ୍ଧ, ପ୍ରଚଣ୍ଡ ସର୍ପତୁଲ୍ୟ ସେହି ବିଷୟବାସନା ପ୍ରତି କେଉଁ ଆତ୍ମଜ୍ଞାନୀ ବ୍ୟକ୍ତି ଅନୁରାଗୀ ହେବ ? ଶ୍ୱାନ ଯେପରି ହାଡ଼ ଖଣ୍ଡେ ଚୋବାଇ ଚୋବାଇ ତହିଁରେ ତୃପ୍ତିଲାଭ କରେ ନାହିଁ, ସେହିପରି ମନୁଷ୍ୟ ବିଷୟବାସନା ଭୋଗ କରି କରି ମଧ୍ୟ ତୃପ୍ତିଲାଭ କରେ ନାହିଁ । ସେହିଭଳି ଜୀର୍ଣ୍ଣ-ଅସ୍ଥି-କଙ୍କାଳ ତୁଲ୍ୟ ବିଷୟବାସନା ପ୍ରତି କେଉଁ ଆତ୍ମଜ୍ଞାନୀ ବ୍ୟକ୍ତି ଅନୁରାଗୀ ହେବ ? ବିଷୟବାସନା ଲିପ୍ତ ଲୋକଙ୍କୁ ଶତ୍ରୁମାନଙ୍କ ଆଡୁ ଓ ବନ୍ଧୁମାନଙ୍କ ଆଡୁ ମଧ୍ୟ ବିପତ୍ତି ଆସେ । ଏହା ହିଂସାର ଲୀଳାକ୍ଷେତ୍ର ତୁଲ୍ୟ । ବହୁକଷ୍ଟରେ ଅର୍ଜିତ, କିନ୍ତୁ କ୍ଷଣକ ମଧ୍ୟରେ ନଷ୍ଟ ହୋଇଯାଉଥିବା ଏହି ବିଷୟ-ବାସନା ସ୍ୱପ୍ନ ଉପଭୋଗ ତୁଲ୍ୟ । ବିଷୟ-ବାସନାକୁ ଅର୍ଜନ, ବର୍ଦ୍ଧନ ଓ ପାଳନ କରି କରି ମନୁଷ୍ୟ ଶାନ୍ତି ପାଏ ନାହିଁ । ଜଳି ଯାଇଥିବା ଚକ୍ଷୁତୁଲ୍ୟ ଏହି ବିଷୟ-ବାସନା ପ୍ରତି କେଉଁ ଆତ୍ମଜ୍ଞାନୀ ବ୍ୟକ୍ତି ଅନୁରାଗୀ ହେବ ? ବିଷୟ-ବାସନା ନିମନ୍ତେ ହିଁ ଅଜ୍ଞଲୋକ ନୀଚ କର୍ମ କରେ, କାରାବାସ ଆଦି ଦୁଃଖ ଭୋଗ କରେ ଓ ନିହତ ମଧ୍ୟ ହୁଏ । ଗୀତରେ ହରିଣମାନେ ମୁଗ୍ଧ ହୋଇ ମୃତ୍ୟୁ ବରଣ କରନ୍ତି, ରୂପରେ ଆକୃଷ୍ଟ ହୋଇ ପତଙ୍ଗମାନେ ଅଗ୍ନିରେ ପଡ଼ନ୍ତି, ମାଛମାନେ ଥୋପରେ ଆକୃଷ୍ଟ ହୋଇ ବନଶୀ କଣ୍ଟା ଗିଳନ୍ତି । ବିଷୟ-ବାସନାର ପରିଣତି ହେଉଛି ବିପତ୍ତି ।

''ବିଷୟ-ବାସନାର ପୂରଣ ସୁଖଭୋଗ ନୁହେଁ, ତାହା ଦୁଃଖର ପ୍ରତିକାର ମାତ୍ର । ତୃଷା ନିବାରଣ ନିମନ୍ତେ ଜଳ, କ୍ଷୁଧା ନିବାରଣ ନିମନ୍ତେ ଆହାର, ପବନ ଓ ଖରା, ବର୍ଷାରୁ ରକ୍ଷା ପାଇବା ପାଇଁ ଘର, ଶୀତରୁ ରକ୍ଷା ପାଇବା ପାଇଁ ବସ୍ତ୍ର ଆବଶ୍ୟକ । ସେହିପରି ନିଦ୍ରା ପାଇଁ ଶଯ୍ୟା, ପଥଶ୍ରମ ନିବାରଣ ପାଇଁ ଯାନ, ବସିବା ପାଇଁ ଆସନ ଓ ସୁସ୍ଥ ଦେହ ପାଇଁ ସ୍ନାନ ଆବଶ୍ୟକ । କିନ୍ତୁ ଲୋକମାନଙ୍କ ସାଂସାରିକ କାର୍ଯ୍ୟକଳାପ ଦୁଃଖର ପ୍ରତିକାର ମାତ୍ର, ସୁଖଭୋଗ ନୁହେଁ । ଦୁଃଖର ପ୍ରତିକାରକୁ ସୁଖଭୋଗ ବୋଲି ଧାରଣା କରିବା ବିଜ୍ଞତାର କାମ ନୁହେଁ । ପିତ୍ତଜ୍ୱରଜନିତ ଦେହଜ୍ୱାଳାର ଉପଶମ ପାଇଁ କରାଯାଉଥିବା ଶୀତଳ ଉପଚାରକୁ ଦୁଃଖର ପ୍ରତିକାର ବୋଲି କୁହାଯିବ, ସୁଖ ଭୋଗ ନୁହେଁ । ସାଂସାରିକ ବିଷୟର ଫଳ ମଧ୍ୟ ସର୍ବଦା ଏକପ୍ରକାର ନୁହେଁ । ମୋଟା ବସ୍ତ୍ର ଓ ଅଗୁରୁ ଧୂପ ଶୀତ କାଳରେ ସୁଖପ୍ରଦ କିନ୍ତୁ ଗ୍ରୀଷ୍ମକାଳରେ ଦୁଃଖପ୍ରଦ । ଚନ୍ଦ୍ରକିରଣ ଓ ଚନ୍ଦନ ଗ୍ରୀଷ୍ମକାଳରେ ସୁଖପ୍ରଦ କିନ୍ତୁ ଶୀତକାଳରେ ଦୁଃଖପ୍ରଦ । ସଂସାରରେ କୌଣସି ଲୋକ ସଂପୂର୍ଣ୍ଣ ସୁଖୀ ନୁହେଁ କି ସଂପୂର୍ଣ୍ଣ ଦୁଃଖୀ ନୁହେଁ । ତେଣୁ ମୁଁ ନୃପତ୍ୱ ଓ ଦାସତ୍ୱ ଉଭୟକୁ ସମାନ ମନେ କରେ । ରାଜା ସର୍ବଦା ହସେ ନାହିଁ କି ଦାସ ସର୍ବଦା କାନ୍ଦେ ନାହିଁ । ରାଜା ଜଳ ପ୍ରବାହରେ ଭାସି ଯାଉଥିବା କାଷ୍ଠତୁଲ୍ୟ । ରାଜପଣ କେତେବେଳେ ଚାଲି ଯାଇପାରେ । ଏଥିରେ ଶତ୍ରୁତା ବହୁତ । ରାଜା ଯଦି ଅନ୍ୟମାନଙ୍କୁ ବିଶ୍ୱାସ କରେ ତେବେ ବିପଦାପନ୍ନ ହୁଏ । ଯଦି ବିଶ୍ୱାସ ନ କରେ ତେବେ ସବୁବେଳେ ଆଶଙ୍କାରେ ରୁହେ । ଶଙ୍କିତ ରାଜାର ସୁଖ କେଉଁଠି ? ରାଜପଣ ଅନ୍ୟମାନଙ୍କ ପାଇଁ ଶ୍ରମ ମାତ୍ର । ରାଜାର ଲଜ୍ଜା ନିବାରଣ ପାଇଁ ଯୋଡ଼ିଏ ବସ୍ତ୍ର ଦରକାର, କ୍ଷୁଧା ନିବାରଣ ପାଇଁ ପୁଞ୍ଜିଏ ଅନ୍ନ ଦରକାର । ସେହିପରି ଗୋଟିଏ ଶଯ୍ୟା, ଗୋଟିଏ ଆସନ ଦରକାର । ଏହା ବ୍ୟତୀତ ରାଜାର ଆଉ ଯେତେ ଅଧିକ ସାମଗ୍ରୀ ଓ ବିଶେଷତ୍ୱ ତାହା କେବଳ ରାଜାର ମତ୍ତତା ମାତ୍ର । ରାଜ୍ୟ-ଭୋଗରୂପକ ଫଳ ଯଦି ସନ୍ତୋଷ ଲାଭ ନିମନ୍ତେ ଅଭିପ୍ରେତ, ତା'ହେଲେ ବିନା ରାଜ୍ୟରେ ତ ମୋତେ ସନ୍ତୋଷ ମିଳୁଛି । ସନ୍ତୋଷ ମିଳୁଥିବା ବ୍ୟକ୍ତି ପାଇଁ ସମସ୍ତ ଅସାଧାରଣ ବସ୍ତୁ ସାଧାରଣ ବୋଲି ମନେ ହୁଏ ।

''ତେଣୁ ମୁଁ ବିଷୟ-ବାସନା ପ୍ରତି ଆକୃଷ୍ଟ ହେବି ନାହିଁ । ମୁଁ ମଙ୍ଗଳମାର୍ଗ ଗ୍ରହଣ କରିଛି । ମୋ ପ୍ରତି ଆପଣଙ୍କର ମିତ୍ରତା ସ୍ମରଣ କରି ମନାସନ୍ତୁ ମୁଁ ଯେପରି ଅଟଳ ରହି ନିଜର ପ୍ରତିଜ୍ଞା ପାଳନ କରେ । ମୁଁ କ୍ରୋଧବଶତଃ ବନକୁ ଆସି ନାହିଁ କିଂବା ଶତ୍ରୁମାନଙ୍କ ଅସ୍ତ୍ରରେ ମୁକୁଟ ହରାଇ ବନକୁ ଆସି ନାହିଁ । ଅଧିକ କିଛି ଫଳଲାଭ ଆଶା ମଧ୍ୟ ମୋର ନାହିଁ । ତେଣୁ ଆପଣଙ୍କ କଥା ରକ୍ଷା କରିପାରୁ ନାହିଁ । ଦଂଶନୋଦ୍ୟତ କ୍ରୁଦ୍ଧ ସର୍ପକୁ ବା ଜାଳିପୋଡ଼ି ଛାରଖାର କରୁଥିବା ପ୍ରଜ୍ୱଳିତ ତୃଣ-ନିଆଁହୁଳାକୁ ଛାଡ଼ିଦେଇ ପୁଣି ଧରିବାକୁ ଇଚ୍ଛା କରୁଥିବା ବ୍ୟକ୍ତି ହିଁ ବିଷୟ-ବାସନାକୁ ଛାଡ଼ିଦେଇ ପୁଣି ଗ୍ରହଣ କରିବ । ଚକ୍ଷୁ ଥିବା ଲୋକ

ଯଦି ଅନ୍ଧ ହେବାକୁ ଚାହିଁବ, ମୁକ୍ତ ଲୋକ ଯଦି ବନ୍ଦୀ ହେବାକୁ ଚାହିଁବ, ଧନୀ ଲୋକ ଯଦି ନିଃସ୍ୱ ହେବାକୁ ଚାହିଁବ, ସୁସ୍ଥ ଲୋକ ଯଦି ଉନ୍ମାଦ ହେବାକୁ ଚାହିଁବ, ସେହି ଭଳି ଲୋକ କେବଳ ବିଷୟ-ବାସନାକୁ ଇଚ୍ଛା କରିବ ।

''ଜରା ଓ ମୃତ୍ୟୁର ଭୟକୁ ଅତିକ୍ରମ କରିବାକୁ ଚାହୁଁଥିବା ଭିକ୍ଷୁ, ଭିକ୍ଷାନ୍ନ ଭୋଜନ କରୁଛି ବୋଲି ଅନୁକମ୍ପାର ପାତ୍ର ନୁହେଁ । ସେ ଉଭୟ ଇହଲୋକ ଓ ପରଲୋକରେ ଶାନ୍ତି-ରୂପକ ସୁଖ ଲାଭ କରେ । ବିପୁଳ ସଂପଦ ଥାଇ ମଧ୍ୟ ଯେ ସର୍ବଦା ତୃଷ୍ଣାର ବଶବର୍ତ୍ତୀ, କେବଳ ସେହି ଲୋକ ଅନୁକମ୍ପାର ପାତ୍ର । କାରଣ ସେ ଇହଲୋକ ଓ ପରଲୋକରେ ଶାନ୍ତିର ସୁଖ ଲାଭ କରେ ନାହିଁ । ମୁଁ ଯେଉଁ ପ୍ରତିଜ୍ଞା କରିଛି ତାହା ମୋର ଜ୍ଞାନ, କୁଳ ଓ ଆଚରଣର ଅନୁରୂପ । ସଂସାରରୂପକ ଶରରେ ବିଦ୍ଧ ହୋଇ ଶାନ୍ତି ପାଇବା ଆଶାରେ ଚାଲି ଆସିଛି । ନିଷ୍କଣ୍ଟକ ସ୍ୱର୍ଗପୁରରେ ମଧ୍ୟ ମୁଁ ରାଜା ହେବାକୁ ଚାହେଁ ନାହିଁ, ମର୍ତ୍ତ୍ୟପୁରରେ ରାଜା ହେବା କଥା ବା କ'ଣ ?

''ହେ ରାଜନ୍ ! ଆପଣ ମୋତେ କହିଲେ ଧର୍ମ, ଅର୍ଥ ଓ କାମ – ଏହି ତ୍ରିବର୍ଗର ସୁଷମ ସେବନ ହିଁ ପରମ ପୁରୁଷାର୍ଥ । ମୁଁ ଏଥିରେ କିଛି ଯଥାର୍ଥତା ଦେଖୁ ନାହିଁ, କାରଣ ଏହି ତ୍ରିବର୍ଗ ବିନାଶଶୀଳ ହୋଇ ଥିବାରୁ ସନ୍ତୋଷ ଦେଇ ନ ପାରେ । ଯେଉଁ ସ୍ଥିତିରେ ଜରା ନାହିଁ, ଭୟ ନାହିଁ, ପୀଡ଼ା ନାହିଁ, ଜନ୍ମ ନାହିଁ, ମରଣ ନାହିଁ କି ରୋଗ ନାହିଁ ତାହାକୁ ହିଁ ମୁଁ ପରମ ପୁରୁଷାର୍ଥ ବୋଲି ମନେ କରେ । ଯେଉଁଥିରେ ଆଉ ପୁନର୍ବାର କର୍ମ କରିବାକୁ ପଡ଼େ ନାହିଁ । ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଆପଣ କହିଥିଲେ, କାରଣ ଯୌବନାବସ୍ଥାରେ ମନ ବିଚଳିତ ରୁହେ । କିନ୍ତୁ ଏହା ନିଶ୍ଚିତ କଥା ନୁହେଁ । ଅନେକ ବ୍ୟକ୍ତିଙ୍କଠାରେ ବାର୍ଦ୍ଧକ୍ୟ ଅବସ୍ଥାରେ ଅଧୀରତା ଓ ଯୌବନାବସ୍ଥାରେ ଧୀରତା ଦେଖା ଯାଇଛି । ସ୍ୱକର୍ମ ଦକ୍ଷ କାଳ ଜଗତର ସବୁ ବୟସର ପ୍ରାଣୀମାନଙ୍କୁ ଆୟତ୍ତ କରି ଟାଣୁଛି ଏବଂ କାହାର ବିନାଶକାଳ କେତେବେଳେ ଉପସ୍ଥିତ ହୋଇଯିବ କିଏ କହିବ ? ତେଣୁ ଏପରି ଅନିଶ୍ଚିତ ଅବସ୍ଥାରେ ଶାନ୍ତିକାମୀ ବିଦ୍ୱାନ୍ ବ୍ୟକ୍ତି କାହିଁକି ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ଅପେକ୍ଷା କରିବ ? ଯେତେବେଳେ କାଳ ଦାରୁଣ ବ୍ୟାଧ ପରି ବାର୍ଦ୍ଧକ୍ୟ ରୂପ ଧନୁ ଧରି ବ୍ୟାଧିରୂପକ ଶର ନିକ୍ଷେପ କରି ଭାଗ୍ୟରୂପକ ବନରେ ଆଶ୍ରୟ ନେଇଥିବା ଜନଗଣରୂପକ ମୃଗମାନଙ୍କୁ ବଧ କରିବାରେ ଲାଗିଛି, ଏଭଳି ଅବସ୍ଥାରେ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ଅପେକ୍ଷା କରିବାର ଅଭିଳାଷ କାହିଁକି ? ଏଣୁ ଯୁବା ହୁଅନ୍ତୁ ବା ବୃଦ୍ଧ ହୁଅନ୍ତୁ ବା ଶିଶୁ ହୁଅନ୍ତୁ, ଏ ସଂସାରରେ ଶୀଘ୍ର ଧର୍ମାତ୍ମା ହୋଇ ଦୃଢ଼ ସିଦ୍ଧାନ୍ତ ଗ୍ରହଣ କରି ବିଷୟ-ବାସନାରୁ ନିବୃତ୍ତ ଓ ମୋକ୍ଷପଥରେ ପ୍ରବୃତ୍ତ ହେବା ପାଇଁ ଯତ୍ନ କରିବା ଉଚିତ ।

''ଆପଣ ଧର୍ମଲାଭ ନିମନ୍ତେ ଅଭୀଷ୍ଟ ଫଳପ୍ରଦ, କୁଳୋଚିତ ଯଜ୍ଞ କର୍ମ କଥା ଯାହା କହିଛନ୍ତି ସେହି ଯଜ୍ଞକୁ ମୋର ନମସ୍କାର । ଫଳଲାଭ ଆଶାରେ କୌଣସି ଆତ୍ମରକ୍ଷା-ଅସମର୍ଥ ପ୍ରାଣୀକୁ ବଧ କରିବା ଦୟାଳୁ ସଜ୍ଜନ ପକ୍ଷେ ଆଦୌ ଉଚିତ ନୁହେଁ । ଯଜ୍ଞର ଫଳ ଚିରସ୍ଥାୟୀ ହେଲେ ମଧ୍ୟ କୌଣସି ହିଂସାତ୍ମକ କର୍ମ ଅନୁଚିତ । ଜୀବହିଂସା ଦ୍ୱାରା ଇହଲୋକରେ ମଧ୍ୟ ଯେଉଁ ସୁଖ ଲାଭ କରାଯାଏ, ତାହା ଦୟାଳୁ ଧୀମାନ୍ ଲୋକର ବାଞ୍ଛିତ ନୁହେଁ, ଆଉ ପରଲୋକରେ ମିଳୁଥିବା ସୁଖ ତ କେହି ଦେଖି ନାହାନ୍ତି ।

''ସଂସାର ପ୍ରତି ମୋର ମନ ଅନୁରକ୍ତ ନୁହେଁ । ତେଣୁ ଫଳଲାଭ ଆଶାରେ ମୁଁ ପ୍ରବୃତ୍ତି ଆଡ଼କୁ ପ୍ରତାରିତ ହୋଇ ନ ପାରେ । ସବୁକ୍ଷେତ୍ରରେ ପ୍ରବୃତ୍ତିମାନଙ୍କର ଆଧିପତ୍ୟ ରହିଛି । ବର୍ଷାରେ କମ୍ପିତ ହେଉଥିବା ଲତାମାନଙ୍କ ପରି ପ୍ରବୃତ୍ତିମାନେ ସର୍ବଦା ଅସ୍ଥିର । ଅବାଡ଼ ମୁନିଙ୍କ ଦର୍ଶନ ପାଇଁ ଆସିଛି ଓ ଆଜି ଏଠାରୁ ଚାଲିଯିବି । ଆପଣଙ୍କର ମଙ୍ଗଳ ହେଉ । ମୁଁ ଆପଣଙ୍କୁ ଯେଉଁ ସତ୍ୟ ଅଥଚ କଠୋର କଥା କହିଲି, ସେଥିପାଇଁ ମୋତେ କ୍ଷମା କରନ୍ତୁ । ହେ ରାଜନ୍ ! ଆପଣ ସ୍ୱର୍ଗର ଇନ୍ଦ୍ର ପରି ପ୍ରଜାମାନଙ୍କୁ ରକ୍ଷା କରନ୍ତୁ, ସୂର୍ଯ୍ୟଙ୍କ ଭଳି ଚିରକାଳ ସମସ୍ତଙ୍କୁ ରକ୍ଷା କରନ୍ତୁ, ସଦ୍‌ଗୁଣାବଳୀ ଦ୍ୱାରା ମଙ୍ଗଳକୁ ରକ୍ଷା କରନ୍ତୁ, ସଜ୍ଜନମାନଙ୍କୁ ସେମାନଙ୍କ ପରିବାର ସହ ରକ୍ଷା କରନ୍ତୁ, ସେମାନଙ୍କର ସଂପଦକୁ ରକ୍ଷା କରନ୍ତୁ, ଧର୍ମକୁ ରକ୍ଷା କରନ୍ତୁ ଏବଂ ନିଜର ଆୟୁକୁ ମଧ୍ୟ ରକ୍ଷା କରନ୍ତୁ ।''

ରାଜା ବିମ୍ବିସାର ଶ୍ରଦ୍ଧାର ସହ ହାତ ଯୋଡ଼ି କହିଲେ, ''ଆପଣ ଯାହା ଚାହୁଁଛନ୍ତି, ତାହା ନିର୍ବିଘ୍ନରେ ଲାଭ କରନ୍ତୁ । ଆପଣ ଯଥାସମୟରେ ସଫଳତା ଲାଭ କରି ମୋତେ ମଧ୍ୟ ଅନୁଗୃହୀତ କରନ୍ତୁ ।'' ତାହାପରେ ସିଦ୍ଧାର୍ଥ ରାଜା ବିମ୍ବିସାରଙ୍କ ଆଗରେ 'ତାହା ହେଉ' ବୋଲି ପ୍ରତିଜ୍ଞା କରି ସେଠାରୁ ବୈଶ୍ୱନ୍ତର ଆଶ୍ରମକୁ ଯାତ୍ରା କଲେ । ରାଜା ମଧ୍ୟ ତାଙ୍କର ପରିବ୍ରାଜକ ସନ୍ନ୍ୟାସୀ ରୂପ ଦର୍ଶନରେ ବିସ୍ମୟ ଅନୁଭବ କରି ଗିରିବ୍ରଜ ନଗରକୁ ଫେରିଗଲେ ।

(ଉପରୋକ୍ତ ଅନୁବାଦ ପାଇଁ ଡକ୍‌ଟର ଧନେଶ୍ୱର ମହାପାତ୍ରଙ୍କ ଅନୂଦିତ 'ଅଶ୍ୱଘୋଷ ରଚନାବଳୀ'ର ସାହାଯ୍ୟ ନିଆଯାଇଛି ।)

(କ୍ରମଶଃ)

ଅନ୍ତରାଳ ଜଗତ୍ :

# ମା'ଙ୍କ ଗୁହ୍ୟବିଦ୍ୟା ଶିକ୍ଷା ଓ ତେଓଁ ଦମ୍ପତି

ବିଶ୍ୱଜୀବନରେ ସମୟେ ସମୟେ ଏପରି କେତେଜଣ ମନୁଷ୍ୟଙ୍କର ଆବିର୍ଭାବ ହୋଇଥାଏ ଯେଉଁମାନେ ଖୁବ୍ ଶକ୍ତିଶାଳୀ, ପ୍ରତିଭାସଂପନ୍ନ ହୋଇଥା'ନ୍ତି କିଂବା ପୃଥିବୀର ବିବର୍ତ୍ତନ ନିମିତ୍ତ ସେମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । କିନ୍ତୁ ସେମାନେ ହୁଏତ ନିଜର ଯଥାର୍ଥ ସ୍ୱରୂପରେ ସ୍ୱୀକୃତ ହୋଇପାରି ନ ଥା'ନ୍ତି ବା ହେବାକୁ ଇଚ୍ଛା କରି ନ ଥା'ନ୍ତି । ଏହିପରି ଦୁଇଜଣ ମଣିଷ ଥିଲେ ମାକ୍ସ୍ ତେଓଁ ଓ ମାଦାମ୍ ତେଓଁ । ଏହି ଦୁଇଜଣ ଅସାଧାରଣ ବ୍ୟକ୍ତି ମା'ଙ୍କର ଗୁହ୍ୟବିଦ୍ୟାର ଶିକ୍ଷକ-ଶିକ୍ଷୟିତ୍ରୀ ଥିଲେ । ମା'ଙ୍କର ଘଟଣା-ବହୁଳ, ଅଭିଜ୍ଞତା-ବହୁଳ ଜୀବନରେ ଏହି ଦୁଇଜଣ ବ୍ୟକ୍ତିଙ୍କର ଉପସ୍ଥିତି ଭଗବତ୍ ନିର୍ଦ୍ଦିଷ୍ଟ ଥିଲା ଏବଂ ସ୍ୱୟଂ ମା ନିଜର ଜୀବନରେ ଓ ବିଶ୍ୱ କର୍ମ କ୍ଷେତ୍ରରେ ସେ ଦୁହିଁଙ୍କୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇଛନ୍ତି ।

ତେଓଁଙ୍କଠାରୁ ଗୁହ୍ୟ ବିଦ୍ୟା ଶିକ୍ଷା କରିବା ପୂର୍ବରୁ ମା ତାଙ୍କ ଦ୍ୱାରା ପ୍ରକାଶିତ 'ଦି କସ୍ମିକ୍ ରିଭିଉ' ପତ୍ରିକା ସହିତ ପରିଚିତ ହୋଇଥିଲେ ଓ ଏହା ମାଧ୍ୟମରେ ତାଙ୍କର କସ୍ମିକ୍ ଦର୍ଶନ ପ୍ରତି ଆକର୍ଷଣ ଦେଖା ଦେଇଥିଲା । ମ୍ୟାକ୍ସ୍ ତେଓଁଙ୍କ ଦ୍ୱାରା ପ୍ରତିଷ୍ଠିତ 'କସ୍ମିକ୍ ଆନ୍ଦୋଳନ'ର ଦୁଇଜଣ ବିଶିଷ୍ଟ ଶିଷ୍ୟ ଥିଲେ – ଲୁଇ ତେମାନ୍ନିଲିସ ଓ ଚାର୍ଲସ୍ ବାର୍ଲେ । ଲୁଇ ତେମାନ୍ନିଲିସ୍, ମା'ଙ୍କର ଭାଇ ମାତିଓଁଙ୍କର ବନ୍ଧୁ ଥିଲେ । ସେହିଁ ପ୍ରଥମେ ମା'ଙ୍କୁ 'କସ୍ମିକ୍ ଦର୍ଶନ' ସମ୍ବନ୍ଧରେ ଅବଗତ କରାଇଥିଲେ ।

ଜୁଲାଇ ୧୪, ୧୯୦୬ ମସିହାରେ ମା ତେଓଁ ଦମ୍ପତି ବାସ କରୁଥିବା ଆଲ୍‌ଜିରିଆର ତ୍ଲେମ୍‌ସେନ୍ ସହରରେ ପହଞ୍ଚିଥିଲେ । ସେତେବେଳକୁ ମା'ଙ୍କର କଳାକାର ଜୀବନର ଶେଷ ପର୍ଯ୍ୟାୟ ଆଗତ ହୋଇ ଯାଇଥିଲା । ତାଙ୍କ ଚେତନାର ଅନ୍ୟ ଏକ ସ୍ତରରେ, ଅନ୍ୟ ଅନେକ ସିଦ୍ଧି ଆସିବାର ସମୟ ହୋଇଯାଇଥିଲା । ପରବର୍ତ୍ତୀ କିଛିବର୍ଷ ମା ଗୁହ୍ୟବିଦ୍ୟା ଶିକ୍ଷା କରିବାରେ ଗଭୀର ଭାବରେ ନିମଜ୍ଜିତ ହୋଇଥିଲେ ।

ତ୍ଲେମ୍‌ସେନ୍‌ରେ ପହଞ୍ଚିବା ପାଇଁ ମା ପ୍ରଥମଥର ପାଇଁ ଏକାକିନୀ ସମୁଦ୍ରଯାତ୍ରା କରିଥିଲେ । ସେତେବେଳେ ଫ୍ରାନ୍ସରୁ ଆଲ୍‌ଜିରିଆକୁ ସପ୍ତାହକୁ ଗୋଟିଏ ଜାହାଜ ଯିବା ଆସିବା କରୁଥିଲା । ଏହି ଜାହାଜଟି ସିଧା ଓରାନ୍ ସହରରେ ପହଞ୍ଚୁଥିଲା । ଦୁଇରାତି ଓ ଗୋଟିଏ ଦିନ ସମୁଦ୍ରଯାତ୍ରା କରିବା ପରେ ମା ଓରାନ୍‌ରେ ପହଞ୍ଚିଥିଲେ । ସେଠାରେ ଦିନଟିଏ ଅପେକ୍ଷା କରି ରାତିରେ ମା ତ୍ଲେମ୍‌ସେନ୍‌କୁ ଯାଉଥିବା ରେଳଗାଡ଼ିରେ ବସିଲେ । ତାଙ୍କୁ ପାଛୋଟି ନେବା ପାଇଁ ତେଓଁ ଷ୍ଟେସନରେ ଉପସ୍ଥିତ ଥିଲେ । ଦୁହେଁ କାର୍‌ରେ ବସି ଜରିଫ୍‌ରେ ତେଓଁଙ୍କର ଚମତ୍କାର ପ୍ରାସାଦରେ ପହଞ୍ଚି ଥିଲେ । ଏହା ଏକ ବିଶାଳ ଭୂ-ସମ୍ପତ୍ତି ଥିଲା । ପାହାଡ଼, ପର୍ବତ, ଗଛପତ୍ର ଦ୍ୱାରା ପରିବେଷ୍ଟିତ ଏକ ବିଶାଳ ଇଷ୍ଟେଟ୍ ଭିତରେ, ଏକ ଅତି ସୁନ୍ଦର ପ୍ରାସାଦରେ ତେଓଁ ଦମ୍ପତି ଓ ତାଙ୍କର ସେକ୍ରେଟେରୀ ତେରେସା ଓ କୁକୁର ବିଗ୍ ବୟ୍ ବାସ କରୁଥିଲେ । ସେଠାକାର ଅତୁଳନୀୟ ସୌନ୍ଦର୍ଯ୍ୟ, ଅଦ୍ଭୁତ ସମ୍ମୋହକ ବାତାବରଣ ସମ୍ବନ୍ଧରେ ମା ବହୁଥର ବର୍ଣ୍ଣନା କରୁଥିଲେ ଓ ଏହାକୁ ସ୍ମରଣ କରି ଆନନ୍ଦିତ ହେଉଥିଲେ ।

ତ୍ଲେମ୍‌ସେନ୍‌ରେ ପହଞ୍ଚିବାର କିଛିଦିନ ପୂର୍ବରୁ ମା ତାଙ୍କର ଚୈତ୍ୟସତ୍ତାଙ୍କୁ ଉପଲବ୍ଧି କରି ସାରିଥିଲେ । ଗୁହ୍ୟବିଦ୍ୟା ଶିକ୍ଷା କରିବା ବେଳେ ତାଙ୍କର ଏହି ଉପଲବ୍ଧି ଗଭୀରତର ହୋଇଥିଲା । ପ୍ରଥମ ଯାତ୍ରାରେ ମା ସେଠାରେ ତିନିମାସ ରହିଥିଲେ ।

ପୁନର୍ବାର ୧୮ ଜୁଲାଇ ୧୯୦୭ ରେ ମା ଏକାକିନୀ ଆଲ୍‌ଜିରିଆ ଯାଇଥିଲେ । ଏହି ସମୟରେ ସେଠାରେ ମା'ଙ୍କର ଅନେକ ବିଚିତ୍ର, ସୁନ୍ଦର ଅଭିଜ୍ଞତା ହୋଇଥିଲା । ତାଙ୍କ ନିଜର ଅତୀତର ଅନେକ ସ୍ୱପ୍ନ ଓ ଦିବ୍ୟ-ଦର୍ଶନକୁ ତେଓଁ ଓ ମାଦାମ୍ ତେଓଁ ବ୍ୟାଖ୍ୟା କରି ତାଙ୍କୁ ବୁଝାଇ ଥିଲେ । ସେହିମାନେ ହିଁ ପ୍ରଥମେ ମା'ଙ୍କୁ ତାଙ୍କର ଭବିଷ୍ୟତର କର୍ମଧାରା ସମ୍ବନ୍ଧରେ ସଚେତନ କରାଇଥିଲେ ।

ମାଦାମ୍ ତେଓଁଙ୍କୁ ମା ଅତ୍ୟଧିକ ସମ୍ମାନ କରୁଥିଲେ । ତାଙ୍କ ସମ୍ବନ୍ଧରେ କିଛି କହିବାକୁ ଗଲାବେଳେ ମା ତାଙ୍କର ନାମ ଆଗରେ 'ମାଦାମ୍' ଶବ୍ଦଟିକୁ ଯୋଗ କରିବାକୁ ଭୁଲୁ ନ ଥିଲେ । ମା କହୁଥିଲେ, ''ମାଦାମ୍ ତେଓଁ ଜଣେ ଅସାଧାରଣ ଗୁହ୍ୟ-ଯୋଗିନୀ ଥିଲେ, ଯାହାକି ଅବିଶ୍ୱାସ୍ୟ !'' ଏହି ଦୁଇଜଣ ବ୍ୟକ୍ତି ମା'ଙ୍କର ପ୍ରଥମ ଯୋଗଜୀବନର ପଥପ୍ରଦର୍ଶକ ଥିଲେ ବୋଲି ମା କହିଥିଲେ । ମା ଯେଉଁମାନଙ୍କୁ ଏତେ ବେଶୀ ଗୁରୁତ୍ୱ ଦେଉଥିଲେ, ସେମାନଙ୍କ ଜୀବନ ସମ୍ବନ୍ଧରେ, ବ୍ୟକ୍ତିତ୍ୱ ସମ୍ବନ୍ଧରେ କିଛି ଜାଣିବା ଦ୍ୱାରା ଆମେମାନେ ମା'ଙ୍କର ଜୀବନପଥର ଅନେକ ରହସ୍ୟ ସମ୍ବନ୍ଧରେ ଅବଗତ ହୋଇପାରିବା ।

## ମାଦାମ୍ ତେଓଁ (୧୮୪୩ - ୧୯୦୮)

ମାଦାମ୍ ତେଓଁଙ୍କର ମୂଳ ନାମ ଥିଲା ମେରୀ କ୍ରିଷ୍ଟନ୍ ଉଡ୍‌ରୋଫ ଓହାର । ସେ ଜଣେ ଆଇରିସ୍ କବି ଥିଲେ । ଲଣ୍ଡନରେ ଅନୁଷ୍ଠିତ ଏକ ବନ୍ଧୁ ମିଳନରେ ସେ ତେଓଁଙ୍କ ସହିତ ପରିଚିତ ହୋଇଥିଲେ ଓ ପରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ।

ତେଓଁଙ୍କର ମାନସିକତା ବହୁବିଧ ଥିଲା । ସେ କେତେବେଳେ ଖୁସିମିଜାଜରେ ରହୁଥିଲେ ତ କେବେ ବିଷାଦଗ୍ରସ୍ତ, କେବେ ବା ଉଦାସୀନ ଓ ଖିଆଲୀ ରହୁଥିଲେ । ମାଦାମ୍ ତେଓଁ କିନ୍ତୁ ସର୍ବଦା ଏକା ପ୍ରକାରର ରହୁଥିଲେ; ସେ ପ୍ରଶାନ୍ତ ମର୍ଯ୍ୟାଦାରେ ପରିପୂର୍ଣ୍ଣା ଥିଲେ ଓ ସବୁପ୍ରକାର ପରିସ୍ଥିତିରେ ଅବିଚଳିତା ଓ ସମଦର୍ଶୀ ରହୁଥିଲେ ।

ତେଓଁ ଓ ମାଦାମ୍ ତେଓଁଙ୍କର କର୍ମ ସାଧାରଣତଃ ମଧ୍ୟାହ୍ନ ଭୋଜନ ପରେ ଆରମ୍ଭ ହେଉଥିଲା । ମାଦାମ୍ ତେଓଁ ସମାଧିରେ ପ୍ରବେଶ କରୁଥିଲେ ଓ ସେହି ଅବସ୍ଥାରେ ସେ ଯେଉଁ ସ୍ତରରେ ଯାହା ପ୍ରତ୍ୟକ୍ଷ କରୁଥିଲେ ସେସବୁକୁ ବର୍ଣ୍ଣନା କରୁଥିଲେ ଏବଂ ତେଓଁ ସେସବୁକୁ ଲିପିବଦ୍ଧ କରୁଥିଲେ । ଏହିପରି ନିରବଚ୍ଛିନ୍ନ ସମାଧିସ୍ଥ ଅବସ୍ଥାରେ କର୍ମ କରିବା ହେତୁ ମାଦାମ୍ ତେଓଁ କ୍ଳାନ୍ତ ହୋଇ ପଡୁଥିଲେ । ମା ସେଠାରେ ଥିବାବେଳେ ଅତି ପ୍ରତ୍ୟୁଷରୁ ନିଜ କୋଠରିର ଝରକା ବାହାରକୁ ଚାହିଁ ଦେଖୁଥିଲେ ଯେ ମାଦାମ୍ ତେଓଁ ଗୋଟିଏ ଲାଲ ସାଲ୍ ଘୋଡ଼ାଇ ହୋଇ ବଡ଼ ଅଗଣାଟିର ଗୋଟିଏ କୋଣରେ ବସି ଲେଖି ଚାଲିଛନ୍ତି । ସତେ ଯେପରି ସେ କାହାର ଅଶ୍ରୁତ ସ୍ୱର ଶୁଣି ପାରୁଥିଲେ ଓ ଶ୍ରୁତଲିଖନ ନେଉଥିଲେ ! ମା କହୁଥିଲେ ଯେ ମାଦାମ୍ ତେଓଁ ବହୁବାର ନିଜର ସୂକ୍ଷ୍ମରୁ ସୂକ୍ଷ୍ମତର ଶରୀର ଭିତରୁ ବହିର୍ଗତ ହେଉଥିଲେ । ପ୍ରତ୍ୟେକ ସ୍ତରରେ ସେ କର୍ମ କରୁଥିଲେ । ସମାଧିସ୍ଥ ଅବସ୍ଥାରେ ବି ତାଙ୍କ ଶରୀରର ଏକ ନିଜସ୍ୱ ଜୀବନ ରହୁଥିଲା ଓ ସେ ଚାଲୁଥିଲେ, କାମ କରୁଥିଲେ ।

ମାଦାମ୍ ତେଓଁ ନିଜର କ୍ଳାନ୍ତି ଦୂର କରିବା ପାଇଁ ଏକ ଅଭିନବ ଉପାୟ ଅବଲମ୍ବନ କରୁଥିଲେ । ସେ ଥରେ ମା'ଙ୍କୁ ଏହା ଦେଖାଇଥିଲେ । ତାଙ୍କର ବିରାଟ ବଗିଚାରେ ପାଇନ୍, ଫାର୍, ଅଲିଭ୍ ଇତ୍ୟାଦି ଅନେକ ବଡ଼ ବଡ଼ ଗଛ ରହିଥିଲା । ପୁଣି ଅନେକ ଲେମ୍ବୁ ଗଛ, କମଳା ଗଛ ଓ ଅଙ୍ଗୁରଲତା ମଧ୍ୟ ରହିଥିଲା । ମାଦାମ୍ ତେଓଁ ଅଙ୍ଗୁର ଫୁଲରୁ ଅତର ତିଆରି କରି ମା'ଙ୍କୁ ଗୋଟିଏ ବୋତଲ ଉପହାର ଦେଇଥିଲେ । ଦିନେ ସେ ଏକ ଅଙ୍ଗୁରଲତାର ଖୁବ୍ ବଡ଼ ପାଚିଲା ଅଙ୍ଗୁରଟିଏ ତୋଳି ଆଣିଲେ । ଶେଯରେ ଶୋଇପଡ଼ି (ନିଦରେ ନୁହେଁ) ନିଜର ଛାତି ଉପରେ ସେହି ଅଙ୍ଗୁରଟିକୁ ରଖିଲେ । ମା'ଙ୍କୁ କହିଲେ ଆଉ ଘଣ୍ଟାଏ ପରେ ଆସି ଦେଖିବା ପାଇଁ । ମା' ଘଣ୍ଟାଏ ପରେ ଆସି ଦେଖିଲେ ଯେ ତାଙ୍କର ଛାତି ଉପରେ ରଖିଥିବା ଅଙ୍ଗୁର ଫଳଟି ପିଠା ପରି ଚେପା ହୋଇଯାଇଥିଲା । ମାଦାମ୍ ତେଓଁ ସେହିପରି ଭାବରେ ରହି ଫଳଟିରୁ ସମସ୍ତ ପ୍ରାଣଶକ୍ତି ଶୋଷି ନେଇଥିଲେ ।

ମାଦାମ୍ ତେଓଁ ଇଚ୍ଛା କଲେ ଯେକୌଣସି ବସ୍ତୁକୁ ଅନ୍ତର୍ହିତ କରାଇ ଦେଇପାରୁଥିଲେ ଓ ପୁନର୍ବାର ସାକାର କରାଇ ଦେଉଥିଲେ । ସେ ଚପଲ ପିନ୍ଧିବାକୁ ଚାହିଁଲେ ଚପଲ ତାଙ୍କର ପାଦ ପାଖକୁ ଆପଣା ଛାଏଁ ଚାଲି ଆସୁଥିଲା । ସେ ନିର୍ଜୀବ ବସ୍ତୁକୁ ନିଜର ସଂକଳ୍ପ ଦ୍ୱାରା ଗତିଶୀଳ କରାଇ ପାରୁଥିଲେ । ମା ଓ ତେଓଁ ପ୍ରତିଦିନ ସାନ୍ଧ୍ୟ ଭ୍ରମଣରେ ଗଲାବେଳେ ମାଦାମ୍ ତେଓଁ ଘରେ ରହୁଥିଲେ । ମା ତାଙ୍କ କୋଠରିରେ ତାଲା ଲଗାଇ ଦେଇଯାଉଥିଲେ । ସେ ଭ୍ରମଣ ସାରି, ତାଲା ଖୋଲି କୋଠରିରେ ପ୍ରବେଶ କରି ଦେଖୁଥିଲେ ଯେ ତାଙ୍କର ଶେଯ ନିକଟରେ ସୁବାସିତ ଫୁଲର ମାଳାଟିଏ ରଖାଯାଇଛି । ସେହି ଫୁଲ ତାଙ୍କ ବଗିଚାର । ଦିନେ ମାଦାମ୍ ତେଓଁଙ୍କର ଇଙ୍ଗିତରୁ ମା ବୁଝିପାରିଥିଲେ ଯେ ସେ ହିଁ ବନ୍ଦ କୋଠରି ଭିତରେ ମା'ଙ୍କ ପାଇଁ ଫୁଲମାଳାଟି ରଖି ଦେଉଥିଲେ ।

ଏ ସମସ୍ତ କ୍ଷମତା ଥିବା ସତ୍ତ୍ୱେ ମାଦାମ୍ ତେଓଁ କେବେ ବି ଗର୍ବ କରୁ ନ ଥିଲେ କିଂବା ଏସବୁ କର୍ମ ଉପରେ କିଛି ଗୁରୁତ୍ୱ ଦେଉ ନ ଥିଲେ । ସେ ନୀରବରେ ଏହା କରୁଥିଲେ କେବଳ ଜଣାଇ ଦେବାକୁ ଯେ ଜଡ଼ଜଗତର ଶକ୍ତି ବ୍ୟତୀତ ଆହୁରି ଅନେକ ଶକ୍ତି ଏହି ବିଶ୍ୱବ୍ରହ୍ମାଣ୍ଡରେ ଅଦୃଶ୍ୟ ଭାବରେ ରହିଛନ୍ତି ।

ମାଦାମ୍ ତେଓଁ ପ୍ରଥମେ ମା'ଙ୍କର ମସ୍ତକ ଉପରେ ବାରଟି ମୁକ୍ତା ଖଚିତ ଏକ ମୁକୁଟ ରହିଥିବାର ଦେଖିଥିଲେ । ସେ ମା'ଙ୍କୁ ବୁଝାଇଥିଲେ, '' 'ତୁମେ' ହେଉଛ 'ସେ' । କାରଣ ତୁମର ମସ୍ତକରେ ଏହି ମୁକୁଟଟି ରହିଛି । କେବଳ 'ତାଙ୍କର' ଏହି ମୁକୁଟ ରହିପାରିବ ।'' ଅର୍ଥାତ୍, ଏହି ମୁକୁଟକୁ ଦେଖି ସେ ମା'ଙ୍କୁ ଭଗବତୀ ଜନନୀ ବୋଲି ଚିହ୍ନି ପାରିଥିଲେ । ସେ ଆହୁରି ମଧ୍ୟ ଦେଖିଥିଲେ ଯେ ମା'ଙ୍କର ଜନ୍ମକାଳରୁ ତାଙ୍କୁ ରକ୍ଷା କରିବା ନିମିତ୍ତ ଦୁଇଜଣ ଅଭିଭାବକ ଦେବଦୂତ ତାଙ୍କ ପାଖେ ପାଖେ ଜଗି ରହିଛନ୍ତି ।

ଶ୍ରୀମା ଏହି ପୃଥିବୀକୁ ଆସିଥିଲେ ଅତିମାନସିକ ଶକ୍ତିର ସ୍ଥୂଳ ଅଭିବ୍ୟକ୍ତିକୁ ସଫଳ କରିବା ପାଇଁ । ଏହା ବ୍ୟତୀତ ସେ ଆଉ ଗୋଟିଏ ବିଶେଷ କର୍ମ ମଧ୍ୟ କରି ପାରୁଥିଲେ, ତାହା ହେଉଛି ମଣିଷର ମୃତ୍ୟୁ ପରେ ପରେ ତା'ର ସତ୍ତାକୁ ପ୍ରାଣ-ଜଗତର ଆତଙ୍କ ଓ ନିର୍ଯାତନାରୁ ରକ୍ଷା କରିବା । ମୃତ୍ୟୁର ପରେ ପରେ, ମନୁଷ୍ୟର ସତ୍ତା ପ୍ରାଣଜଗତର ଜଟିଳ ଗୋଲକ-ଧନ୍ଦାରେ ପ୍ରବେଶ କରିଥାଏ ଏବଂ ସେଠାରେ ସେ ଖୁବ୍ ନିର୍ଯାତିତ ହୁଏ, ସେଠାରୁ ଉଦ୍ଧାର ପାଇବା ଖୁବ୍ କଷ୍ଟକର । ତେଓଁଙ୍କୁ ଭେଟିବାର ବହୁ ପୂର୍ବରୁ, ମା'ଙ୍କୁ ଯେତେବେଳେ କୋଡ଼ିଏ ବର୍ଷ ହୋଇଥିଲା, ମା ପ୍ରତ୍ୟେକ ରାତିରେ ନିଜର ସଚେତନ ଚେଷ୍ଟା ବ୍ୟତୀତ ଏହି କର୍ମଟି କରୁଥିଲେ । ଯେଉଁ ମଣିଷମାନେ ସଚେତନ ଓ ଏ ସମ୍ବନ୍ଧରେ ବିଶେଷ ଜ୍ଞାନ ଅର୍ଜନ କରିଥା'ନ୍ତି ସେମାନଙ୍କ ନିମିତ୍ତ ମା ଏହି ପାର୍ଥିବ ଜଗତ୍ ଓ ଚୈତ୍ୟ ଜଗତ୍ ମଧ୍ୟରେ ଏକ ସୁରକ୍ଷାର ପଥ ଗଠନ କରୁଥିଲେ; ଯେପରିକି ସେମାନଙ୍କୁ ଏହି ଭୟଙ୍କର ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ମା ପ୍ରଥମେ ମାଦାମ୍ ତେଓଁଙ୍କୁ ଏହି ସମ୍ବନ୍ଧରେ କହିଥିଲେ । ସେ ଉତ୍ତର ଦେଲେ, ''ହଁ, ତୁମେ ଯେଉଁ କର୍ମ କରିବାକୁ ପୃଥିବୀକୁ ଆସିଛ, ଏହା ତାହାର ଅଂଶ ବିଶେଷ । ଯେଉଁମାନଙ୍କର ଚୈତ୍ୟସତ୍ତା କିଛିଟା ଜାଗ୍ରତ୍ ହୋଇଛି ସେମାନେ ମୃତ୍ୟୁ କାଳରେ ତୁମର ଆଲୋକ ଆଡ଼କୁ ହିଁ ଯିବେ, ସେମାନେ ଯେଉଁଠାରେ ମୃତ୍ୟୁଲାଭ କଲେ ବି ତୁମେ ସେମାନଙ୍କୁ ଏହି ଜଗତକୁ ଅତିକ୍ରମ କରିବାରେ ସାହାଯ୍ୟ କରିବ ।''

ଏହି ଶକ୍ତିଶାଳିନୀ ଓ ଅତୀନ୍ଦ୍ରିୟ ଦୃଷ୍ଟିସଂପନ୍ନା ମାଦାମ୍ ତେଓଁ କିନ୍ତୁ ପ୍ରାଣଜଗତର ଏକ ସତ୍ତା ଦ୍ୱାରା ଆକ୍ରାନ୍ତ ହୋଇ ନିଜର ଗୋଟିଏ ଆଖିକୁ ହରାଇ ଥିଲେ । ସେ ଜଣେ ପରିଚିତ ବ୍ୟକ୍ତିକୁ ପ୍ରାଣ ଜଗତର ଏକ ସତ୍ତାଠାରୁ ରକ୍ଷା କରିବାକୁ ଗଲାବେଳେ ଏହା ଘଟିଥିଲା । ଶ୍ରୀମା ଏଥିପାଇଁ ଖୁବ୍ ଦୁଃଖିତ ହୋଇଥିଲେ ଓ ଗୁହ୍ୟ ବିଦ୍ୟାର ସୀମାବଦ୍ଧତା ସମ୍ବନ୍ଧରେ କହିବାକୁ ଗଲାବେଳେ ଏହି ଉଦାହରଣଟି ଦେଉଥିଲେ ।

ଶ୍ରୀମା ତାଙ୍କ ସମ୍ବନ୍ଧରେ କହିଥିଲେ, ''ମାଦାମ୍ ତେଓଁ ଜଣେ ଅସାଧାରଣ ଗୁହ୍ୟ-ବିଦ୍ୟା ବିଶାରଦା ଥିଲେ । ତାଙ୍କର ଉଚ୍ଚତା ଖୁବ୍ କମ୍ ଥିଲା, ସେ ସ୍ଥୂଳକାୟା ଥିଲେ ଓ ଖୁବ୍ କୋମଳ ଥିଲେ । ତୁମେ ଯଦି ତାଙ୍କ ଉପରେ ଆଉଜି ଯିବ, ମନେ ହେବ ସତେ କି ସେ ତରଳି ଯିବେ ।'' ମା'ଙ୍କର ଥରେ ଏହି ଅଭିଜ୍ଞତା ହୋଇଥିଲା । ଏକ ବିଶେଷ ଘଟଣା ଘଟିବା ପରେ ସେ ମା'ଙ୍କୁ ତାଙ୍କର ଛାତି ଉପରକୁ ଆଉଜାଇ ନେଇଥିଲେ । ମା' କହିଥିଲେ, ''ମୋ ଜୀବନରେ ଏପରି ଶାନ୍ତି ମୁଁ କେବେ ବି ଅନୁଭବ କରି ନ ଥିଲି, କେବେ ମଧ୍ୟ ନୁହେଁ । ଏହା ସଂପୂର୍ଣ୍ଣ ଭାବରେ ଆଲୋକିତ ଏବଂ କୋମଳ... ଏପରି ଶାନ୍ତି, ଏତେ କୋମଳ, ଏତେ ଆଲୋକିତ ।... ସେ ଜଣେ ଚମତ୍କାର ନାରୀ ଥିଲେ, ଅତି ସୁନ୍ଦର ।''

ମା ଜରିଫ୍‌ରୁ ଫେରିବା ପରେ, 'କସ୍ମିକ୍ ରିଭିଉ' ପତ୍ରିକାର ପ୍ରକାଶନରେ ସାତବର୍ଷ କାଳ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସେତେବେଳକୁ ସେ ଗୁହ୍ୟବିଦ୍ୟାରେ ସିଦ୍ଧିଲାଭ କରି ସାରିଥିଲେ । ହଠାତ୍ ଏକ ଦୁର୍ଘଟଣା ଘଟିଗଲା ଓ ମାଦାମ୍ ତେଓଁ ମୃତ୍ୟୁବରଣ କଲେ । ୧୯୦୮ ମସିହାରେ ତେଓଁ ଦମ୍ପତି ତେମାନ୍‌ଲିସ୍ ଦମ୍ପତିଙ୍କ ସହିତ କର୍ସେଲ୍ଲ୍ୟୁସ୍‌ଠାରେ ଅବକାଶ ବିତାଉଥିଲେ । ମାଦାମ୍ ତେଓଁ ସ୍ଥିର କଲେ ଯେ ସେ ଚାନେଲ୍ ଦ୍ୱୀପ ଦେଖିବାକୁ ଯିବେ । ସେପ୍‌ଟେମ୍ବର ମାସ ପ୍ରାରମ୍ଭରେ ସେ କାର୍ଟେଟ୍ ବନ୍ଦରକୁ ଗଲେ । ଇଂଲିଶ୍ ଚାନେଲ୍ ଭିତରକୁ ପଶିଯାଇଥିବା ଅନ୍ତରୀପ ଓ କେଟେନ୍‌ଟିନ୍‌ର ଉପକୂଳ ଖୁବ୍ ପଥୁରିଆ ଥିଲା । ଷ୍ଟିମରରେ ଚଢ଼ିବା ପୂର୍ବରୁ ମାଦାମ୍ ତେଓଁ ଏହି ପଥୁରିଆ ରାସ୍ତାରେ ଚାଲିବାକୁ ଆରମ୍ଭ କଲେ । କିନ୍ତୁ ସେ ସମାଧିସ୍ଥ ଥିବାରୁ ସେଠାରୁ ଖସି ସମୁଦ୍ରରେ ପଡ଼ିଗଲେ । ସମୁଦ୍ରର ପାଣି ଖୁବ୍ ଥଣ୍ଡା ଥିଲା, ଅତି କଷ୍ଟରେ ସମୁଦ୍ରରୁ ବାହାରିବା ପରେ ସେ ଷ୍ଟିମର୍‌ରେ ବସିଲେ । କିନ୍ତୁ ବାଟରେ ତାଙ୍କୁ ଜ୍ୱର ହେଲା ଓ ଅବସ୍ଥା ସାଙ୍ଘାତିକ ହେଲା । ଷ୍ଟିମର୍‌ଟି ଜର୍ସିରେ ପହଞ୍ଚିବା ପରେ ସଙ୍ଗେ ସଙ୍ଗେ ତାଙ୍କୁ ହୋଟେଲକୁ ନିଆଗଲା, ଡାକ୍ତର ଆସି ଦେଖି ତାଙ୍କୁ ନିମୋନିଆ ହୋଇଛି ବୋଲି କହିଲେ । ସେହିଦିନ ସେହିଠାରେ ସେ ପ୍ରାଣତ୍ୟାଗ କଲେ । ମ୍ୟାକ୍ସ ତେଓଁ ଖବର ପାଇ ଆସିଲେ ଓ ଗଭୀର ଭାବରେ ହତାଶ ହୋଇ ପଡ଼ିଲେ । ତେମାନ୍‌ଲିସ୍ ଦମ୍ପତି ଅନେକ ବର୍ଷ ପର୍ଯ୍ୟନ୍ତ ତାଙ୍କର ଯତ୍ନ ନେଲେ । ତା'ପରେ ସେ ଜରିଫ୍ ଗଲେ ଓ ସେଠାରେ ଆଉ କୌଣସି କର୍ମ କରି ପାରିଲେ ନାହିଁ । 'କସ୍ମିକ୍ ଆନ୍ଦୋଳନ' ଓ 'କସ୍ମିକ୍ ରିଭିଉ' ବନ୍ଦ ହୋଇଗଲା । 'କସ୍ମିକ୍ ରିଭିଉ'ର ଶେଷ ସଂଖ୍ୟାରେ ମା ମାଦାମ୍ ତେଓଁଙ୍କୁ ସ୍ମରଣ କରି ଲେଖିଥିଲେ :

**ଶୂନ୍ୟ ସ୍ଥାନ**

''ଆମେ ଆଉ ଛନ୍ଦୋବଦ୍ଧ ଭାବରେ ରେଖାଙ୍କିତ

ତାଙ୍କର ପ୍ରିୟତମ ଚେହେରାଟିକୁ ଦେଖିବା ନାହିଁ, ଆମେ ଦେଖିବା ନାହିଁ ତାଙ୍କର ଶ୍ରଦ୍ଧାସ୍ପଦ, ଅତି ସୁନ୍ଦର, ଅତି କୋମଳ ସେହି ମୁଖମଣ୍ଡଳକୁ ଯାହା ଏକ ଚୈତ୍ୟ ଯୋଦ୍ଧାର, ଦୀର୍ଘ ଜୀବନ କାଳର ପ୍ରଭାବରେ କୁଞ୍ଚିତ ହୋଇଯାଇଥିଲା । ସୂର୍ଯ୍ୟକିରଣର ଶିଖାଟିଏ ଭଳି ତାଙ୍କର ସେ ହାସ୍ୟ ଯାହା ସମସ୍ତ ବିଷଣ୍ଣତାକୁ ଦୂର କରିଦିଏ, ତାକୁ ମଧ୍ୟ ଆମେ ଆଉ ଦେଖିବା ନାହିଁ, ଦେଖିବା ନାହିଁ କେବଳ ଜଣେ ଦୃପ୍ତ ବିଜୟିନୀର ଉପଯୁକ୍ତ ହୋଇଥିବା ତାଙ୍କର ସେହି ମର୍ଯ୍ୟାଦାବନ୍ତ ବ୍ୟକ୍ତିତ୍ୱକୁ ।

''ଆମେ ଆଉ ତାଙ୍କର ସୁଲଳିତ କଣ୍ଠସ୍ୱରକୁ ଓ ଜ୍ଞାନଦୀପ୍ତ, ନମ୍ର ଶବ୍ଦ ସମ୍ବଳିତ ଭାଷାକୁ ଶୁଣିବା ନାହିଁ । ସୋଫ୍ର ପବିତ୍ର ଉତ୍ସରୁ ପ୍ରବାହିତ ନଦୀଟିଏ ଭଳି ତାଙ୍କର ସେସବୁ ଗଭୀର, ଶକ୍ତିଶାଳୀ କବିତାଗୁଡ଼ିକୁ ଆଉ ଶୁଣିପାରିବା ନାହିଁ ଯାହା ମଧ୍ୟ ଦେଇ ତାଙ୍କର ବୁଦ୍ଧିମତ୍ତା, ତାଙ୍କର ବିପୁଳ ଜ୍ଞାନର ବିଶାଳ ଅଞ୍ଚଳକୁ ଅଭିବ୍ୟକ୍ତ କରୁଥିଲା ।

''ତାଙ୍କର ଆଦରର ଚୈତ୍ୟ ଶିଶୁମାନେ ଆଉ ତାଙ୍କର ସମ୍ବେଦନଶୀଳ ଛୋଟ ଛୋଟ ହାତ ଦୁଇଟିକୁ ଚୁମ୍ବନ କରିବେ ନାହିଁ, ତାଙ୍କର ସେହି ଛୋଟ, କର୍ମଚଞ୍ଚଳ, ପ୍ରବୀଣ ହାତ ଦୁଇଟି ଅବିରତ କଳା, ସାହିତ୍ୟର କର୍ମ ମଧ୍ୟରେ ନିମଜ୍ଜିତ ହୋଇ ରହୁଥିଲେ; ସର୍ବୋପରି ଭଲପାଇବାର ଆଶିଷଭରା ଆଶ୍ରୟରେ ପରିଣତ ହୋଇଥିବା ତାଙ୍କର ଗାର୍ହସ୍ଥ୍ୟ ଜୀବନକୁ ଅସୀମ ଯତ୍ନ କରୁଥିଲେ ମଧ୍ୟ ।

''ସେ ଥରେ ଆମକୁ ବହୁ ପ୍ରାଚୀନ କାଳର ଜଣେ ମୃତ ବ୍ୟକ୍ତିଙ୍କର ଆତ୍ମା ସମ୍ବନ୍ଧରେ କହୁଥିଲେ, ଯେ କି ମଝିରେ ମଝିରେ ଆସି ନିଜର ପରିବାରର ଲୋକଙ୍କ ଗହଣରେ, ଘରର ଚୁଲା ନିକଟରେ ବସି ରହୁଥିଲେ ।

''ସେ ବି କ'ଣ ତାଙ୍କର ଉପସ୍ଥିତି ଦ୍ୱାରା ଆମକୁ ଆଲୋକିତ କରିବାକୁ ପୁନର୍ବାର ଫେରି ଆସିବେ ? ଅତୀତର ଦିନଗୁଡ଼ିକ ଭଳି ସେ କ'ଣ ଆମମାନଙ୍କୁ ତାଙ୍କର ପାଦ ତଳେ ବସି ରହିବାକୁ ଅନୁମତି ଦେବେ ?

''ଏହା ଏକ ସ୍ୱପ୍ନମାତ୍ର ନୁହେଁ, ଏହା ଭିତ୍ତିହୀନ କଳ୍ପନା ମଧ୍ୟ ନୁହେଁ, ସେ ନିଶ୍ଚୟ ଫେରି ଆସିବେ ! ସେ ଆମ ସମ୍ମୁଖରେ ନିଶ୍ଚୟ ଆବିର୍ଭୂତ ହେବେ, ଆମର ସ୍ନାୟବିକ, ଶାରୀରିକ ସ୍ତରକୁ ମଧ୍ୟ ସେ ପ୍ରତିଭାତ ହେବେ ।

''ଏହି ଜୀବନ ବିଶ୍ୱଜନୀନ, ଏହା ଚିରସ୍ଥାୟୀ ଓ ଅପରିବର୍ତ୍ତନୀୟ । ଏହାର ଆକୃତି କେବଳ ପରିବର୍ତ୍ତିତ ହୁଏ । ଏହି ଜୀବନ ତାଙ୍କ ମଧ୍ୟରେ ଏକ ସର୍ବୋତ୍ତମ ସମନ୍ୱୟକାରୀ ଭାବରେ ରାଜତ୍ୱ କରିବ, ସେ ଯେ କି ଏତେ ବେଶୀ ବ୍ୟକ୍ତିତ୍ୱ-ସଂପନ୍ନା ଥିଲେ, ସେ ଆମକୁ ଛାଡ଼ିଦେଇ ଦୀର୍ଘକାଳ ନିମିତ୍ତ କେଉଁଠାକୁ ଚାଲିଯାଇ ପାରିବେ ନାହିଁ ।

''ସେ ଆସିଗଲେଣି, ସେ ତାଙ୍କ ଆପଣାର ଲୋକଙ୍କ ନିକଟରେ ଉପସ୍ଥିତ, ଯେଉଁମାନେ ତାଙ୍କ ସହିତ ନିବିଡ଼ ସଂଯୋଗ ସମ୍ବନ୍ଧରେ ସଚେତନ, ସେମାନଙ୍କ ଭିତରେ ଏହି ସଚେତନତା ଦିନକୁ ଦିନ ବୃଦ୍ଧି ପାଇବ । ଯେପରି ତାଙ୍କର ଚେତନା ମଧ୍ୟ ଦିନକୁ ଦିନ ଆମ ଭିତରେ ଅଧିକତର ଭାବରେ ଉପସ୍ଥିତ ହେବ ଏବଂ ପୂର୍ଣ୍ଣତର ହେବ ।

''ଚାଲ, ଆମ୍ଭେମାନେ ସାହସର ସହିତ ଅଗ୍ରଗତି କରିବା । ସେ ଯେଉଁ ପଥରେ ଆମକୁ ପରିଚାଳିତ କରି ନେଇଛନ୍ତି ସେହି ପଥକୁ ଅନୁସରଣ କରିବା । ବର୍ତ୍ତମାନ ଏହା କଷ୍ଟକର ହେଉଛି କିନ୍ତୁ ଏହି ପଥରେ ଚାଲୁ ଚାଲୁ ଆମର ଯନ୍ତ୍ରଣା କମିଯିବ, ଏକ ଆନନ୍ଦଦାୟକ ବିଜୟର ବୀରତ୍ୱପୂର୍ଣ୍ଣ ମନ୍ତ୍ରପାଠ ଆମେ ଶୁଣିପାରିବା । ସେତେବେଳେ ଅନ୍ଧକାର ଅପସରି ଯିବ ଏବଂ ଆମ ଆଗରେ ଆମର ପ୍ରିୟତମାଙ୍କୁ ଅଭିବ୍ୟକ୍ତ କରିବ, ଯେ କି ଜଣେ ବିଜୟିନୀ ସାମ୍ରାଜ୍ଞୀ ଭଳି ଆମକୁ ଜୟ କରିନେବେ ଓ ଆମ ପାଇଁ ପ୍ରଭୂତ ଆନନ୍ଦର ଉପହାର ଆଣି ଦେବେ ।''

ଏହି ଲେଖାଟି 'କସ୍ମିକ୍ ରିଭିଉ'ରେ ପ୍ରକାଶିତ ମା'ଙ୍କର ଶେଷ ଲେଖା । ଏଥିରୁ ମା'ଙ୍କର ମାଦାମ୍ ତେଓଁଙ୍କ ପ୍ରତି ରହିଥିବା ଅପରିସୀମ ଭକ୍ତି ଓ ପ୍ରେମର ଗଭୀରତା ସମ୍ବନ୍ଧରେ ଜଣାଯାଏ ।

ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେବା ପରେ ତେଓଁ ଖୁବ୍ ବ୍ୟଥିତ ହୋଇପଡ଼ିଲେ । କାରଣ ସେ କହୁଥିଲେ ଯେ, ''ଯୁଦ୍ଧ ସବୁଠାରୁ ବଡ଼ ଅପରାଧ, ଜୀବନ ଖୁବ୍ ପବିତ୍ର ।'' ତେଓଁ ୧୯୨୭ ମସିହା ୬ ମାର୍ଚ୍ଚରେ ପ୍ରାଣତ୍ୟାଗ କରିଥିଲେ । ତାଙ୍କର ମୃତ୍ୟୁ ପରେ ଏକ ବିଶାଳ ଓ ଆଶ୍ଚର୍ଯ୍ୟ ପରମ୍ପରାର ଅବସାନ ଘଟିଥିଲା ଅବଶ୍ୟ; କିନ୍ତୁ ମା ନିଜର ଚେତନାରେ ତାହାର ବୀଜକୁ ଗ୍ରହଣ କରି ନିଜର ଅନନ୍ତ ଯାତ୍ରା ପଥରେ ପାଦ ଦେଇଥିଲେ । ତେଓଁଙ୍କର ଅନ୍ୟ ଶିଷ୍ୟମାନେ ତେଓଁଙ୍କୁ ଏତେ ବେଶୀ ଗୁରୁତ୍ୱର ସହିତ ଅନୁସରଣ କରି ନ ଥିଲେ । ଏକମାତ୍ର ମା ହିଁ ଆନ୍ତରିକ ଭାବରେ ତାଙ୍କର ଅନେକ ମତବାଦ, ଧାରଣା ଓ ତତ୍ତ୍ୱକୁ ବିଶ୍ୱାସ କରିଥିଲେ, ସର୍ବଦା ସେସବୁ ସମ୍ବନ୍ଧରେ ଉଲ୍ଲେଖ କରୁଥିଲେ ମଧ୍ୟ । ଏକମାତ୍ର ମା ହିଁ ଗୁହ୍ୟ ବିଦ୍ୟାର କ୍ଷେତ୍ରରେ ସେମାନଙ୍କର

ମୌଳିକ ଉପଲବ୍ଧିକୁ ଜାଣିଥିଲେ ଓ ମୂଲ୍ୟ ଦେଉଥିଲେ । କସ୍ମିକ୍ ପରମ୍ପରାରେ ଛ'ଟି କୋଣ ଥିବା ତାରା ଓ ତାହା ମଝିରେ ପଦ୍ମଫୁଲ ରହିଥିବା ଏକ ପ୍ରତୀକକୁ ବ୍ୟବହାର କରା ଯାଇଥିଲା । ତେଓଁ କହୁଥିଲେ ଯେ ଛ'ଟି କୋଣଥିବା ଏହି ତାରାଟି 'ସଲୋମନ୍ ସିଲ୍' (ଏକ ଗୁହ୍ୟ ପ୍ରତୀକ) । ବ୍ଲାଭେଟ୍ସ୍କି ମଧ୍ୟ ଏହାକୁ 'ସଲୋମନ୍ ସିଲ୍' ବୋଲି ସ୍ୱୀକାର କରୁଥିଲେ । ମା ତେଓଁଙ୍କର ପ୍ରତୀକଟିକୁ ସାମାନ୍ୟ ପରିବର୍ତ୍ତନର ସହିତ ଶ୍ରୀଅରବିନ୍ଦଙ୍କର ପ୍ରତୀକ ଭାବରେ ଗ୍ରହଣ କରିଥିଲେ ।

ମ୍ୟାକ୍ସ ତେଓଁ ଓ ମାଦାମ୍ ତେଓଁଙ୍କର ଜୀବନ ସମ୍ବନ୍ଧରେ ଆହୁରି ଅନେକ ଆଶ୍ଚର୍ଯ୍ୟଜନକ, ରହସ୍ୟମୟ ତଥ୍ୟ ରହିଛି । ମ୍ୟାକ୍ସ ତେଓଁଙ୍କର ଅସ୍ତିତ୍ୱର ରହସ୍ୟ ସମ୍ବନ୍ଧରେ ମା ଅତି ଗମ୍ଭୀର, ଗଭୀର କଥା ଜାଣି ପାରିଥିଲେ । କିନ୍ତୁ ସେମାନଙ୍କର ଜୀବନର ସର୍ବୋତ୍ତମ ଗୁରୁତ୍ୱ ହେଉଛି ସେମାନେ 'ଅତିମାନସ ଶକ୍ତି' ସମ୍ବନ୍ଧରେ ଜାଣିଥିଲେ ଓ ଏହି ଧାରାକୁ ଅନୁସରଣ କରିଥିଲେ । ସଫଳତା ଆସିବା ପୂର୍ବରୁ ଅବଶ୍ୟ ଦୁହେଁ ପୃଥିବୀପୃଷ୍ଠରୁ ଚାଲି ଯାଇଥିଲେ ।

ଶ୍ରୀଅରବିନ୍ଦ କହିଥିଲେ, ''ତେଓଁ ଜାଣିଥିଲେ ଯେ ସେ ସଫଳ ହୋଇ ପାରିବେ ନାହିଁ, ସେ କେବଳ ପଥଟିକୁ କିଛି ପରିମାଣରେ ପ୍ରସ୍ତୁତ କରିବାକୁ ଆସିଥିଲେ ।''

ଶ୍ରୀଅରବିନ୍ଦଙ୍କର କଥାକୁ ଶ୍ରୀମା ସ୍ୱୀକାର କରିଥିଲେ ଓ କହିଥିଲେ, ''ବାସ୍ତବିକ, ସେମାନେ ଅଗ୍ରଣୀ ଭାବରେ ଆସିଥିଲେ ।''

[ଏଠାରେ ପ୍ରକାଶିତ ସମସ୍ତ ତଥ୍ୟ, ମୁଖ୍ୟତଃ ପାସ୍କାଲ୍ ତେମାନ୍ଲିସ୍ଙ୍କର ଲିଖିତ ରଚନାବଳୀରୁ ଓ 'ମୀରା ଦି ଅକଲ୍ଟିଷ୍ଟ୍' (ସୁଜାତା ନାହାର, ପ୍ରକାଶକ, ମୀରା ଅଦିତି ସେଣ୍ଟର୍, ୬୨, ଶ୍ରୀରଙ୍ଗ, ସେକେଣ୍ଡ୍ ମେନ୍, ଫାଷ୍ଟ କ୍ରସ୍, ଟି.କେ.ଲେ ଆଉଟ୍, ସରସ୍ୱତୀ ପୁରମ୍, ମହୀଶୂର) ବିଷୟରୁ ସଂଗୃହୀତ ହୋଇଛି ।]

ସଂଗ୍ରହ ଓ ଉପସ୍ଥାପନା : **ଶ୍ରୀମତୀ ମମତା ଦାଶ** ❖

ଏହି ଯୋଗ ପାଇଁ ଆବଶ୍ୟକ ଦିବ୍ୟ ସତ୍ୟର ଆବିଷ୍କାର ଓ ତାହାକୁ ପ୍ରକଟ କରିବା ପାଇଁ ଅଭୀପ୍ସା ସକାଶେ ଜୀବନକୁ ସମଗ୍ର ଭାବରେ ଉତ୍ସର୍ଗ କରିବା । କେବଳ ତାହା ହିଁ ନିତାନ୍ତ ଆବଶ୍ୟକ, ଅନ୍ୟ କିଛି ନୁହେଁ ।

ତୁମେ ତୁମର ଆନ୍ତର କ୍ଷେତ୍ରକୁ ପ୍ରବେଶ କର ଏବଂ ଆଧ୍ୟାତ୍ମିକ ଜୀବନ ପାଇଁ ଏକ ସଂପୂର୍ଣ୍ଣ ଉତ୍ସର୍ଗୀକୃତ ଚେତନା ମଧ୍ୟରେ ବାସ କର । ଯଦି ଯଥାର୍ଥରେ ତୁମେ ଯୋଗ-ସାଧନା କରି ସାଫଲ୍ୟ ଅର୍ଜନ କରିବାକୁ ଚାହଁ, ତେବେ ମାନସିକ ଅଭିରୁଚି ପ୍ରତି ଥିବା ଆସକ୍ତି କ୍ରମଶଃ ତୁମ ଚେତନା ମଧ୍ୟରୁ ଖସି ପଡ଼ିବା ଉଚିତ; ପ୍ରାଣିକ ଲକ୍ଷ୍ୟ, ଆକର୍ଷଣ ଓ ଆସକ୍ତି ଉପରେ ଗୁରୁତ୍ୱ ଦେବା ଇତ୍ୟାଦି ସମସ୍ତ କିଛିକୁ ତୁମ ଚେତନା ମଧ୍ୟରୁ ନିଶ୍ଚିତ ଭାବରେ ଅପସାରଣ କର । ପରିବାର, ଆତ୍ମୀୟ, ବନ୍ଧୁ ଓ ଦେଶ ପାଇଁ ଥିବା ସମସ୍ତ ପ୍ରକାରର ଅହଂଗତ ଆକର୍ଷଣ ପ୍ରଭୃତି ଚେତନା ମଧ୍ୟରୁ ବହିଷ୍କାର କର । ଭଗବାନଙ୍କ ଦ୍ୱାରା ଉଦ୍ଦିଷ୍ଟ ମାର୍ଗସବୁ ମଣିଷ ମନଃପ୍ରସୂତ ମାର୍ଗ ପରି ନୁହେଁ; କିଂବା ଆମେ ଚାହୁଁଥିବା ଆଦର୍ଶ ଭଳି ନୁହେଁ । ତେଣୁ ସେସବୁକୁ ବିଚାର କରିବା ଅଥବା ଭଗବାନଙ୍କର କ'ଣ କରିବା ଉଚିତ ବା ଅନୁଚିତ ସେଥିପାଇଁ କୌଣସି ନିୟମ ବାନ୍ଧିଦେବା ଏକେବାରେ ଅସମ୍ଭବ । କାରଣ ଆମେ ଯେତିକି ଜାଣିପାରୁ ଭଗବାନ୍ ତା'ଠାରୁ ଅଧିକ ଜାଣିଥା'ନ୍ତି । ଭଗବାନଙ୍କ ଉପରେ ନିଜ ମନ-ପ୍ରାଣର ଇଚ୍ଛାସବୁକୁ ଲଦି ନ ଦେଇ ବରଂ ଭଗବାନଙ୍କ ଇଚ୍ଛାକୁ ଗ୍ରହଣ କରି ତାହାକୁ ଅନୁସରଣ କରିବା ହିଁ ସାଧନା ପାଇଁ ଯଥାର୍ଥ ମନୋଭାବ ।

- ଶ୍ରୀଅରବିନ୍ଦ

# ସଂପାଦକୀୟ

ମନୋଜ ବାବୁଙ୍କ ବିୟୋଗରେ ଲାଗିଲା ସେଦିନ (୨୭.୦୪.୨୦୨୧) ପଣ୍ଡିଚେରୀର ସଂଧ୍ୟା ଶୋକ ସନ୍ତପ୍ତ ଓ ନୀରବ, ନିସ୍ତବ୍ଧ ହୋଇଯାଇଛି । ଏପରି ଲାଗିବା ମଧ୍ୟ ସ୍ୱାଭାବିକ; କାରଣ ତାଙ୍କ ଭଳି ବିପୁଳ ପ୍ରତିଭାରେ ସମନ୍ୱିତ ଶକ୍ତିଶାଳୀ ଲେଖକମାନଙ୍କର ଆଗମନୀ ବିରଳ ହୋଇଥାଏ ।

ସେ କେବଳ ପ୍ରାଦେଶିକ ଓ ଜାତୀୟ ସ୍ତରରେ ନୁହେଁ, ଆନ୍ତର୍ଜାତିକ ସ୍ତରରେ ମଧ୍ୟ ନିଜ ପ୍ରତିଭାର ସ୍ୱାକ୍ଷର ରଖିଯାଇଛନ୍ତି । ତେଣୁ ଦେଶ-ବିଦେଶରେ ତାଙ୍କର ଗୁଣମୁଗ୍ଧ ପାଠକମାନଙ୍କୁ ଦେଖିବାକୁ ମିଳିବ । ସମଗ୍ର ପୃଥିବୀରେ ଆମ ଦେଶର ଲେଖକମାନଙ୍କୁ ଶ୍ରଦ୍ଧା ଓ ସମ୍ମାନର ଚକ୍ଷୁରେ ଦେଖିବାରେ ଏଭଳି ଲେଖକମାନଙ୍କର ଅବଦାନ କମ୍ ନୁହେଁ । ତେଣୁ ଆମେ ଏଭଳି ଲେଖକମାନଙ୍କୁ ଗର୍ବ ଓ ଗୌରବର ସହ ସ୍ମରଣ କରୁ । ଏମାନଙ୍କର ଆଗମନୀ ଉତ୍ସୁକ ହୃଦୟରେ କାମନା କରୁ ।

ଏମାନଙ୍କ ଆଗମନୀରେ ଦେଶ ଉତ୍‌ଫୁଲ୍ଲ ହୋଇ ଉଠେ, ଆମେ ସମସ୍ତେ ସେମାନଙ୍କ ଲେଖନୀର ମୁଗ୍ଧ ପ୍ରଶଂସକ ହୋଇ ତାହାକୁ ଉପଭୋଗ କରୁ । ବିଶିଷ୍ଟ ଲେଖକମାନଙ୍କ ରଚନାରେ ଆମର ବିଚାର ଓ ଜ୍ଞାନ ଅଧିକ ପରିସ୍ଫୁଟ ହୋଇ ଉଠେ । ତେଣୁ ଆମେ ସେମାନଙ୍କ ପାଖରେ ଚିର କୃତଜ୍ଞ । ଏଇ ଭଳି କୃତଜ୍ଞତା ନେଇ ଆମେ ମନୋଜ ବାବୁଙ୍କ ଭଳି ଲେଖକମାନଙ୍କୁ ଚିର ସ୍ମରଣ କରି ଚାଲିବୁ । ଏହା ହିଁ ଆମର ବିଚାର ଓ ଜ୍ଞାନକୁ ଅଧିକ ମହତ୍ ତଥା ଶକ୍ତିଶାଳୀ କରି ଚାଲିବ । ଦେଶର ସାମଗ୍ରିକ ବିକାଶ ଦିଗରେ ଏମାନଙ୍କର ଅବଦାନକୁ ପରିଶୋଧ କରିବାର ଶକ୍ତି ଆମର ନାହିଁ । ସେମାନଙ୍କ ପ୍ରତି ଗଭୀର କୃତଜ୍ଞତା ହିଁ ଆମର ଏକମାତ୍ର ସମ୍ବଳ ଓ ଶକ୍ତି ।

ବିଷୟସବୁକୁ ଜାଣିବା ପାଇଁ, କୁହାଯାଇପାରେ ଯେ ବିଭିନ୍ନ ବିଷୟରେ ଯଥାର୍ଥ ଜ୍ଞାନ ହାସଲ କରିବା ପାଇଁ କଠୋର ପରିଶ୍ରମ କରିବାକୁ ମନୋଜ ବାବୁ ପଛାଉ ନ ଥିଲେ । ତେଣୁ ମନେ ହେଉଥିଲା ବିଷୟଗୁଡ଼ିକ ନିଜର ସ୍ୱରୂପକୁ ତାଙ୍କ ଆଗରେ ଯେପରି ଆପଣା ଛାଏଁ ପରିସ୍ଫୁଟ କରି ଦେଉଥିଲେ । ସେଥିପାଇଁ ତାଙ୍କର ଲେଖା ଏତେ ସାବଲୀଳ ଓ ସ୍ୱଚ୍ଛନ୍ଦ ହୋଇ ଉଠୁଥିଲା । ପାଠକମାନେ ମଧ୍ୟ ଏଥିପାଇଁ ତାଙ୍କ ଲେଖାର ଅଧ୍ୟୟନରେ ଗଭୀର ଭାବରେ ନିମଜ୍ଜିତ ହୋଇ ଯାଉଥିଲେ ।

ମୁଁ ତାଙ୍କର ଘନିଷ୍ଠ ମିତ୍ର ଓ ଆତ୍ମୀୟ ଥିଲି । ପାରିବାରିକ ସମ୍ପର୍କ ହେତୁ ଯେତେ ନୁହେଁ, ବିଷୟ ବସ୍ତୁର ପ୍ରକୃତ ସତ୍ୟରେ ପହଞ୍ଚିବା ପାଇଁ ଯେତେ କଠୋର ଓ ନିରବଚ୍ଛିନ୍ନ ପରିଶ୍ରମ ଆବଶ୍ୟକ ହେଉ ପଛେ ଆମେ ସେଥିରୁ ଓହରି ଯାଉ ନ ଥିଲୁ । ଏକ ସମୟରେ ଆମେ ଉଭୟେ କମ୍ୟୁନିଷ୍ଟ ଥିଲୁ ଏବଂ ବସ୍ତୁବାଦୀ କମ୍ୟୁନିଜମ୍‌ରୁ ମହାନ୍ ଆଧ୍ୟାତ୍ମିକତାରେ ପହଞ୍ଚିବା ପାଇଁ ଆମକୁ କେତେ ଯେ କଠୋର ପରିଶ୍ରମ କରିବାକୁ ପଡ଼ିଛି ତାହା ସହଜେ ଅନୁମେୟ । ଆଶ୍ଚର୍ଯ୍ୟର ବିଷୟ ଆମେ ଉଭୟେ ଏଥିପାଇଁ ସଜାଗ ପରିଶ୍ରମ କରିବାରେ ତିଳେ ବି ହେଳା କରି ନାହୁଁ । ଏଥିପାଇଁ ଆମର ମିତ୍ରତା ଆହୁରି ଗାଢ଼ ଓ ଫଳପ୍ରସୂ ହୋଇଥିଲା । ଆମେ ଏଥିପାଇଁ ପରମ ପ୍ରଭୁ ଓ ଦିବ୍ୟ ଜନନୀଙ୍କ ନିକଟରେ ଚିର କୃତଜ୍ଞ । ❖

Statement about ownership and other particulars about the newspaper (NAVAJYOTI) to be published in the first issue of every year after the last day of February.

## Form – IV

(See Rule 8)

| | | |
|---|---|---|
| 1. Place of Publication | ··· | Sri Aurobindo Ashram, Pondicherry - 605 002 |
| 2. Periodicity of its Publication | ··· | Quarterly |
| 3. Printer's Name | ··· | Swadhin Chatterjee |
| Nationality | ··· | Indian |
| Address | ··· | Sri Aurobindo Ashram Press, Pondicherry - 605 002 |
| 4. Publisher's Name | ··· | Manoj Das Gupta |
| Nationality | ··· | Indian |
| Address | ··· | Sri Aurobindo Ashram, Pondicherry - 605 002 |
| 5. Editor's Name | ··· | Biswambhara Samanta |
| Nationality | ··· | Indian |
| Address | ··· | Sri Aurobindo Ashram, Pondicherry - 605 002 |
| 6. Name and Address of individuals who own the newspaper and partners or shareholders holding more than one percent of the total capital. | ··· | Sri Aurobindo Ashram Trust, Pondicherry - 605 002 |

I, Sri Manoj Das Gupta, hereby declare that the particulars given above are true to the best of my knowledge and belief.

(Sd/) Manoj Das Gupta

*Date : 25.04.2021* *Signature of Publisher*

Vol. LXIV, No. 2, NAVAJYOTI – 24 April, 2021, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।


**ବିଶେଷ ସୂଚନା :**

ଦିବ୍ୟଜନନୀ ଶ୍ରୀମାଙ୍କ ପଣ୍ଡିଚେରୀ ଆଗମନ ଶତବାର୍ଷିକୀର (୧୯୨୦-୨୦୨୦) ଶୁଭ ଅବସରରେ ପ୍ରକାଶିତ ହୋଇଛି

## ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ

**(ପ୍ରଥମ ଖଣ୍ଡ)**

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ ଓ ଶିକ୍ଷା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।




୫୬୮ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୬୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**